ମୃତ୍ତିକା ଦର୍ଶନ

ରେଣୁକା ଦେବୀ

Digitized by srujanika@gmail.com

ମୃତ୍ତିକା ଦର୍ଶନ

Digitized by srujanika@gmail.com

ମୃତ୍ତିକା ଦର୍ଶନ

ଶ୍ରୀମତୀ ରେଣୁକା ଦେବୀ ଏମ୍. ଏ., ଏମ୍. ଇଡ୍.

ଆର୍ଯ୍ୟ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍
ବାଲୁବଜାର—କଟକ-୨

ପ୍ରଥମ ସଂସ୍କରଣ

୧୯୭୭—ଦଶହରା

ମୁଦ୍ରାକର
ପ୍ରଜାତନ୍ତ୍ର ପ୍ରେସ—କଟକ-୨

ମୂଲ୍ୟ—
ବନ୍ଧାଇ-ଟ ୫.୦୦
ଅବନ୍ଧା-ଟ ୪.୦୦

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

ଯିଏ ଜୀବନର ସବୁ ଜଞ୍ଜାଳ, ଦୁର୍ଭୋଗକୁ ଭଲପାଇ ବଞ୍ଚିବାକୁ ଶିଖାଇଛୁ, ସେଇ 'ମାମା'ର ସ୍ମୃତିରେ·········

ରେଣୁ

Digitized by srujanika@gmail.com

ନିଜକଥା

ଏ ସଙ୍କଳନର ପାଣ୍ଡୁଲିପିଟି ଛାପାଖାନାର ବିଭିନ୍ନ ଅସୁବିଧା ହେତୁ ଦୀର୍ଘ ଏକବର୍ଷ ପଡ଼ିରହିବା ପରେ ପ୍ରକାଶ ପାଇବାକୁ ଯାଉଛି । ଗଳ୍ପଗୁଡ଼ିକ ବିଭିନ୍ନ ସମୟରେ 'ସମାଜ', 'ପ୍ରଜାତନ୍ତ୍ର', 'ଝଙ୍କାର', 'ନବଜୀବନ', 'ରଶ୍ମି', 'ମୃଗନାଭି', 'ଦିଗନ୍ତ' ଆଦିରେ ପ୍ରକାଶ ପାଇଛି । ସେହି ସବୁ ପତ୍ରପତ୍ରିକାର ସମ୍ପାଦକ ସମ୍ପାଦିକାଙ୍କଠାରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି । କେବଳ କେତୋଟିର ଶିରୋନାମା ମୁଁ ପରିବର୍ତ୍ତନ କରିଛି ।

ଯେଉଁ ପର୍ଯ୍ୟାୟରେ ସାହିତ୍ୟ ଲେଖକକୁ ଅନୁସରଣ କରେ ସେ ପର୍ଯ୍ୟାୟକୁ ମୁଁ ଆସିନାହିଁ । ତେବେ, ସାଧନାର ଏଇ ପ୍ରଥମ ସୋପାନରେ ମୁଁ ବାଧା ବହୁତ ପାଇଛି, କଲ୍ୟାଣ ଓ ଉତ୍ସାହ ବି ବହୁତ ପାଇଛି । ଏ ଉଭୟଙ୍କୁ ମୁଁ ପ୍ରଣାମ ଜଣାଉଛି । ମୋ ସୃଷ୍ଟିର ନିରବଚ୍ଛିନ୍ନତାପାଇଁ ଏ ଉଭୟ ଅପରିହାର୍ଯ୍ୟ ।

ଗଳ୍ପଗୁଡ଼ିକ ସମ୍ବନ୍ଧରେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି ତାଙ୍କର ମତାମତ ଦେଇଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ତାଙ୍କର ବହୁ କାର୍ଯ୍ୟବ୍ୟସ୍ତତା ଓ ଅସୁସ୍ଥତାସତ୍ତ୍ୱେ ସେ ଗଳ୍ପଗୁଡ଼ିକର ବିଶ୍ଳେଷଣ କରି ଏବଂ ଗଳ୍ପରଚନା ସମ୍ବନ୍ଧରେ ମତେ ତାଙ୍କର ବହୁମୂଲ୍ୟ ଉପଦେଶ ଦେଇ ଅନୁଗୃହୀତ କରିଛନ୍ତି ।

ଏହି ବହିଟିର ନାମକରଣପାଇଁ କବି ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକଙ୍କର ଗୋଟିଏ କବିତାର ନାମକୁ ଗ୍ରହଣ କରିଥିବାରୁ ମୁଁ ତାଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛି । ଏ ନାମକରଣ ସହିତ ଗଳ୍ପଗୁଡ଼ିକର ନାମର କୌଣସି ସମ୍ପର୍କ ହୁଏତ ନାହିଁ । ଏ ମାଟିର ଦର୍ଶନ ସମସ୍ତଙ୍କପାଇଁ ସମାନ ନୁହେଁ । ମୋର ସୀମାରେଖା ମଧ୍ୟରେ ମୁଁ ଏ ମାଟିକୁ ଯେପରି ଦେଖିଛି, ତା'ର ସୁଖଦୁଃଖ, ଆନନ୍ଦ ଆବେଗ ଯାହା ଅନୁଭବ କରିଛି, ତାକୁହିଁ ପ୍ରକାଶ କରିବାକୁ ଆନ୍ତରିକ ଚେଷ୍ଟା କରିଛି ।

ମୋର ଏହି ପ୍ରଥମ ପୁସ୍ତକଟିର ପ୍ରକାଶଭାର କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଗ୍ରହଣ କରିଥିବାରୁ ଧନ୍ୟବାଦ ଜଣାଉଛି ।

ସର୍ବୋପରି ମୁଁ ସେହି ଶକ୍ତି ନିକଟରେ ପ୍ରଣତ ହେଉଛି, ସୁଖରେ ଦୁଃଖରେ ଯାହାର ଇଙ୍ଗିତ ମତେ ଏ ସାଧନାରେ ପ୍ରେରଣା ଯୋଗାଇଛି ।

ଭୁବନେଶ୍ୱର
ଅଗଷ୍ଟ ୧୫, ୧୯୬୭

ରେଣୁକା ଦେବୀ

Digitized by srujanika@gmail.com

ମତାମତ

କୁମାରୀ ରେଣୁକା ଦେବୀ, ଏମ୍. ଇଡ୍., ଅଧ୍ୟାପିକା ଇତିମଧ୍ୟରେ କ୍ଷୁଦ୍ର ଗଳ୍ପ ଲେଖିକାହିସାବରେ ସୁନାମ ଅର୍ଜନ କରି ପାରିଛନ୍ତି । ତାଙ୍କର କେତେଗୁଡ଼ିଏ ଗଳ୍ପ 'ଝଙ୍କାର', 'ନବଜୀବନ' ପ୍ରଭୃତି ବିବିଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ତାଙ୍କର ବୟସ ଅଳ୍ପ; କିନ୍ତୁ ତୀକ୍ଷ୍ଣଦୃଷ୍ଟି ଓ ଭାବୁକତା ବଳରେ ସେ ଜୀବନର ସାଧାରଣ ଦୈନନ୍ଦିନ ଅଭିଜ୍ଞତାରୁ ସାହିତ୍ୟ ସୃଷ୍ଟି ପାଇଁ ଉପାଦାନ ସଂଗ୍ରହ କରି ପାରିଛନ୍ତି ଓ ମାର୍ଜିତ ଭାଷା, ସୁଚିନ୍ତିତ ବିନ୍ୟାସ, ନିଷ୍ଠାପର ବିଶ୍ଳେଷଣ ଓ ଦାର୍ଶନିକ ଚିନ୍ତାଧାରା ସମନ୍ୱୟ କରି ଆପଣା ଉପାୟରେ ସାହିତ୍ୟ ସୃଷ୍ଟି କରିଛନ୍ତି । କେତୋଟି ଗଳ୍ପ ଏକତ୍ର କରି ପୁସ୍ତକ ଆକାରରେ ପ୍ରକାଶ କରିବାକୁ ତାଙ୍କର ଇଚ୍ଛା । ସେ ମୋର ମତ ଲୋଡ଼ିଛନ୍ତି । ମୁଁ ତାଙ୍କୁ ଆଶୀର୍ବାଦ ଜଣାଉଛି ଓ ତାଙ୍କର ସାହିତ୍ୟ-ସାଧନାର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରୁଛି । ଆଜି ଯେ ନୂଆ, କାଲି ସେ ଦିଗ୍‌ଦର୍ଶକ ହୋଇପାରେ । ସାହିତ୍ୟକ୍ଷେତ୍ରରେ ମଧ୍ୟ ଏହାହିଁ ନିୟମ । ପ୍ରତିଭା ଆପଣାକୁ ଆପେ ପ୍ରକାଶ କରେ ।

ମୁଁ ଏ ଲେଖିକାଙ୍କର କେତୋଟି ଗଳ୍ପ ପଢ଼ିଛି ଓ ତହିଁରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ପାଇଛି । ଗଳ୍ପଗୁଡ଼ିକ ଆଦୌ ସାଧାରଣ କାହାଣୀ—ଭୂହା ନୁହେଁ, ସେଥିର ଆନ୍ତରିକତା ଓ ବୌଦ୍ଧିକତା ଅଛି ଓ ନିଷ୍ଠାପରଭାବରେ କିଛି ମୌଳିକଭାବ ଅନୁଭୂତି ପ୍ରକାଶ କରିବାକୁ ଆକାଙ୍କ୍ଷା ଓ ଉଦ୍ୟମ ରହିଛି ।

ଆଧୁନିକ ଗଳ୍ପସାହିତ୍ୟରେ ଘଟନା ଓ ଉତ୍ପ୍ରେକ୍ଷାମୟ କାହାଣୀ ବୁଣିବା ଆଗପରି ପ୍ରାଧାନ୍ୟ ପାଉନାହିଁ । ଗଳ୍ପଲେଖକ ମଣିଷର ମନକୁ ବିଶ୍ଳେଷଣ କରନ୍ତି, ନାନା ଧାରଣା, ଚିନ୍ତା ଓ ପ୍ରବୃତ୍ତିର ସଂଘାତ ଘଟଣାର ସଂଘାତଠାରୁ ଆହୁରି ଗୁରୁତର ହୋଇ ଉଠେ, ସମୁଦାୟ ଗଳ୍ପଟି ଏଭଳି ଗଢ଼ା ହୋଇଥାଏ ଯେ ତହିଁରେ ଥିବା ଭାବ-ସମନ୍ୱୟ ପାଠକର ମନରେ ସାମୁହିକ ଭାବରେ ଗୋଟିଏ ବିଶିଷ୍ଟ ଅନୁଭୂତି ସୃଷ୍ଟି କରେ, ନାନା ଉପାୟ ଅବଲମ୍ବନ କରି ଗୋଟିଏ କ୍ଷୁଦ୍ର ଗଳ୍ପଭିତରେ ଜୀବନର ଅର୍ଥ କରଣପାଇଁ ଉଦ୍ୟମ କରାହୁଏ, ନାନା କଥାର ମୂଲ୍ ତହିଲ କରାହୁଏ, ନୂଆ ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ନାନା ଭାଷାର ଆଧୁନିକ ଗଳ୍ପସାହିତ୍ୟରେ ମୋଟାମୋଟିରେ ଏଭଳି ବାଗ ଓ ଢଗ ଦିଶେ, ପରିମାଣରେ ଅଧିକ ନ ହେଲେ ବି ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ମଧ୍ୟ । ଏ ଲେଖିକାଙ୍କର ଗଳ୍ପଗୁଡ଼ିକର ବାଗ ଓ ଢଗ ବି ଏହି ଶ୍ରେଣୀର ।

Digitized by srujanika@gmail.com

ନାନା ଭାବନାର ସମାବେଶମାଧ୍ୟମରେ ଏ ଲେଖିକାଙ୍କର ଗଳ୍ପର ବିନ୍ୟାସ, ଯେଥିରେ ସେ ବୌଦ୍ଧିକ ବିଚାର ଓ ମରମଭାବ ଉଭୟ ସନ୍ନିବେଶ କରନ୍ତି । ସାଧାରଣ ଦୃଶ୍ୟକୁ ରୂପକ ପରି ବ୍ୟବହାର କରନ୍ତି । ସେଥିରେ ଯେଉଁଠି ମରମଭାବର ଆଧିକ୍ୟ ଘଟେ ସେଠି ଚଳନ୍ତି ସମୟ ସୁଅରେ ପରିବର୍ତ୍ତନ, କ୍ଷୟ ଓ ନଷ୍ଟ ହେବାପାଇଁ ପ୍ରବଣତା କରୁଣରସପାଇଁ ଉପାଦାନ ହୁଏ, ଯେପରି 'ରୁକୁଣାରଥ', 'ଲୁପ୍ତା ହୋଇ ଯାହା', 'ନାଗରଦୋଳା' ଓ 'ଚକାଭଉଁରୀ' ଗଳ୍ପରେ । ଯେଉଁଠି ସେ ବୌଦ୍ଧିକତା ଉପରେ ପ୍ରାଧାନ୍ୟ ଦିଅନ୍ତି ସେଠି ତାଙ୍କ ବିଶ୍ଳେଷଣ ଆବିଷ୍କାର କରେ ଭେକ ଉହାଡରେ କୃତ୍ରିମତା ଓ ମିଥ୍ୟାଚାର, ସେଠି ଧ୍ୱନି ଉଠେ ବିଫଳତାର । ତା'ର ଉଦାହରଣ 'ଅନ୍ୱେଷଣ', 'ମହାମାନବର ସାଗରତୀରେ' ଓ 'କର୍ମଧାରୟ' ଗଳ୍ପଗୁଡ଼ିକ । ଉଭୟ ଧାରାରେ ବିଷାଦର ମେଘର ଛାଇ; କିନ୍ତୁ ସେ ବିଷାଦର ହେତୁ ନିଷ୍ଠାସହକାରେ ତାତ୍ପର୍ଯ୍ୟ ଅନୁସନ୍ଧାନ । ମନୋବିଶ୍ଳେଷଣ ଓ ପରୀକ୍ଷାମୂଳକ ଆଙ୍ଗିକ ପ୍ରତି ତାଙ୍କର ଆଗ୍ରହ 'ନୟନାୟନ' ଓ 'ରାଜା' ଗଳ୍ପ ଯୋଡ଼ିକରେ ପ୍ରତିଫଳିତ । ଜଣେ ଦେଖେ, ବାଛେ, ଭାବେ, ଏହି କ୍ରିୟାରେ ସେ ତା'ର ଚିନ୍ତାର ପରିସରଭିତରେ ଆପଣା ବାହାରେ କେତେଠି ଆଲୁଅ ପକାଏ ଓ ଏହା କରୁ କରୁ ସେ ନିଜକୁ ବି ପ୍ରକଟ କରେ, ମୋଟାମୋଟିରେ କହିଲେ ତାଙ୍କ ଗଳ୍ପଗୁଡ଼ିକର ଗଢ଼ଣ ବାଗ ଏହିପରି ।

ମୋର ଆଶା, ସେ ନିରବଚ୍ଛିନ୍ନଭାବେ ସାହିତ୍ୟ ସୃଷ୍ଟି କରୁଥିବେ ।

ଗୋପୀନାଥ ମହାନ୍ତି

ତା ୧୮ । ୧ । ୭୭

Digitized by srujanika@gmail.com

ସୂଚୀ

ନାଗରଦୋଳା

ସ୍ରଜା ୨

ନସ୍ୱନାସ୍ୱନ ୧୪

ମଧ୍ୟପଦଲୋପୀ ୨୧

ଚମ୍ପାବତୀ ... ୨୭

ମହାମାନବର ସାଗରତୀରେ··· ୩୪

ଅନ୍ୱେଷଣ ୪୦

ଚକାଭଉଁରୀ ୪୭

ରୁକୁଣାରଥ ୫୧

ଅମୃତସନ୍ତାନ ୫୮

ଅନନ୍ୟା ୬୩

ଲ୍ୟାବରିନ୍ଥ୍ ୭୨

ଜୁଆର ଓ ଜରା ୮୧

ମରୁତୀର୍ଥ ୮୫

ସେ ନଦୀ ମରୁପଥେ ୯୨

ମଣିଶିଳା ... ୯୭

କର୍ମଧାରୟ ... ୧୦୭

ମଧୁବାତାଋତାୟତେ ... ୧୧୫

ଇତିହାସ ୧୨୨

ସ୍ୱପ୍ନ ହୋଇ ଯାହା ... ୧୨୮

ଅଶ୍ରୁ ... ୧୩୪

Digitized by srujanika@gmail.com

ନାଗର ଦୋଳା

ଥର ଥର ହାତ । ଆଖିଡୋଳା ଉପରେ ମାଡ଼ି ଗଲାଣି ପେଜୁଆ ପରଦା, ଦୋହଲୁଛି ଗୁଣ୍ଠ । ସେ ଦିନର ତାଣ୍ଡଲି ସୁନା ରଙ୍ଗ ଚମ୍ପାକଳିଆ ପଡ଼ି-ଗଲାଣି । ଥରିଲା ପାଦରେ ଚୀନାମାଳ ବସି ପଡ଼ିଲେ ।

ଏଇ ତାଙ୍କ ନାତୁଣୀବୋହୂ । ମୁହଁରୁ ଓଢ଼ଣା ଟେକିଦେଲେ । ଆନନ୍ଦରେ ଆଖିକଣରେ ଜକେଇ ଆସିଲା ଲୁହ ଦି'ଟୋପା । ଅଣ୍ଟାଳି ଅଣ୍ଟାଳି ପିନ୍ଧେଇଦେଲେ ଅଳକାଟି—ପଟ୍ଟନାୟକ ବଂଶର ଗୌରବ । ସେ ବି ଏଇ ଘରର ବଡ଼ବୋହୂ ହୋଇ ଆସିଥିଲେ । ବଂଶର ପ୍ରଥାଅନୁସାରେ ଶାଶୁ ତାଙ୍କର ବଧୂ ବରଣ କରି ପିନ୍ଧେଇ ଦେଇଥିଲେ ଏଇ ଅଳକା । ସୁନାଥାଳିରେ ସୁନା ଗୁଆଟିଏ ହାତକୁ ତାଙ୍କର ଟେକି ଦେଇଥିଲେ—ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକ । ଗୁଣ୍ଠ ଫାଙ୍କ ଉଠିଥିଲା, ପାଟଓଢ଼ଣା ଭିତରୁ ଦିଶୁଥିଲା ସ୍ୱାମୀଙ୍କର ଗୌରବ ଉଜ୍ଜ୍ୱଳ ଧୀର ଗମ୍ଭୀର ମୁହଁ । କେତେବର୍ଷ ସେ ! ହଁ, ସତୁରି ବର୍ଷ ହୋଇଗଲା । ପନ୍ଦର ବର୍ଷର ଝିଅଟିଏ ସେଦିନ ବୋହୂ ହୋଇ ଏ ଘରେ ପାଦ ଦେଇଥିଲା ।

ଦୋହଲି ପଞ୍ଜରା ଗୋଟାଏ ଅବ୍ୟକ୍ତ ବେଦନାରେ ଆଉ ଟିକିଏ ଦୋହଲି ଗଲା ।

ଆଗକୁ ଚାହିଁଲେ—ନାତୁଣୀବୋହୂ ବସିଛି । ସେ ଦିନର ଲମ୍ବ ଓଢ଼ଣା ନାହିଁ । ନାକ ଅଗ ଦିଶୁଛି । ମୁହଁଟି ଟିକିଏ ନଇଁ ପଡ଼ୁଛି; ସେ ବୋହୂ ଦେଖି ପାରିଲେ ଆଉ ସମସ୍ତେ ଦେଖିବେ । ଘରର ମୁରବୀ ସେ, ଏଇ ଅଳକାଟି ପିନ୍ଧେଇ ଦେବା କଥା, ନିଜ ବେକ ଅଣ୍ଟାଳିଲେ ଚୀନାମାଳ ।

Digitized by srujanika@gmail.com

ତଉକେ ବହଳ ଓସାରିଆ ଚକଟା ଏବେ ବି ବେକରେ ଅଛି । ସତୁରିବର୍ଷ ତଳେ ଶଶୁର ଏଇଟି ଦେଇ ଆଶୀର୍ବାଦ କରିଥିଲେ—କ'ଣ ଆଉ ହବ ! ଏଇ ଘରର ମର୍ଯ୍ୟାଦା ଥିଲା ତାଙ୍କର ଜୀବନ । ସେ କ'ଣ ରଖି ନାହାନ୍ତି ! ରଖିଛନ୍ତି ତ । ଅଜ ଆଉ କ'ଣ ଅଛି ! ତାଙ୍କ ହାତରୁ ସେ ଘର ଚାଲି ଯାଇଛି, ଏ ବୋଝ ସେ କାହିଁକି ନବ ହେବେ ଶେଷ ବୟସରେ ? ନାତୁଣୀକି ଡାକିଲେ 'ଟିକେ ଖୋଲିଦେଲୁ ମା'—ସମସ୍ତେ ତାଙ୍କ ମୁହଁକୁ ଚାହିଁଲେ । କେହି ପ୍ରତିବାଦ କଲେ ନି, ନାତୁଣୀ ବାହାର ବେକ ଦରଣ୍ଡି ପିନ୍ଧାଇ ଦେଲେ ହାରଟି, ଦାଉ ଦାଉ ହୋଇ ଜଳୁଜଳ ଉଠିଲା । ବୋହୂ ମୁହଁକୁ ଟିକିଏ ଆଉଁସି ଦେଇ ବାଡ଼ି ଧରି ଉଠିଲେ ଚୀନାମାଳି, ପଟ୍ଟନାୟକବଂଶର ବଡ଼ବୋହୂ ।

ତାଙ୍କ କର୍ତ୍ତବ୍ୟ ସରିଛି । ଶାଶୂ ଶଶୁରଙ୍କ ବୋହୂ, ସ୍ୱାମୀର ସ୍ତ୍ରୀ ହୋଇଥିଲେ ସେମାନେ ଯାଇଛନ୍ତି; ପୁଅପୁଅ, ପୁଅବୋହୂ, ଝିଅ ଜ୍ୱାଇଁ- ନାତି ବାହାଘର ବି ଦେଖିଲେ । ଏଥର ଦିନ ସରିଯାଉ ।

ଇଷ୍ଟଦେବତା ଦଧିବାମନ ଦେବଙ୍କ ବିଗ୍ରହ ଆଗରେ ଚୀନାମାଳି ମୁଣ୍ଡ ନୁଆଁଇଲେ, ପୁଣି ମନେ ପଡ଼ିଲା । ଜପ-ମୁଣିଭିତରେ ହାତ ରହିଗଲା । ବାହାହୋଇ ଆସି ସ୍ୱାମୀଙ୍କ ସହିତ ଏଇଠି ପ୍ରଥମେ ସେ ପ୍ରଣାମ କରିଥିଲେ; କୁଳବୋହୂ ସେ, କୁଳଦେବତାଙ୍କୁ ଦର୍ଶନ କରିବେ ବୋଲି ଦେଉଳ ଶୋଧ ହୋଇଥିଲା । ପ୍ରସାଦୀ ଫୁଲ କପାଳରେ ଛୁଆଁଇଥିଲେ । ଆଜି ବି ମନେ ଅଛି, ସେ ଭିକ୍ଷା କରିଥିଲେ ଧୈର୍ଯ୍ୟ, ସହିଷ୍ଣୁତା, ବଂଶର ସମ୍ମାନ ରଖି ପାରିବାର ଶକ୍ତି; ପାଟଓଢ଼ଣା ତଳେ ସେ ନିଜକୁ ଭୁଲିଯାଇଥିଲେ । ଦଧିବାମନଦେବଙ୍କ ଶିରରୁ ଆଶିଷର ଫୁଲ ଝରି ପଡ଼ିଥିଲା ସେଦିନ ।

ଉପରେ ଚାନ୍ଦୁଆ, ଛତି, ବାସ, ତଳେ ବନାରସୀ ପାଟ । ତା'ରି ଉପରେ ନଇଁ ନଇଁ ଗଲେ ପଟ୍ଟନାୟକବଂଶର କୁଳବୋହୂ—ଖଣ୍ଡି ଜମିଦାର ଗୋପୀନାଥ ପଟ୍ଟନାୟକଙ୍କ ସ୍ତ୍ରୀ । କପାଳରେ ଝାଳ ଜକୁଟି ଉଠିଥିଲା । ଚନ୍ଦନବିନ୍ଦୁ ଧୋ ହୋଇଗଲା । ପନ୍ଦରବର୍ଷର ଝିଅଟି ଲୁଗା, ଗହଣାର ଗୁରୁଭାରରେ ଅବଶ ହୋଇ ପଡ଼ିଲା । ତେବେ ବି ମନରେ ଥିଲା ଦମ୍ଭ, ଗର୍ବ, ଆତ୍ମମର୍ଯ୍ୟାଦା ।

ବୋହୂ ସେ-ଘର ତାଙ୍କର ଚାଲି ସାହାଲରେ ନିର୍ଦ୍ଦିଷ୍ଟ ହୋଇଥିଲା । ସେଇ ଯେ ସେ ନଇଁ ନଇଁ ଅଗଣାରେ ପାଦ ଦେଇଥିଲେ; ବଡ଼ପୁଅ

Digitized by srujanika@gmail.com

ରାଧାକାନ୍ତ ଗୃହବର୍ଷର ହେବାଯାଏ ମଝିଅଗଣା ବି ଦେଖି ନ ଥିଲେ । କାଲି ପରି ମନେ ପଡ଼ୁଛି ହେତାଖିଆ ମାଳୀଘର ବୋହୂ ବରଷକଯାଏଁ ନିତି ସଞ୍ଜରେ ଫୁଲ ଦେଇଯାଏ । ବାରିକାଣୀ ନତା-ମା' ଅଳତା ଚିତେଇ ଦେଇଯାଏ । ସାଇ-ପଡ଼ଶାର ନଣନ୍ଦମାନେ ହସ-ଖୁସିରେ ମୁଣ୍ଡ ବାନ୍ଧି ଦେଇ ଯାଆନ୍ତି । କେତେ ବଡ଼ ପରିବାର ଘୋ'-ଘା'ରେ ଘର କମ୍ପୁ ଥାଏ । ସମସ୍ତେ ନିଜର, ସମସ୍ତେ ଆପଣାର, କାହାକୁ ତ ପର ଭାବି ନାହାନ୍ତି । ପିତ୍ତଳହଣ୍ଡାରେ ବସେ ଭାତ, ଡାଲି, ଖନ୍ଦାଶାଳ ପରି ଚୁଲି ଦିନରାତି ମଝି ସାହାଲରେ ଜଳୁଥାଏ । କାହିଁ କେତେ ଯୁଗର ସେକଥା ! ଏଇ ଘର ଏଇ ଦୁଆର, ଏଇ ଠାକୁର ତାଙ୍କର କେତେ ଆପଣାର ! କୁଆଡ଼େ ଗଲା ସେ ଦିନ! ଗୋଟି ଗୋଟି ହୋଇ କିଏ କୁଆଡ଼େ ହଜିଗଲେ । ଶାଶୁ ଶଶୁର ଗଲେ, ସେ ହେଲେ ଘରର ମୁରବି, ଖାନଦାନର ଜଗୁଆଳୀ । ଚରକି ପରି ବୁଲୁ ଥାଆନ୍ତି, ରାତିଅଧଯାଏ ବସିବାକୁ ସମୟ ନ ଥାଏ । ପୁଅ ଝିଅ ସବୁ ଏଇ ଘରେ ଜନମ । ବାପ, ଭାଇ ଆସି ଦେଖି ଯାଇଛନ୍ତି ସିନା, ଏଇମାଟି ଛାଡ଼ି କୁଆଡ଼େ ସେ ଯାଇ ନାହାନ୍ତି । ବଡ଼ପୁଅ ଜନ୍ମହେଲା ବେଳକୁ ଘରଠୁଁ ବାହାରଯାଏ ସମସ୍ତେ ନୂଆ ପିନ୍ଧିଲେ । ଗର୍ବ, ଆନନ୍ଦରେ ଶାଶୁ ଉଠିଆରି ଦିନ ରୂପା କଦଳୀପତ୍ରରେ ପୁଅକୁ ଶୁଆଇ ଶଶୁରଙ୍କୁ ଡାକି ଦେଖାଇଥିଲେ । ପୁଅକୁ ଦେଖି ମନ ପୂରି ଉଠିଲା । ହସ ଉକୁଟି ଉଠିଥିଲା ସ୍ୱାମୀଙ୍କ ଓଠରେ ।

ଚଡ଼କ ପଡ଼ିଲା—ଶାଶୁ, ଶଶୁର ଯାଇଥିଲେ, ସ୍ୱାମୀ ବି ଚାଲିଗଲେ । ସ୍ୱାମୀଙ୍କ ମଥାକୁ କୋଳରେ ଧରି ପଥର-ପ୍ରତିମା ପରି ରାତିସାରା ବସି ରହିଲେ । ଆଖିରେ ଲୁହ ନାହିଁ । ଦୃଷ୍ଟିରେ ଅର୍ଥ ନାହିଁ – ମୂକ, ଜଡ଼, ଓଃ କି ଦିନ ସେ ! ହାତରୁ ଛୁଟିଗଲା ଶଙ୍ଖା, ଲିଭିଗଲା ସିନ୍ଦୂରଗାର । ପଟ୍ଟନାୟକ-ବଂଶର କୁଳବଧୂର ଶୁଭ ଅଳଙ୍କାର ଫେରିଗଲା ଲୁହା ଆଲମାରି ଭିତରକୁ । ଶେଷଥର ଦେଖିଥିଲେ ସ୍ୱାମୀଙ୍କୁ—ସୌମ୍ୟ, ଶାନ୍ତ, ସୁପୁରୁଷ । ପଲଙ୍କ ଉପରେ ଶୋଇଥିଲେ । ମଠାଲୁଗା, ସୁନ୍ଦର-କପାଳରେ ଚନ୍ଦନ, ଗଳାରେ ତୁଳସୀମାଳ । ବଡ଼ପୁଅକୁ ସେତେବେଳେ ପଚିଶ ବର୍ଷ; ସଙ୍କୀର୍ତ୍ତନରେ ଗାଁ ଉଚ୍ଛୁନ୍ନ ଥିଲା । ଗୋପୀନାଥ ପଟ୍ଟନାୟକଙ୍କ ମରଦେହ ପାଉଁଶ ହୋଇଗଲା ।

Digitized by srujanika@gmail.com

ପୁଣି ଚୀନାମାଳ ଉଠିଥିଲେ । ପିଲାଙ୍କୁ ଚାହିଁଲେ । ବୁଢ଼ାଆଢ଼ା ଗମ୍ଭୀର ହୋଇ ଅପେକ୍ଷା କରନ୍ତି । ଏତେ ବଡ଼ ଘର, ସମ୍ପତ୍ତି ଚାହିଁରହିଛି ତାଙ୍କର ମୁହଁକୁ; ଠାକୁରଙ୍କ ନୀତି ନିୟମ ବିଶୃଙ୍ଖଳ ହୋଇ ପଡ଼ୁଛି । ଗୁଡ଼ି ପଥରରେ ବାନ୍ଧିଲେ ଚୀନାମାଳ । ପିଲାମାନଙ୍କୁ ମଣିଷ କଲେ, ପୁଅ ଝିଅ ବାହା କଲେ । ପଟ୍ଟନାୟକବଂଶର ଆଣ୍ଟ ଅକ୍ଷୁଣ୍ଣ ରହିଲା । ତାଙ୍କର କଠୋର ଦୃଷ୍ଟି ତଳେ ଖାନଦାନୀ ଅତୁଟ ରହିଲା ।

ଏତିକିରେ କ'ଣ ବିପଦ ସରିଥିଲା ! ନାହିଁ ତ, ବଡ଼ପୁଅ ବି ଚାଲିଗଲା, ତାଙ୍କର ଡାହାଣ ହାତ, ବଂଶର ଗୌରବ—ରାଧାକାନ୍ତ ! ଗୋରା ତକ ତକ ଦେହ, ବଡ଼ ବଡ଼ ଆଖି, ଚାହିଁଲେ ଶତ୍ରୁ ଶଙ୍କି ଯାଉଥିଲା, ତାକୁ ବି ଦଇବ ସହିଲା ନାହିଁ । ଚାରିମାସଯାଏ ଚୀନାମାଳ ବିଛଣାରୁ ଉଠିନାହାନ୍ତି । ସାନପୁଅ ଆସି କାନ୍ଦିଲା—'ମା, ତୁ ଏମିତି ହେଲେ ଏ ଘର କଅଣ ହେବ ? ଆଖି ଖୋଲି ସେ ପୁଅ ମୁହଁକୁ ଚାହିଁଲେ । ଚଉଦ ବର୍ଷର ପୁଅ, ପିଲାଙ୍କ ପରି ମା-କୋଳରେ ମୁଣ୍ଡ ଗୁଞ୍ଜି ବିକଳ ହେଉଛି । ଗୁଡ଼ି ଥରାଇ ଦୀର୍ଘନିଃଶ୍ୱାସଟିଏ ବାହାରିଗଲା । ଖଣ୍ଡି ଖଣ୍ଡି ହୋଇ ଛାତିର ପଞ୍ଜରା ଭାଙ୍ଗିଯାଇଛି, ତେବେ ବି ସେ ଉଠିଲେ । ଚାରିବୋହୂ, ନାତି, ନାତୁଣୀ ଗୁଡ଼ିରେ ବଳ ପାଇଲେ; ମନରେ ଭରସା ଦେଖିଲେ; କିନ୍ତୁ ତାଙ୍କର ଯାହା ହଜିଗଲେ ସେ ଆଉ ଫେରି ପାଇଲେ ନାହିଁ । ଦିନଗୁଡ଼ା ଗଡ଼ି ଚାଲିଲା ଆଗକୁ ।

ବଡ଼ ନାତି ବାହା ହେଲା । ସ୍ୱାମୀ ଥିଲେ କେତେ ଖୁସୀ ହୋଇ ଥାଆନ୍ତେ, କୋଉ ମୁଲକର ସହର ଝିଅ । ବଡ଼ ନାତୁଣୀ ସହରରେ ବାହା ହୋଇଛି; ସେଇ ଠିକ୍ କରିଛି ଏ ବୋହୂ । ତାଙ୍କ ସମୟ ଏ ସମୟ—କେତେ ବଦଳିଗଲା ସତେ ! ଏଇ ଘରର ପ୍ରଥା—ବାହାଘର ବରଯାତ୍ରୀ ଆଗେ ଆଗେ କୁରାଢ଼ି ନେଇ ଜଣେ ଲୋକ ଯାଏ । କୋଉ ପୁରୁଷରେ କୋଉ ରାଜା ଘରର ଗୋଟିଏ ପୁଅ ବାପା ଉପରେ ଅଭିମାନ କରି ଚାଲି ଆସିଥିଲା ଏଠିକି । ତା'ରି ରକ୍ତର ଧାର ଗଡ଼ି ଆସିଛି ଏଇ ପଟ୍ଟନାୟକ-ବଂଶରେ । ସେତେବେଳେ ଚାରିଆଡ଼େ ଥିଲା ଗଛ-ପତ୍ର-ଜଙ୍ଗଲ; ସେଇଥିପାଇଁ ବର ଗଲାବେଳେ ଆଗରେ କୁରାଢ଼ି ନେଇ ଲୋକ ଯାଉଥିଲା ଜଙ୍ଗଲ କାଟି ବାଟ ସଫା କରିବାକୁ । କେଉଁ କାଳର

Digitized by srujanika@gmail.com

ସେ କଥା, କର୍ପୂର ଉଡ଼ି ଗଲ୍ଣି । ଚୀନାମାଳ କନାର ମହକକୁ ଆଜଯାଏଁ ସ୍ମୃତିତଳେ ସାଇତି ରଖିଲେ । ତାଙ୍କ ଯୁଗ ଗଲା । ଏଇ ନାଚ ବାହା ଘରକୁ ସେ ପ୍ରଥା ଉଠିଗଲା । ନାଚ ଚଢ଼ିଲା । ସେ ବି ଚୁପ୍ ରହିଲେ । ଯାହା ତାଙ୍କ ଇଚ୍ଛା କରନ୍ତୁ । ତାଙ୍କର କ'ଣ ଆଉ ଅଛି । ହେତାଖିଆ ବାଜା ବଜେଇବାବାଲାଙ୍କୁ ବି ମନା କରିଦେଲେ । କଟକରୁ ସହରିବାଜା ଭଡ଼ା ଆସିଲା ।

ଚନ୍ଦ୍ରା ରହିଗଲା । ଦଧିବାମନ ଦେବ—ଏଇ ତାଙ୍କର ସବୁ । ସେ ପାଖେ ରାଧାକାନ୍ତ ଦେବ – ତାଙ୍କର ନାଁ ଅନୁସାରେ ପୁଅ ନାଁ ଦେଇଥିଲେ ରାଧାକାନ୍ତ । ବାଁ ପାଖରେ ରାଧିକା, ଶିରରେ ମୁକୁଟ, ହାତରେ ବଂଶୀ । ସର୍ବାଙ୍ଗରେ ଅଳଙ୍କାର ମଣ୍ଡି ହୋଇଛନ୍ତି । ରାଧିକାଙ୍କ ବସଣୀର ପଥର ଏବେ ବି ଝଟକୁଛି ।

ଏଇ ମନ୍ଦିର, ଆଗରେ ଏଇ ପଥର ବୃନ୍ଦାବନ—କେତେ ସମ୍ଭ ବସିଛି । ଶଶୁର, ସ୍ୱାମୀ, ପୁଅ—ସେ ଦେଖିବାରେ ତିନି ପୁରୁଷ ଏଇଠି କେତେ ନିଶାପ କରିଛନ୍ତି । ଗୋଟି ଗୋଟି ହୋଇ କେତେ ମୁହଁ ଆଖିରେ ଦିଶିଗଲା । ଶାଶୁ-ଶଶୁରଙ୍କ ସ୍ନେହଭରା ଗମ୍ଭୀର ମୂର୍ତ୍ତି, ସ୍ୱାମୀଙ୍କର ଶାନ୍ତ ଦୃଷ୍ଟି, ବଡ଼ ପୁଅର ମା' ଡାକ—ସବୁ ଆଖିରେ ଭାସିଗଲା, କାନରେ ବାଜିଗଲା, ଗୃହଆଡ଼କୁ ଚାହିଁଲେ ଚୀନାମାଳ ।

ଖବର ଉଠି ଉଠି ଯାଉଚି । ପାଖ ଦେବଦାରୁ ଗଛରେ କଜଡ଼ଖଞ୍ଜା ଚଟାପକା ଚାଳ ଉପରେ ଝକ ଝକ କରୁଚି ନୂଆଣିଆ ଖରାର ଝଲକ । ଦୀର୍ଘନିଃଶ୍ୱାସ ପକେଇଲେ ଚୀନାମାଳ । ପବନ ଦମକାଏ ବୋହିଗଲା । କିଏ ? କିଏ ? କିଏ ? ଯେମିତି ଗଭୀର ନିଃଶ୍ୱାସ ପକେଇଲା । ଗ୍ରାଇ-ଘ୍ଲାଇଆ ଆଲୁଅ-ଅନ୍ଧାର ଖେଳଭିତରେ କିଏ ଯେମିତି ଶହ ଶହ ବର୍ଷ ତଳୁ ମୁହୂର୍ତ୍ତକପାଇଁ ଅନେଇ ଦେଇଗଲେ କିଏ ସେମାନେ ? ହୃଷୀକେଶ ପଟ୍ଟନାୟକ ? ଜଗନ୍ନାଥ ପଟ୍ଟନାୟକ ? —ପାଇକ ମେଳରେ ଅଣ୍ଟା ଭିଡ଼ି ଯିଏ ବାହାରିଥିଲେ—ପାଇକ ଦଳବେହେରାଙ୍କ ସାଙ୍ଗରେ କୁହାଟ ଦେଇଥିଲେ—ଆମେ ମାନିବୁ ନି—ମାନିବୁ ନି—ଏ ଫିରିଙ୍ଗି ରଜାକୁ ମାନିବୁ ନି । ସାତ ପୁରୁଷର ମୁହଁ ଭାସି ବୁଲିଲା ଓଦାଳିଆ ଓଦାଳିଆ ଝାପ୍ସା ସଞ୍ଜର ପବନରେ, ଠକ୍ ଠକ୍ ଠକ୍ କିଏ କାଟୁଛି ଜଙ୍ଗଲ ? ହାତକେ କୁରାଢ଼ି, ହାତକେ ଖଣ୍ଡା ନେଇ ଆଠଗଡ଼ ରାଜ୍ୟରୁ ଚାଲିଛନ୍ତି ସେମାନେ

Digitized by srujanika@gmail.com

···ଚାଲିଚି ଅଭିମାନୀ ରଜାପୁଅ···ଆଗେ ଆଗେ :ଜଙ୍ଗଲ ପଡ଼ୁଛି । ଘୋଡ଼ା ଚାଲିଚି ଚାଲିଚି ଚାଲିଚି । ସେ ଚାଲିବାର କଅଣ ଶେଷ ଅଛି ! କେତେ ଗାଁ ପାରି ହୋଇ, କେତେ ବର୍ଷ ଟପି ସେମାନେ ,ମାଡ଼ି ଚାଲିଛନ୍ତି ଆଗକୁ··· ଆଗକୁ । ପୁରୁଷ ପରେ ପୁରୁଷ ଜନ୍ମମୃତ୍ୟୁର ରହସ୍ୟ ଗଢ଼ି ଆସିଛି । କିଏ ସେ ଚୀନାମାଳ ? କିଏ ସେ ଗୋପୀନାଥ ? ସେଇ ସିନ୍ଦୂର ଗୋଟିଏ ଗୋଟିଏ ବିନ୍ଦୁ । ଉପରକୁ ଅନେଇଲେ ଚୀନାମାଳ, ଆକାଶ ଅନ୍ଧାର ହୋଇ ଆସୁଛି । ନେଳି ରଙ୍ଗର ବନାରସୀ ଉପରେ ଗୋଟା ଗୋଟା ତାରା ଜରି ଚୁମ୍ୱକି ଭଳି ଜଳି ଉଠୁଛନ୍ତି । ଖାଲି ଛାଇ···ଛାଇ । ସେଇ ଛାଇ ଭିତରେ—ଚହଲ ଚହଲ ଛାଇଭିତରେ, ଅଜଣା ଭିତରେ ପଟ୍ଟନାୟକ ବଂଶର ଜୀବନ ଧାରା ଦୂରେ, କେତେ ଦୂରେ ଯାଇ ଅସ୍ପଷ୍ଟ ହୋଇ ଉଠିଚି । ନା ଆଖି ପାଉନି, ଆଖି ପାଉନି କାଳର ସେଇ ତପ୍ତ ବୈତରଣୀ ଆର ପାରକୁ । ତେବେ ସେଇତକ ତ ତାଙ୍କର ସାନ୍ତ୍ୱନା । ହୃଷୀକେଶ ପଟ୍ଟନାୟକ ମରି ନାହାନ୍ତି—ଜଗନ୍ନାଥ ପଟ୍ଟନାୟକ ମରିନାହାନ୍ତି—ଗୋପୀନାଥ ପଟ୍ଟନାୟକ ମରି ନାହାନ୍ତି—ସେ ମରିବେ ନି—କେହି ମରିବେ ନି, ହଜିବେ ନି, ଲୁଚିବେ ନି, ସେମାନେ ସମସ୍ତେ ଫେରି ଆସିବେ—ଜନ୍ମ-ମରଣର ନାଗରଦୋଳାରେ ଘୂରି ଘୂରି ସେମାନେ ପୁଣି ଫେରି ଆସିବେ ଏଇ ମାଟିକୁ···ଏଇ ଭିଟା-ମାଟିକୁ···କେତେ ପୁରୁଷର ଚିହ୍ନା ଜଣା ଏଇ ଭୂଇଁକୁ । ଆଃ !······

Digitized by srujanika@gmail.com

ରାଜା

ରାଜା ପାଦ ଚିପି ଚିପି ବାପାଙ୍କ ଘର ଆଡ଼କୁ ଗଲା । ବାପା ଗଲେଣି ! ମାଖନଲାଲ ଗାଡ଼ିରେ ଷ୍ଟାର୍ଟ ଦେଉଥିଲା, ବୋଧହୁଏ ଯାଇଥିବେ । ଯଦି ଯାଇ ନ ଥିବେ ! ଫେରି ଆସିବେ କି ! ଝରକା ପାଖକୁ ଯାଇ ଦେଖିଲେ ହୁଅନ୍ତା; କିନ୍ତୁ ବାପା ଯଦି ଦେଖି ଦିଅନ୍ତି ! ସେଇଠି ଟିକିଏ ଛିଡ଼ା ହୋଇଯାଇ ରାଜା କାନ ଡେରିଲା । ନାଃ, ମଟର ଶବ୍ଦଟା ଫାଟକ ଭିତରୁ ବାହାରି ଗଲା ପରି ଶୁଭୁଛି । ଫାଟକଟା ଝଣ୍‌କିନା ପଡ଼ିଲା । ଭୂଣ୍ଡିଆ ବୋଧହୁଏ ବନ୍ଦ କଲା । ଏଇନେ ଦି' ତିନି ଘଣ୍ଟା ସେଆଡ଼େ ରହିବେ । ମା କେତେବେଳେ ଆସିବ ! ଡାକ୍ତରଖାନା ଯାଇଛି, ଏଡ଼େ ଚଞ୍ଚଳ କିଅଣ ଡାକ୍ତର ବାବୁ ପରୀକ୍ଷା ସାରିଦେବେ ! ଆସୁ, ଆସିଲେ ବି ସେ ଟିକିଏ ଗାଳି ଦବ ସିନା, ବେଶି କିଛି କହିବ ନି । ଅପାଟାକୁ ଡର ଥିଲା ଯେ ସେ ଗଲାଣି ସ୍କୁଲକୁ । ସେଇଟା ଗୋଟାଏ ମିଚ୍ଛେଇ, ବାପାଙ୍କୁ ତ ଡରେ କିଛି କହିବ ନି, ମା ପାଖରେ ବସି ଗେଲେଇ ହୋଇ ବଖାଣିବ—ରାଜା ବାପାଙ୍କ ଘରେ ପଶିଥିଲା ।

ଦୂଆରମୁହଁ ପରଦାଟା ସମାନ ହୋଇ ରହିଛି, ଘରଭିତର ଦିଶୁନି, ପରଦାରେ ବଡ଼ ବଡ଼ ମାଛ ଦି'ଟା ଦୁଇ ପାଖରୁ ଯାଇ ମଝିରେ ମୁଣ୍ଡ ଯୋଡ଼ିଛନ୍ତି । ରାଜା ଟିକିଏ ହାତ ମାରି ଦେଖିଲା । ପରଦା ଜାକି ହୋଇଗଲେ ବାପା ରାଗି ଚିଡ଼ନ୍ତି । ସେଦିନ ଭୂଣ୍ଡିଆଟା ଘର ଓଳାଇବାକୁ ଯାଇ ପରଦାଟା ମୁଠା କରି ଧରି ପକାଇଲା ଯେ ବାପା ଏଡ଼େ ବଡ଼ ପାଟିଟାଏ କଲେ । ଭୂଣ୍ଡିଆ ନୂଆ ଆସିଥିଲା, ଡରି କାନ୍ଦି ପକାଇଲା । ଅପା ଆଜି ସେ ପଢ଼ା ଘରଭିତରୁ ବାହାରିଲେ ନାହିଁ, ତାଙ୍କ ଉପରେ ବି ଯଦି ବାପା ଚିଡ଼ି ଥାଆନ୍ତେ !

Digitized by srujanika@gmail.com

ସାବଧାନରେ ସେ ଘରଭିତରକୁ ପଶିଲା । ଆଚ୍ଛା, 'ଏତେ ବଡ଼ ବଡ଼ ବାଘଗୁଡ଼ିଲଗୁଡ଼ା ଘରକାନ୍ଥର ଗୁଣ୍ଠାଆଡ଼େ ବାପା ରଖିଛନ୍ତି କାହିଁକି ? ମା କହେ, ଏସବୁ ସେ ନିଜେ ମାରିଛନ୍ତି । ଆଚ୍ଛା, ତାଙ୍କୁ ଡର ମାଡ଼େ ନି ! ସେଦିନ ମାଖନଲାଲ୍ ବଡ଼ ଖାଇବାକୁ ନିଆଁ ଟିକିଏ ଭୁଣ୍ଡିଆକୁ ମାଗିଲା ଯେ ସେ କହିଲା, 'ଇଲେ ବୋପାଲେ, ବଡ଼ବାବୁ ବାଘପରି ବସିଛନ୍ତି ପିଣ୍ଡାରେ, ମତେ ଖାଇଯିବେ, ମୁଁ ଯିବି ନି ।' ପଡ଼ା ଘରେ ଅପା ଆଉ ସେ ସବୁ ଶୁଣୁଥିଲେ, ଚୁପ୍ ଚୁପ୍ ହସି ହସି ପେଟ କ'ଣ ହୋଇଗଲା । ସମସ୍ତେ ବାପାଙ୍କୁ ବାଘ ବୋଲି କାହିଁକି କହନ୍ତି । ବାପା କ'ଣ ବାଘପରି ! କାନ୍ଥରେ ବାପାଙ୍କର ଯେଉଁ ବଡ଼ ଫଟଟା ମରା ହୋଇଛି ରାଜା ତାକୁ ଏକାଲୟରେ ଚାହିଁଲା । କି ଜାତିକା ଗୋଟାଏ ଛପାପୋଷାକ ପିନ୍ଧି ବନ୍ଧୁକ ଧରି ବାପା ଠିଆ ହୋଇଛନ୍ତି । ପାଖରେ ମଲା ବାଘଟାଏ ପଡ଼ିଛି । ବାପାଙ୍କ ଆଖି ଦି'ଟା ସତେ କି ଜଳୁଛି । ଅପା କହୁଥିଲା ବଣରେ ଅନ୍ଧାରରାତିରେ ତାଙ୍କ ଆଖି ଠିକ୍ ଟର୍ଚ୍ଚ ଲାଇଟ୍ ଭଳିଆ ବାଘ ଉପରେ ଯାଇ ପଡ଼େ । ମଣିଷ ଆଖିରୁ କ'ଣ ଟର୍ଚ୍ଚ ପରି ଆଲୁଅ ବାହାରେ ! କେଜାଣି, ହୋଇଥିବ ।

ବାପାଙ୍କ ଟେବୁଲ୍ ଉପରେ କେଡ଼େ ସୁନ୍ଦର ନାଲି ନେଳି କାଚ କାଗଜ ଉପରେ ଚପା ହୋଇ ଥୁଆ ହୋଇଛି । ରାଜା ତାକୁ ଟିକିଏ ଗାଲରେ ମାରି ଦେଖିଲା । କେଡ଼େ ଥଣ୍ଡା ଲାଗୁଛି । ହେ ଭଗବାନ୍, କାଚଟା ହାତରୁ ଖସିପଡ଼ିଲା, ଭାଙ୍ଗିଗଲା କି ! ସେ କାନ୍ଦ କାନ୍ଦ ହୋଇଗଲା । ହାତରେ ଧରି ଭଲକରି ଗୁଣ୍ଠିପଟ ଦେଖିଲା । ତଳପଟୁ ଟିକିଏ ଗୁଡ଼ ଯାଇଛି, ବାପା ସହଜରେ ଜାଣିପାରିବେ ନି । ରକ୍ଷା ହୋଇଛି; କିନ୍ତୁ ଯଦି ଜାଣନ୍ତି !' ତାକୁ ଭଲ ସେ ଉଠେଇଲା କାହିଁକି !

ଆରେ ବାପା ଆଜି କ'ଣ କଲମଟା ଛାଡ଼ିଯାଇଛନ୍ତି, ଖୁସିରେ ରାଜା କାଚ କଥା ଭୁଲିଗଲା । କେତେଥର ସେ ଭାବିଛି ବାପାଙ୍କ କଲମଟା ଟିକିଏ ଦେଖିବ, ହାତରେ ଧରିବ । କେଡ଼େ ସୁନ୍ଦର ସୁନାରଙ୍ଗ, ଉପରେ ଗାର ଗାର ହୋଇଛି । ସେଦିନ ଅପା-ସାଙ୍ଗ ନନା ଅପା ଅସିଥିଲା ସେ ଗୋଟାଏ ଛୋଟ କଲମ ଆଣିଥିଲା । କହୁଥିଲା, ସେଇଟା ତାଙ୍କ ବାପାଙ୍କ

Digitized by srujanika@gmail.com

କଲମ । ବାପାମାନେ କ'ଣ ଏମିତି କଲମ ଦିଅନ୍ତି ! ନନା ଅପାର ବାପା ତାଙ୍କୁ ଭାରି ଭଲ ପାଆନ୍ତି । ମା ବୋଲି ଡାକନ୍ତି । ବାପା ତ କାଇଁ ତାଙ୍କୁ ସେମିତି ଡାକନ୍ତି ନି ! ହେଃ, ସେ କ'ଣ ଝିଅ କି, ତାଙ୍କୁ ମା' ଡାକିବେ ? କିନ୍ତୁ, ଅପାକୁ ବି ତ ଡାକନ୍ତି ନି ! କି କେବେ ତ ତାଙ୍କୁ ସବୁ ପାଖକୁ ଡାକନ୍ତି ନି ! ଖାଲି ଯେତେବେଳେ ଅପାକୁ ପାଠକଥା ପଚାରନ୍ତି, ସେତେ-ବେଳେ ଡାକନ୍ତି । ସେ ଡାକିଲେ ଅପା କେଡ଼େ ଚୁପ୍‌ଚାପ୍ ହୋଇ ଯାଏ, ଡରିଲା ଡରିଲା ପରି ଦିଶେ, ମୁହଁ ତଳକୁ ପୋତି ବାପାଙ୍କ ପାଖରେ ବସେ । ପାଠ କହି ପାରିଲା ନି ବୋଲି ସେଦିନ ଅପାକୁ କେତେ ସେ ଗାଳିଦେଲେ—ମା'କୁ କହିଲେ ତାକୁ ଖାଇବାକୁ ନ ଦେବାପାଇଁ, ରଜାକୁ ଡର ମାଡ଼ିଲା, ସେ ଖଟ ଉପରେ ମିଛରେ ଆଖି ବୁଜି ପଡ଼ିଥାଏ । ବାପା ଯେତେବେଳେ ତାଙ୍କ ଘରଭିତରକୁ ଚାଲିଗଲେ ସେ ଛପି ଛପି ଦେଖିଲା, ଅପା ଟେବୁଲ ପାଖରେ ବସି କାଇଁ କାଇଁ ହେଉଥାଏ । ରଜାକୁ ଭାରି ବିକଳ ଲାଗିଲା । ଆଚ୍ଛା ତାକୁ ଭୋକ କରି ନ ଥିବ ! ବାପା ଭାରି ଇଏ—ତାଙ୍କ ଖାଇବା ଦିନେ ଏମିତି କିଏ ବନ୍ଦ କରି ଦିଅନ୍ତା କି ! ସେ ବଡ଼ ହୋଇଗଲେ ବାପାଙ୍କୁ ଦିନେ ଉପାସ ରଖିଦେବ । କେଡ଼େ ମଜା ହେବ ଅପା ଓ ସେ ଖୁସୀ ହେବେ । ମା ବି ସେଦିନ ଡରିଗଲା । ଅପାକୁ ଚୁପ୍ ଚୁପ୍ ବୁଝାଉ ବୁଝାଉ କହୁଥିଲା—ସେ ତ ସେମିତି ରାଗୀ । ଲୋକ ରାଗୀ କାହିଁକି ହୁଅନ୍ତି ? ପିଣ୍ଟୁ କହୁଥିଲା, ବେଶି ରାଗ ଖାଇଲେ ରାଗୀ ହୋଇଯାଆନ୍ତି; କିନ୍ତୁ ବାପା ତ ମୋଟେ ରାଗ ଖାଆନ୍ତି ନା । ତରକାରୀ ଦିନେ ରାଗ ହୋଇଯାଇଥିଲା ବୋଲି ଛାଟିଆ ଫୋପାଡ଼ି ଦେଲେ । ତେବେ ଏମିତି ରାଗୀ କାହିଁକି ହେଲେ ?

ଥିରିକିନା କଲମ ଖୋଲି ରଜା ଦେଖିଲା । ଟିକିଏ ଲେଖିବ କି ! ନା, ବାପା ଜାଣିଦେବେ । ହଁ । ହାତ ପାପୁଲି ଖୋଲି ସେ ଲେଖିଲା । ଯାଃ, ଏତେବେଳକୁ କ୍ଷୀରଗୁଡ଼ା ହେଲେ ସେ ଶିଖି-ଥାଆନ୍ତା ! ଖାଲି ର—ଜା ବୋଲି ହେଲେ ଲେଖି ଜାଣି'ଥାନ୍ତା ! ସେ ଏଣୁ ତେଣୁ ଗାର କାଟିଲା । କେଡ଼େ ସୁନ୍ଦର ସରୁ ସରୁ ଗାର ପଡ଼ୁଛି । ଅପା କଲମଟା ଏଡ଼କି ମୋଟା ! ଲେଖିଲେ ହାତରେ ପୁଣି କାଳି ବୋଳି ହୋଇଯାଉଛି ।

Digitized by srujanika@gmail.com

ବାପାଙ୍କ କଳା ପାଇପଟା ଥୁଆ ହୋଇଛି । ବଗିଚାରେ ବସି ବାପା ଏଇ ପାଇପଟାରେ ଯେତେବେଳେ ଚୁରୁଟ ଖାଉଥାଆନ୍ତି ତାଙ୍କ ମୁହଁରୁ ଇଞ୍ଜିନ୍ ପରି ଧୂଆଁ ବାହାରୁ ଥାଏ । ଏଇଟା କୁଆଡ଼େ ତାଙ୍କର ଜଣେ ସାଙ୍ଗ ତାଙ୍କୁ ଦେଇଥିଲେ । ରାଜା ତାକୁ ଠିକଏ ମୁହଁରେ ଦେଲା । ବାପା କେମିତି ଓଠକଣରେ ତାକୁ ଚପି ଧରନ୍ତି, ତା'ର ହେଉ ନ । ତା'ର ମନେ ପଡ଼ିଲା ଦିନେ ବୁଢ଼ୀ ମା ବାପାଙ୍କୁ ଗାଳି ଦେଉଥିଲା ଚୁରୁଟ ଖାଉଛନ୍ତି ବୋଲି । କହୁଥିଲା— 'ଦିନରାତି ଧୂଆଁ ପିଇ ପିଇ ତ ଦେହଟାକୁ ସାରିଲୁଣି ।' ରାଜା କାବା ହୋଇଗଲା । ତା'ର ଇଚ୍ଛା ହେଉଥିଲା ବୁଢ଼ୀ ମା'ର ପାଟିଟାକୁ ଚପି ଧରନ୍ତା; କିନ୍ତୁ ବାପା ତ କାହିଁ ତା' ଉପରେ ଚିଡ଼ିଲେ ନ । କିଛି ନ କହି ଚାଲିଗଲେ । ବୋଧହୁଏ ହସିଦେଲେ । ନାଇଁ ମ, ବାପା ସବୁ କ'ଣ ହସନ୍ତି । ସେ ବୋଧେ ମନେ ମନେ ରାଗିଲେ, ପରେ ବୁଢ଼ୀ ମା'କୁ ଗାଳି ଦେଇଥିବେ ।

ବାପା କୁଆଡ଼େ ଆଗେ ଯୁଦ୍ଧରେ କାମ କରୁଥିଲେ । କାହା ସାଙ୍ଗେ ଯୁଦ୍ଧ କରୁଥିଲେ ? ମା କହେ ରାମ-ରାବଣଙ୍କ ଯୁଦ୍ଧ କଥା; ସେମିତି କ'ଣ ଧନୁଶର ଧରି ଯୁଦ୍ଧ କରୁଥିଲେ ? ତାଙ୍କର ତ ବନ୍ଧୁକ ଅଛି, ସେଇଥିରେ ଯୁଦ୍ଧ କରୁଥିବେ । ପୁଣି ସେ ଯୁଦ୍ଧକୁ ଯାଆନ୍ତେ ନ ! ରାଜା ତା'ହେଲେ ମନଖୁସିରେ ତାଙ୍କର ଏ ଘରଟାରେ ରହନ୍ତା—ଏଡ଼େ ବଡ଼ ଘରଟା, ବଢ଼ିଆ ସଜା ହୋଇଛି । ବାପାଙ୍କ ଡରରେ ସେ ଏ ଘରକୁ ପଶି ପାରୁ ନ । ଯୁଦ୍ଧରେ ମଲେ କୁଆଡ଼େ ସ୍ୱର୍ଗକୁ ଯାଆନ୍ତି, ବାପା କ'ଣ ମରନ୍ତେ ! କେଜାଣି ! ବାପାଙ୍କୁ ତ ସମସ୍ତେ ଡରନ୍ତି, ଯୁଦ୍ଧ କିଏ କରିବ ? ସେଦିନ ସେ ଫ୍ରେମଟା ବାପାଙ୍କୁ ଦେଖୁ ଦେଖୁ କାନ୍ଧ ଗଡ଼ିଗଲା । ରଜନୀ କନେଷ୍ଟବଲ ତାକୁ କ ଜୋର୍‌ରେ ବାନ୍ଧିଥାଏ । ବାପା ଠିଆ ହୋଇ ଦେଖୁଥା'ନ୍ତି । ରାଜା ଖାଲି କାନ୍ଦିଲା । ମା ତାକୁ ଘର ଭିତରକୁ ନେଇଗଲା ।

ଘର କଣରେ ଗ୍ଲେଜ ଟେବୁଲ୍ ଉପରେ ଯୋଉ ମୂର୍ତ୍ତିଟା ଅଛି ରାଜା ତା ପାଖରେ ଛିଡ଼ା ହେଲା । ବାପା ଏ ଲଙ୍ଗଳା ଝିଅ ମୂର୍ତ୍ତିଟା ଏଠି କାହିଁକି ରଖିଛନ୍ତି ? ମା'ତ ତାକୁ ମନା କରେ ଲଙ୍ଗଳା ହେବାକୁ,

Digitized by srujanika@gmail.com

ଭଦ୍ରଲୋକ ଘର ପିଲା ଲଙ୍ଗଳା ହୁଅନ୍ତି ନ । ତେବେ ଏ ଝିଅଟା କଣ ଭଦ୍ରଲୋକ ନୁହେଁ ? ଏଇଟା ଲୁଚେଇ ଫେ୍ରାକ୍ ଦେଲେ କେମିତି ହୁଅନ୍ତା ? କିନ୍ତୁ ଶକ୍ତ କଣ ହୋଇ ସୁନ୍ଦର ହୋଇଛି । ଖାଲି ଲୁଗାଟାଏ ପିନ୍ଧେଇ ଦେଲେ ହୁଅନ୍ତା ।

ଦାଣ୍ଡରେ ମା ପାଟି ଶୁଭୁଛି । ଘରୁ ପାଦ ଚପି ବାହାରି ଆସୁ ଆସୁ ସେ ମା ହାବୁଡ଼େ ପଡ଼ିଲା । ମା ପାଟି କଲା—'ବାପା ଆଉ ତତେ ବାଙ୍କା ରଖିବେ ନ, ତୁ ତାଙ୍କ ଘରେ କାହିଁକି ପଶିଥିଲୁ' ? ରଜା କିଛି କହି ପାରିଲା ନ । ସେ ଦଉଡ଼ି ଯାଇ ମା କାନରେ ମୁହଁ ଲୁଚେଇଲା । ମା ଯେତେ ରାଗିଲେ ବି ତାକୁ କୁଣ୍ଢେଇ ପକେଇଲେ ସେ କିଛି କହେ ନ, ଖାଲି କହେ—ଯାଃ, ସେମିତି ନହ ହ'ନ; କେଉଁଠି ବୁଲି ବୁଲି ଯାହା ରୂପ ହେଲାଣି......ରୂପ କ'ଣ ମ ! ଦଶହରାକୁ ଦେଖାମୁଣ୍ଡି ହେଲାବେଳେ ଭଜଆ ମା' ବୁଢ଼ୀ ଯେମିତି କହୁଥିଲା—ଛୁଆବାବୁ, ଆମ ସାଇରେ କେତେ ରୂପ ହେଇଚ, ଆସ ଦେଖେଇ ଆଣିବ । ମା' କହୁଥିଲା, ତା ଘରେ କୁଆଡ଼େ କାହା ନାଁ ଦେଖା ଯେ, ସେଥିପାଇଁ ସେ ରୂପ କହେ । ବେଶ୍ ମଜା ତ ?

ମା ଉପରେ ସେ ରାଗିଛି । ସକାଳୁ ମୋଟେ ବିସ୍କୁଟ ଦି'ଖଣ୍ଡ ମା' ତାକୁ ଖାଇବାକୁ ଦେଇଛି । ଜର ନା ଫର—କାଲି ରାତିରେ ଦେହ ଟିକିଏ ଉଷୁମ ଲାଗୁଥିଲା । ଆଖି ଦି'ଟା ଖାଲି ପୋଡ଼ୁଥିଲା, ତା'ର ବି ଖାଇବାକୁ କାଲି ଇଚ୍ଛା ନ ଥିଲା । ଆଜିକି ତ ତାତି ବେଶି ନହିଁ । ତାକୁ ଦେଖେଇ ଦେଖେଇ ଅପାଟା ବସି ଭାତ ଖାଇଲା । ମାଛଟା କେଡ଼େ ନାଲି ହୋଇ ଭଜା ହୋଇଥିଲା । ଖାଇବାକୁ ଦିବନି. ସେଥିରେ ପୁଣି ବାପା କହୁଛନ୍ତି, ତାଙ୍କ ସାଙ୍ଗରେ ଡାକ୍ତରପାଖକୁ ଯିବାକୁ । ବାପାଙ୍କ ସାଙ୍ଗରେ ଗଲେ ଖାଲି ପାଟି ବନ୍ଦକରି ବସିବ । ବାମା ମଟରରେ ମାଖନଲାଲ ପାଖରେ ବସନ୍ତେ କି, ସେ ପଛରେ ବସି ଦୁଇପାଖ ଦେଖି ଦେଖି ଯାଆନ୍ତା । ବାପାଙ୍କ ପାଖରେ ଆଉ ଦିନେ ବସିଥିଲା ଯେ ଟିକିଏ ଝୁଙ୍କିପଡ଼ି ରାସ୍ତାକୁ ଚାହିଁଥିଲା ବୋଲି ବାପା ତାକୁ ଭିତରକୁ ଟାଣି ଆଣିଲେ ।

ହେଉ, ଏଠି ପୁଣି କାହିଁକି ଗାଡ଼ିଟା ଅଟକିଲା ? ମାଖନଲାଲ କହୁଥିଲା—ସାହେବଙ୍କର ବଡ଼ ସାହେବଙ୍କ ପାଖରେ କ'ଣ କାମ

Digitized by srujanika@gmail.com

ଅଛୁ । ଏଇ ଥାନାରେ କ'ଣ ବଡ଼ ସାହେବ ଥାଆନ୍ତି ! ସେ କେମିତି ? ଟିକିଏ ଦେଖନ୍ତା । କେତେ ବଡ଼ ସେ ? ବାପାଙ୍କଠାରୁ ଆହୁରି ବଡ଼ ? ସେ କ'ଣ ରାଗୀ ? ବୋଧେ ଆହୁରି ବେଶି ହୋଇଥିବେ ।

ମଟରରୁ ସେ ଓହ୍ଲାଇ ପଡ଼ିଲା । ପୁଲିସଟା ଡାକୁଛି 'ବଡ଼ାସାହେବ ଆଓ, ହାମେ ଫୁଲ୍ ଦବ ।' ଏଇଟା ଏମିତି କ'ଣ କଥା କହୁଛି ! ବାପା ଭିତରକୁ ଯାଉଛନ୍ତି । ପରଦାଫାଙ୍କରେ ରଜା ଅନେଇଲା । ଆରେ ଇଏ କ'ଣ ମ ! ବାପା କ'ଣ ସଲାମ୍ କରୁଛନ୍ତି !! ମାଖନଲାଲ ଓ ପୁଲିସଗୁଡ଼ା ବାପାଙ୍କୁ ଯେମିତି ସଲାମ୍ କରନ୍ତି, ବାପା କ'ଣ ସେମିତି·····ବାପାଙ୍କ ମୁହଁଟା ତ କାହିଁକି ଆଜି ବାଘପରି ଦିଶୁନି । ବଡ଼ ସାହେବଙ୍କ ମୁହଁଟା ବାପାଙ୍କ ମୁହଁପରି ରାଗିଲା ରାଗିଲା ଦିଶୁଛି । ବାପାଙ୍କୁ ଆଜି ଖରାପ ଲାଗୁ ନି । ସେ ବସି ଯାଉ ନାହାନ୍ତି କାହିଁକି ! ବଡ଼ ସାହେବ ନା ଛେନା ! ବାପା ତାଙ୍କୁ କିଛି କହୁ ନାହାନ୍ତି ତ ! ଖାଲି ସେ କହୁଛନ୍ତି ଓ ବାପା ଶୁଣୁଛନ୍ତି । କେମିତି ଗୋଟାଏ ଘଡ଼ ଘଡ଼ିଆ ସ୍ୱର । ବାପା ପୁଣି ସଲାମ୍ କଲେ ।

ରଜା କିଛି ନ ଜାଣିଲାପରି ମୁହଁ ବୁଲେଇ ଦେଲା । ଏମିତି ପରଦାଫାଙ୍କରେ ଅନେଇଲେ ବାପା ଚିଡ଼ନ୍ତି; ସେ ଗାଡ଼ିରେ ବସି କଣେଇ କଣେଇ ବାପାଙ୍କୁ ଅନେଇଲା । କାହିଁ, ଆଜି ତ ବାପାଙ୍କ ମୁହଁଟା ଭଲ ଦିଶୁ ନି ! ସେ ଖାଲି ଗୁହିଁଛନ୍ତି, ଆଖି ଦି'ଟା ନାଲି ଦିଶୁଛି, ଅପା ଯେମିତି କହେ, ଜଳୁଛି ଖାଲି, ଆଖି ମଳି ସେ ଭଲ କରି ଦେଖିଲା । ସେ ବୋଧେ ଜାଣିପାରୁ ନି, ବାପା ରାଗୀ ନୁହନ୍ତି ।

ଡାକ୍ତରଙ୍କ ପାଖରୁ ବାପା କୁଆଡ଼େ ଯିବେ । ରଜା ମାଖନ-ଲାଲ ସଙ୍ଗେ ଘରକୁ ଫେରିଲା । ସେ ଖାଲି ହସୁଛି । ଗୋଟାଏ ନୂଆ କଥା ସେ ଜାଣିଛି । ବାପା ବାଘ ନୁହନ୍ତି । ବଡ଼ ସାହେବଙ୍କ ପାଖେ କେଡ଼େ ଭଲ ମଣିଷ ହୋଇ ଛୁଆ ହୋଇଥିଲେ । ମା, ପଚାରୁଛି ଡାକ୍ତର କ'ଣ କହିଲେ । ଅପା କହୁଛି—'ମା' ରଜାଟା ପାଗଳା ହୋଇଗଲା, ଯାହା ପଚାରିଲେ ଖାଲି ହସୁଛି ।' ଆଜି ସେ ବାପାଙ୍କ ଘରଟା ଭଲକରି ଦେଖିବ । ବାପା ଆସିଲେ ଆସନ୍ତୁ, ରବିବାର, ଅପା ଡାକୁଛି ଶୋଇବାକୁ । ସେ ଆଜି ଶୋଇବ ନି ।

Digitized by srujanika@gmail.com

ସବୁ ଜନଷରେ ସେ ହାତ ମାର ଦେଖିଲା । ବାପା ତାଙ୍କ କଲମ ଆଜ ବ ନେଇ ନାହାନ୍ତି । ଖଣ୍ଡେ କାଗଜ ଟାଣିଆଣି ତା' ଉପରେ ସେ ଗାରେଇଲା । ନାଲି ନେଳ କାତ କେଡ଼େ ମଜାରେ ଚଳେ ଦୁରୁଛି । ବାପାଙ୍କ ଚଉକିରେ ବସି ଗୃହପଟକୁ ଥରେ ସେ ବୁଲିଗଲା, ମୂର୍ତ୍ତି ଟାକୁ ଆଉଁସି ଦେଲା।

ବାପା ଭୂତଆକୁ ଡାକୁଛନ୍ତି, ରକାଖାଲ ଓଠ ଚପି ହସିଲା । ତା' କଥା କ'ଣ ମା'କୁ କହୁଛନ୍ତି । ଡାକ୍ତର କ'ଣ କହିଲେ ବୋଧେ ସେଇ କଥା । ସେ ଭାବିଲା ଆଜ ସେ ଯାଇ ବାପାଙ୍କୁ କୁଣ୍ଢେଇ ପକେଇବ । ବାପା କାବା ହୋଇଯିବେ । କେବେ ତ ସେ ବାପାଙ୍କ କୋଳକୁ ଯାଇନ । ଖାଲି ତାକୁ ଯେତେବେଳେ ଭାରି ଜର ହୋଇଥିଲା, ବାପା କାଖେଇ ନଉଥିଲେ । ତାଙ୍କୁ ଡର ସେ ଆଖି ବୁଜ ରହୁଥିଲା ।

ସେ ଘରଭିତରୁ ବାପାଙ୍କର ପରଦଆ ଟୋପିଟା ମୁଣ୍ଡରେ ଦେଇ ବାପାଙ୍କୁ ଡାକ ଦଉଡ଼ି ଗଲା, ଆରେ ! ଲଙ୍ଗଳା ମୂର୍ତ୍ତିଟା ତଳେ ପଡ଼ି ଖଣ୍ଡ ଖଣ୍ଡ ହୋଇଗଲା । ଯାଉ······ପରଦାଟା ମେଞ୍ଚା ହୋଇ ଝୁଲୁଛି ।

Digitized by srujanika@gmail.com

ନୟନାୟନ

କବିତା,

ତୁମେ ବୋଧହୁଏ ଆଶ୍ଚର୍ଯ୍ୟ ହେବ । ପନ୍ଦର ବର୍ଷ ହୋଇଗଲା ତୁମ ସହିତ ଦେଖା ହୋଇ ନାହିଁ, ତୁମକୁ ଚିଠି ଲେଖିବା କଥା ମୁଁ କେବେ ଚିନ୍ତା ବି କରି ନାହିଁ । ଅଥଚ ମୁଁ ଥିଲି ତୁମର ପରମ ବାଞ୍ଛିତ । ଆଜି ଏହି ମୁହୂର୍ତ୍ତରେ ଏକମାତ୍ର ତୁମରି କଥା ହିଁ ମନେ ପଡୁଛି । ମୁଁ ହାରିଗଲି, କବିତା । ତୁମ ପାଖେ ହାରିବାରେ ମୋ'ର ଦୁଃଖ ନ ଥିଲା, ମୁଁ ହାରିଗଲି ତୁମ ଭିତରର ଶିଳ୍ପୀ ନିକଟରେ । ସେ ହାରିବା କେବଳ ନୁହେଁ । ସେ ହାରିବା ଭିତରେ ମୋ' ଜୀବନୀଶକ୍ତି, ମୋ ବଞ୍ଚିବାର ଭିତ୍ତି ବି ଲୋପ ପାଇଗଲା । ମୋ'ର ଆଖି ଭିତରେ ରହି ସେ ଶିଳ୍ପୀ ମତେ ଉପହାସ କରୁଛି । ଚେତନା ଲୁପ୍ତ ହେବା ପୂର୍ବରୁ, ଆଖିର ଆଲୋକ ଲିଭିଯିବା ପୂର୍ବରୁ ସେଥିରୁ ନିସ୍କୃତି ନାହିଁ ।

ଶୁଣେ, ତୁମେ ବହୁତ ବଡ଼ ହୋଇଛ, ଲେଖିକାଭାବରେ ନାମ କରିଛ । ପୁରୁଣା ଦିନର କଥା ମନେ ପଡ଼ୁଛି । ତୁମ ନାମ ହିଁ ମୋର ବିରାଗର ବସ୍ତୁ ଥିଲା, କିନ୍ତୁ ମୋ'ର ବିଜ୍ଞାନ-ସାଧନା ପଥରେ ମୁଁ ତୁମକୁ ସହକର୍ମିଣୀଭାବରେ ଚାହୁଁଥିଲି; ତୁମ ମନର ଆବେଗ, ଅନୁଭୂତି, ଭାବପ୍ରବଣତା ପ୍ରତି ନିଷ୍ଠୁର ଉଦାସୀନତା ଦେଖାଇ ମୁଁ ଇଚ୍ଛା କରୁଥିଲି ତୁମେ ମୋ' ସହିତ ମୋ'ଗବେଷଣା ବିଜ୍ଞାନର ତଥ୍ୟ ଓ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣର କଥା ଆଲୋଚନା କରନ୍ତ; କିନ୍ତୁ ତୁମେ ଥିଲ କବି । ମୋ' ଆଦର୍ଶକୁ ହତାଶ କରି ତୁମେ ପ୍ରକୃତିର ସୌନ୍ଦର୍ଯ୍ୟ, ମାନବ ମନର ରହସ୍ୟର ଶିଳ୍ପୀସୁଲଭ ବିଶ୍ଳେଷଣ କରୁଥିଲ ମନର ଆବେଗ ଘନ ମୁହୂର୍ତ୍ତକୁ ଭାଷା ଭାବ ଦେଇ ଧରି ରଖୁଥିଲ । ତୁମର ଏଇ ନିଶା ବଦଳାଇ ଦେବାକୁ ମୁଁ କେତେ ଚେଷ୍ଟା ନ କରିଛି !

Digitized by srujanika@gmail.com

ମୁଁ ତୁମ ନାଁକୁ, ତମ କବିତାକୁ କଠୋର ଉପହାସରେ ରକ୍ତାକ୍ତ କରୁଥିଲି । ତମେ ବ୍ୟଥା ପାଉଥିଲ; କିନ୍ତୁ ଶାନ୍ତ, ନୀରବ ରହି ଯାଉଥିଲ । କାରଣ ତମେ ଶିଳ୍ପୀ । ବିଜ୍ଞାନ ସତ୍ୟପ୍ରକାଶରେ ଆବରଣ ରଖେ ନାହିଁ, ସେ ଯେତେ କଠୋର, କଦାକାର, କ୍ଳେଦାକ୍ତ ହେଉ ନା କାହିଁକି; କିନ୍ତୁ କବିର ରାଜ୍ୟ ତା ନୁହେଁ । ସେ କଠୋର କଥାଟିକୁ ସୁନ୍ଦର କରି କହେ । ମୁଁ ତମକୁ ଉପହାସ କରି କହେ ଯେ ସେ ହେଉଛି ଶୀତଳ ମୃତ୍ୟୁ, ତୁମେ କହ ସେ ହେଉଛି ମୃତ୍ୟୁକୁ ମଧୁମୟ କରିବାର ସାଧନା । ବହୁତ ଦିନର ସେ କଥା । ମୋର ଜଡ଼କୁ ଗୋଟାଏ ସହମମୟ ଅବସ୍ଥାକୁ ନେବାକୁ କେତେ ଚେଷ୍ଟା ତମେ ନ କରିଛ ! ଦିନ ପରେ ଦିନ ସେ ସାଧନା ତମେ କରିଯାଇଛ, ମୋ ବ୍ୟଙ୍ଗ, ଆଘାତର ପ୍ରତିବାଦ କରିନ; କିନ୍ତୁ ତମେ ପାରିଲ ନି । ମୁଁ ବି ତୁମକୁ ମୋ ମନ ଅନୁସାରେ ଗଢ଼ି ନେଇ ପାରିଲି ନି । ସେ ସ୍ମୃତି ମନେ ଅଛି ତମର ? ମୁଁ ମୋ ବିଜ୍ଞାନା-ଗାରରେ କିଛି ପରୀକ୍ଷା କରୁ କରୁ ତୁମକୁ ନିର୍ବିକାରଭାବରେ ଶୁଣାଇ ଦେଇଥିଲି ଯେ ନିହାତି ସତ୍ୟ, ବାସ୍ତବ ସହିତ ଗୋଟାଏ ଅଳୀକ କଳ୍ପନାର ମିଳନ ହୋଇ ପାରେ ନା । ତମେ ବୋଧହୁଏ ବେଦନାରେ ନୀଳ ହୋଇ ଯାଇଥିଲ । କେତେବେଳେ ତମେ ଚାଲିଗଲ ମୁଁ ଜାଣିନି । ଦେଖିବାକୁ ଇଚ୍ଛା ବି କରି ନି । କପାଳର ଝାଳ ପୋଛି ମୁଁ ଯେତେବେଳେ କାଚନଳୀ ଉପରୁ ମୁଣ୍ଡ ଉଠାଏ ତମ ହାତର ରଜନୀଗନ୍ଧାର ଗୁଚ୍ଛ ବିଜ୍ଞାନାଗାରର ସିମେଣ୍ଟ ଚଟାଣ ଉପରେ କିଛି ରସାୟନିକ ଗନ୍ଧରେ ନିଜର ଗନ୍ଧ, ବର୍ଣ୍ଣ ହରାଇଥିଲି ।

ତମେ କ'ଣ ସେ ଦିନ ଅଭିଶାପ ଦେଇଥିଲ କବିତା ? ନା, ତମେ ହିଁ ତ କହ ଯେ ଶିଳ୍ପୀ କ୍ଷମାମୟ, ଶିଳ୍ପୀ ଚିର ପ୍ରଶାନ୍ତ । ଅଭିଶାପ ତମେ ଦିଅନ୍ତ କମିତି ? ତମରି ଲୁହ ହୁଏତ ଅଭିଶାପ ହୋଇ ମୋ ଜୀବନରେ ଦେଖାଦେଲା ।

ସଂସାରରେ ବନ୍ଧନ ମୋର ନ ଥିଲା; କିନ୍ତୁ ଥିଲା ପ୍ରଚୁର ବିତ୍ତ । ତୁମକୁ ଫେରାଇ ମୋ ଶେଷ ବନ୍ଧନ ବି ମୁଁ ଛିନ୍ନ କରିଥିଲି । ତା' ପରେ ନିରବଚ୍ଛିନ୍ନ ସାଧନା ମତେ ଆଣି ଦେଇଛି ଯଶ, ପ୍ରତିଷ୍ଠା । ମୁଁ କେବଳ ଡାକ୍ତର ନୁହେଁ । ଶରୀରତତ୍ତ୍ୱ ନେଇ, ବିଭିନ୍ନ ରସାୟନିକ ପ୍ରକ୍ରିୟା ନେଇ କରିଛି ଅକ୍ଳାନ୍ତ ଗବେଷଣା । ଯେଉଁ ଆଖିର ଦୃଷ୍ଟିରୁ ତମେ ମାନବମନର

Digitized by srujanika@gmail.com

ଅତଳ ଗଭୀରର ସୁଖ ଦୁଃଖ ବୁଝି ନେଇପାର, ମୁଁ ସେଠି ସେ ଆଖିକୁ ଚିର ତା'ର ପ୍ରତି ସ୍ନାୟୁତନ୍ତ୍ରୀ ଛିନ୍ନଭିନ୍ନ କରି ବିଭିନ୍ନ ଚକ୍ଷୁରୋଗର କାରଣ ଆବିଷ୍କାର କରେ । ଗୋଟାକ ପରେ ଗୋଟାଏ ଉପାଧି ଆସିଛି । ମୁଁ ଆଦର୍ଶରୁ ବିଚ୍ୟୁତ ହୋଇ ନି । ଘର ବାନ୍ଧିବାର ଚିନ୍ତା ବି ମନରେ ସ୍ଥାନ ନେଇ ନାହିଁ । ତା'ର ଭିତରେ ଖାଲି ଶୁଣିଥିଲି ଯେ ତମେ ସାହିତ୍ୟ ସାଧନାରେ ନିଜକୁ ବୁଡ଼ାଇ ଦେଇଛ । ସେଥିରେ ମୁଁ ହସିଥିଲି ମନକୁ ମନ, ଦୁଃଖ ବି କରିଥିଲି ଯେ ଏତେ ଶକ୍ତି ଏମିତି ସ୍ୱପ୍ନ ଦେଖି ନଷ୍ଟ କରି ଦେଇଛ । ମୋ'ଠପାଇଁ ତମେ ମାଡ଼ ବାନ୍ଧ ନି । ମୋ'ଠାରୁ ଯେଉଁ ଆଘାତ ତମେ ପାଇଲ ସେ ତୁମକୁ କଲା ସୂକ୍ଷ୍ମ ଚେତନାସମ୍ପନ୍ନ । ସେ ଚେତନା, ସେ ଅମୂର୍ତ୍ତ ଅନୁଭୂତିକୁ ତମେ ରୂପ ଦେଲ କବିତାରେ, କଳାରେ ।

ଏମିତି କଟିଯାଇଥିଲେ ମନ୍ଦ ହୋଇ ନ ଥାନ୍ତା, କିନ୍ତୁ ସ୍ରଷ୍ଟାର ଉଦ୍ଦେଶ୍ୟ ଭିନ୍ନ । ମୋ' ମୁହଁରେ ଏ କଥା ଶୁଣି ତମେ ହସୁ ଥିବ । ବିଜ୍ଞାନର ଆସ୍ଫାଳନ, ବିଜ୍ଞାନର ଗର୍ବପାଇଁ ଯିଏ ଆଜି ନିଜକୁ ଧ୍ୱଂସ କରି ଦେଉଛି ସେ ପୁଣି ଅଦୃଶ୍ୟ ସ୍ରଷ୍ଟାର ନାମ ନେଉଛି··· । ସବୁ ବିଚିତ୍ର, କବିତା ! ତମେ କହିଥିଲ, 'ନିଜର ଅସହାୟତ୍ୱକୁ ସମର୍ପି ଦେବାକୁ, ଈଶ୍ୱର ବିଶ୍ୱାସ ନ ରଖି ତମେ ଶାନ୍ତି ପାଇବ ନି, ବୈଜ୍ଞାନିକର ଆଜି ସେ କଥା ମନେ ପଡ଼ୁଛି । ଆଧ୍ୟାତ୍ମିକ ଚେତନାକୁ ସ୍ୱୀକାର ନ କଲେ ବି ମଣିଷର ଅସହାୟତ୍ୱ ମୋ ଅପେକ୍ଷା ବେଶୀ କେହି ଅନୁଭବ କରୁ ନ ଥିବ ।

ସେ କାଳରାତି······ଯେଉଁ ପ୍ରକୋଷ୍ଠରେ ତୁମକୁ ନିଷ୍ଠୁର ବାଣୀ ଶୁଣାଇ ପ୍ରତ୍ୟାଖ୍ୟାନ କରିଥିଲି । ସେଇଠି ମୁଁ କିଛି ରାସାୟନିକ ପରୀକ୍ଷାରେ ନିଜକୁ ଭୁଲି ଯାଇଥିଲି । ଗଭୀର ନିସ୍ତବ୍ଧ ରାତି, ବାହାରେ ପୌଷମାସର କୁହୁଡ଼ି ଘେରି ରହିଥିଲା । ହଠାତ୍ କ'ଣ ହୋଇଗଲା । ମୁଁ ଜାଣେ ନି । ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କରି ମୁଁ ତଳେ ପଡ଼ିଗଲି; ବୋଧହୁଏ ସେଇଠି—ଯେଉଁଠି ତମ ରଜନୀଗନ୍ଧାର ଗୁଚ୍ଛ ପଡ଼ି ମଉଳି ଯାଇଥିଲା । କିଏ କେତେବେଳେ ସେଠାରୁ ଉଠାଇଲା ମୁଁ ଜାଣି ନ ଥିଲି । ସମସ୍ତେ ବିସ୍ମିତ ହେଲେ ଯେ ରାସାୟନିକ ମିଶ୍ରଣରେ ମୋର ଏତେବଡ଼ ଭୁଲ୍ ହେଲା କିପରି, ଯାହା ଫଳରେ କ୍ଷଣକରେ ସେ ବିସ୍ଫୋରଣ ଘଟିଗଲା । ବିଷାକ୍ତ ସେ ଦ୍ରବଣ, ମୋ ମୁହଁସାରା ଛିଟିକି ଆଖି ଦୁଇଟି ନଷ୍ଟ କରିଦେଲା ।

Digitized by srujanika@gmail.com

ମୁଁ ଜାଣେ କବିତା, ତମେ କିପରି ଉଠୁଥିବ । ଆଜ ସତ କହୁଛି ସେଦିନ ତୁମକୁ ମୁଁ ଖୋଜୁଥିଲି । ଯେଉଁ ମୁଖରେ ତୁମକୁ ପ୍ରତ୍ୟାଖ୍ୟାନ କରିଥିଲି, ସେଇ ମୁଖ ଅଜ୍ଞାତରେ ତମରି ନାମ ଉଚ୍ଚାରଣ କରୁଥିଲା ବୋଲି ଶୁଣିଲି ପରେ ।

ଦିନ ପରେ ଦିନ ବିତିଯାଇଛି ଚିକିତ୍ସାଳୟରେ । ଅକ୍ଲାନ୍ତ ଅକୁଣ୍ଠ ସେବାଯତ୍ନରେ ସେମାନେ ମତେ ବଞ୍ଚେଇଲେ; କିନ୍ତୁ ମୁଁ ହେଲି ଅନ୍ଧ । ତମପରି ଶିଳ୍ପୀ ହୋଇଥିଲେ—ମୁଁ ହୁଏତ ମୋ ଅନ୍ଧତ୍ବକୁ ବି ପରମ ସହନଶୀଳତାରେ ସହିନେଇ ଥାଆନ୍ତି । ସେହି ବେଦନା ବୋଧରୁ ମୁଁ ଅମର କଳା ସୃଷ୍ଟି କରିଯାଇଥା'ନ୍ତି; କିନ୍ତୁ ମୁଁ ବୈଜ୍ଞାନିକ, କଳା ମୋ ପାଖରେ ମୂଲ୍ୟହୀନ ଭାବପ୍ରବଣତା । ସେଇଥିପାଇଁ ମୋ ଅନ୍ଧତ୍ବରେ ମୁଁ ପାଗଳପ୍ରାୟ ହୋଇ ଉଠିଲି ।

ଓଃ ! ତମେ ଭାବିପାରିବ ନି ସେ କି ଅବସ୍ଥା । ମୁଁ ଘୂରି ବୁଲିଛି ଦେଶପରେ ଦେଶ ମୋ ଦୃଷ୍ଟି ଫେରିପାଇବାପାଇଁ । କିଏ କେତେପ୍ରକାର ମତ ଦେଇଛନ୍ତି । ଶେଷରେ···(ନା ଖୁସୀ ହୁଅନାହିଁ)···ମୁଁ ଆଖି ପାଇଲି । କେତେ ସହଜରେ, ଅଳ୍ପ କଥାରେ ତୁମକୁ କହି ଦେଉଛି । ହଁ, ପ୍ରକୃତରେ ମୁଁ ପୁଣି ଦୁଇଟି ସୁସ୍ଥ ସୁନ୍ଦର ଆଖି ପାଇଲି । ବହୁ ଯତ୍ନରେ, ଚିକିତ୍ସା-ବିଦ୍ୟାର ସୂକ୍ଷ୍ମତମ କୌଶଳରେ ଚିକିତ୍ସକମାନେ ମୋର ନଷ୍ଟ ଚକ୍ଷୁର ଶୂନ୍ୟ କୋଟରରେ ତାକୁ ବସାଇଦେଲେ । ଅର୍ଥର ଅଭାବ ମୋର ନ ଥିଲା; ତା'ରି ବଳରେ ମୁଁ ପୁଣି ଚକ୍ଷୁଷ୍ମାନ ହେଲି । ପ୍ରସିଦ୍ଧ ଚକ୍ଷୁ ଚିକିତ୍ସକ ଡାକ୍ତର ସିଂହଙ୍କୁ ତମେ ଜାଣ ? ସେ ମୋ ସହିତ ଘର ପର୍ଯ୍ୟନ୍ତ ଆସି ମତେ ଛାଡ଼ି ଦେଇଗଲେ । କବିତା ! ମୋ ମନରେ ସେ କି ଆନନ୍ଦ ! ସେ କି ଉଲ୍ଲାସ ! ଗାଡ଼ିରୁ ଓହ୍ଲାଇ ମୁଁ ଏକ ନିଃଶ୍ବାସରେ ଛୁଟିଗଲି ମୋର ସେଇ ପରୀକ୍ଷାଗାରକୁ । ଦ୍ୱାର ନିକଟରେ ମୋର ପୁରାତନ ବିଶ୍ବସ୍ତ ଭୃତ୍ୟ ଶିବଶରଣ ମତେ ସମ୍ମାନ ଦେଖାଇଲା । ମୋର ସହକାରୀ ରମାନାଥ ମତେ ମୃଦୁ ହସି ଅଭିବାଦନ ଜଣାଇଲା । ମୁଁ ମୋର ନୂଆ ଆଖିରେ ଆନନ୍ଦ ଉତ୍ସାହ ପୂର୍ଣ୍ଣ କରି ପାଟିକରି କହିଉଠିଲି, "ମୁଁ ଆଖି ଫେରିପାଇଛି । ରମାନାଥ;···ମୁଁ ସବୁ ଜିନିସ ସ୍ପଷ୍ଟ ଦେଖିପାରୁଛି"; କିନ୍ତୁ; କବିତା ··· ଅକସ୍ମାତ୍ ମୋ ଆଖିଆଗରେ କିଏ ଗଲା ସେଇଠି, ଯେଉଁଠି ମୋ ରୂଢ଼ ବାକ୍ୟରେ ସ୍ତବ୍ଧ ତମ କମ୍ପିତ କରରୁ ସନ୍ଧ୍ୟାର ସଜଫୁଟା ରଜନୀଗନ୍ଧା ଖସି ପଡ଼ୁଥିଲା ।

Digitized by srujanika@gmail.com

ମୋର ମନେହେଲା ସେ ଗୁଚ୍ଛ ସେମିତି ପଡ଼ିଛି, ମୋର ସେ ନୂଆ ଆଖି ଆଗରେ ସେ ଭଗ୍ନ ରସାଯୁକ୍ତକ ଗନ୍ଧରେ ମଣ୍ଡଳ ଆସୁଛି··· ଆଉ ତା'ର ଉପରେ ତମର ବ୍ୟଥାତୁର ଆଖି ଦୁଇଟି ଛଳଛଳ ହେଉଛି। ମୁଁ କ୍ଷଣେ ଅନ୍ୟମନସ୍କ ହୋଇଗଲି; କିନ୍ତୁ ତମେ ତ ଜାଣିଛ ଯେ ମୁଁ ଖଣ୍ଡେ ପଥରଠାରୁ ଆହୁରି କଠିନ। ମୁଁ ପୁଣି ମୋ କାମରେ ନିଜକୁ ହଜାଇ ଦେବାକୁ ଚେଷ୍ଟା କଲି। ତୁମକୁ ଭୁଲିଗଲି, ସେ କଥା ସତ; କିନ୍ତୁ ସେ ରଜନୀଗନ୍ଧା···ସେ ଧଳାରୁ ହଳଦିଆ ହୋଇ ଶୁଖିଯିବାର ଦୃଶ୍ୟ ମୁଁ ଭୁଲି ପାରିଲି ନାହିଁ।

ସକାଳର ଜଳଖିଆ ମୋର ଅଧିକାଂଶ ଦିନ ମୋ ବିଜ୍ଞାନାଗାରରେ ଶିବଶରଣ ଦେଇଯାଏ। ଠିକ୍ ଝରକା ପାଖରେ ବଗିଚାରେ ଶିବଶରଣ କେବେ ପୋତି ଦେଇଥିଲା ଖଣ୍ଡେ କୃଷ୍ଣଚୂଡ଼ାର ଡାଳ। ଫୁଲରେ ସେ ଭର୍ତ୍ତି ପଡ଼ୁଥାଏ ସବୁଦିନେ। କେବେ ତାକୁ ଦେଖିବାର ଆଗ୍ରହ ହୋଇ ନି; କିନ୍ତୁ ସେଦିନ··· କଅଣ ଦେଖିଲି ମୁଁ ଜାଣେ ନି। ବାର ବାର ଆଖି ପରୀକ୍ଷା ଟେବୁଲ୍ ଉପରୁ ସେ ଦିଗରେ ଚାଲିଗଲା। ସକାଳର ଖିଆ ଭଲକରି ପଡ଼ି ନ ଥାଏ। ନାଲି ମଖମଲ ପରି ଥୋପା ଥୋପା ଫୁଲ ଉପରେ ମୋ ଆଖି ଅଟକି ରହିଲା। ଶିବଶରଣକୁ ଡାକି ସେଇ ଗଛତଳେ ଟେବୁଲ୍ ପକାଇ ମୋ ଚା' ଦେବାକୁ ମୁଁ କହିଲି। ସେ ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁଲା। ସେ ଜାଣେ ମୋ ଜୀବନର ଇତିହାସ। ସେ ଜାଣେ ମୋର ତୁମକୁ ଫେରାଇ ଦେବାର ଘଟଣା। ମୋ ମନରେ ପ୍ରବଳ ଦ୍ୱନ୍ଦ୍ୱ। ତା'ର ଦୃଷ୍ଟି ସହି ନ ପାରି ମୁଁ ମୁହଁ ବୁଲାଇ ଦେଲି। ସେଇ ଦିନଠାରୁ ପ୍ରତି ପ୍ରଭାତ ଓ ସନ୍ଧ୍ୟାରେ ସେ ସେଇଠି ମୋ ଚା' ଖାଇବାର ବ୍ୟବସ୍ଥା କରେ। ଖାଲି ସେତିକି ନୁହେଁ କବିତା, ସେ ବେତଟେବୁଲ୍ ଉପରେ କେବେ କେମିତି ସନ୍ଧ୍ୟାରେ ସେ ଗୁଡ଼ାଏ ମଲ୍ଲୀ କି ରଜନୀଗନ୍ଧା ବି ରଖି ଦେଇଥାଏ।

ରମାନାଥ ବିସ୍ମିତ ହୁଏ। ନୀରବ ଦୃଷ୍ଟି ବିନିମୟ କରେ ଶିବଶରଣ ସହିତ। ମୋର ସାଧନାରେ ଯେପରି ଘୁଣ ଧରିଲା। କୃଷ୍ଣ ଚୂଡ଼ାଠାରୁ ମୁକ୍ତି ପାଇବାକୁ ସେ ପାଖର ସେ ଝରକାକୁ ମୁଁ ବନ୍ଦ ରଖିଲି; କିନ୍ତୁ ଯାହା କେବେ ନ ଥିଲା ସେଇ ଅଦ୍ଭୁତ ନିଶା ମୋର ଦେଖାଦେଲା। ସ୍ତବ୍ଧ ମଧ୍ୟ ରାତିରେ ଶୋଇବା ଘରର

Digitized by srujanika@gmail.com

ଝରକା ଖୋଲି ମୁଁ ରହିଁ ରହେ । (ସେଇ ଝରକା ପାଖରେ ଛିଡ଼ା ହୋଇ ତମେ ଆକାଶର ନୀଳମାକୁ, ଦୂର ପ୍ରାନ୍ତରର ବୃକ୍ଷ ରାଜିକୁ ମୁଗ୍ଧ ଦୃଷ୍ଟିରେ ନିରୀକ୍ଷଣ କର ବୋଲି ମୁଁ ତୁମକୁ ବହୁବାର ବିଦ୍ରୂପ କରିଛି ।) କେତେବେଳେ ଅନ୍ଧକାରର ପ୍ରଲେପରେ ରହିଥାଏ ଗମ୍ଭୀର । କେବେ ଅବା ଜ୍ୟୋତ୍ସ୍ନାର କଲ୍ଲୋଳରେ ଲୀଳାମୟୀ । ତୁମେ ଥିଲେ କହନ୍ତ କଅଣ ମୋଆଖିରେ ସେତେବେଳେ ଫୁଟେ ।

ନିଜକୁ ବିଜ୍ଞାନଚର୍ଚ୍ଚାରେ ନିୟୋଜିତ କରିବାକୁ ବହୁତ ଚେଷ୍ଟା କରେ । ଯେଉଁ ଆଦର୍ଶରେ ତୁମ ଜୀବନକୁ ମରୁମୟ କରି ଦେଲି ସେଥିରେ ବ୍ୟତିକ୍ରମ ନ ଆଣିବାକୁ ସଂକଳ୍ପ ନେଲି, ସେତେ-ବେଳେ ତମ କଥା ମନେ ପଡ଼ୁଥିଲା "ଯିଏ ଦୁର୍ବଳ, ଯାହାର ନିଜ ଉପରେ ବିଶ୍ୱାସ ନାହିଁ, ସେଇ କେବଳ ସଂକଳ୍ପ କରେ ଓ ତାକୁ ଭାଙ୍ଗେ ।" ରଜନୀଗନ୍ଧାଠାରୁ ରକ୍ଷା ପାଇବାକୁ ଅନ୍ୟ ପ୍ରକୋଷ୍ଠରେ ବିଜ୍ଞାନାଗାର କଲି । ଦିନୁଦିନ ସବୁ ନିୟମରେ ଗୁଳିଲା । ଆସନ୍ତି ଚିକିତ୍ସକ, ବିଜ୍ଞାନସାଧକ, ବହୁ ଗବେଷକ-ବନ୍ଧୁ ।

ସେଦିନ ଗୋଟିଏ ନୂଆ ତଥ୍ୟର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥାଏ । ସନ୍ଧ୍ୟାରେ କେତେ ଜଣ ବନ୍ଧୁଙ୍କ ସହିତ ସେହି ବିଷୟରେ ଆଲୋଚନା କରୁ କରୁ ଆଖିରେ ପଡ଼ିଲା—ରକ୍ତବର୍ଣ୍ଣ ପଶ୍ଚିମ ଦିଗନ୍ତର ଶୋଭା । ମୋ ପାଖରେ ବସିଥା'ନ୍ତି ଚକ୍ଷୁ ବିଶାରଦ । ମୋର ପରମବନ୍ଧୁ ଡାକ୍ତର ସିଂହ । ମୁଁ କଥାଭିତରେ ଅନ୍ୟମନସ୍କ ହୋଇଗଲି । ମୋର ଏ ଘରଠାରୁ ଖଣ୍ଡେଦୂରରେ ଯେଉଁ ନଈ-କୂଳରେ ତମ ଘର ଥିଲା ସେଇ ନଈପାଣି ଉପରେ ଗୁଡ଼ାଏ ଅବିର ଯେମିତି ଝରି ପଡ଼ୁଥିଲା । ଦିଗ୍‌ବଳୟରେ ଧାରେ ମେଘ ବଳୟ ପରି ବେଢ଼ି ରହିଥିଲା । ମୋର ଅନ୍ୟମନସ୍କତା ଲକ୍ଷ୍ୟ କରି ଡାକ୍ତର ସିଂହ ଥଟ୍ଟା କରି କହି ଉଠିଲେ, 'ବୈଜ୍ଞାନିକ କଅଣ କବିର ଆଖିରେ କବି ପାଲଟିଗଲ କି ?' ମୁଁ ଆକସ୍ମିକ ବଜ୍ରପାତ ପରି ଚମକି ପଡ଼ିଲି । ସମସ୍ତେ କୌତୂହଳୀ ହେଲେ । ହସି ହସି ଡାକ୍ତର କହିଲେ ମୋ ଆଖିର ରହସ୍ୟ । ପ୍ରସିଦ୍ଧ କବି, ଦେବପ୍ରିୟଙ୍କର ସେ ଆଖି ଦୁଇଟି ମୋର ଶୂନ୍ୟ କୋଟରରେ ଚିକିତ୍ସକ ଯୁକ୍ତ କରିଥିଲେ । କବି ଦେବପ୍ରିୟଥିଲେ ଅଦ୍ଭୁତଭାବରେ ଖିଆଲି—ଏକାଧାରରେ ସେ

Digitized by srujanika@gmail.com

ଥିଲେ କବି ଓ ଚିତ୍ରକର । ସାରା ଜୀବନ ତାଙ୍କ ଶିଳ୍ପ-ସାଧନାରେ କଟାଇ ମୃତ୍ୟୁ ପୂର୍ବରୁ ଚକ୍ଷୁଦାନର ଘୋଷଣା କରି ଯାଇଥିଲେ । ତାଙ୍କୁଇ ପାଇ ମୁଁ ଚକ୍ଷୁଷ୍ମାନ୍ । ମୋର ଆଜି କିଛି ଭାବିବାର ଶକ୍ତି ନ ଥିଲା, କବିତା ! ମନରେ ଦେଖାଗଲା ସେ ରଜନୀଗନ୍ଧା···ତମର ବିଧୁର ଦୃଷ୍ଟି···କୃଷ୍ଣଚୂଡ଼ା··· ।

ସେମାନେ ଚାଲିଗଲେ; କିନ୍ତୁ ମୋର ସବୁ ବ୍ୟସ୍ତ ବିଧ୍ୱସ୍ତ ହୋଇଗଲା । ସେ ଶିଳ୍ପୀର ଆଖି ମୋ ଜୀବନକୁ ଦୁର୍ବିସହ କରି- ଦେଲା । ଛାତ୍ରଙ୍କୁ ଅଧ୍ୟାପନା କାଳରେ, ପରୀକ୍ଷା ଟେବୁଲ୍ ଉପରେ, ବିଜ୍ଞାନର ଚାର୍ଟ୍‌କ ବିଶ୍ଳେଷଣ ସମୟରେ ସେ ଆଖି ଦେଖିଲା କେବଳ ଶିଳ୍ପୀର ଆବେଗର ସ୍ଫୁରଣ, ସୂକ୍ଷ୍ମ ଚେତନାର ଅଭିବ୍ୟକ୍ତି । ମନର ଶାନ୍ତି ସହିତ ଆଖିର ଦୃଷ୍ଟି ଓ ଭାଷା ସମତା ରଖି ପାରିଲା ନାହିଁ । ଛାତ୍ରଛାତ୍ରୀଙ୍କ ଭିତରେ ଏକାଗ୍ରତା ରଖି ପାରିଲି ନାହିଁ । ମୋ ଅଧ୍ୟୟନ, ଅଧ୍ୟବସାୟ କାଳରେ ଏ ଆଖି ଶିଳ୍ପର ସନ୍ଧାନ କରି ବୁଲିଲା । ରୋଗର ଲକ୍ଷଣ ନିର୍ଣ୍ଣୟ କଲାବେଳେ ବେଦନାମାତୃକ ଏ ଧରିତ୍ରୀର ସୌନ୍ଦର୍ଯ୍ୟତତ୍ତ୍ୱ ଖୋଜି ବସିଲା । ଆଜି ପାରିଲି ନି, କବିତା ! ଏ ଦୃଷ୍ଟିରୁ ନିଷ୍କୃତିର ପଥ ନାହିଁ । ଏ ଅସାମଞ୍ଜସ୍ୟ ନେଇ ମୁଁ ପ୍ରତିମୁହୂର୍ତ୍ତରେ ମୃତ୍ୟୁଯନ୍ତ୍ରଣା ଭୋଗ କରୁଛି । ତମ ଛଡ଼ା ଆଜି କାହାକୁ କିଛି ମୋର ଜଣାଇବାର ନାହିଁ । କେହି ବୁଝିବେ ନି, ଭାବିବେ ଚିକିତ୍ସକ, ବୈଜ୍ଞାନିକ ଶୁଭଙ୍କର ପାଗଳ ହୋଇଯାଇଛି । ମୋର ଦୃପ୍ତ ଔଦ୍ଧତ୍ୟକୁ ତମେ ସହି ନେଇଥିଲ, ଆଜି ଏ ଅସହାୟ ଆତ୍ମବିଲୁପ୍ତିକୁ ବି ତମେ କ୍ଷମା କର । ଆଜି କିଛି ନାହିଁ । ନିଜ ହାତରେ ନିଜର ଏ ଦୃଷ୍ଟି ଶକ୍ତିକୁ ଲୋପ କରିଦେବାର ଅବ୍ୟବହିତ ପୂର୍ବରୁ ଶିଳ୍ପୀର ଆଖି ନେଇ ମୁଁ ଦେଖୁଛି କେବଳ ଗୁଡ଼ାଏ ସଜଫୁଟା ରଜନୀଗନ୍ଧା ଭିତରେ ତମର ଶାନ୍ତ ସୁନ୍ଦର ଦୁଇଟି ଆୟତନ ନୟନ । ମନ ଭିତରେ ଚିତ୍କାର କରୁଛି ଗୋଟାଏ କ୍ଳାନ୍ତ, ଅବରୁଦ୍ଧ ବୈଜ୍ଞାନିକ··· ।

ତମର
ଶୁଭଙ୍କର

Digitized by srujanika@gmail.com

ମଧ୍ୟପଦ ଲୋପୀ

ଗୁଦରଣ୍ଟା ଫୋପାଡ଼ି ଦେଇ ରାୟବାହାଦୁର ଚନ୍ଦ୍ରକାନ୍ତ ରୈଧୁରୀ ଉଠିପଡ଼ିଲେ । ଏତେବେଳ ଶୋଇ ପଡ଼ିଲେ ! ଏଁ ! ନା, ଆଜି ଆଉ ତାଗିଦା ନାହିଁ । ପୋଲିସବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା ଚନ୍ଦ୍ରକାନ୍ତ ରୈଧୁରୀଙ୍କ ଆଦେଶ, ବିଶ୍ୱରର ଅପେକ୍ଷା କେହି ଆଜି କରୁ ନ ଥିବେ । ତାଙ୍କ ମିଜାଜକୁ ଜଗି ସନ୍ତ୍ରସ୍ତ ହେବା-ପରି କେହି ନ ଥିବେ । ସେ ଅବସର ନେଇଛନ୍ତି । ସେ ପୁରୁଣା··· ନୂଆ ଆସିଛନ୍ତି···ତାଙ୍କ କାର୍ଯ୍ୟକାଳ ପୂରିଛି ।

ପୁଣି ଥରେ ଚନ୍ଦ୍ରକାନ୍ତ ବିଛଣାରେ ଗଡ଼ି ପଡ଼ିଲେ । ଜୀବନର ଗତି ମନ୍ଥର ହୋଇଗଲା । ସେ ଇଚ୍ଛା ନ କଲେ ବି ସଂସାରର ନୀତି ନିୟମ ତାଙ୍କଠାରେ ଅକ୍ଷମତାର ଛାପ ଦେଇ ତାଙ୍କୁ ବସାଇ ଦେଇଛି । ସେ ପ୍ରସ୍ତୁତ ହେବା ପୂର୍ବରୁ ଜରା ଆସିଯାଇଛି । ଗୋଡ଼ ଉପରେ ଗୁଦରଣ୍ଟା ଟାଣି ଆଣି ଚନ୍ଦ୍ରକାନ୍ତ କାନ୍ଥ ଆଡ଼କୁ ମୁହଁ ବୁଲାଇଲେ । ନିରବଚ୍ଛିନ୍ନ ବିଶ୍ରାମ······

ହେମମାଳୀଙ୍କ ପାଟି ଶୁଭିଲା । ଟି' କପ୍‌ଟା ଧରି ଘରଭିତରକୁ ପଶି ଆସୁ ଆସୁ ଝଙ୍କାର ଶୁଣାଗଲା—

'ଦୁନିଆରେ, କେହି ଆଉ ପେନସନ ନେଉ ନାହାନ୍ତି, ନେଲେ ଖାଲି ଦିନସାରା ଶୋଇ ଶୋଇ କଟାଉଛନ୍ତି ।'

ଦେହ, ମନରେ ଗୋଟାଏ ଉଦାସ ଭଙ୍ଗୀ ନେଇ ଚନ୍ଦ୍ରକାନ୍ତ ଉଠି ବସିଲେ । ହେମମାଳୀ କହି ଚାଲିଛନ୍ତି—

'ଗୋଟାଏ ଲୋକ କେଉଁଠୁ ଦେଖ ବୋଲି ଏତେ ଦିନ ହେଲା କହିଲି । ଏଇଟା ତ ଆଉ ହାକିମି ନାହିଁ ଯେ କହିଲେ ସବୁ ହୋଇଯିବ । କେମିତି ଏ ଘରର କାମ ହବ ?'

Digitized by srujanika@gmail.com

ରାୟବାହାଦୁର ମୁଣ୍ଡ ଟେକିଲେ । ଆରେ, ସତେ ତ, ହେମମାଳୀ ନିଜେ ଚା ନେଇ ଆସିଛନ୍ତି । ସର୍ବୋଚ୍ଚ କର୍ମଚାରୀ ବୋଲି ସେ କହୁ ନ କହୁ କୃତକୃତ୍ୟ ହେବା ଭଙ୍ଗୀରେ ଯେଉଁମାନେ ଧନଗଣ୍ଡ ଟେକି ଧରିଥିଲେ ସେମାନେ ନାହାନ୍ତି । କାରଣ ଅବସର-ପ୍ରାପ୍ତ ଚନ୍ଦ୍ରକାନ୍ତ ଆଉ କାହାରି ଦଣ୍ଡମୁଣ୍ଡର କର୍ତ୍ତା ନୁହନ୍ତି ।

ଶିଥିଳ ଗତିରେ ନିତ୍ୟକର୍ମ ସାରି ଚନ୍ଦ୍ରକାନ୍ତ ନିଜ କୋଠରୀକୁ ଆସିଲେ । କେତେ କଅଣ ଭାବନାର ଜାଲି ମନ ଭିତରେ ଛନ୍ଦି ହେଉଛି । ଅଖଣ୍ଡ ଅବସର······

ଛାତରୁ କାନ୍ଥ ଅଧା ପର୍ଯ୍ୟନ୍ତ ଲମ୍ବି ଆସିଛି ବୁଢ଼ୀଆଣୀ ଜାଲି । ବଡ଼ କଳା ବୁଢ଼ୀଆଣୀଟା ଜାଲି ବୁଣି ବୁଣି ଉପରକୁ ଉଠିଯାଉଛି ··ପୁଣି ଖସୁଛି ତଳକୁ । ଜାଲରେ ପୋକଟାଏ ପଡ଼ି ଛଟପଟ ହେଉଛି । ସିଧା ହୋଇ ଶୋଇ ଚନ୍ଦ୍ରକାନ୍ତ ଉପରକୁ ଅନେଇଲେ । ଗୋଟାଏ ଝିଟିପିଟି ତୀକ୍ଷ୍ଣ ସତର୍କଦୃଷ୍ଟିରେ ଚାହିଁ ରହିଛି ପୋକଟା ଆଡ଼କୁ; ସନ୍ଧାନୀ ଗତିରେ ଓହ୍ଲେଇ ଆସୁଛି ତଳକୁ । ଟିକିଏ···ଆଉ ଟିକିଏ···ନା, ପାରିଲି ନି—ଜାଲି ଛିଣ୍ଡିଗଲା, ପୋକଟା ତଳକୁ ଖସିପଡ଼ିଲା । ଝିଟିପିଟିଟା ଆହୁରି ପାଖକୁ ଆସିଲାଣି । ଚନ୍ଦ୍ରକାନ୍ତଙ୍କଠାରୁ ଅଳ୍ପ ଦୂରରେ । 'ଲାଙ୍ଗୁଡ଼ଟା କାଟିଦେଲେ କେମିତି ହୁଅନ୍ତା !' ଚନ୍ଦ୍ରକାନ୍ତ ଆଖି ବୁଲାଇଲେ । ପେନସିଲଟାଏ ପଡ଼ିଛି । ଉଠାଇ ଆଣିଲେ । ହାତପାଖରେ···ବାସ··· ଲାଙ୍ଗୁଡ଼ଟା ତଳେ ପଡ଼ି ଡେଉଁଛି । ଖଣ୍ଡି ଝିଟିପିଟିଟା ଉପରକୁ ଉଠିଗଲା ।

"ବାଃ ! କି ମଜା, ଜେଜେ ଝିଟିପିଟି ଲାଙ୍ଗୁଡ଼କୁ କାଟୁଛନ୍ତି । ପେନ୍‌ସିଲ୍‌ରେ··· ··

ଚନ୍ଦ୍ରକାନ୍ତ ଚୌଧୁରୀ ମୁହଁ ବୁଲାଇ ଦେଖିଲେ ବଡ଼ ପୁଅର ଚାରି ବର୍ଷର ପୁଅ ମିଣ୍ଟୁ ତାଳି ମାରି ନାଚୁଛି । ବଡ଼ ବୋହୂ ମଞ୍ଜୁ ମୁହଁରେ ଲୁଗା ଦେଇ ହସ ଚାପି ଚାଲି ଯାଉଛି । ରାୟବାହାଦୁର ନାତିକି ଡାକିଲେ । ମିଣ୍ଟୁ ଅନ୍ୟ ଦିନ ଜେଜେଙ୍କ ଗମ୍ଭୀର ଚେହେରା ଦେଖି ପାଖ ପଶେ ନି ।

Digitized by srujanika@gmail.com

ଆଜି ସେ ଜେଜେଙ୍କୁ ତା'ର ପରି ଝିଟିପିଟି ସାଙ୍ଗେ ଖେଳିବାର ଦେଖିଛି, ତା'ର ସାହସ ହୋଇଛି ।

"ଜେଜେ, ଚକୋଲେଟ ଖାଇବ ? ବୋଉ କହିଲା ତମକୁ ଦେବାକୁ ।"

ଚନ୍ଦ୍ରକାନ୍ତ ହସିଲେ । ପେନ୍‌ସନ୍ ନେଇଛନ୍ତି ବୋଲି ସମସ୍ତେ କ'ଣ ତାଙ୍କୁ ପିଲା ବୋଲି ଭାବିଲେ । ଆରାମଚଉକିରେ ବସି ଚାରିଆଡ଼େ ସେ ଆଖି ପକାଇଲେ । କାନ୍ଥରେ କେତେ ଫଟୋ ମରାହୋଇଛି । ଇଂରେଜ ସରକାର ଯେଉଁଦିନ ତାଙ୍କୁ ରାୟବାହାଦୁର ଉପାଧିରେ ଭୂଷିତ କଲେ ସେ ଦିନ ପୁଅ, ଝିଅ ଓ ହେମମାଳିଙ୍କ ସହିତ ଫଟ ଉଠେଇଥିଲେ । ପୁଲିସ ବିଭାଗର ସର୍ବୋଚ୍ଚ ସମ୍ମାନ ପାଇବା ଦିନର ଫଟ ଦ୍ୱାରବନ୍ଧ ଉପରେ ମରା ହୋଇଛି । ଯେତେ ଯେଉଁଠି ଚାକିରି କରିଛନ୍ତି ସବୁ ସ୍ଥାନର ସ୍ମୃତି ରହିଛି । କର୍ପୂରମାଳ ସବୁ ବୋତଲରେ ଘଣି ଥୁଆ ହୋଇଛି । କେତେ ଉଡ଼ିଗଲଣି, ଆଜିପର୍ଯ୍ୟନ୍ତ ଏସବୁ ଦେଖିବାକୁ ସମୟ ନ ଥିଲା । ଖାଲି କାମ···କାମ···ସବୁ ଆଜି ନୂଆ ଲାଗୁଛି ।

ଝରକା-ବାଟଦେଇ ବାହାରଟା ଦେଖା ଯାଉଛି । ବଗିଚାରେ ମାଳୀ କାମ କରୁଛି । କେତେ ଆଜ୍ଞା କେତେ ବଲ୍ଲିଫୁଲ । ଏ ସବୁ ପୁଅ ବୋହୂଙ୍କ କାମ । କେଉଁଠୁ କି ଫୁଲଗଛ ଆସିବ, କେଉଁଠି ଫୁଲକୁଣ୍ଡ ବସାଯିବ ଦିଆହେବ, ସେଥିରେ ପିଲାମାନଙ୍କର ସଉକ । ଚନ୍ଦ୍ରକାନ୍ତ ଚୌଧୁରୀଙ୍କର ରୁକ୍ଷ ବିରକ୍ତିକର କର୍ତ୍ତବ୍ୟଭିତରେ ଏସବୁ ଆଖିରେ ପଡ଼ିଲେ ବି ମନକୁ ଟାଣେ ନି । ଦିନେ ସେ ତା ଭିତରେ ବୁଲି ଦେଖି ନାହାନ୍ତି ।

ବଗିଚାଭିତରକୁ ସେ ପାଦ ବଢ଼ାଇଲେ । ମାଳୀ ସନ୍ତ୍ରସ୍ତହୋଇ ସଲାମ ଦେଲା । ବୁଟ, ଖାକି ପୋଷାକରେ ସେ ଏଇ ମୂର୍ତ୍ତିକୁ ଯିବା ଆସିବା କରିବାର ଦେଖିଛି । ମୁହଁରେ ଅସ୍ୱାଭାବିକ ଗାମ୍ଭୀର୍ଯ୍ୟ, ରୁକ୍ଷ ଚାହାଣି, ଆଦେଶବ୍ୟଞ୍ଜକ ପଦେ ଦି'ପଦ କଥା । ସେ ଆଶ୍ଚର୍ଯ୍ୟ ହେଲା । ଫୁଲ ଆଜି ଇଏ···

'ନାଲି ଗୋଲାପ ରଖି ନ ବଗିଚାରେ ?'

"ହଜୁର, ଖାଲି ଧଳା ଅଛି । ହୁକୁମ ଦେଲେ ଆଣି ଲଗେଇ ଦେବି ।"

Digitized by srujanika@gmail.com

ରାୟବାହାଦୁର ଆନମନା ହୋଇ ରାସ୍ତା ଉପରକୁ ଆସିଲେ । ସାଦାସିଧା ଧୋତି-କାମିଜର ପରିଧେୟଟିକୁ ଆହୁରି ସ୍ପଷ୍ଟ ହୋଇ ଉଠିଛି ତାଙ୍କର ଆନମନା ଭାବ ।

ହଠାତ୍ କାହିଁକି ନାଲି ଗୋଲାପ କଥା ମନକୁ ତାଙ୍କର ଆସିଲା । ଗୋଟାକ ପରେ ଗୋଟାଏ କେତେ ବସନ୍ତ ଜୀବନରେ ତାଙ୍କର ଆସି ଚାଲିଗଲା । ମନର ନିଭୃତ କନ୍ଦରର ସୂକ୍ଷ୍ମ ଅନୁଭୂତି ତାଙ୍କର ସୁପ୍ତହିଁ ରହିଲା । କେବଳ କଠୋର କର୍ତ୍ତବ୍ୟ । ଦୋଷ, ଅପରାଧର ରାଜ୍ୟ-ଭିତରେ ଲୋପ ପାଇଗଲା ତାଙ୍କର ସମସ୍ତ ସୌନ୍ଦର୍ଯ୍ୟବୋଧ । ମନର ମଣିଷକୁ ସେ ଜୀଆଇ ରଖି ପାରିଲେ ନି ।

କିନ୍ତୁ, ସବୁଠୁ ଆଶ୍ଚର୍ଯ୍ୟ ସେ କବିତା ଲେଖୁଥିଲେ···ଏକ ସମୟରେ ମନର ମଧୁବନ୍ଦରେ ଡୋଳନେଇ ପାରୁଥିଲେ ପ୍ରକୃତିର ଆତ୍ମା । ଆଃ ! ସେ କେବଳ ସ୍ମୃତି । କେତେଦିନ ସେ ! ହଁ, ତିରିଶ ବର୍ଷ ହେବ । ତାଙ୍କ ଜୀବନରେ ଆସିଥିଲା ମୃଦୁ ମଧୁର ଆବେଗଜଡ଼ିତ ପରମ ରମଣୀୟ ଏକ ମୁହୂର୍ତ୍ତ । ବୃଦ୍ଧିର ପାପ୍ତି ପ୍ରତିଭାର କାନ୍ତି ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ ଘେନି ଆସିଥିଲା ଗୋଟିଏ ନମ୍ର କୁଣ୍ଠିତା କିଶୋରୀ । ସେ ସୁଷମା । ସୁଷମାମଣ୍ଡିତ ତା'ର ଭଙ୍ଗୀ, ଅପରୂପ ତା'ର ହୃଦୟର ବିନମ୍ର ନୈବେଦ୍ୟ । ଆବେଗ ଉଚ୍ଛ୍ୱାସ କିଛି ତା'ର ନ ଥିଲା । ପଡ଼ୋଶୀ ଥିଲେ ସେମାନେ । ପ୍ରତି ପ୍ରଭାତରେ ସେ ଆସେ, ହାତରେ ଗୋଟିଏ ରକ୍ତଗୋଲାପ, ଖାଲି ଲଜ୍ଜିତ ମୁଖରେ ପାଖରେ ରଖିଦେଇ ଅପସରିଯାଏ । କିଛି ନ ପଚାରିଲେ କଥା ପଦେ ଶୁଣିବା କଷ୍ଟ ।

ତା'ପରେ···

ଜୀବନଯୁଦ୍ଧରେ ଚନ୍ଦ୍ରକାନ୍ତ ସବୁ ଭୁଲିଯାଇଛନ୍ତି । ଶୁଣିଛନ୍ତି ଝିଅଟି ବିବାହ କରିଥିଲା, ବିଧବା ହୋଇଛି । କ୍ଷଣକପାଇଁ ମନରେ ଭାବାନ୍ତର ଆସି ନି । ଆଜ ଜୀବନର ଗୋଟାଏ ହିସାବ ନିକାଶ କରିବା ଅବସ୍ଥାକୁ ଆସିଥିବାବେଳେ କାହିଁକି ସେ ଚିନ୍ତା !

ଖରା ମଉଳି ଆସୁଛି । ରାସ୍ତା କଡ଼ରେ ଗ୍ରେଟ ଗ୍ରେଟ ଛୁଆ ଖେଳୁଛନ୍ତି । ଚନ୍ଦ୍ରକାନ୍ତ ଟିକିଏ ଠିଆ ହୋଇଗଲେ । କେଉଁଠି ସେ ଝିଅଟି ଅଛି ! ଏଆର ଭିତରେ ହୁଏତ ଥିବେ ତା'ର ରକ୍ତର ଧାରା । ଚନ୍ଦ୍ରକାନ୍ତ ଦୀର୍ଘନିଃଶ୍ୱାସ ପକେଇଲେ ।

Digitized by srujanika@gmail.com

ମନେ ପଡ଼ିଲା ହେମମାଳୀଙ୍କ କଥା । କି କର୍ତ୍ତବ୍ୟ ସେ ତାଙ୍କ ପ୍ରତି କରିଛନ୍ତି ! ତାଙ୍କ ମନର ସମସ୍ତ ଆନନ୍ଦ, ଆକାଙ୍କ୍ଷା ଚନ୍ଦ୍ରକାନ୍ତଙ୍କ କଠୋର ଉଦାସୀନତାଭିତରେ ନିଃଶେଷ ହୋଇ ଯାଇଛି । ଅର୍ଥର ପ୍ରାଚୁର୍ଯ୍ୟ ଛଡ଼ା କାହା ମନର କି ସମ୍ମାନ ସେ ଦେଇଛନ୍ତି ? ମନଭିତରେ ଗୋଟାକ ପରେ ଗୋଟାଏ ଭଉଁରୀ ଖେଳିଯାଉଛି ।

ଆରେ ! ଏତେ ବାଟ ଚାଲି ଆସିଲେଣି ସେ ! ସିନେମା ଘର ଆଗରେ ଚିତ୍ର-ତାରକାମାନଙ୍କ ଫଟ ଆଖିରେ ପଡ଼ିଲା । କର୍ତ୍ତବ୍ୟ ଅନୁରୋଧରେ କେତେଥର ଏଠିକି ଆସିଛନ୍ତି । ଦେଖିବାର ଆଗ୍ରହ, ଅବସର, ଇଚ୍ଛା ହେଲା ନ କେବେ । ହେମମାଳୀଙ୍କୁ ନେଇ ଆସିବେ କି ? ମନଟା ସରସ ହୋଇ ଉଠିଲା । ନୂଆ କରି ସେ ଜୀବନର ସ୍ୱାଦ ଅନୁଭବ କରିବେ । ଆଗରେ ଫୁଲଦୋକାନ । ଜୀବନରେ ପ୍ରଥମଥରପାଇଁ ସେ ସେଠାରେ ପାଦ ଦେଲେ । ତରତର ହୋଇ ଝିଅଟିଏ ଚାଲିଯାଉଛି । କିଏ···! ଏ ତ ତାଙ୍କର ଝିଅ । ମାନୁ ଏଆଡ଼େ କୁଆଡ଼େ ! ହାତରେ ଗୋଟିଏ ରଜନୀଗନ୍ଧାର ଗୁଚ୍ଛ । ଅଦୂରରେ ଗୋଟିଏ ସୁଦର୍ଶନ ଯୁବକ ହସି ହସି ହାତ ବଢ଼ାଇ ଦେଲା ।

ଚନ୍ଦ୍ରକାନ୍ତ ହସିଲେ । ଅମଳେନ୍ଦ୍ର, ତାଙ୍କ ବାଲ୍ୟ ବନ୍ଧୁର ପୁଅ । ପିଲାଗୁଡ଼ାକ, ସୁଖୀ ହୁଅନ୍ତୁ ସେମାନେ । ଆଜି ଯିବେ ସେ ତାଙ୍କ ଘରକୁ ।

ଦୋକାନୀଟି ଅଦ୍ଭୁତ ଗ୍ରାହକ ଦେଖି ବିସ୍ମିତ ହେଲେ ବି ଅଭିବାଦନ ଜଣାଇଲା । ଚନ୍ଦ୍ରକାନ୍ତ ଗୋଟିଏ ରକ୍ତ ଗୋଲାପର ଗୁଚ୍ଛ କିଣି ସଯତ୍ନରେ ରୁମାଲରେ ଆବୃତ କରି ଓହ୍ଲାଇ ଆସିଲେ ।

ଆଜି ସେ ହେମମାଳୀଙ୍କୁ ବିସ୍ମିତା କରିଦେବେ । ପୁଣି ଫେରିଯିବେ ହଜିଲା ଦିନ ଭିତରକୁ । ଚପଳ ଉଚ୍ଛ୍ୱାସରେ ଅନୁଭବ କରିବେ ଜୀବନ-ପ୍ରଭାତର ଶିହରଣ ।

ରିକ୍ସାରୁ ଓହ୍ଲାଇ ଚନ୍ଦ୍ରକାନ୍ତ ଭିତରକୁ ପଶିଲେ । ଭିତରୁ କୋଳାହଳ ଶୁଭୁଛି । ବଡ଼ଝିଅ, ଜ୍ୱାଇଁ ଆସିଛନ୍ତି ସବୁ ପୁଅ ଝିଅଙ୍କ ସହିତ । ଝିଅ କହୁଛି—

"ବାପା ଏଥର ଚାଲନ୍ତୁ ମୋ ପାଖରେ କିଛିଦିନ ରହି ଆସିବେ । ବୁଢ଼ା ହେଲେଣି । ଚାକିରି ତ ସରିଲା, ଏଥର ବିଶ୍ରାମ ଦରକାର । ତୀର୍ଥ ଜାଗା, ଭଲ ଲାଗିବ ।"

Digitized by srujanika@gmail.com

'କେଜାଣି କ'ଣ ସେ କହୁଛନ୍ତି । ବୟସ ହେଲା, ଠାକୁର ଦେବତା ନାଁ ତ ଭୁଣ୍ଡରେ ଧରିବେ ନ କେବେ ।'

ଚନ୍ଦ୍ରକାନ୍ତ ଚମକ ପଡ଼ିଲେ । ଅପରାହ୍ଣର ଝାଉଁଳା ଜୀବନ ଝଡ଼ି ପଡ଼ିବ । ବସନ୍ତ ନିଃଶବ୍ଦରେ ଗୁଳିଯାଇଛି । ହାତ ବଢ଼ାଇଲେ ଧରି ହେବ ନ । ବହୁତ ଦୂର୍...ତା'ର ଫେରାପଥ ଉପରେ ପାଦ ପକାଇ ଆସିଛି ସାୟାହ୍ନର କ୍ଷୟ, କ୍ଳାନ୍ତି...ଶୁଭୁଛି ମହାକାଳର ପଦଧ୍ୱନି । ସବୁ ଅପୂର୍ଣ୍ଣ...ଅତୃପ୍ତ ।

ନୀରବରେ ଚନ୍ଦ୍ରକାନ୍ତ ନିଜ ଘରକୁ ପଶିଗଲେ । ହାତରୁ ଖସିପଡ଼ିଲା ଫୁଲତୋଡ଼ା । ଝରକା-ବାଟଦେଇ ଦିଶୁଛି ହେମମାଳୀଙ୍କ ମୁହଁ । ମଥାର ପଣତ ଖସିପଡ଼ୁଛି । ଆଗକୁ ଦୁଇକେରା କଞ୍ଚା ପାଚିଲା ବାଳ ଲମ୍ବି ଆସିଛି କାନ୍ଧ ଉପରେ । ନାକୁଣୀ ନଇଁ ପଡ଼ୁଛି ପଛପାଖରୁ ।

"ଆଣ, ପାଚିଲାବାଳ ଉପାଡ଼ିଲେ ତମ ମୁଣ୍ଡ ସଫା ହୋଇଯିବ ।"

କାନ୍ଥ ଉପରୁ ଶବ୍ଦ ହେଲା ଟିକ୍ ଟିକ୍ ଟିକ୍ । ସତ ସତ । ଚନ୍ଦ୍ରକାନ୍ତ ଗୁହିଁଲେ ଖଣ୍ଡି ଝିଟିପିଟିଟା ଖସୁଛି ଉପରୁ । ଥଟ୍ଟା କରୁଛି ତାଙ୍କୁ । ଛିଣ୍ଡା ଲଙ୍ଗୁଡ଼ଟା ତଳେ ପଡ଼ୁଛି ।

Digitized by srujanika@gmail.com

ଚମ୍ପାବତୀ

କପାଳ ଉପରକୁ ଓଢ଼ଣା ଟାଣି ଚମ୍ପାବତୀ ବାଟଘରୁ ଅନେଇଲେ; ସକାଳୁ ଉଠିଲାବେଳକୁ ରାତି ଅନ୍ଧାର ପାଣିଚିଆ ହୋଇ ଆସିଥିଲା; ଦୁଆରେ ଛୁଞ୍ଚପାଣି ପକେଇ ତରବରରେ ଦାନ୍ତକାଠିଟା ବୁଲେଇଲେ ସେ ପାଟିଭିତରେ। ମନରେ ଛନକା···ଏତେ ଡେରି ହୋଇଗଲା ! ଶାଶୁଙ୍କ କାଶ ଶୁଭିଲାଣି, ନୂଆସାଇରୁ ଚୂଡ଼ା ପାହାର ଶୁଭୁଛି।

ରାତିର କାକର ପାଣି ଦ'ଳାଳ ଅଜାଡ଼ି ହୋଇ ପଡ଼ି ସେ ହାଣ୍ଡି-ଶାଳକୁ ପଶିବେ। ସାନ ଜାଆ ସେତେବେଳକୁ ଗାଧୋଇ ଆସି ଚୂଲିରେ କୁହୁଳା ପକାଉଛନ୍ତି।

ଦିନ ହୋଇଗଲା। କୂଅ ଅଗଣାରୁ ପାଣି ଦ'ଗରା ଆଣିଲେ ଭାତ ପାଣି ଦିଅ ହବ।

ଷୋଳହାତ କସ୍ତାଶାଢ଼ୀର ଓଢ଼ଣା ଆଉ ଟିକିଏ ଆଗକୁ ଟାଣି ଚମ୍ପାବତୀ ବଢ଼େଇଥିବା ଗୋଡ଼କୁ ବାଟଘରଭିତରକୁ ଫେରାଇ ଆଣିଲେ। କୋଠି ଅଗଣାରୁ ଶୁଭୁଛି—ରାମ, ଦୁଇ। ମୂଲିଆ, କୋଠିଆ ଆସିଲେଣି। ଦେଢ଼ଶୁରଙ୍କ ପାଟି ଶୁଭୁଛି କୂଅଉପରୁ।

ଛାତିଭିତରେ କ'ଣଟାଏ ଝୁଙ୍କିକନା ହୋଇଗଲା। ଆଉଟିକକରେ ସେ ନୂଆଘର ଦୁଆରକୁ ପଶି ଯାଉଥିଲେ। ପନ୍ଦର ବର୍ଷର ବୋହୂ ସେ, ଦେଢ଼ଶୁରଙ୍କର ପଞ୍ଝହାତା ଦେହଟା ଦୂରରୁ କେବେ କୋଉଠି ଆଖିରେ ପଡ଼ିଯିବା ଛଡ଼ା ସେ ତାଙ୍କୁ ଭଲ କରି ଦେଖି ନାହାନ୍ତି।

ବାରିକବାଟ କେତେବେଳେ ଫିଟିଲା ? ଛାଳ-ଛପର ଦୁଇପୁରୁଷ ଉଚା; ସେ ପାଶରୁ କବାଟ ଫିଟିଲେ ଛନ ଅଗଣା ସେପଟ କଣଘର ଗନ୍ଧିଷିକୁ ଶବ୍ଦ ଶୁଭେ। କି କାଳନିଦରେ ସେ ଶୋଇଗଲେ।

Digitized by srujanika@gmail.com

ପଥରକଟା ଉପରୁ ଆଗପଛ ହୋଇ ତିନିଖଣ୍ଡ ଶଗଡ଼ର ବଳଦ-ବେକଘଣ୍ଟି ଶୁଭୁଛି । ଶନିବାର ରାତିରେ ଏମିତି ଶୁଭେ, ଆସନ୍ତି ତିନିଭାଇ —କୁଞ୍ଜବିହାରୀ, ଗୋଲକବିହାରୀ, ପଦ୍ମଚରଣ, ଶିଙ୍ଗରେ କଉଡ଼ି, ଝାଲିଆ ବନ୍ଧା ପୁରୁଷେ ଉଚ୍ଚ ଦକ୍ଷିଣୀବଳଦ ହାଲ ଦୋହଲ ବାଡ଼ିଦୁଆରେ ଛିଡ଼ା ହୁଅନ୍ତି । ଘର, ଜମିବାଡ଼ି କଥା ବୁଝି ସେମାନେ ପୁଣି ଫେରନ୍ତି ପୁଣି—ରବିବାରରାତିକି । ଦୁଧଆଉଟା ଘରଭିତରୁ ଓଢ଼ଣାତଳୁ ଦେଖନ୍ତି ତିନି ଜାଆ, ଶାଶୁ ଚୀନାମାଳଙ୍କ ଗୋଡ଼ପାଖରେ ମୁଣ୍ଡ ଲଗେଇ ସେମାନେ ବାହୁଡ଼ନ୍ତି ।

ଚମ୍ପାବତୀ ବିଛଣାରେ ଉଠି ବସିଲେ ରାତି ଦୁଇପହର ହବ କି ନ ହେବ । ରଣିଫୁଲ ପରି ଜହ୍ନ ପଡ଼ିଛି । ପାଞ୍ଚଗାଁ-ଗାଁଟା ଗାଢ଼ ନିଦରେ ଶୋଇ ପଡ଼ିଛି । ଗାଡ଼ି ଜଟଣୀ ପାଖଆଖ ହବଣି । କଇଁଫୁଲିଆ ଦକ୍ଷିଣୀ ବଳଦଙ୍କୁ ଛାଡ଼ିଦେଇ ଶଗଡ଼ିଆ ଶୋଇ ଯାଇଥିବେ । ଖାଲି ଖମା କଟିଇ ବଳଦ ମନକୁ ଚାଲିଥିବେ । ଜଟଣୀ ବଜାର ଏପଟେ ଗାଡ଼ିକି ନେଇ ଠିଆ କଲେ ଶଗଡ଼ିଆ ଉଠିବେ ।

ପାଖରେ ଶୋଇଛନ୍ତି ସାନ ଜାଆ ଗୋଲାପମଣି । ଚମ୍ପାବତୀ ଧୀରେ ଡାକି ଉଠାଇଲେ ।

'କ'ଣ ଅପା, ବାହାରକୁ ଯିବ ?'

'ତୁ ଆ ମୋ ସାଙ୍ଗରେ ।'

ଗୋଲାପମଣି ଆଶ୍ଚର୍ଯ୍ୟ ହେଲେ । ଅପା ତ କେବେ ଏମିତି ଡାକନ୍ତି ନାହିଁ । ଲୁଗା ସଜାଡ଼ି ସେ ଉଠିଲେ । ତନ୍ତବୁଣା ଶାଢ଼ୀ ଖସ ଖସ ହେଉଛି । ଗୋଡ଼ର ପାହୁଡ଼ ଝମ୍ ଝମ୍ ହେଉଛି ।

'ଆସ୍ତେ ଆ ।'

'ଅପା ଏ କ'ଣ କହୁଛନ୍ତି ! ଏ ଘରକୁ ସେ ଆସିବାର ଦୁଇବର୍ଷ ହୋଇଯିବ । ଏଇ ମଝିଆଁ ଜାଆଙ୍କ ପାଖରେ ତାଙ୍କର ଅଳି ଅର୍ଦ୍ଦାଳି ସବୁ । ପନ୍ଦର ବର୍ଷର ବୋହୂ ଚମ୍ପାବତୀଙ୍କର କପାଳ ଉପରୁ ଓଢ଼ଣା ଉଠିବାର ସେ ଦେଖି ନାହାନ୍ତି ।

ମଝିଆଁ ଅପା ନ ହେଲେ ଶାଶୁଙ୍କର ଅଚଳ । କୋଠିଆ ମୂଲିଆଙ୍କୁ ଖାଇବାକୁ ଦେବେ ସେଇ, ନଣନ୍ଦଙ୍କ ଘରକୁ ଭାର ଯିବ, ବରାଦ କରିବେ ସେଇ । ଓଷା, ବାହା, ପର୍ବ, ପୁନେଇରେ ଦରକାର ଅଦରକାରର କଥା

Digitized by srujanika@gmail.com

ସେଇ ବୁଝିବେ । ଚୂଡ଼ା ମୁଡ଼ି ଭଜା ହବ; ଘିଅ, ଦୁଧ, ଛେନା, ଦହି ସଜଡ଼ା ହେବ—ସବୁ ସେଇ କରାଇବେ । ଯାହା ଟିକିଏ କଥା ହେଲେ ବ ବଡ଼ ଦେଢ଼ଶୁର କହିବେ 'ମଝିଆଁ ବୋହୂକୁ ପଚାର ।'

ଗୋଲାପମଣି କବାଟ-ଫାଙ୍କ କରି ବାହାରକୁ ଚାହିଁଲେ । କୁହୁଡ଼ିଆ ପରଦାଟାଏ ଘୋଡ଼େଇ ହେଲାପରି ବାହାରଟା ଦିଶୁଛି । କୁଆଁର-ପୁନେଇଁ ଆଉ ଚାରି ଦିନ ରହିଲା ।

ଶାଶୁଙ୍କ ଶୋଇବା ଘର କବାଟ ଦିର ଆଉଜା ହୋଇଛି । ଦୁଆରମୂହଁରେ ଶୋଇଛି ମନୁଆଁ ମା ବୁଢ଼ୀ; ଶାଶୁଙ୍କ ପାଖରେ ଦି'ଝିଆରି ଶୋଇଛନ୍ତି ।

ଶାଶୁଙ୍କ ପୋଷା ବିଲେଇ ଦଉଡ଼ି ଆସି ଦେହରେ ଘଷି ହେଉଛି ।

'କୁଆଡ଼େ ଯିବ ଅପା ?'

ମୁହଁରେ ହାତ ଦେଇ ଚମ୍ପାବଣ୍ଟା ଚୁପ ହେବାକୁ କହିଲେ । ଗୋଲାପମଣି କାବା ହୋଇ ଚାହିଁଲେ । ଚମ୍ପାବଣ୍ଟା ଗୋଡ଼ରୁ ଆସ୍ତେ ପାହୁଡ଼ ଫିଟେଇ କହିଲେ—

"ଭୁ ବ କାଢ଼ି ଦେ ଗୋଡ଼ରୁ, ଶବ୍ଦ ହେବ ।"

ଗୋଲାପମଣି କିଛି ନ କହି ଘରଭିତରକୁ ଗଲେ । ଗୋଡ଼ରୁ ପାହୁଡ଼ ଓହ୍ଲାଇ ବିଛଣାତଳେ ରଖି ଦେଲେ, କବାଟ ଆଉଜେଇ ଆଣିଲେ ।

ଆ, ଟିକିଏ ବୁଲି ଆସିବା ।

ଗୋଲାପମଣିଙ୍କ ପାଟିରୁ କଥା ବାହାରିଲା ନି । ଅପା ପାଗଳ ହୋଇ ନାହାନ୍ତି ତ ! ରାତି ଦି'ପହରେ ବୁଲି ଯିବେ ! ସେ କହୁଥିଲେ, ବାହା ହୋଇ ଆସିବା ପରେ ସେ ଦି'ଥର ଯାହା ବାପ ଘରକୁ ଯାଇଥିଲେ । ଭିତରଦୁଆରକୁ ସବାରି ଆସେ । ବଡ଼ବଡ଼ିଆଙ୍କୁ ପ୍ରଣାମ କରି, ଗୁରୁଜନଙ୍କୁ ପ୍ରଣାମ କରି ସେ ସବାରିରେ ବସନ୍ତି । ଝାଲରିଲଗା ଚଉ ସବାରିର ରୁପା-ମୂଦବସା କବାଟ ବନ୍ଦ ହୁଏ । ଭିତର ଅଗଣାରୁ ଗୋଟାକ ପରେ ଗୋଟାଏ ଦୁଆର ପାରି ହୋଇ ସବାରି ଯାଏ । ନବାକୁ ଆସିଥିବା କୁଣିଆ ପାଲିଙ୍କିରେ ଯାଆନ୍ତି ।

ଦୂରରୁ ଶୁଭେ ସବାରିଡାକ । ପୁଣି ଫେରିବା ଦିନ ଟାଙ୍ଗି ଉପରୁ ସବାରିଡାକ ଶୁଣି ଶାଶୁ କିଅ ଅଗଣାରେ ଛିଡ଼ା ରହନ୍ତି । ସବାରି ଥୁଆ ହୁଏ ବୋହୂ ଖଞ୍ଜା ଦୁଆର ପାଖରେ । ବେହେରା ବାହାରି ଯାଆନ୍ତି । ଶାଶୁ ସବାରି କବାଟ ଖୋଲି ହାତ ଧରି ପଦାକୁ ଆଣନ୍ତି ।

Digitized by srujanika@gmail.com

ରାତି ପହରରେ ଥାଉ ଥାଉ ପଛପଟେ ଗୁହାଳ ପାଖ ପଥରପାଚେରୀ ପାର ହୋଇ ଜାଆମାନେ ସାଙ୍ଗ ହୋଇ ଯାଆନ୍ତି ଡିହ ଉପରକୁ ଝାଡ଼ା ଫେରି । ସଞ୍ଜରେ ସେମିତି ରାତି ଘଡ଼ିକରେ ଥରେ । ବାରିପଟ ପଥର-କୁଣ୍ଡରେ ପାଣି ଅଜାଡ଼ା ହୋଇଥାଏ, ଫେରି ଆସି ଧୂଆଧୋଇ ହୋଇ ସେମାନେ ଘରକୁ ଆସନ୍ତି ।

ପହରିକଆ ବଳୁଆ ଡାକ ଶୁଣାଯାଉଛି । ଭିତର ଅଗଣା କବାଟ କେଁ କନା ଶବ୍ଦ ହେଲା । ଗୋଲାପମଣି ଚମକି ପଡ଼ିଲେ । କଏ ଶୁଣିଲା କି !

ନା, ବାଲଇଟା ଗୋଡ଼ରେ ଗୁଡ଼େଇ ହେଉଛି ! ରାତିରେ ଭୂତ ଉଠାଏ ବୋଲି କହନ୍ତି । ଅପା କ'ଣ ସେମିତି—

'ତୁ ଡରୁଚୁ କାହିଁକି ? ସମସ୍ତଙ୍କ ଘାଡ ନିଦ ପତଳା ହେବା ଆଗରୁ ଆମେ ଫେରି ଆସିବା । କେହି ଜାଣିବେ ନି ।'

'କୁଆଡ଼େ ଯିବା ?'

ବାରି ଦୁଆର ଖୋଲିଲେ ସମସ୍ତେ ଜାଣିବେ । ହ' ଜା' ଢିଙ୍କି-ଶାଳବାଟେ ଗୁହାଳ ଅଗଣା ଡେଇଁ ଡିହ ଉପରକୁ ଉଠିଲେ ।

ନୂଆସାଇ ମୁଣ୍ଡେ କୂଅ ଚଟାଣ ଉପରୁ ବୁଲା କୁକୁରଟାଏ ଭୁକି ଉଠିଲା, ପୁଣି ଚକାବାନ୍ଧି ଶୋଇଲା । ପଟ୍ଟନାୟକ ଘର ବାରି ଦୁଆରେ ବୋହୂମାନଙ୍କ ହାତରୁ କେତେ ଥର ସେ ଭାତ, ଭଜା ଖାଇଛି ।

ଦୁଇ ଜାଆ ଟିକିଏ ଅଟକି ଗଲେ । ପୁଣି ଚାଲିଲେ ।

ନିସ୍ତବ୍ଧ ରାତିରେ ଚଷାପୁଅ ଚଢ଼େଇଟାଏ କୋଉଠି ଉଡ଼ି-ଯାଉଛି । ସ୍ୱର ଶୁଭୁଛି 'ମୁଁ ଚଷାପୁଅ' ।

ଡିହ ଗୁରିପଟେ ଝାମ୍ପୁରି ବଣ ସିଜୁ ବୁଦା ବେଢ଼ି ରହିଛି । ଦୂରରୁ ସେ ସବୁ ଝାମ୍ପୁରିମୁଣ୍ଡୀ ବୁଲି ବାଘୁଣୀପରି ଦିଶୁଛନ୍ତି ଜହ୍ନ ଆଲୁଅରେ ।

ଆଶ୍ୱିନ ମାସର କାକରଭିଜା ଥଣ୍ଡା ଥଣ୍ଡା ପବନ ଦେହକୁ ଭଲ ଲାଗୁଛି । ଡିହ ଉପରଟା ଘୁଇ-ଘୁଇଆ ଦିଶୁଛି, ଡେଙ୍ଗା ଡେଙ୍ଗା ଗଛଗଛ ଘୁଇରେ । ନୂଆ ସାଇରେ କାହା ଘରେ କଅଁଳା ଛୁଆ କାନ୍ଦୁଛି ।

ସବୁ ନୂଆ ଲାଗୁଛି । ମଙ୍ଗଳାଙ୍କ ଦେଉଳ ଗୁରିଆଡ଼େ ପାଏ ଆକାଶରେ ବୁଢ଼ା ବରଗଛ ମାଡ଼ି ରହିଛି । ଲମ୍ବା ଲମ୍ବା ଜଟା ପରି ତଳକୁ ନଇଁ ଆସିଛି ଓହଳ ।

Digitized by srujanika@gmail.com

ଦ' ଜା ବେକରେ ପଣତ ଗୁଡ଼ାଇ ପ୍ରଣାମ କଲେ । ସିନ୍ଦୂର-ବୋଳା ମାଟି ହାତୀ ଘୋଡ଼ା ସବୁ ଜମା ହୋଇଛନ୍ତି । ଗଛ-କୋରଡ଼ ଭିତରୁ ଦିଶୁଛି ହଳଦିଆବର୍ଣ୍ଣ ଶିଳ-ଶିଳପୁଆ । ଚୂଆ ବାସନା ଆସୁଛି, ଆଜ କିଏ ମାନଣା କରିଛି ।

ସତରେ ମା ମଙ୍ଗଳା ତାଙ୍କ ଘୋଡ଼ା ଉପରେ ଚଢ଼ି ବୁଲି ବାହାରନ୍ତି । ଗୋଲାପମଣି ଟିକିଏ ଡରରେ ଚମ୍ପାବତୀଙ୍କ ହାତକୁ ମୁଠେଇ ଧରିଲେ ।

'ମା କାହାର କ୍ଷତି କରନ୍ତି ନ, ତୁ ଏମିତି କାହିଁକି ହଉଚୁ ?'

ଛବି ଦେଖିଲି ପରି ଲାଗୁଛି । ବାଗବଣ ଭିତରୁ ଦିଶୁଛି ଶଶୁର, ଗୋସେଇଁଶଶୁର ଆଦି ତିନିପୁରୁଷଙ୍କ ସମାଧି ମନ୍ଦିର । ଧଳା ଧଳା ଜହ୍ନ ଆଲୁଅରେ ସେଇ ଲକ୍ଷ୍ମୀବନ୍ତ ପୁରୁଷସବୁ ସତେ ଯେମିତି ଛିଡ଼ା ହୋଇ-ଛନ୍ତି । ବାଗ ମହାଦେବଙ୍କ ସାପ ତା ଭିତରେ ବୁଲୁଥିବ ।

କାଇଁଚବଣଭିତର ଦେଇ ଦେଖାଯାଉଛି ଖଦିଗିଆ ମହାଦେବଙ୍କ ଆସ୍ଥାନର ବଡ଼ ବଡ଼ ଖୁଣ୍ଟଗୁଡ଼ାକ । ବାଗପୋଖରୀରେ ଖେଳୁଥିବେ ମାଛ । ଭୁଠ ପଥର ଉପରେ ବେକ ରଖି ଶୋଇଥିବ ସେଇ ବଡ଼ କଇଁଚଟା ।

ମଙ୍ଗଳା-ପୀଠକୁ ପଛରେ ରଖି ଦିହେଁ ଗୋହିରୀବାଟ ଧରିଲେ । ଡାହାଣପଟେ ଲମ୍ବି ଯାଇଛି ବ୍ଲକଛପର ପଥରପାଚେରୀ ।

'ଏ କାହା ଘର ଅପା ?'

'କେଡ଼େ ବୋକାଟା ମ, ଏ ପରି ଆମ ଘର ପାଚେରୀ ଲୋ ।'

'ଏଡ଼େ ବଡ଼ ! ଏ ପଟେ କେବେ ସେ ଆସିନାହାନ୍ତି ।'

'ଏ କୋଉ ସାଇ ?'

ଗୋଲାପମଣିଙ୍କ ଓଢ଼ଣା ନାକ ଉପରୁ କପାଳକୁ ଉଠଯାଇଛି; ଚମ୍ପାବତୀ ତାଙ୍କ ହାତକୁ ଧରିଛନ୍ତି ।

'ଏ ମହାପାତ୍ର ସାଇ ! ସେଇ ଯୋଉ ବନା ମହାପାତ୍ର ସ୍ତ୍ରୀ ଯାଇ-ଥିଲି ସେ ଦିନ, ତା ଘର ଏଇ ସାଇମୁଣ୍ଡରେ କୋଉଠି ବୋଲି ବଡ଼ ଅପା କହୁଥିଲେ । ବୁଢ଼ୀ ଦିନେ ପୁଅ ମରିଗଲା, ବିଚରାର ବଡ଼ ଦୁଃଖ ।'

Digitized by srujanika@gmail.com

ରାତିରୁ ପୁନଅ ପରବରେ କେବେ କେମିତି ଶାଶୁଙ୍କ ସାଙ୍ଗରେ ବଡ଼ ଅପା, ମଝିଆଁ ଅପା ଏବାଟେ ନଈକୁ ଗାଧେଇ ଆସନ୍ତି । ମହା-ପାପ ସାଇ···ସେ ପଟକୁ ଦେଖିବା ପାଇଁ ।

ଗଙ୍ଗୁଆ ନଈର ଧାର ସରୁ ହୋଇଆସିଛି । କାହାର ବଣଭୁଇଁ ହୋଇଛି, କୂଳସାକ ଭଙ୍ଗା ହାଣ୍ଡି, ଖପରା ବାଞ୍ଜ ହୋଇ ପଡ଼ିଛି । ଦୂରରୁ ଆସୁଛି ମଇଁଷିଆ କୁହାଟ । ଦ' ଜାଆଙ୍କ ଭିତରେ କେତେ ଆଡ଼ର ଅଛିଣ୍ଡା ଗପ । ଓଢ଼ଣା ଖସି ଖସି ଯାଉଛି, ଝିଅ କ ବୋହୂ ବାରି ହେଉ ନ ।

ଗୋଡ଼ପେଣ୍ଡା ଉପରକୁ ଶାଢ଼ୀ ଟେକ ଦହେଁ ପାଣିରେ ପଶିଲେ । ପାଞ୍ଚ ଛଅ ହାତ ଓସାର ହବ କ ନ ହବ । ଗପ ଲହସରେ ବାଟ ଜଣାପଡୁନ ।

ଚମ୍ପାବଣୀ କହୁଛନ୍ତି ତାଙ୍କ ଝିଅଦିନର କଥା । କୁଆଁ ବସୁନେଇଁ ଆଠଦିନ ଆଗରୁ ରାତିରେ ନିଦ ନ ଥାଏ । ଜହ୍ନି-ଆଞ୍ଜୁଳି, ପୁଚିଖେଳରେ ଅଧରାତି ହୋଇଯାଏ । ବୋଉ ପାଟି କଲେ ଘରକୁ ଆସନ୍ତି । ଖୁଦୁରୁ-କୁଣୀ ମେଡ଼ ନେଇ ସାଙ୍ଗ ସାଇଭିତରେ ବାଦ ।

ବୋଉଠାରୁ ଥରେ ଗାଳି ଖାଇ ସେ କେମିତି ସାନଭାଇ ସାଙ୍ଗରେ ଖରାବେଳେ କୋଉଣେ ବାଟ ଭୁଲି ମାମୁଁ ଘରକୁ ପଳେଇଥିଲେ ସେ କଥା ଶୁଣି ଗୋଲାପମଣି ହସି ହସି ଗଡ଼ିଗଲେ ।

'କୁଆଡ଼େ ଯିବା ଅପା ?'

'ଅପାଙ୍କ ଘରେ ପହଞ୍ଚିବା, ସେ କାବା ହୋଇଯିବେ । ବଡ଼ ନଣନ୍ଦଙ୍କ ଶାଶୁଘର ଗାଁ ଆଗରେ ପଡ଼ିବ ।'

ଦ' ପାଖର ବୁଦା-ବୁଦିକା ଜଙ୍ଗଲଭିତରେ ଗଙ୍ଗୁଆ ନଈର ଧାର ସରୁ ପଇଡା ପରି ଜକ ଜକ କରୁଛି ଜହ୍ନ ଆଲୁଅରେ । ସିର ସିର ପବନରେ ଭାଙ୍ଗ ଭାଙ୍ଗ ଦିଶୁଛି ପାଣି ସୁଅ ।

"ହୁସିଆର !"

ଦହେଁ ଚମକ ପଡ଼ିଲେ । ବୁଢ଼ା ଚଉକିଆ ସପନ ମଳିକ ଚଉକି ଦଉଛି ।

"କିଏ ମା ମାନେ ?"

ଆରେ, କେତେ ବାଟ ସେମାନେ ଆସିଲେଣି ! ବରବନ୍ଧ ଗାଁ ମୁଣ୍ଡରେ ଘୁଷୁରିଆ କେଳା ଡେରା ପକେଇଛନ୍ତି ।

Digitized by srujanika@gmail.com

ସପନ ଚଉଠାଏ ଉଞ୍ଚ ପାଚିଲି ଠେଙ୍ଗାକୁ ମୁଠେଇ ଧରି ଆଗକୁ ଝୁଙ୍କି ଅନେଇଲା । ସେ ଆଖି ମଳୁଛି ।

କେତେଥର ଓଷା ପରବରେ ସେ ପଟ୍ଟନାୟକ ସାଆନ୍ତଙ୍କ ବାରି-ଦୁଆରେ ମଝିଆଁ ସାଆନ୍ତାଣୀଙ୍କଠୁଁ ଘିଅ, ପିଠା, ଠାକୁରଙ୍କ ପ୍ରସାଦ ଆଣିଛି ।

"ସାଆନ୍ତାଣୀ, ତେମେ ?'

ଗୋଲାପମଣି କାଠ ହୋଇଗଲେ । ଚମ୍ପାବତୀଙ୍କ ପାଟିରୁ କଥା ବାହାରୁନି ।

ଫେରିବେ ଘରକୁ ? କିନ୍ତୁ କେମିତି ? ପଟ୍ଟନାୟକ ଘରର ଉଞ୍ଚ ପାଚେରିଯାଏ ଚାଲି ଯାଇ ପାରିବେ ତ ! ତିନି ଖଞ୍ଜା ପାରି ହୋଇ ଶୋଇଲା ଘରେ ପଶିବେ !

'ସପନ, ଆମକୁ ଟିକିଏ ଅପାଙ୍କ ଘରେ ଛାଡ଼ିଦବୁ ?' ନଣନ୍ଦଙ୍କ ଘର ଟିକିଏ ଆଗକୁ । ଖୋଲା ପଡ଼ିଆରେ ଡର ମାଡ଼ୁଛି !'

'ହେଲେ, ସାଆନ୍ତାଣୀ, ଏତେ ରାତିରେ···ମୁଁ ଘରେ ଛାଡ଼ିଦେବି ଚାଲ ।'

ପାଚେରି କବାଟଟା ହାଁ ମେଲା ହୋଇଛି । ସାନ ଦିଅର ଛିଡ଼ା ହୋଇଛନ୍ତି ।

ଝିଅ କାନ୍ଦିବାରୁ ଶାଶୂ ତାକୁ ନେଇ ବାହାରେ ବୁଲୁଛନ୍ତି । ଦି' ଜାଆଙ୍କ ଶୋଇବା ଘର ମେଲା ହୋଇଛି । ଶାଶୂ ବୋଧହୁଏ ଘର-ଭିତରକୁ ଯାଇ ଖୋଜି ଆସିଚନ୍ତି । ବଡ଼ ଜାଆ କଅଣ କହୁଛନ୍ତି ଶାଶୁଙ୍କୁ । ମନୁଆଁ ମା ବୁଢ଼ୀ ଡୋଳା ଓଲଟାଇ କହୁଛି—କାବା କଥା ସାଆନ୍ତାଣୀ, ରାତି ଦି' ପହର ଦାଆଁ-ଦେବତା ବେଳ···

ଦିଅର ଆଡ଼େଇ ହୋଇ ମଝିଖଞ୍ଜାକୁ ଚାଲିଗଲେ ।

ଚମ୍ପାବତୀଙ୍କ ମୁହଁ ତଳକୁ । ଓଢ଼ଣା ଆଖି ତଳଯାଏ ରହିଛି । ଗୋଲାପମଣି ସତେ କି ପଥର ପ୍ରତିମା । ଶାଶୂ ଚାହିଁଛନ୍ତି । ବଡ଼ ଜାଆ ଚାହିଁଛନ୍ତି ।

'ମଝିଆଣୀ, କୁଆଡ଼େ ଯାଇଥିଲ କଲେ ?' ବଡ଼ ଅପା କାନ ପାଖରେ ପଚାରୁଛନ୍ତି । ଚମ୍ପାବତୀଙ୍କ ପାଟିରେ କଥା ନାହିଁ, ସେ ବଲ ବଲ ଚାହିଁଛନ୍ତି । କୁଆଡ଼େ ସେ ଯାଇଥିଲେ ! !

ପାଦ ଝୁଣ୍ଟିଆରେ ବାଲି ପଶି ଅଡ଼ୁଆ ଲାଗୁଛି । ବୋଡ଼ୁ ଖଞ୍ଜା ଚାରିପଟେ ନବୁଜ ପାଚେରି । ଅଗଣା ପରେ ଅଗଣା···

Digitized by srujanika@gmail.com

ମହାମାନବର ସାଗରତୀରେ

ବିପୁଳ ଜନସ୍ରୋତ ବହି ଚାଲିଛି । ଜୁଆର ଆସିଛି, ଜଳକଣାର ହିସାବ ରଖିବାର ପ୍ରଶ୍ନ ନାହିଁ । ହଜାରବରଷରେ ଥରେ ଆସିଛି ସେ ଲଗ୍ନ । ଭିତରର ସବୁ ମାଳିନ୍ୟ, କଳଙ୍କ, କାଳିମା ଧୋଇ ହୋଇଯିବ । ରହିଯିବ ଗୋଟାଏ ବିନ୍ଦୁ···ସ୍ୱଚ୍ଛ · ପବିତ୍ର···ହିନ୍ଦୁ ସନ୍ତାନ ହେବ ଶୁଭ୍ର,ସୁସ୍ଥ,ସୁନ୍ଦର ।

ବଡ଼ ଠାକୁର, ବଡ଼ ରଜାଙ୍କ ଦେଶ···ବଡ଼ ଦାଣ୍ଡର ଧୂଳିକଣା - ଯେଉଁଠି ସବୁ ବଡ଼, ସବୁ ମହାନ, ବିସ୍ତୃତ, ଅନନ୍ତ । ମହୋଦଧିର ମହା-ବକ୍ଷରେ ମହାଧର୍ମରେ ଅନୁପ୍ରାଣିତ, ହିନ୍ଦୁ ବିସର୍ଜନ ଦେବ ତା'ର ଜନ୍ମ ଜନ୍ମାନ୍ତରର ସମସ୍ତ ପାପଭାର । ବହୁ ବିଚିତ୍ର ବର୍ଣ୍ଣରେ ରଞ୍ଜିତ, ବହୁ ବିଚିତ୍ର ପୋଷାକ, ବିଭିନ୍ନ ଭାଷା, ସଂସ୍କୃତି-ଜଗତର ନାଥ ଜଗନ୍ନାଥଙ୍କ ସର୍ବ ସନ୍ତାପହାରୀ ନୀଳଚକ୍ରର ଛାୟା ତଳେ ଏକାଠି ହୋଇଛନ୍ତି । ସାମ୍ୟ··· ମୈତ୍ରୀ···ବିଶ୍ୱଚେତନା ।

ଅର୍ଗଳ ପରେ ଅର୍ଗଳ ଉନ୍ମୁକ୍ତ ହେଉଛି । ନୀଳାଚଳର ଉଦାର ମହିମା ବକ୍ଷରେ ତା'ର ଆଲିଙ୍ଗନ କରି ନେଉଛି ପୁଣ୍ୟକାମୀ ଲକ୍ଷ ଲକ୍ଷ ହିନ୍ଦୁ ସନ୍ତାନଙ୍କୁ । ଏଇ ପଥରେ ଆସିଲେ ଚୈତନ୍ୟ, ମହାନ ବୈଷ୍ଣବ ପ୍ରେମର ସାବଲୀଳ ସ୍ରୋତ ବହି ଚାଲିଲା ଗାଁ ଗଣ୍ଡା ପୁରପଲ୍ଲୀରେ । ଏ ପଥର ରେଣୁକଣାରେ ପ୍ରତିଫଳିତ ହେଲା ବିଶ୍ୱପ୍ରେମର ଆଲେଖ୍ୟ । ଆସିଲେ ଶଙ୍କର, ରାମାନୁଜ···ଶୁଭିଲା ଗମ୍ଭୀର, ଉଦାତ୍ତ ଧ୍ୱନି । ମହୋଦଧିର ଅଶାନ୍ତ କଲ୍ଲୋଳ ସ୍ତବ୍ଧ ହେଲା । ମଥା ନୁଆଁଇଲା ସେ ସତ୍ୟ ଶିବ ସୁନ୍ଦରର ବାହକଙ୍କ ଚରଣ ପ୍ରାନ୍ତରେ । ଏଇ ଧୂଳିରୁ ବଢ଼ି ଉଠିଲେ କେତେ କ୍ଷଣ-ଜନ୍ମା—ଧ୍ୱନିତ ହେଲା ଗୀତ ଗୋବିନ୍ଦର କାନ୍ତ କୋମଳ ପଦାବଳୀ । ପୁରଲଳନାର ମଧୁର କଣ୍ଠରେ ସ୍ପନ୍ଦନ ଆଣିଲା ଏ ମାଟି ପୁଅର ଭାଗବତ । ତାଙ୍କର ଉତ୍ତରାଧିକାରୀ···ପ୍ରାଣରେ ମୁକ୍ତିର ପିପାସା । ଧର୍ମର ପୀଠ··· ଅନନ୍ତ ତା'ର ବିସ୍ତୃତି । ଅତଳ ତା'ର ଗର୍ଭ ।

Digitized by srujanika@gmail.com

ପଛରୁ ଗୋଟାଏ ଧକ୍କାରେ ନିରଞ୍ଜନ ଆଗକୁ ନଇଁ ପଡ଼ିଲେ । ଟିକଏ ଭାବମଗ୍ନ ହୋଇ ପଡ଼ିଥିଲେ ବୋଧହୁଏ ବୃଦ୍ଧ ନିରଞ୍ଜନ । ଶାନ୍ତି-ରକ୍ଷକଙ୍କ ହୁଇସିଲ୍ ବାଜି ଉଠିଲା । ତଫାତ୍···ତଫାତ୍···ନା, ସମ୍ଭାଳି ନେଇଛନ୍ତି । ଗୁରୁ ପାଖେ ଖାକି ପୋଷାକର ସମାହାର । ସ୍ୱେଚ୍ଛାସେବକଙ୍କର ନାଲି ଚିହ୍ନ । ଜନତା ଚାଲିଛି ··ଚାଲିଛି । ପୂର୍ବଦିନ ତାଙ୍କର ପରି ବୁଢ଼ାଟିଏ ଭିଡ଼ ଭିତରେ ମରିଯାଇଛି । ହୁଏ ତ ସେ ମୁକ୍ତି ପାଇଥିବ । ବୈକୁଣ୍ଠରୁ ଦେଖୁଥିବ ପୁଣ୍ୟଭୂମିର ପୁଣ୍ୟଲୀଳା । ନିରଞ୍ଜନ ହସିଲେ । ମଥା ନୁଆଁଇଲେ ବଡ଼ ଦାଣ୍ଡର ଧୂଳିକୁ । ପୁଣ୍ୟର ପିପାସା ହୃଦୟକୁ ବ୍ୟାକୁଳ କରୁଛି । କେତେଟା ଶରୀର ଚାପି ହୋଇଯାଉ । ଧ୍ୱଂସ ପାଉ ।

ନିରଞ୍ଜନ ଦୀର୍ଘ ପନ୍ଦର ବର୍ଷପରେ ନୀଳାଚଳରେ ପାଦ ଦେଇଛନ୍ତି । ଧର୍ମ ପୀଠର ବାୟୁ କପାଳ ସ୍ପର୍ଶ କରୁଛି । ଏ ଭୂମିର ଅଗଣିତ ମହାପୁରୁଷଙ୍କ ବାଣୀ ଭାସି ଆସୁଛି ସୁଦୂର ଅତୀତରୁ ।

ନିରଞ୍ଜନ ପାଖେଇ ଗଲେ । ହାତର ବାଡ଼ିକୁ ଆଉ ଟିକଏ ଟାଣି କରି ମୁଠାଇ ଧରିଲେ । ଦୁଇ କରରେ ଆଖି ବୁଲି ଆସୁଛି । ନା' ଲେଖା ପଟା ସବୁ ଉପରେ କ୍ଷୀଣ ଦୃଷ୍ଟି ଖୋଜୁଛି କିଛି···ହୁଏତ ପୁଣ୍ୟର ସନ୍ଧାନ ଜଳି ଉଠୁଛି ଅକ୍ଷର କେତେଟା···ମଦ ! ହଁ, ମଦ ଦୋକାନ—ଭଦ୍ର ସୁସଜ୍ଜିତ ସଭ୍ୟ ଭାଷାରେ ଲୁଚି ଯାଇଛି ମଦର ମାଦକତା । ଅତ୍ୟାବଶ୍ୟ-କୀୟ ସାର୍ବଜନୀନ ମୈତ୍ରୀର ବାହକ । ଅଳ୍ପଦୂରରେ ଅଫିମ ଦୋକାନ ଜାଲି ବାଡ଼ ଭିତରୁ ଦିଶୁଛି । ସବୁ ଆବଶ୍ୟକ । ମହାନ୍ ଏ ପଥ, ସବୁର ସ୍ଥାନ ଅଛି । ଅଦୂରରେ ନୀଳଚକ୍ରର ପତିତପାବନ ବାନା ।

ଡାକ ବାଜ ଯନ୍ତ୍ରରେ ବିରାଟ ଜନତା ପ୍ରତି କେତେ ଉପଦେଶ ଉଚ୍ଚାରିତ ହେଉଛି—ସୁସ୍ଥ ଶରୀର, ସୁସ୍ଥ ମନରେ ପୁଣ୍ୟାର୍ଜନ କରି ଫେରି-ଯିବା ପାଇଁ କେତେ ନୀତି, ନିୟମ ସମ୍ମୁଖର ଅର୍ଗଳ ନିକଟରେ ମଞ୍ଚ ଉପରୁ କେହି ଜଣାଉଛନ୍ତି ଯେ ଦୁଇଟି ପିଲା ହଜିଛନ୍ତି । ଆତ୍ମୀୟ ତାଙ୍କର ବ୍ୟଥିତ, ବ୍ୟାକୁଳ । ସ୍ନେହଶୀଳା ଜନନୀ ମଥାପିଟି ରକ୍ତାକ୍ତ ହୋଇଛି ।

ଯାତ୍ରା···ଯାତ୍ରା···ପୁଣ୍ୟପଥରେ ଯାତ୍ରା । ହଜାର ବର୍ଷ ! କେତେ ପୁରୁଷ ଚାଲିଗଲା ! କେତେ ସଭ୍ୟତା, କେତେ ସଂସ୍କୃତି, କେତେ ଧାରା ! କେତୋଟି ଘଣ୍ଟା ମାତ୍ର, ଏ ଲଗ୍ନ ଚାଲିଯିବ । ଦ୍ୱାଦଶୀ ଲଗ୍ନରେ ଗୋବର୍ଦ୍ଧନ-ଙ୍କର ଲୀଳା ସରିଯିବ ।

Digitized by srujanika@gmail.com

ସିଂହଦ୍ୱାରରେ ଦୃଷ୍ଟି ପକାଇ ନିରଞ୍ଜନ ମୋଡ଼ ବୁଲିଲେ । ବହୁ ବିଚିତ୍ର ସମ୍ଭାର । ପଶ୍ଚିମଦେଶୀୟ ଏକ ଯାତ୍ରୀବ୍ୟୂହରେ ସେ ଆବଦ୍ଧ ହୋଇ ପଡ଼ିଲେ । ନୀଳାଚଳର ଜୟଗାନ କରି ଦଳଟି ଆଗେଇ ଯାଉଛନ୍ତି । ନିର-ଞ୍ଜନ ନୀରବରେ ଶୁଣିଲେ ନିର୍ଘୋଷ, କଳୁଷିତ ସେ ମେଷପଲଟିର ଚାଳକ ଦୁଇଜଣ କଥାବାର୍ତ୍ତା କରି ଚାଲିଛନ୍ତି । ପ୍ରଫୁଲ୍ଲ ମନର ଆଲୋଚ୍ୟ ବିଷୟ ଏ ମହାଯୋଗରେ ତାଙ୍କର ଆର୍ଥିକ ଲାଭର ଅଙ୍କ । ଆଶାତୀତ ସେମାନେ ପାଇଛନ୍ତି । ତାହାଛଡ଼ା, ଯେଉଁପରିବେ ପୁଣ୍ୟ ସମ୍ଭାର । ମୁଣ୍ଡିତ ମସ୍ତକର ଶିଖା ଉଚ୍ଚ ହାସ୍ୟରେ ଆନ୍ଦୋଳିତ ହେଉଛି । ଗଳାରେ ନୀଳାଚଳନାଥଙ୍କ ଶ୍ରୀ ଅଙ୍ଗଲାଗି ବସ୍ତ୍ରର ଅଂଶ । ରୁଦ୍ରାକ୍ଷମାଳା ।

ମହାଜୀବନର ସନ୍ଧାନୀ ଏମାନେ । ମହାଭାରତୀୟ ସନ୍ତାନ—ମହୋ-ଦଧିର ପାବନ ଜଳରାଶି ତାଙ୍କ ଅନ୍ତର ନିର୍ମଳ କରିବ, ସ୍ୱଚ୍ଛ ମନରେ ସେମାନେ ଆସିଛନ୍ତି···ମହାଲଗ୍ନରେ ପ୍ରଣାମ ଜଣାଇବେ ବିଶ୍ୱପିତାଙ୍କୁ । ନିର୍ମଳ କର ପ୍ରଭୁ, ପବିତ୍ର କର—ସବୁ ପାପ ତାପ ତ୍ୟାଗ କରି ମୁଁ ଆସିଛି ଯେଉଁପରିବ କେବଳ ପୁଣ୍ୟ, କଲ୍ୟାଣ, ପରୋପକାର ବ୍ରତ ।

ଆଜି ଗୋଟିଏ ଅର୍ଗଳ । ସେ ପଟେ ଲୋକଟିଏ ମୂର୍ଚ୍ଛା ହୋଇ ଯାଇଛି । ଧଳା ଆମ୍ବୁଲାନ୍‌ସ୍ ଗାଡ଼ି ତାକୁ ଉଠାଇ ନେଲାଣି । ସେଥିପାଇଁ ଅର୍ଗଳ ବନ୍ଦ । ନିରଞ୍ଜନ ବହୁକଷ୍ଟରେ ଗୃହପାଖର ଗୃପ ସମ୍ଭାଳିଲେ । ଏ ଭିଡ଼ ଠେଲି ଗାଡ଼ିଟି ଯିବ । ଲୋକଟିର ଚିକିତ୍ସା ବ୍ୟବସ୍ଥା କରିବ । ପୁଣ୍ୟ-କାମୀ ସେ, ବଞ୍ଚିବ । ମୃତ୍ୟୁରେ ବି ବୋଧହୁଏ ମୁକ୍ତି ପାଇବ । ଧଳାଗାଡ଼ିର ପଛପଟୁ ବଡ଼ ନାଲି ଛକଟା ଜଳି ଉଠୁଛି ।

× × × × ×

କେତେ ବନ୍ଦୋବସ୍ତ । କେତେ ବ୍ୟବସ୍ଥା । ହିନ୍ଦୁ ଭକ୍ତିର ସଂସ୍କାରକୁ ମର୍ଯ୍ୟାଦା ଦିଆଯାଉଛି ଯଥାସମ୍ଭବ । ନିରଞ୍ଜନ ଆଖି ପୋଛିଲେ । ମନ ଭିତରେ ଥିବା ପାପର ବାଷ୍ପରେ ବୋଧହୁଏ ଦୃଷ୍ଟି ଝାପ୍‌ସା ହୋଇଯାଉଛି । ଗୃହପାଖେ ବହୁ ସ୍ତରର ଲୋକ । ଅତି ପାଖରେ ଦୁଇଜଣ ଭଦ୍ରଲୋକ । ଜଣେ ଅଫିସର ଭଳି ଦେଖା ଯାଉଛନ୍ତି । ଆରଜଣଙ୍କ ଅଳ୍ପବୟସ୍କ—ମୁଖରେ, ଅଙ୍ଗଭଙ୍ଗୀରେ ଗାମ୍ଭୀର୍ଯ୍ୟର ଚିହ୍ନ ।

"ଆଜ୍ଞା, ଦେଖିଲେ, ସେଠି ବୋଧହୁଏ ଆମ ଅମରେନ୍ଦ୍ର ଯାଉଛି । ଡାକୁଛି ତାକୁ । ନା, ଯାଉ—ତା'ର ବୋଧହୁଏ ଆସିବାକୁ ଇଚ୍ଛା ନାହିଁ । ମୁହଁ ବୁଲେଇ ନେଇ ଚାଲି ଯାଉଛି ।"

ପୌଢ଼ ଭଦ୍ରଲୋକଙ୍କ କପାଳରେ ରେଖା କୁଟିଳତର ହେଉଛି ।

Digitized by srujanika@gmail.com

'ହଁ' ମୁଁ ବି ତ ଏମାନଙ୍କ ଭଳି ଟୋକାଙ୍କଠୁ ସମ୍ମାନ ଆଶା କରେନି; ମୁଁ ମୋର କର୍ତ୍ତବ୍ୟ କରିଯାଏ । କିଏ ସମ୍ମାନ କଲା କି ନ କଲା ମୋତେ ସେଥିରୁ ମିଳିବ କ'ଣ ?

"ନାଇଁ" ଆଜ୍ଞା, ନାଇଁ, ଆପଣ ଗୃହାନ୍ତୁନି; କିନ୍ତୁ ଆମର କ'ଣ ବିବେକବୋଧ ନାହିଁ ? ଆପଣଙ୍କ ଭଳି ନେତୃସ୍ଥାନୀୟ ଲୋକଙ୍କୁ ଯଦି ଆମେ ସମ୍ମାନ ନ କରୁ···ହଁ ଆଜ୍ଞା, ସେ ଦିନ ଶୁଣିଲି ଆପଣଙ୍କ ବିଷୟରେ କୁଆଡ଼େ ଯାଚ୍ଛେ ତାଇ କରି ସମର୍ଦ୍ଧିତ୍ତନ ଘରେ ଗପୁଥିଲା ।"

"ବୁଝିଲୁ । ନାଁ—ସେ ଏଠି ଅନେକ ଦିନ ରହିବା ଫଳରେ ଅଫିସରେ କାମ ଠିକ୍ ଶୃଙ୍ଖଳା ମୁତାବକ ହେଉନି । କୋଉପୁଟ—ଫୋଉପୁଟ –କୌଣସିଠିକି ତା'ର ଯିବା ଦରକାର । ମୋର ତ ପୁଣି ଗୋଟାଏ କର୍ତ୍ତବ୍ୟବୋଧ ଅଛି । ବହୁତ ଦିନ କାମରେ ବିଶୃଙ୍ଖଳତା ସହିଲଣି···।

ହେ ପତିତପାବନ, ହେ ମହାସାଗର, ଆମେ ଶୁଦ୍ଧପୂତ ପ୍ରାଣରେ ଯାହା କରୁଚୁ—ଯାହା ପଥରେ ଆମେ ହୃଦୟରେ ଅସୀମ ଶ୍ରଦ୍ଧା, ଅକପଟ କଲ୍ୟାଣ ଘେନି ଯାଉଛୁଁ—ସବୁ କଳଙ୍କ ରହିଗଲା ଅଜାତରେ । ପୁଣ୍ୟ ସ୍ପର୍ଶରେ ଆମକୁ ଶୁଭ୍ର କର, ସୁନ୍ଦର କର । ଏ ମହାକ୍ଷଣର ଆଗମନୀରେ ଆମେ ଉଦ୍‌ବୁଦ୍ଧ, ଉଜ୍ଜୀବିତ ।

ଅସଂଖ୍ୟ କନ୍ୟା ଜନନୀ, ଭଗିନୀଙ୍କ ସମାଗମ । ଧୀମନ୍ତନୀ ବଧୂଜଣେ ସଙ୍ଗିନୀଙ୍କୁ ଦେଖାଇ ଦେଉଛନ୍ତି ।

"ଆଲୋ ଦେଖୁଚୁ—ଦେଖୁଚୁ ସେ ମାଧୁରୀକୁ । ମିଶିପଙ୍କ ମେଳରେ କେମିତି ଟଅଙ୍ଗ ଟଅଙ୍ଗ ହୋଇ ଗୁଲି ଯାଉଚି । ମଲା ମୋର ଯେଉଁ ରୂପଟି ତା' ସାଙ୍ଗକୁ ଛଟକ କେତେ···ପୁଣି କ'ଣ ସ୍ୱେଚ୍ଛା ସେବିକା ହୋଇଛନ୍ତି ।"

"ଆଲୋ ତା' କଥା କ'ଣ କହୁଚୁ—ସେଦିନ କୁଆଡ଼େ କହୁଥିଲା, ଆମେ ସବୁ ଯାହା ପରଚର୍ଚ୍ଚା କରି ବେଳ କାଟୁଚୁ ତାଙ୍କ ମହିଳା ସମିତିକୁ ଗଲେ କେତେ କଥା ହୁଅନ୍ତା ।"

"ହଁ" ତାଙ୍କର ତ ମହିଳା ସମିତି—ମଇଳା ସମିତି—କେତେ ସମିତି ଅଛି । ଯେ ଯେଉଁ ଘରନା, ସେଥିରେ ତ ଦିନ ରାତି ସମିତି ବସୁଛି । ଆମ ସ୍ୱେ ତା' ଦାଦାଙ୍କ ସାଙ୍ଗରେ ଏକାଠି କାମ କରନ୍ତି । ତାଙ୍କ କାନରେ ପକେଇବାକୁ ସ୍ୱାଙ୍କୁ କେତେଥର କହିଲଣି । ଦାଦାଙ୍କ ସାଙ୍ଗେ ତ ପଡ଼େନି; ଏଥର ମନ ଘର ଧରିବ ଯେ ଝିଅର । ଥୂଃ ଥୂଃ··· ······

Digitized by srujanika@gmail.com

ତାମ୍ବୁଲର ରକ୍ତବର୍ଣ୍ଣରେ ପାର୍ଶ୍ଵବର୍ତ୍ତୀ କାହାର ପୋଷାକ ରଞ୍ଜିତ ହୋଇଗଲାଣି, ଭ୍ରୂକ୍ଷେପ ନାହିଁ । ମହିଳା ଜଣକ ଉଲ୍ଲସିତ ହୋଇ ପଡ଼ିଛନ୍ତି । ସମାଜର କଳଙ୍କକୁ ତାଙ୍କ ଭଳି ସତୀ ସୀମନ୍ତିନୀ ସଂସାରଧର୍ମୀ ନରନାରୀ ସବୁ ଜନଚକ୍ଷୁକୁ ନ ଆଣନ୍ତି, ତେବେ ଆଣିବ କିଏ ? ନିରଞ୍ଜନ ପୁଣ୍ୟକାମୀ ନରନାରୀଙ୍କୁ ମଥା ନୁଆଁଇଲେ ।

ଗୋଟିକ ପରେ ଗୋଟିଏ ସୋପାନ···କେତେଦୂର ଲମ୍ବି ଯାଇଛି ନିକଟରେ ମହାସିନ୍ଧୁର ମେଘମନ୍ଦ୍ର ଧ୍ଵନି । ଆଦି ନାହିଁ···ଅନ୍ତ ନାହିଁ··· ସବୁ ପାପ ଗ୍ରହଣ କରିନେବ । କେତେ ଆହତ ହୃଦୟରୁ ଶୋଣିତ ଝରୁଛି । ସେ ରକ୍ତିମା, ପାପକ୍ଲିଷ୍ଟ ହୃଦୟର କାଳିମାରେ ସେ ବର୍ଣ୍ଣ ପରିବର୍ତ୍ତନ କରିବ । ଦେବ କେବଳ ଅକ୍ଷୟ କୈବଲ୍ୟର ପସରା ।

ବେଳାଭୂମି ଉପରେ ଅସୀମ ଆକାଶର ବିସ୍ତାର । ଶାନ୍ତ··· ଗୁରୁଗମ୍ଭୀର । ଅସୁମାରି ଜନବୁଦ୍‌ବୁଦ । ସ୍ଵେଚ୍ଛାସେବକ ଆସିଛନ୍ତି ହଜାର ସଂଖ୍ୟାରେ । ଯତ୍ନ କରିବେ । ସମ୍ଭ୍ରମ ସହକାରେ ସେବା କରିବେ । ନିରଞ୍ଜନଙ୍କ ପାଖକୁ ଦୁଇ ଗୁରିଟି ସ୍ଵେଚ୍ଛାସେବକ କଲେଜ ଗ୍ରୁପ ଲାଗି ଆସିଲେ ।

'ହେ ଭଦ୍ରଲୋକ, କୁଆଡ଼େ ମାଡ଼ିଯାଉଚ ! ବଙ୍ଗୋପସାଗରରେ ଦେହ ଗୁଡ଼ିବାକୁ ମନ ଅଛି କି ? ଏ ପଟେ ନ ଯାଇ ଏଠି କାହିଁକି ?'

ଉଚ୍ଚଶିକ୍ଷିତ ନିରଞ୍ଜନଙ୍କ ମନରେ ଧକ୍‌କା ବାଜିଲା । 'ନାଇଁବାବା ମୁଁ ସ୍ନାନ କରିବିନି ।'

'କରିବନି ? ହିଁ, ପୁଣ୍ୟବନ୍ତ ଜନ—ତେବେ, ଏଠି କାହିଁକି ? ମାନେ ମାନେ ସେ ପାଖକୁ ଯାଅ, ନ ହେଲେ ଭିନ୍ନ ଭିନ୍ନ ଅବସ୍ଥା ହେବ ।'

ନିରଞ୍ଜନ ପାଖେଇ ଗଲେ । ସ୍ଵେଚ୍ଛାସେବକ କଲେଜଗ୍ରୁପଙ୍କ ଦଳ କ୍ରମେ ଭାରୀ ହେଉଛି । କମଳାଗୁଡ଼ାଏ ଖାଉ ଖାଉ ଗପ ଆରମ୍ଭ ହୋଇଛି । ମହିଳା ଦଳଟିଏ ଆସୁଛନ୍ତି । ତାଙ୍କର ଭିତରେ ଥିବା କିଶୋରୀ ଦୁଇ ତିନିଟିଙ୍କ ଉପରେ ଟୀକା, ଟିପ୍‌ପଣୀ, ଅଶ୍ଳୀଳ ହସ···ଥଟ୍ଟା । କେତେଜଣଙ୍କ ମୁଖରୁ ଧୂମକୁଣ୍ଡଳୀ ବାୟୁମଣ୍ଡଳ ବିଷାକ୍ତ କରୁଛି । କଳାର ମର୍ଯ୍ୟାଦା ବୃହନ୍ତ ନଷ୍ଟପ୍ରାୟ । "ପ୍ୟାର୍ କିୟା ତୋ ଡରନା କ୍ୟା···"

Digitized by srujanika@gmail.com

ନିରଞ୍ଜନଙ୍କ ଆଖିରେ କରୁଣ ଟିକିଏ ହସ । ଦେଶର ଦାୟାଦ, ଭବିଷ୍ୟତ ବଂଶଧର । ଏଇମାନେ ସୁନାଗରିକ ହେବାର ଶପଥ ନେବେ । ଜାତିର ସମ୍ମାନ ରଖିବେ । ମାତୃଜାତିକୁ ସମ୍ଭ୍ରମ ଦେଖାଇବେ ।

କେତେ ବୈଚିତ୍ର୍ୟ ! କେତେ ପ୍ରକାର ! ପଣ୍ଡା, ପୂଜକ ନିଃସ୍ୱ ଯାତ୍ରୀଙ୍କୁ ନେଇ ବ୍ୟସ୍ତ ··ଆଦାୟ କରିନେବ ଅନ୍ତତଃ ଛ' ମାସର ଖର୍ଚ୍ଚ । ସବୁଠି ପୁଣ୍ୟର ମହାପ୍ରସାର । ନିରଞ୍ଜନ ଫେରିଲେ । ଗାନ୍ଧୀଘାଟର ଝାଉଁବୁଦା ବଢ଼ି ଉଠିଛି । ମହାମାନବଙ୍କ ପ୍ରତିମୂର୍ତ୍ତି ଲୁଚିଗଲାଣି । ଘାଟପାଖର ତିରଙ୍ଗା ଶୋଭିତ ଜାଲିବାଡ଼ରୁ ଖୋଳ ଛୁଡ଼ିଲାଣି । ଜାତିର ପିତା ଏ ଦେଶ ସନ୍ତାନଙ୍କ ପୁଣ୍ୟ ଲାଳସାରେ ହସି ଉଠୁଥିବେ । ବକ୍ଷରୁ ଝରି ପଡ଼ୁଥିବା ଶୋଣିତ ଧାର ଆହୁରି ଲାଲ୍ ହେଉଥିବ । ଅଭୟମୁଦ୍ରା ଥରି ଉଠୁଥିବ ।

'ବାବୁ, ପଇସାଟିଏ । ମହାଯୋଗରେ ଅକ୍ଷମକୁ ଦୟାକର ବାବା ।'

ନିରଞ୍ଜନ ବେଳାଭୂମିରୁ ପଥ ଉପରେ ରଖିଥିବା ପ୍ରଥମ ପାଦଟି ପଛକୁ ଫେରାଇ ଆଣିଲେ । ଶ୍ରେଷ୍ଠା ଭିକାରୁଣି ଭିକ୍ଷା ଆଶାରେ ହାତ ବଢ଼ାଇଛି । ନିରଞ୍ଜନ ପକେଟରେ ହାତ ପୂରାଇଲେ । ପକେଟ କଟା । ପୁରୁଣା ମଠା କୋଟର ପକେଟରେ ପୁଣ୍ୟର ପ୍ରତିଭା ଚଳାଇ କେଉଁ ପୁଣ୍ୟାଶୀ ତାଙ୍କର ଦିନକର ସମ୍ବଳ ଓ ଫେରିବା ପଥର ପାଥେୟ ଗ୍ରହଣ କରି ନେଇଛି । ହାତ ଚାଲିଗଲା ପକେଟର ସୀମା ଡେଇଁ ଆହୁରି ତଳକୁ ।

ଭିକାରୁଣି ବୁଝିଲା । କପାଳରେ ହାତ ଲଗାଇ ଜନ ଗହଳରେ ମିଶିଗଲା । ନିରଞ୍ଜନ ପଛକୁ ଦୃଷ୍ଟି ପକାଇଲେ । କୁହେଳିର ଘନୀଭୂତ ଆସ୍ତରଣ ମହୋଦଧି ବକ୍ଷରେ ନଇଁ ଆସିଛି । ଜବାକୁସୁମ ସଙ୍କାଶ ଆଲୋକ ଦେବତା ମୁଖ ଆବୃତ କରିଛନ୍ତି । ମହାସାଗରର ଫେନଚୂଡ଼ ଅଶାନ୍ତ ତରଙ୍ଗମାଳା ବିବର୍ଣ୍ଣ···ଗରଳୋନ୍ମୁଖ ।

Digitized by srujanika@gmail.com

ଅନ୍ୱେଷଣ

ବୁଦ୍ଧଂ ଶରଣଂ ଗଚ୍ଛାମି···ସଂଘଂ ଶରଣଂ ଗଚ୍ଛାମି···ପ୍ରଭୁ ତଥାଗତଙ୍କର ଉଦ୍ଦେଶ୍ୟରେ ଉଦୟନ ମଥା ନୁଆଁଇଲେ । ତୁଣ୍ଡ ଉଚ୍ଚାରଣ କରି ଚାଲିଛି ମହାମନ୍ତ୍ର । ଧର୍ମଂ ଶରଣଂ ଗଚ୍ଛାମି··· ମୁଣ୍ଡିତ ମସ୍ତକ ରାଜା ଉଦୟନ । "ରାଜା" ! ଉଦୟନଙ୍କ ଅଧର ପ୍ରାନ୍ତରେ କ୍ଷୀଣ ହାସ୍ୟର ରେଖା ଖେଳିଗଲା । ରାଜା କିଏ ! ପ୍ରଭୁ ବୁଦ୍ଧଙ୍କର ସେବକ ମାତ୍ର । ବହୁମୂଲ୍ୟ ରତ୍ନରେ ଅଭ୍ୟସ୍ତ ଅଙ୍ଗରେ ଗେରୁଆ ବସ୍ତ୍ର । କୁଞ୍ଚିତ କେଶଦାମ ନିଶ୍ଚିହ୍ନ ହୋଇଛି । ଅଗୁରୁ କସ୍ତୁରୀ ସେବିତ ନବନୀତ ଅଙ୍ଗ ପ୍ରକୃତିର ଦୌରାତ୍ମ୍ୟ ସହି ରୁକ୍ଷ ହୋଇଛି । ଚିବୁକର ରେଖା କଠିନ । ଅକ୍ଷୟ ରତ୍ନଭଣ୍ଡାରର ଅଧିକାରୀଙ୍କ ହସ୍ତରେ ଭିକ୍ଷାପାତ୍ର । ବୋଧି···ସମ୍ବିତ୍··· ପ୍ରଜ୍ଞା···ଅହରହ ବିଳାସରେ ମତ୍ତ, ହିଂସାରେ ପ୍ରମତ୍ତ, ଚଟୁଳତରୁଣୀଙ୍କ ଲାସ୍ୟରେ ଆତ୍ମବିସ୍ମୃତ ସମ୍ରାଟ ଉଦୟନଙ୍କ ଅନ୍ତର ବ୍ୟାକୁଳ ହୋଇ ଉଠିଛି ସେ ଅବିନଶ୍ୱରବୁଦ୍ଧଙ୍କ କୃପାକଣାପାଇଁ । ସେହି ନଗରୀ, ସେହି ଗିରି କାନ୍ତାର··· ଯେଉଁଠି ତାଙ୍କ ଅଶ୍ୱଖୁରର ଆତଙ୍କ ସୃଷ୍ଟି କରୁଥିଲା, ସେହିଠାରେ ସେ ପ୍ରଚାର କରୁଛନ୍ତି ତଥାଗତଙ୍କ ବାଣୀ—ଅହିଂସା ପରମ ଧର୍ମ, କାମନାର ବିନାଶରେ ଦୁଃଖର ବିନାଶ । ଦ୍ୱାର ପରେ ଦ୍ୱାର, ନଗରୀ ପରେ ନଗରୀ···ଭିକ୍ଷାପାତ୍ର ହସ୍ତରେ ସେ ଆଗେଇ ଯିବେ । ସେ ମାୟାବନ୍ଧନ ଛିନ୍ନ କରିଛନ୍ତି । ତାଙ୍କ ପ୍ରାଣ ମୁକ୍ତ, ତାଙ୍କ ଆତ୍ମା ମହାଜୀବନର ସନ୍ଧାନୀ । ପରିପୂର୍ଣ୍ଣ ପ୍ରାଣରେ ସେ ସଂଘର ଜୟଗାନ ଉଚ୍ଚାରି ଉଠିଲେ ।

Digitized by srujanika@gmail.com

କାହାନ୍ତି ତାଙ୍କର ଗୁରୁ । କେଉଁଠି ! ମନେ ପଡ଼େ ସେ ପ୍ରଭାତର ଦୃଶ୍ୟ । ଶିକାରରୁ ପ୍ରତ୍ୟାଗତ ସମ୍ରାଟ ଉଦୟନ ଆତ୍ମ ପ୍ରସାଦରେ ପୁଲକିତ ହେଉଥିଲେ । ଏଥର ଶିକାରର ସଂଖ୍ୟା ବହୁତ ବେଶି । ସଭାସଦ, ଅନୁଚରଙ୍କ ପ୍ରଶସ୍ତିରେ ସେ ଗର୍ବିତ । ଅନ୍ତଃପୁରରେ ପ୍ରୀତ ହେଉଛନ୍ତି ମହାରାଣୀ । ଉତ୍ସବ ଆମୋଦର ଆୟୋଜନରେ ନଗରୀ କୋଳାହଳମୟ । ପ୍ରଧାନଦ୍ୱାରରେ କାହାର ଗୁରୁଗମ୍ଭୀର ବାଣୀ ଶୁଭିଲା—

'ତଥାଗତଙ୍କର ଜୟ ହେଉ ।'

ପ୍ରମତ୍ତ ସଭାସ୍ଥଳର ଦୃଷ୍ଟି ଦ୍ୱାରଦେଶରେ ନିବଦ୍ଧ ହେଲା । ଦୁଇ ନୟନରୁ ଫୁଟି ଉଠୁଛି କରୁଣା, ଦୟା, ଅହିଂସା । ମହାଭିକ୍ଷୁ ଆନନ୍ଦ । କେଶ ବିରଳ ମସ୍ତକ ସର୍ବାଙ୍ଗ ଗେରୁଆ ବସ୍ତ୍ରରେ ଆବୃତ, ସ୍କନ୍ଧଦେଶରୁ ଲମ୍ବି ଆସିଛି ଭିକ୍ଷାଝୁଲି, କରରେ କମଣ୍ଡଳୁ । ତାଙ୍କ ନୟନ ମୃତ ପଶୁଗୁଡ଼ିକ ଉପରେ ସଜଳଦୃଷ୍ଟି ଝରାଉଛି । ମାୟାମୋହହୀନ ପ୍ରଶାନ୍ତ ବଦନମଣ୍ଡଳ ନିହତ ପଶୁଗୁଡ଼ିକ ପାଇଁ କାରୁଣ୍ୟଭରା ।

ସମ୍ରାଟ ସ୍ତବ୍‌ଧ; ବିସ୍ମିତ । ଭିକ୍ଷୁ ପ୍ରଶ୍ନ କରୁଛନ୍ତି—

"ଏ ପଶୁଗୁଡ଼ିକୁ ଆପଣ ଜୀବନ ଦେଇ ପାରିବେ ମହାରାଜ ?"

ସଭା ଶଙ୍କିତ···କିଏ ଏ ନିର୍ଭୀକ ଭିକ୍ଷୁ ! ପ୍ରତି ପ୍ରଶ୍ନ ନିର୍ଗତ ହେଲା ଉଦୟନଙ୍କ କଣ୍ଠରୁ—

"ଏ ଔଦ୍ଧତ୍ୟର ଶାସ୍ତି କଅଣ ଜାଣ ଯୁବକ ?"

"ଜାଣେ ସମ୍ରାଟ, ଏ ନିରୀହ ଜୀବଗୁଡ଼ିକର ଅବସ୍ଥା ଯାହା, ସେଇଆ କିନ୍ତୁ, ଭାବି ଦେଖନ୍ତୁ, ଆପଣଙ୍କ ସ୍ତ୍ରୀ ପୁତ୍ରଙ୍କୁ ଯଦି ଏକ୍ସପରି—

କଥା ସରି ନଥିଲା । କାହାର କଠିନ ଆଘାତରେ ସଂଜ୍ଞାହୀନ ଆନନ୍ଦ ଭୂଲୁଣ୍ଠିତ ହେଲେ ।

ଦିନ ପରେ ଦିନ କାରାଗାରର ଅନ୍ଧକାର ପ୍ରକୋଷ୍ଠରେ ଭିକ୍ଷୁ ଆନନ୍ଦ ସହୁଛନ୍ତି ଅତ୍ୟାଚାର, ଉତ୍ପୀଡ଼ନ । ତଥାପି, ସେହି ଶାନ୍ତ ମହିମା-ମଣ୍ଡିତ ସ୍ମିତରେଖା—କାମନାର ବିନାଶ ହେଉ । ସଂଘଂ ଶରଣଂ ଗଚ୍ଛାମି ।

Digitized by srujanika@gmail.com

ତା ପରେ—

ସେ କାଳରାତ୍ରି···ଯୁବରାଜ ଶିକାରରେ ନିହତ ହେଲେ, ହିଂସ୍ରଜନ୍ତୁର ନଖଦନ୍ତରେ କ୍ଷତବିକ୍ଷତ ନିଥର ସୁକୁମାର ଶରୀର ଫେରି ଆସିଲା । ଗଜଦନ୍ତ ପଲଙ୍କରେ ଚିରନିଦ୍ରାରେ ଶୋଇଯାଇଛନ୍ତି ରାଜପୁତ୍ର । କୋଳାହଳ ବନ୍ଦ ହୋଇଯାଇଛି । ଧୂଳିଲୁଣ୍ଠିତା ରାଣୀ ମହାମାୟା, ରାଜ-ଜେମା ଚନ୍ଦ୍ରିକାଙ୍କ ବିଳାପରେ ଝରି ପଡୁଛି ଯୁଗ ଯୁଗର କାରୁଣ୍ୟ, ବେଦନା । କିନ୍ତୁ, ଆଶ୍ଚର୍ଯ୍ୟ ! ସମ୍ରାଟ ଉଦୟନ ନୀରବ, ଆତ୍ମସମାହିତ, ସ୍ତବ୍ଧ । ଅଳିନ୍ଦ ପରେ ଅଳିନ୍ଦ ପାରି ହୋଇ ସେ ଛୁଟି ଗଲେ କାରା-କକ୍ଷକୁ । କକ୍ଷର ଅନ୍ଧକାର ମଧ୍ୟରୁ ଶୁଭୁଛି ଉଦାତ୍ତ ଧ୍ୱନି—ବୁଦ୍ଧଙ୍କର ଜୟଗାନ, ଅହିଂସାର ମହାମନ୍ତ୍ର, କାମନାହୀନ ମହାପଥର ଅମରବାଣୀ । ଆନନ୍ଦଙ୍କ ପାଦତଳେ ସମ୍ରାଟ ଲୋଟିଗଲେ—

ଏ ସଂସାରରୁ ଉଦ୍ଧାରକର ପ୍ରଭୁ ।

ପ୍ରଭାତର ଅରୁଣିମା ସାଥେ ସାଥେ ପ୍ରବଳ ପରାକ୍ରମଶାଳୀ ମହାରାଜା ଉଦୟନଙ୍କ ଜୀବନରେ ନୂତନ ପ୍ରଭାତର ସୃଷ୍ଟି ହେଲା । ଅସରନ୍ତି ରତ୍ନ-ଭଣ୍ଡାର ବିତରଣ କରି ଉଦୟନ ଭିକ୍ଷୁ ସାଜିଲେ । କଙ୍କରିତ ବନ୍ଧୁର ପଥ ପ୍ରାନ୍ତରେ ନଗ୍ନ ପାଦ ଅଗ୍ରସର ହେଲା । ପଛରୁ ଶୁଭୁଥିଲା ସ୍ତ୍ରୀ, ସନ୍ତାନଙ୍କ କରୁଣ ବିଳାପ—ମାୟାର ଆହ୍ୱାନ । ମୁକ୍ତିର ମହା ସଙ୍ଗୀତ ନିର୍ବାଣର ପଥରୋଧ କରି ସଂସାର ଜଞ୍ଜାଳ ଦେଖାଉଛି ମୋହିନୀ ମାୟା । ନାରୀର କଙ୍କଣୀ, ଛଳ ଅଶ୍ରୁ, ସନ୍ତାନର ଆକର୍ଷଣ ଆଦି ତାଙ୍କର ଗତିରୋଧ କରିପାରିନି । ସେ ମୁକ୍ତ ଜୀବନର ପଥିକ । ସଦ୍ୟ ପୁତ୍ରହରା ମହାରାଣୀଙ୍କ ଅନ୍ତରରୁ ଝରିପଡୁଥିଲା ଶୋଣିତ ଧାର ।

କେତେ ଦିନ, ମାସ, ବର୍ଷର ପଦଧ୍ୱନି ଜୀବନରୁ ମିଳେଇ ଯାଇଛି । ଉଦୟନ ପଥଗୃହୀ, ଉଦୟନ ଭିକ୍ଷୁ, ଉଦୟନ ବୋଧିର ଅନ୍ୱେଷଣରେ ଆତ୍ମବିସ୍ମୃତ । ସେ ଆଜି ଖୋଜି ବୁଲୁଛନ୍ତି ଗୁରୁ ଆନନ୍ଦଙ୍କୁ । ଥରେ ତାଙ୍କୁ ଦର୍ଶନ କରିବେ । ସେ କହିଦେବେ କେତେଦୂରରେ, କେଉଁଠି ସେ ମହାଜୀବନ ।

ସେଇ ବନ, ସେଇ ପ୍ରାନ୍ତର···ଅବ୍ୟର୍ଥ ଶରସନ୍ଧାନୀ ଉଦୟନଙ୍କ ଲକ୍ଷ କେବେ ବ୍ୟର୍ଥ ହୋଇନି, ଟଳିପଡୁଛନ୍ତି ଲକ୍ଷ ପଶୁ । ସେଇ ବନର ଶିଳଖଣ୍ଡରେ ସେ ଆଜି ରଖିଯାଉଛନ୍ତି ଅମର ଲିପି । ଅହିଂସାର

Digitized by srujanika@gmail.com

ରାଜମନ୍ଦ । ସେଇ ରାଜପ୍ରାସାଦ—ଯେଉଁଠି ଥିଲା ତାଙ୍କର ଅଗଣିତ ମାୟାର ବନ୍ଧନ ସେଇଠି ସେ ଆଜ ପ୍ରଭୁର କରିବେ ସଂସାରର ଅନିତ୍ୟତା ।

କ୍ଳାନ୍ତ ପାଦ ଦୁଇଟିକୁ ବିଶ୍ରାମ ଦେବାପାଇଁ ଉଦୟନ ପଥଧାରରେ ବସି ପଡ଼ିଲେ । ଭିକ୍ଷାଥାଳ ଶୂନ୍ୟ । ଅର୍ଦ୍ଧ ନିମୀଳିତ ଚକ୍ଷୁ ତଥାଗତଙ୍କ ନିର୍ବାଣ ପ୍ରାପ୍ତ ରୂପ ଦର୍ଶନ କରୁଛି । ସୂର୍ଯ୍ୟଙ୍କର ତେଜ ପ୍ରଖର ହୋଇ ଉଠିଛି । ରୁକ୍ଷ ନୀରବତାରେ ବନଭୂମି ଆଚ୍ଛନ୍ନ ।

'କିଏ ତୁମେ, ଏଠାରେ ଏପରି ଭାବରେ ବସି ରହିଛ ?'

ଉଦୟନ ଆଖି ଖୋଲିଲେ । ଜଣେ ମଧ୍ୟବୟସ୍କ କୃଷକ ସମ୍ମୁଖରେ ଦଣ୍ଡାୟମାନ । ସଙ୍ଗରେ ଏକ କିଶୋର । ଘର୍ମାକ୍ତ ଶରୀର । ଧୂଳି ମଳିନ ଅଙ୍ଗବାସ, ସ୍କନ୍ଧରେ କାଷ୍ଠ ଭାର ।

"ଭିକ୍ଷୁର ଆଉ କି ପରିଚୟ ଅଛି ? ପ୍ରଭୁ ତଥାଗତଙ୍କର ବାଣୀର ମହିମାଗାନ ଉଦ୍ଦେଶ୍ୟରେ ଯାତ୍ରା କରିଛି, କ୍ଳାନ୍ତ ନିବାରଣପାଇଁ ବିଶ୍ରାମ ନେଉଛି ।"

"କିନ୍ତୁ ତୁମର ଭିକ୍ଷା ପାତ୍ର ଯେ ଶୂନ୍ୟ !"

"ତଥାଗତଙ୍କର ଜୟ ହେଉ । କ୍ଷୁଧାର ତାଡ଼ନା ବଡ଼ କୁହେଁ । କାମନାର ବିନାଶ କରିବା ସମ୍ଭବ ହେଉ ।"

କୃଷକ କ୍ଷଣେ ନିବିଷ୍ଟ ଚିତ୍ତରେ ଭିକ୍ଷୁଙ୍କୁ ଚାହିଁଲେ । ଦୂର-ଦୂରାନ୍ତର କେତୋଟି ଦୃଶ୍ୟ ମନ ମଧ୍ୟରେ ପ୍ରତିଫଳିତ ହେଉଛି । ସେ ଆହ୍ୱାନ ଜଣାଇଲେ ।

'ଆସନ୍ତୁ, ନିକଟରେ ମୋ'ର କୁଟୀର, କ୍ଷଣେ ବିଶ୍ରାମ କରି ଫେରିଯିବେ ।'

କୃଷକ ପଥ ଦେଖାଇଲେ । ପଛରେ ତାଙ୍କର କିଶୋର ପୁତ୍ର ।

ଶାନ୍ତ କୁଟୀର ଅଙ୍ଗନରେ ଦୁଇଟି ନିଷ୍ପାପ ଶିଶୁଙ୍କର କଳଧ୍ୱନି । ମମତାମୟୀ ଗୋଟିଏ ଲଜ୍ଜାନତା ବଧୂର ପଦଚ୍ଛନ୍ଦ କୁଟୀରଟି ମୁଖରିତ କରିଛି ।

ସାମାନ୍ୟ ଫଳର ସମ୍ଭାରରେ କୃଷକ ଅତିଥି ସତ୍କାର କଲେ । ଭିକ୍ଷୁଙ୍କର ପଦସ୍ପର୍ଶ କରି ପଚାରିଲେ ।

'ମତେ ଚିହ୍ନି ପାରୁଛନ୍ତି ମହାରାଜ ?'

ଉଦୟନ ବିସ୍ମିତ ହେଲେ । ମହାରାଜ ! ଅଜ୍ଞାତ ଗର୍ଭରେ ସେ ପଦବୀ ଲୁଚି ଯାଇଛି । ସେ କେବଳ ଭିକ୍ଷୁ ଉଦୟନ, ମହାପୁରୁଷ ତଥା-

Digitized by srujanika@gmail.com

ତାଙ୍କର ଦାସାନୁଦାସ । ପରିବାର, ଆତ୍ମୀୟ, ରାଜ୍ୟ, ସମ୍ପଦ କିଛି ତାଙ୍କର ନାହିଁ । ସଂଘର ନିର୍ଦ୍ଦେଶହିଁ ତାଙ୍କର ଧର୍ମ । କିଏ ଏ ଭିକ୍ଷୁକ । ବିସ୍ମିତ ଅତୀତରୁ ପୁଣି କିଏ ଝଙ୍କାରି ଉଠୁଛି ।

‘ମତେ ଚିହ୍ନି ପାରିଲେନି ମହାରାଜ ? ମୁଁ ଆନନ୍ଦ ।’’

“ଆନନ୍ଦ !”

ଜିତେନ୍ଦ୍ରିୟ, କାମନାହୀନ, ଶାନ୍ତ, ଅହିଂସ ଭିକ୍ଷୁ ଉଦୟନଙ୍କର ରକ୍ତସ୍ରୋତ ଚଞ୍ଚଳ ହୋଇ ଉଠିଲା । ମସ୍ତିଷ୍କ ଉତ୍ତପ୍ତ । ଏଇ ତାଙ୍କ ଗୁରୁ; ତାଙ୍କରି ସନ୍ଧାନରେ ସେ ଘୂରି ବୁଲୁଛନ୍ତି । ବର୍ଷ ପରେ ବର୍ଷ !! ନିର୍ବାକ ହୃଦୟରେ ସେ ବିମୂଢ଼ ହୋଇଗଲେ ।

“ମତେ ଘୃଣା କରୁଛନ୍ତି ମହାରାଜ ? ସଂସାର ତ୍ୟାଗ କରିଥିଲି; ପରିବାର, ମାୟା, ମୋହ, ଧନ ସମ୍ପଦ ତ୍ୟାଗ କରି ସଂଘର ଧର୍ମରେ ମନପ୍ରାଣ ନିୟୋଜିତ କରିଥିଲି । ଆପଣଙ୍କ ପରି ମୁଁ ମଧ୍ୟ ବୁଲିଛି ବର୍ଷ ପରେ ବର୍ଷ । କିନ୍ତୁ ଶାନ୍ତି ପାଇଲିନି । ଗୁରୁଙ୍କୁ ନିବେଦନ କଲି ପ୍ରାଣର ବ୍ୟାକୁଳତା······ସତ୍ୟ କ’ଣ ? ଲକ୍ଷ୍ୟ କେଉଁଠି ? ନିର୍ଲିପ୍ତ ପ୍ରାଣରେ ସମାଧିସ୍ଥ ହେବ କାହିଁକି ? ଆତ୍ମାର ନିର୍ବାଣର ସ୍ୱପ୍ନ ବା ନିରାସକ୍ତ ଜୀବନରେ କାହିଁକି ? ଉତ୍ତର ପାଇଲିନି । ଗୁରୁ ବିଚଳିତ ହେଲେ । ତାଙ୍କ ହୃଦୟରେ ମଧ୍ୟ ସେହି ଅସ୍ଥିରତା । ବ୍ୟାକୁଳ ପ୍ରାଣରେ ଜଣ ପରେ ଜଣକୁ ଏହି ଜିଜ୍ଞାସା କଲି । ଜଟିଳ ତତ୍ତ୍ୱର ବନ୍ଧନରେ ସହଜ ସରଳ ଜିଜ୍ଞାସାକୁ ଆଚ୍ଛନ୍ନ କରିବାର ଚେଷ୍ଟା ବ୍ୟତୀତ ଆଉ କିଛି ଦେଖିଲିନି । ଆତ୍ମାକୁ ପୀଡ଼ିତ କରି, କୃଚ୍ଛ୍ର ସାଧନର ବାଧ୍ୟତା ମାନି ନେଇ ଶତ ଶତ ଭିକ୍ଷୁ ସେଇ ଏକା ପ୍ରଶ୍ନ କରୁଛନ୍ତି । ତା ପରେ ଫେରି ଆସିଛି ସଂସାରକୁ ।’’

“କିନ୍ତୁ ମୁଁ ଯେ ଆପଣଙ୍କୁ ସେହି ପ୍ରଶ୍ନ ପଚାରିବି ବୋଲି ଖୋଜି ବୁଲୁଥିଲି ।’’

“ତାହାହିଁ ଚିରନ୍ତନ ପ୍ରଶ୍ନ ହୋଇ ଆଜି ଦେଖାଦେଇଛି । ସଂସାର ବାହାରେ ମୁକ୍ତି ନାହିଁ, ମହାରାଜ । ମାୟାମମତାର ବନ୍ଧନ ଭିତରେ ହିଁ ନିର୍ବାଣ । କାମନାର ବିନାଶରେ ମନୁଷ୍ୟ ନିର୍ବିକାର, ନିରାସକ୍ତ ହୋଇ-ପାରେ, କିନ୍ତୁ ସୃଜନର ଇତିହାସ, ଐତିହ୍ୟ ସେଥିରେ ନାହିଁ । ସଂସାରକୁ ଫେରି ଯାଆନ୍ତୁ ମହାରାଜ, ଶ୍ରମଣର ଧର୍ମ ସର୍ବବାଦୀ ସମ୍ମତ ଯଦି ହୁଏ, ସଂସାରର ଧାରା ଅବ୍ୟାହତ ରହିବ ନାହିଁ । ରୂପ ରସ ଗନ୍ଧମୟ ଧରଣୀର

Digitized by srujanika@gmail.com

ଅପାପବିଦ୍ଧ ରୂପ ଜରା, ବ୍ୟାଧି, ହିଂସାର ପୃଷ୍ଠଭୂମିରେ ବିକଶିତ ହୁଏ । ସଂସାରରୁ ପଳାୟନ କି ରୂପର ସନ୍ଧାନ ଦେବ ? ଆପଣ ଫେରିଯାଆନ୍ତୁ । ଦୟା, କ୍ଷମା, ମମତାର ଫଲ୍‌ଗୁଧାରା ଅନ୍ତରରେ ଯେନ ସେହି ଜରା ବ୍ୟାଧି, ମଧ୍ୟରେ ହିଁ ସୃଷ୍ଟିର ମହିମା ରଚନା କରନ୍ତୁ, ସେହି ସଂସାରହିଁ ବୁଦ୍ଧ, ସଂଘ, ପାପ ତାପମୟ ମଣିଷହିଁ ସତ୍ୟ ।"

"ଫେରିଯିବି ! କିନ୍ତୁ, କୁଆଡ଼େ ?"

ଆତ୍ମଗତ ଭାବରେ ଉଦୟନ କହି ଉଠିଲେ—

"ନିଃସ୍ୱ, ପରିବାରହରା ଉଦୟନର କିଏ ଆଜି ଅଛି ! ଅହିଂସାର ବାଣୀ ପ୍ରଚାର କରିବା ପାଇଁ ସ୍ତ୍ରୀ, ସନ୍ତାନଙ୍କୁ ସର୍ବହରା, ଅସହାୟ ଅବସ୍ଥାରେ ପଥର ଭିକାରି କରି ଦେଇଛି, ହୁଏତ ସେମାନେ ମୃତ, ନର-ସକ୍ତର ମହାମନ୍ତ୍ର ଘୋଷି ସର୍ବସ୍ୱ ବିତରଣ କରି ଦେଇଛି । ଆଉ ଫେରିବାର ଉପାୟ ନାହିଁ, ଆନନ୍ଦ, କେବଳ ପ୍ରାୟଶ୍ଚିତ୍ତ···ପରିବାର ପ୍ରତି କଠୋରତା, କର୍ତ୍ତବ୍ୟରେ ତ୍ରୁଟି ପାଇଁ ପ୍ରାୟଶ୍ଚିତ୍ତହିଁ ଅବଶିଷ୍ଟ ରହିଲା···।"

ଭିକ୍ଷାଞ୍ଚଳ ପଡ଼ିରହିଛି । ଅଶ୍ରୁସଜଳ ନୟନରେ ଆନନ୍ଦ ଚାହିଁ ରହିଥିଲେ ···କମ୍ପିତ ଚରଣରେ ଉଦୟନ ଫେରିଯାଉଛନ୍ତି—ଶ୍ରୀ ସମ୍ପଦ ପରିପୂର୍ଣ୍ଣ ଅଙ୍ଗାତର ରାଜା ଉଦୟନ—ଆଜି ଆତ୍ମ ପୀଡ଼ନରେ ରକ୍ତାକ୍ତ, ସର୍ବହରା ଭିକ୍ଷୁ ଉଦୟନ—ଆନନ୍ଦ ନୀରବ । ସେ ଦାୟୀ । ଅନୁତାପ ଜଳ ଝରି ଧରଣୀକୁ ସ୍ପର୍ଶ କରୁଛି ।

Digitized by srujanika@gmail.com

ଚକା ଭଉଁରୀ

ଶୀତ ଦିନଆ ଦି’ ପହରୁ । ଖାଇପିଇ ଉଠୁ ଉଠୁ ବେଳ ଗଡ଼ି ଯାଉଛି । ତେବେ ବି ଟିକିଏ ଅଣ୍ଟା ନ ସଳଖିଲେ ନ ହୁଏ । ସପ ଉପରେ ଅଧା ଖଟ ଅଧା ଗୁଇରେ ଶୋଇ ଗୋଡ଼ ଉପରେ ଗୁଦୁରିଟା ଟାଣି ଆଣିଲେ ହୀରାମଣି । ଅଣ୍ଟାଠାରୁ ଖଟକୁ ରହୁଛି । ମୋଟା ଗୁଦୁର ଭିତରେ ଉଷୁମ ପଶୁଛି—ଆରାମ ଲାଗୁଛି ।

ହୀରାମଣି ଅଧାମଇଳା ତକିଆକୁ ଆଉ ଟିକିଏ ମୁଣ୍ଡ ତଳକୁ ଟାଣି ଆଣିଲେ । ଅଣ୍ଟା କରରେ ଗୋଲ ତକିଆଟି ଦେଇ ଅଧା କଡ଼େଇ ହୋଇ ଉପରକୁ ଅନେଇଲେ । ଏତେବେଳକେ କାମ ସରିଲା । ଦି’ ତିନି ଘଣ୍ଟା ଛୁଟି । ପୁଣି ଚକ ଘୂରିବ, କଳପରି ହାତ ଚାଲିବ ।

ଗୁହାର ଟୋକା ସେପେଇ ଘର ଧୋଉଛି, ଖଡ଼ିକା ଶବ୍ଦ ଶୁଭୁଛି । ଆଖି ଗୁହାଆଡ଼େ ବୁଲି ଆସିଲା । ପାଚିଶାକୁ ଲାଗି କୂଅରେ ଶଗଡ଼ ଲାଗିଛି । କୂଅ ପାଖକୁ ପାଣିକୁଣ୍ଡ । ପାଚିଶା କରରେ ଡେଙ୍ଗା ହୋଇଛି ଚକା, ଟିକିଏ ଘୁଞ୍ଚି ତୁଳସୀ ଚଉରା । —ହୀରାମଣି ଆଖି ବୁଜିବାକୁ ଚେଷ୍ଟା କଲେ । ଗୋଡ଼ ଦି’ଟା ଛିଣ୍ଡି ପଡ଼ିଲା ପରି ଲାଗୁଛି । ପିଠିରେ କ’ଣ ଗୋଟାଏ ଯେମିତି ଗୁହିଁ ଗୁହିଁ ମାରି ଦେଉଛି ।

ଆଃ—ଟିକିଏ ପଡ଼ିଛନ୍ତି କି ନାହିଁ । ମିଟୁ ଆସି ମୁଣ୍ଡ ଉପରେ ଚଢ଼ିଲା । ସାନ ଝିଅର ପୁଅ—୮ । ୯ ମାସ ହବ । ଗୁରୁଣ୍ଡି ଗୁରୁଣ୍ଡି ଆସି କଞ୍ଚା ପାଚିଲା ବାଳକୁ ମୁଠି ମୁଠି କରି ଟାଣୁଚି; ଓହୋ ! କୁଆଡ଼େ ଗଲା ମଞ୍ଜୁ, ମୁଣ୍ଡଟେକି ହୀରାମଣି କଣ ଘରକୁ ଅନେଇଲେ-ଫାଳେ କବାଟ ଆଉଜା ହୋଇଛି । ମଞ୍ଜୁ ଶୋଇପଡ଼ିଛି । ମୁଣ୍ଡ ଦେଖା ଯାଉଛି । ବେକଯାଏଁ ରେଜେଇ ଘୋଡ଼େଇ ହୋଇ ଶୋଇଛି ।

Digitized by srujanika@gmail.com

ମନଟା ନରମିଗଲା । ଶୋଇଛୁ, ଶୋଉ ପିଲାଟା । ଢ଼' ବରଷ ହେଲା ବାହା ହୋଇଛୁ । ଭଲ ଘର, ବର ଦେଖି ବାହା ଦେଇଛନ୍ତି । ପନ୍ଦର ଦିନ ହେଲା ବାପ ଘରକୁ ଆସିଛୁ, ଏଇ ତା'ର ପନ୍ଦର ଦିନ ପୁଅ ମା ପାଖରେ ଅଛୁ ବୋଲି ପୁଅକୁ ଗ୍ଡ଼ କେଡ଼େ ନିଶ୍ଚିନ୍ତରେ ଶୋଇ ପଡ଼ିଛୁ । ...... ମିଠୁ ଗ୍ଛ ଉପରେ ଚଢ଼ି ବସିଲାଣି । ଗୃଡଟା ଦାନ୍ତ ଉଠିଛୁ । ପାକୁଆ ପାଟିରୁ ନାଳ ଗଡ଼ ହାସ୍ୟମଣିଙ୍କ ପାଟିରେ ପଡୁଛୁ । ଅଲଣା ଅଲଣା ନାଳକୁ ଢ଼' ହାତରେ ମୁହଁପାକ ବୋଳ ଦଉଚ । ହାସ୍ୟମଣି ହସି ଲ, ଗୃଡଟା ଦାନ୍ତରେ ହସି ଉଠିଲ ମିଠୁ । ଗ୍ଛ ଉପରେ ତାକୁ ଶୁଆଇ ହାସ୍ୟମଣି ଥାପଡ଼େଇ ଥାପଡ଼େଇ ଗୀତ ବୋଲିଲେ 'ଧୋରେ ବାଇଆ ଧୋ'—ଗ୍ଛରେ ଗାଲକୁ ମଡ଼ ମିଠୁ ଚୁପ୍ ହୋଇ ଶୋଇ ଗୀତ ଶୁଣିଲା ।

ମିଠୁ ଶୋଇଲାଣି । ଥିଲ କନା ତକିଆରେ ତାକୁ ଶୁଆଇ ହାସ୍ୟମଣି ଦଣ୍ଡେ ତାକୁ ଗୃହିଁଲେ । ମଞ୍ଜୁ ଏମିତ ଗ୍ଛ ଉପରେ ଶୋଉଥିଲା ନିଦ ମାଡ଼ିଲେ ଉପରେ ହାମୁଡ଼େଇ ମୁହଁ ଗୁଞ୍ଜୁଥିଲା ଗ୍ଛରେ । ଅଠର ବର୍ଷ ହୋଇ ଗଲାଣି । କେତେ କଷ୍ଟ ପାଇଥିଲେ ସେ ତା' ଜନ୍ମ ବେଳକୁ; ସେ ଆଜ ପିଲାର ମା ହେଲାଣି ।

ପାଚଣ୍ଡ ଉପରେ ପାରା ଯୋଡ଼ାଏ କୋଉଠୁ ଆସି ବସିଲେଣି । କଳା ଧଳା ମିଶା ଛିଟ ପାରା ଯୋଡ଼ାଏ । ହାରାମଣି ଏକ ଲୟରେ ଗୃହିଛନ୍ତି । ଘୁମୁ ଘୁମୁ ହୋଇ ବୁଲିଯାଉଛୁ । ଗୋଟିଏ ଆରଟି ପକ୍ଷୀ ଫୁଲେଇ ବସିଛୁ । ଶିଉଳି ଲଗା ଗ୍ଛପି ଗ୍ଛପିକା କାନ୍ଥ ସାଙ୍ଗେ ମିଶି ଯାଇଛି ତା ପକ୍ଷୀ । ଆରେ କାନ୍ଥଗୁଡ଼ା କେତେ ଚଞ୍ଚଳ ! ଶିଉଳି ଲଗି ଗଲାଣି ମ । ଚଉକେ ବଦଳରେ ମାଡ଼ି ଗଲାଣି । ଚଞ୍ଚଳ ! ବତିଶ ବର୍ଷ ହୋଇଗଲା । ଏ ଘର ପ୍ରତିଷ୍ଠା ହୋଇଥିଲା । ରାଜୀବଲୋଚନଙ୍କ ହାତଧରି ସେ ସେଇବର୍ଷ ଏ ଘରକୁ ଆସିଥିଲେ । ଚୂନ ଧଉଳା କାନ୍ଥ ଜକ ଜକ କରୁଥିଲା, ବାଡ଼ ଦାଣ୍ଡରେ ମଲ୍ଲୀ, ରଜନୀଗନ୍ଧା ବୁଦା କେତୋଟି ଫୁଲରେ ଭାଙ୍ଗି ପଡ଼ୁଥିଲା; ଧଳା ପାଚେରୀ କରେ କରେ ଧଳା ଧଳା ଫୁଲ ପଧର ଗହଳରେ ହସି ଉଠୁଥିଲା ।

ଶଶୁର ଥିଲେ ସେତେବେଳେ । କୁଣିଆ ମଇଚ ଘରୁ ଖାଲି ହୋଇଗଲେ । ହାସ୍ୟମଣିଙ୍କ କାନରେ ଝୁଲିଲା ଗୃବପେନ୍ଥା । ବତିଶ ବର୍ଷ !!

Digitized by srujanika@gmail.com

ମନଟା ଉପରେ ବି କଅଣ ଶିଉଳ ମାଡ଼ିଯାଉନି ! ସେ ଦିନର ଚହଲା ଚହଲା ମନ ଥିର ହୋଇଛି, ଜମିଛି, ପଥୁରିଆ ହୋଇଛି । ତାତଲା ପାଣିରେ ସେ କଅଁଳ ଛନ ଛନ ମନ ପୋଡ଼ି ଯାଉଥିଲା, ଏଇନେ ନିଆଁ ତାତ ବି କାଟୁନି । ଫୋଟକା ଉପରେ ଫୋଟକା ହୋଇ ବଧିରା ହୋଇ-ଗଲାଣି । ତା' ତଳେ କଅଣ ଅଛି । ଅଛି କି ସେଇ ହଜା ଅଜାତର ରଙ୍ଗିଲା ମନ ! ମଣିଷ ମନ, ସେ ବି ପଥୁରିଆ ହୋଇଗଲା, ତା' ରଙ୍ଗ ଲୁଚିଗଲା । ଏଇ କାନ୍ଥଟା ଆଉ ରହନ୍ତା କି ? କାନ୍ଥ କରେ କରେ ବୁଢ଼ିଆଣୀ ଜାଲ, ତାଙ୍କର ମନକୁ ଯେମିତି ବାନ୍ଧି ଦେଇଛି ଏଇ ଘରସଂସାର, ଯନ୍ତ୍ରଣା, ନଷ୍ଟଦିନିଆ ଜୀବନର ଅଡ଼ୁଆ ଖିଅ । ଆଉ ଫିଟିବନି । ଫିଟେଇଲେ ବେଶି ଗୁଡ଼େଇ ହୋଇଯିବ । ଛନ୍ଦିଦେବ । ଦୁଇ ପୁଅ, ଦୁଇ ଝିଅ ବାହା ହେଲେଣି । କଏ କୁଆଡ଼େ । ବଡ଼ ପୁଅର ପୁଅଟି ପାଖରେ । ଆଉ …ରାଜୀବଲୋଚନ—ବାଳ ପାଚିଗଲାଣି, ବସି ଗଲେଣି । ତାଙ୍କର ହାତ ଧରି ବାଟ ଚାଲିଛନ୍ତି ହୀରାମଣି । ହସିଲେ ଚାହିଁଛନ୍ତି ତାଙ୍କର ମୁହଁକୁ, କାନ୍ଦିଲେ ଚାହିଁଛନ୍ତି ତାଙ୍କର ମୁହଁକୁ । ସେ ଦିନର ଗେହ୍ଲାଳିଆ ଡାକ ଲୁଚିଗଲାଣି । ଆଜି ସେ ହେଲେଣି ମଲୁମା, ଲଚ୍ଛୁମା । କ'ଣ ଗୋଟାଏ ନାଁ' ତାଙ୍କର ଥିଲା ନିଜେ ବି ସେ ଭୁଲିଗଲେଣି ।

କେମିତି ଓଦା ଓଦା ହୋଇଗଲା ମନଟା । ଆଖିରେ ଛନ୍ଦି ହୋଇ ଗଲା ଝାପସା ଝାପସା ଜାଲ । ଗୋଡ଼ ପାଖରେ ବଲେଇଛୁଆ ଗୁଡ଼େଇ ହେଉଛି । ଧୋବ ଫର ଫର ଛୁଆ ବକଟେ । ମା ତା'ର ଖରାରେ ଚକା ବାନ୍ଧିଛି । ମନଟା ପୁଣି ଥିର ହୋଇଗଲା ଟିକଏ । ଏକ ଦୃଷ୍ଟିରେ ଚାହିଁଲେ ହୀରାମଣି । ମା' ସାଙ୍ଗରେ ଛୁଆଟା ଯାଇ ଲାଗିଲାଣି । ଗୋଟିଏ ଛୁଆ ବୋଲି କେତେ ଗେଲେଇ ହେଉଛି ମ ! ମା' ଟା ଦଣ୍ଡେ ପାଖରୁ ଛାଡ଼ିବନି । ଛୁଆ ସାଙ୍ଗରେ ଖେଳୁଥିବ ସବୁବେଳେ । ଫୁଲେଇଟାଏ । ମନରେ ଈର୍ଷା ହେଲା । ଚିନ୍ତା, ଦିକ କିଛି ନାହିଁ, ମଜାରେ ଅଛି । ଛୁଆଟା ମା ଲାଞ୍ଜ ସାଙ୍ଗେ ଖେଳି ଖେଳି ଚଢ଼ିଲାଣି ତା ମୁଣ୍ଡ ଉପରେ । ପେଣ୍ଡୁ ପରି ଗଡ଼ଯାଉଚି । ଖାଲି ଖେଳ ଆଉ ଖେଳ । ସରିବନି ଯେମିତି । ଚିଡ଼ମାଡ଼ିଲା ହୀରାମଣିଙ୍କୁ । ଆରେ ! ମିଉଁ ମିଉଁ ହୋଇ ଛୁଆଟା ପଳେଇ ଆସିଲା । ବଡ଼ ବଲେଇଟା କାମୁଡ଼ି ଦେଲା ପୁଳାଏ । ଆହା ! ଦୁଃଖ ହେଲା ହୀରାମଣିଙ୍କ ମନରେ, ଛୁଆ ପାଇଁ ନୁହେଁ—ମା ପାଇଁ । ଏତେ ଶାନ୍ତ,

Digitized by srujanika@gmail.com

ସୁଧାର ବଲେଇଟିଏ, ଏ ଛୁଆ ହେଲାଦିନୁ ସବୁବେଳେ ଯେମିତି ଖିଟି ଖିଟି ହେଉଛି । ଭୁଆ ଡରେ ଏଠିକି ସେଠିକି ସେ ଛୁଆକୁ କରୁ କରୁ ଅଧାପ୍ରାଣ ହେଲାଣି । ଭଲ ହେଇଚ, ଆଉ ପୁଳାଏ ହଅନ୍ତା କ ! ବର୍ଷକୁ ବର୍ଷ ଛୁଆ ପାଳ ବଢ଼େଇ ଚମ ଝୁଲି ପଡ଼ିଲାଣି, ରୁମ ଟାଆଁସା ହୋଇଗଲାଣି । କେତେ ସହନ୍ତା ?

ନିଜ ଦେହ ଉପରେ ଆଖି ବୁଲି ଆସିଲା ହୀରାମଣିଙ୍କର । ହାତକୁ ଛୁହିଁଲେ । ଚମ ତଳର ପୂରିଲା ପୂରିଲା ମୋଡ଼ା ମୋଡ଼ା ମାଂସ ଢଗୁଲା ହୋଇ ଆସିଲାଣି । ଫିଟିଗଲାଣି ଚାଁ ଭିତରର ବନ୍ଧା । ପଚିଶ ବର୍ଷ ହୋଇଗଲା । ଘରଦ୍ୱାର, ପୁଅବୋହୂ, ଝିଅ ଜ୍ୱାଇଁ ସବୁ କମେଇଲେ । ଯେଝା ବାଟରେ ଯିଏ । ବସିପଡ଼ିବାକୁ ବେଳ ନାଇଁ । ମନ ହେଲା, ସବୁ ଛାଡ଼ିଛୁଡ଼ି ଦେଇ କହନ୍ତେ—ଆରେ ପିଲାଏ, ମୋ'ର ଛୁଟି । ଏଥର ଖାଲି ବସିବ, ବସିବ—ଦେଖିବ ତମେ କେମିତି ଘର କରୁଚ । ଗଣ୍ଠିଗଣ୍ଠିକା ଅଡ଼ୁଆ ସୂତାକୁ ଫିଟେଇ ଫିଟେଇ ତମର ଆଗରେ ଚାଲି ତମକୁ ବାଟ ଦେଖେଇଲି । ଉଡ଼ ଶିଖିଲ । ମୁଁ ଏଥର ଶୋଇବ । ମନଖୁସିରେ ଶୋଇବ ।

ନା, କୁଆଡ଼େ ଯିବେ ! କୋଉ ପୁରରେ ଠାବ ଅଛି ! ଘର ଦୁଆର, ଠାକୁର, ରାଜାବଲୋଚନ । ପୁଣି ବଷେଇଗଲା ମନଟା । ବଲେଇ ନିଶ୍ଚିନ୍ତରେ ଶୋଇଛି । ଛୁଆଟା କାମୁଡ଼ା ଖାଇ ଆଉ ପାଖକୁ ଯାଉନି । ଖଣ୍ଡେ ଦୂରରେ ବସି ଗୋଡ଼ ଚାଟୁଚି । ହୀରାମଣି ନିରେଖି ଚାହିଁଲେ । ନିଶ୍ଚିନ୍ତ ନିଦରେ ବଡ଼ ବଲେଇଟାର ପେଟ ପଡ଼ୁଛି, ଉଠୁଛି । ଗୋଡ଼ ଚାରିଟା ଲମ୍ବେଇ କରେଇ ହୋଇ ଶୋଇଲାଣି । ପଶୁ ଜନମ କେଡ଼େ ଭଲ ମ ସତେ ! ମଣିଷ ତ ଏମିତି କାମୁଡ଼ ରାମ୍ପୁଡ଼ ପାରୁନି ।

ଖରା ଗଡ଼ି ଗଡ଼ି ଯାଉଚି । ନଡ଼ିଆ ଗଛରେ ମାଟିଆ ଚିଲଟାଏ ବସି ରଡ଼ ଛାଡ଼ୁଚି । ଚିଁ ଚିଁ ସ୍ୱର କାନରେ ପଶି ଯାଉଚି । ହୀରାମଣି ସିଧା ହୋଇ ଶୋଇ ଅନେଇଲେ । ଦି'ଟା ଚିଲ ଖୁମ୍ପାଖୁମ୍ପି ହୋଇ ଗୋଟାଏ ଉଡ଼ି ଆସିଲା ବାହାରକୁ । ଶୁଖିଲା ବରଡ଼ା ଗୋଟାଏ ତଳକୁ ଖସିପଡ଼ିଲା । ଚମକି ପଡ଼ିଲା ବୋଧହୁଏ ଚିଲଟା । ଖଣ୍ଡେ ବାଟ ଉଡ଼ିଆସି ଉଠିଲା ଉପରକୁ । ବୁଲି ବୁଲି ଉଠୁଛି । ଗୋଲ ଗୋଲ ଗାର କାଟି ଯାଉଛି । ପକ୍ଷୀ ଯେମିତି ସ୍ଥିର ହୋଇ ରହିଛି । ଯୋଜେଇ ହୋଇ

ପଡ଼ୁନ ! ଆସ୍ତେ ଆସ୍ତେ ଛୋଟ ହୋଇ ଯାଉଛୁ । କଳାହୋଇ କ'ଣଟାଏ ଖାଲି ବୁଲୁ ଛୁ ସେମିତି । ଜାଣି ହେଉନ କ'ଣ । ଚିହ୍ନି ହେଉନ । ଖାଲି ବୁଲିବା ତା'ର କାମ । ଏମିତି ବଡ଼ବଡ଼ ଗୋଲେଇ କାଟି ସେ ଖାଲି ବୁଲିବ ବୁଲିବ । କେହି ଜାଣିବେ ନି, ଚିହ୍ନିବେ ନି ।

ମନଟାକୁ ଟିଟେଇ ଦେଖିଲେ ହାରାମଣି । କ'ଣ ଅଛି ତା' ଭିତରେ ! କିଛି ନାହିଁ, ଫାଙ୍କା । ଯାହା ଥିଲି ଝାଡ଼ିଝୁଡ଼ି ଦେଇଗଲେ । ପୁରୁଣା ଏଇ ଜୀବନର କୁଞ୍ଚୁକୁଞ୍ଚିଆ ଭଙ୍ଗ ତଳେ ବି ଯାହାଟିକିଏ ଟିକିଏ ଶ୍ରୀ ସମ୍ପଦ ନିଜର ବୋଲି ଥିଲି ସବୁ ନିଗାଡ଼ି ଦେଇଛନ୍ତି; କିନ୍ତୁ ମୁକୁଳି ପାରିବେ ନି । ଏଇ ଢଣାରେ ହାଡ଼ ଗୁଡ଼ିଖଣ୍ଡ ବି ଦେଇଦେବେ । ଏଇ ଚିଲପରି ବଞ୍ଚିବାକୁ ଘୂରିବେ । ଘୂରିବାକୁ ବଞ୍ଚିବେ । ତଳୁ ଗୃହିଁବେ ପୁଅ ଝିଅ ନାତିନାତୁଣୀ, ବନ୍ଧୁବାନ୍ଧବ । ଦେଖିବେ ତେଣା ଝୁଲି ପଡ଼ୁଛି । ମୁଣ୍ଡ କ୍ଲାନ୍ତରେ ନଇଁ ପଡ଼ୁଛି—ସେ ବୁଲୁଛନ୍ତି···ବୁଲୁଛନ୍ତି । ତାଙ୍କର ଗତି ରହୁଚି ସିନା ଆକାର ରହୁ ନି । ଛୋଟ, ଆହୁରି ଛୋଟ ସେ ହେଇ ଯାଉଛନ୍ତି । ସେ ବୁଲୁଛନ୍ତି, କେହି ଦେଖିପାରୁ ନାହାନ୍ତି, ଚିହ୍ନି ପାରୁନାହାନ୍ତି, ଜାଣିପାରୁ ନାହାନ୍ତି । ସେ ଘୂରିବା ବନ୍ଦ କରିପାରୁ ନାହାନ୍ତି, ପାରିବେ ନି । ସେମିତି ବୁଲି ବୁଲି ମିଶି ଯାଉଛନ୍ତି ମହାଶୂନ୍ୟରେ·····।

Digitized by srujanika@gmail.com

ରୁକୁଣା-ରଥ

ଚୀନାମାଳି କର ଲେଉଟାଇଲେ । ଦେହ ଭିତରର ଅସହ୍ୟ ଯନ୍ତ୍ରଣା ଯେପରି ହାଲୁକା ହୋଇ ଆସୁଛି । ଝୁରପଟେ ଅସଂଖ୍ୟ ଝାପ୍ସା ମୁହଁ—ଅଚେତ ମନର ଗୁଇ ଗୁଇ ଅଜଣା କୋଣରୁ ବାହାରି ଭାସି ବୁଲୁଚ କେତେ ଚହ୍ନା, ଅଧଚହ୍ନା ମଣିଷଙ୍କ ଆକାର···ସ୍ୱାମୀ ଗୋପୀନାଥ, ଶଶୁର ହୃଷୀକେଶ···କିଏ ଡାକୁଛି ସେ ପଟେ ? ରତନା ଅପା ? ଆଲୋ ଚୀନା, ଗାଧୋଇ ଯିବୁନାହିଁ କି, ବେଳ କେତେ ହେଲାଣି ଦେଖିଲୁଣି ? ···ବେଳ ହେଲାଣି ? ହଁ; ହେଲାଣି ତ···ଆରେ, ଏମାନେ କାନ୍ଦୁଛନ୍ତି କାହିଁକି ? ଆରେ ପିଲାଏ କାନ୍ଦୁଛ କାହିଁକି ? କ'ଣ ହେଲା ? ବୋହୂ ଗଲେ କୁଆଡ଼େ-ପିଲାଗୁଡ଼ାଙ୍କୁ କ'ଣ ଏତେବେଳ ଯାଏ ଖାଇବାକୁ ଦେଇ ନାହାନ୍ତି ?··· ଆଲୁଅ ଝାପସା ହୋଇ ଯାଉଛି । ଅନ୍ଧାର ମିଶା ନରମ ଆଲୁଅ ଭିତରେ ଦୁଆର ବାଟେ ଦେଖା ଯାଉଛି ବଡ଼ ଥୋପାଏ ନାଲି କନିଅର ଫୁଲ । ଚୀନା—ଚୀନାମାଳି···ସାଆନ୍ତାଣୀ—ମା—ମାମା···କାଲିର ମଉଳା ଫୁଲ କନିଅର ଗଛରୁ ଝଡ଼ିଯାଇଛି, ନୂଆଫୁଲ ଧରିଛି—ଲାଲ—ରକ୍ତ ଭଳି ଲାଲ···

ଲୁହ···ଖାଲି ଲୁହ । ଆଖିରୁ ଝରୁଛି ଅସରା ଧାର । କୋହ ପରେ କୋହ । ଏତେ ଦୁଃଖରେ ଭିଡ଼ା ଓଠର ଶେଷ ହୋଇଗଲା । ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ବୋହୂ ମୁଣ୍ଡ କୋଡ଼ି କାନ୍ଦୁଛନ୍ତି । କିଏ କେତେ ଘଣ୍ଟା ସେବା କଲେ; ତାର ଛକାପଞ୍ଝା ଖେଳ ସରିଗଲା । ଖାଲି ପାଣି ଭିତରୁ ନିଗିଡ଼ି ପଡ଼ୁଛି ସବୁ ସ୍ନେହ, ମାୟା ମମତା । ଘର ଭିତରେ ଧୂପ ଧୂଆଁ ବୁଲି ବୁଲି ଉପରକୁ ଉଠୁଛି । ଅବରଗୁଣ୍ଡା ପବନରେ ଉଡ଼ି ଘର ଭିତର ନାଲି ଦିଶୁଛି । ଟୋପା ଟୋପା ପଡ଼ୁଛି କସ୍ତୁରୀ, ଅଗୁରୁ । ଖଟ ଝୁରପଟେ ବେଢ଼ି ଛିଡ଼ା ହୋଇଛନ୍ତି ପୁଅ ବୋହୂ, ନାତି ନାତୁଣୀ, ପୁରୁଷ ଝିଆରୀ ।

Digitized by srujanika@gmail.com

ଚୀନାମାଳ ଶୋଇଛନ୍ତି । ଧଳା ଶୁଦର ବେକ ପର୍ଯ୍ୟନ୍ତ ଘୋଡ଼େଇ ହୋଇଛି । ପବନରେ ଉଡ଼ୁଛି କେଉଁ କେଉଁ ପାଚିଲା ବାଳ । ଆଖି ମୁଦ୍ଧ ହୋଇ ଯାଇଛି, ଓଠ ବନ୍ଦ ହୋଇଯାଇଛି, ଦେହ ହୋଇଛି ହିମଶୀତଳ । ଗୋଟା ଚକଚକ ପାଚିଲା ରଙ୍ଗ ଉପରେ ନେଳିଆ ଛାଇ ବୁଲି ଆସୁଛି ।

ଆଣ ଆଣ ନୂଆଲୁଗା, ଚନ୍ଦନ, ତୁଳସୀମାଳ—ଦିଅରେ ପିଲାଏ, ବୁଢ଼ୀକି ପିନ୍ଧେଇଦିଅ···ତା'ଠୁ ତମେ ଜନ୍ମ ହୋଇଛ, ତା'ର ଘର, ତା'ର ଦୁଆର, ତୁମକୁ ସେଇ କମେଇଛି, ଦିଅ ସମସ୍ତେ ହାତ ଲଗାଅ··· ଦେ'ଲେ ମା' ଗଙ୍ଗାମାଟିରେ ଚିତା କରିଦେ । ଆଜି କାନ୍ଦିଲେ କ'ଣ ହେବ ବୁଢ଼ୀ ସୌଭାଗ୍ୟବନ୍ତୀ । ସମସ୍ତଙ୍କୁ ପଛରେ ରଖି ସେ ଚାଲିଗଲା । ଦିଅ, ଚଞ୍ଚଳ କର, ବେଳ ହୋଇଗଲା ।

ହିଁ ବେଳ ହୋଇଗଲା । ଚମକି ପଡ଼ିଲେ ବଡ଼ପୁଅ ରାଧାକାନ୍ତ । ଶାଳଗଛା ପରି ଦେହ ଥରି ଉଠିଲା । ଆଖିରୁ ପାଣି ଗଡ଼ି ଆଖି ନାଲି ଦିଶୁଛି, ସେ ହାତ ଲଗାଇବେ । ମା ଚାଲିଗଲା ।

ମଥାନ ଉପରୁ ସେ ଝୋଟିଦିଆ କଉଡ଼ିମଣ୍ଡା କାନ୍ଥ ଉପରେ ନଇଁ ଆସିବଣି ଖରା । ବେଳ ଆଖର ହେଉଛି । ଦଧିବାମନ-ଦେବଙ୍କ ବାଲଧୂପ ସରିବଣି । ବାରହାତ ସୁନେଲି ଜରିଧଡ଼ି ଯୋଡ଼ରେ ତୁଳସୀ ଫୁଲ ମଣ୍ଡି ହୋଇ ଚାହିଁଥିବେ କୁଳଦେବତା । କ୍ଷୀରଣରୁ ଅନେଇ ଥିବେ ବଡ଼ବଡ଼ିଆ—ସ୍ତରକୁ ସ୍ତର···ନିଜ ବଂଶଧରଙ୍କୁ ଚାହିଁ ଥିବେ··· ଗୋପୀନାଥ ପଟ୍ଟନାୟକ···ହୃଷୀକେଶ ପଟ୍ଟନାୟକ···ଜଗନ୍ନାଥ ପଟ୍ଟନାୟକ ···ପଦ୍ମଲାଭ ପଟ୍ଟନାୟକ ଆଉ···ତା'ର ତଳେ ମଥାରେ ନାକଅଗଯାଏ ଓଢ଼ଣା ଟାଣି ଗୋପୀନାଥ ପଟ୍ଟନାୟକଙ୍କ ପାଖରେ ଆସନ ନେବେ ଚୀନା-ମାଳ—ରାଧାକାନ୍ତଙ୍କ ମା । ସ୍ତ୍ରୀଙ୍କୁ ଅନେଇ ହସୁଥିବେ ଗୋପୀନାଥ ପଟ୍ଟ-ନାୟକ । ଏତେଦିନର ଚାହିଁ ରହିବା ତାଙ୍କର ଶେଷ ହୋଇଛି । ବେଳ ହୋଇଛି··· ।

କାମ ସରିଗଲା । ପୁରିଲା ସଂସାର ପଛରେ ଛାଡ଼ିଗଲେ । ଚାରି-ପୁରୁଷର ହସକାନ୍ଦ ଖେଳ କଉତୁକ ସେ ଦେଖିଲେ; ତାଙ୍କ ବାଟ ସରିଗଲା ।

Digitized by srujanika@gmail.com

ପଛରେ ଡାକୁଛି ଲବଣଗିଷ୍ମ···ଛଳ ଛଳ ଶବ୍ଦରେ କଥା କହୁଛି ଗନ୍ଧବଣ୍ଟା ନଈ ।

ନୂଆବୋଉ କୁଆଡ଼େ ଗଲେ କରେ ପୁଅ ! ଏଁ ! କଏ ! ମଣିଅପା କଥା କହୁଛି । ମାଈ ସଞ୍ଜ ଗଡ଼ଗଲାଣି । କାଇଁଚ କୋଚଲ ବଣକଡ଼ରେ ମଙ୍ଗଳାଙ୍କ ବରଗଛପାଖ ଗୋହ୍ମରି ଧରି ମା, ଖୁଡ଼ି, ପିଇସୀ ବାଗ ପୋଖରୀକୁ ଧୂଆ ଧୋଇ ହେବାକୁ ଯିବେ । ସେ ଦଳ ଭିତରେ ମୁଖିଆ ତାଙ୍କ ମା—ଚୀନାମାଳ—ବେବର୍ତ୍ତ ପଟ୍ଟନାୟକ ଘର ଜୀବନ, ସାତ ପୁରୁଷି ବୃନଆଦର ଦାନ୍ତ କବାଟ । ଅଛୁଣ୍ଡା ଗପର ପେଡ଼ି ଖୋଲିଥିବ । ଜମି ଆସୁଥିବା ସନ୍ଧର ଅନ୍ଧାରରେ ଶୁଭୁଥିବ ଥିର ଥିର କଥା, ଚପିଲା ହସ ।

ଗୋଡ଼ ପାଖକୁ ଓଢ଼ଣା ଟାଣି ଛିଡ଼ା ହୋଇଛି ନାତୁଣୀ ବୋହୂ, ମଇନା । କେଇଟା ଦିନ ହେଲା ଏ ଘରକୁ ଆସିଛି । ଏ ଘରର ବୃନଆଦ ତାକୁ ଛୁଇଁନ, ଏ କୁଳର ମାୟା ମମତା, ଗମ୍ଭୀରତା ତାକୁ ବାନ୍ଧନ । ଜାଣିନ ସେ, ଆଉଟା ସୁନାପରି ଏଇ ମୁହଁର ରଙ୍ଗରୁ ଥୋପିପଡୁ ଥିଲା ଧୋବ ଧାଉଳିଆ ଚନ୍ଦ୍ର ନୁହେଁ, ଜୀବନର ଅତଳ ଗମ୍ଭୀରର ମଣିମାଣିକ । ଆଖି ଚୂପୁଡ଼ି ବାହାରିଥିବା ଲୁହଟୋପାକ ଆଖିପତାରେ ଲାଗିଛି । ସେ ଦେଖିନ, ଜାଣିନ ଚୀନାମାଳଙ୍କ ପାଦ ତଳ ଦିଶୁଛି । କଅଣ କରିବ ଜାଣି ନ ପାରି ସେ ଛିଡ଼ା ହୋଇଛି । ଜାଇଲାବେଳେ ପାଦରେ ହାତ ଦେଇନ । ଆଜ ମଲାପିଣ୍ଡିଟାରେ କଅଣ ସେ ଦେଖିବ । ପ୍ରଜାପତିର ଡେଣାହଲା ଭିତରେ ଦଣ୍ଡଟାଏ ସେ ଦେଖି ନେଉଛି ଗୋଟାଏ କଅଣ ଦୃଶ୍ୟ ।

ଧାଡ଼କ ଧାଡ଼ ଗାଡ଼ ଠିଆ ହୋଇଛି; କେତେ ଜଣା ଶୁଣା ବନ୍ଧୁ ବାନ୍ଧବ ଜମା ହେଉଛନ୍ତି—ଶେଷ ଦର୍ଶନ କରିବେ । ପଟୁଆରରେ ଯିବେ ଚୀନାମାଳ ।

ଗାଁ ମୁଣ୍ଡରୁ ଏମିତ ପଟୁଆରରେ ପଟ୍ଟନାୟକ ଘରର ଟେକିଲା ମଥାନ ତଳେ ସେ ପାଦ ଦେଇଥିଲେ । ଉପରେ ପାଟ ମଣ୍ଡଣି, ତଳେ ନାଲି ସାଲୁ କନା—ତେର ବରଷର ଝିଅଟି ଅଳଙ୍କାର, ପାଟ ଲୁଗାର

Digitized by srujanika@gmail.com

ଓଜନରେ ଝାଳେଇ ଯାଉଥିଲା । ବାଜୁଥିଲା ତେଲଙ୍ଗୀ ବାଜା, ମହୁରୀ, ବାଣ, ଶୋଭାଯାତ୍ରାରେ ଗାଁ ଆଲୁଅ ହେଉଥିଲା । କିଏ ଜାଣିଥିଲା ସେ ଦିନର ସେଇ ସୁନାଖଡ଼ିକା ବୋହୂଟି ଏତେ ବଡ଼ ଥାଟ ସମ୍ଭାଳିବ ! ସାଇ ପଡ଼ିଶାର ଝିଅ ବୋହୂ ବେଢ଼ି ଯାଇଥିଲେ; ଓଢ଼ଣା ଟେକି ଦେଖିଥିଲେ ଗୋଟିଆ ମୁହଁଟିକୁ ।

ସଂସାରର କଣ୍ଟା ଆଉ ଭଙ୍ଗା, ଗୋଟାକ ପରେ ଗୋଟାଏ ତେଉ ସମ୍ଭାଳି ସେ ଦିହ ପଥର ହେଲା । ନରମ ମନ ଲୁହାରେ ବନ୍ଧା ହେଲା । ସେଇ ଦିହଟା ଆଜି ଏଠି ଶୋଇଛି । କାହାରିକି ଗୃହଁ ନି, ଏତେ ସବୁ-ଗରେ ସାଇତିଥିବା ସଂସାରରୁ ଟେନାଏ କିଛି ଆଶା କରୁନି । ପଛରେ ପଡ଼ିଛି ପଟ୍ଟନାୟକ ଘରର ମାନ, ସମ୍ମାନ, ଗୌରବ । ଏଇ ଘରର କାହା ଆଖିରୁ ଲୁହ ଝରିଲେ ତାଙ୍କ ଦେହରୁ ଲହୁ ଝରୁଥିଲା, କାହା ମୁହଁ ଶୁଖିଗଲେ ତାଙ୍କ ଦେହରୁ ନଅଁ ଖସି ପଡ଼ୁଥିଲା । ଆଜି ବଅଁଶଯାକର ଲୁହ ତାଙ୍କ ପଥର ମନଟା ଉପରେ ଦାଗ କାଟି ପାରୁନି, ସେ ଶୁଣୁନାହାନ୍ତି, ଶୋଇ ଯାଇଛନ୍ତି ନିଶ୍ଚିନ୍ତ ନିଦ । ସେ ନିଦ ଭାଙ୍ଗିବନି; ସେ ଆଖି ଆଉ ଦେଖିବନି ତାଙ୍କର ଗଢ଼ା ଏ ସଂସାରର ହାନିଲାଭ ।

ହିଅରେ ପିଲାଏ, ହରିବୋଲ ଦିଅ—ରାମନାମ କର । ବୁଢ଼ା ମାଲଭାଇ ସତ୍ୟବାଦୀ ପଟ୍ଟନାୟକ ପାଟି କରି ଉଠିଲେ । ନୂଆକରି ଉଚ୍ଛୁଳିଉଠିଲା ଆଉ ଗୋଟାଏ କଣ୍ଟାଆର କଇଁ କଇଁ କୋହ-ମା ଗ୍ଲିଗଲେ-ଖୁଡ଼ୀ ଗ୍ଲିଗଲେ ମାମା ଗ୍ଲିଗଲେ-ଆଉ ଫେରିବେନି । ରୁକୁଣା ରଥ ଅଣାଗଲାଣି । କୃଷ୍ଣଚୂଡ଼ାର ନାଲିରଙ୍ଗ ଧଳାଗୃଦର ଉପରେ ମଣ୍ଡଣି ମାରିଛି । କନିଅର କାଠଚମ୍ପା, ମଲ୍ଲୀର ନାଲି ହଳଦିଆରଙ୍ଗ ଇନ୍ଦ୍ରଧନୁର ପୁଟ ଦେଇଛି । ଗଳାରୁ ଲମ୍ବିଛି ତୁଳସୀମାଳ, ନାମାବଳୀ– କପାଳରେ ତିଳକ । ଏତେ ବଡ଼ ସଂସାରର ମଥାମଣି ଗୀନାମାଳ ଛଅଖଣ୍ଡି ବାଉଁଶର ଖଟିଆରେ ଶୋଇବେ । ବେକତଳେ ହାତ ରଖିଛନ୍ତି ରାଧାକାନ୍ତ । ପାଦ ପାଖରେ ନାତି ନାତୁଣୀ । ଦୁବଳିଆ ମଣିଷଟିଏ—ପୁଅ ବୋହୂ ନାତି ନାତୁଣୀଙ୍କ ହାତରେ ଶୂନ୍ୟରେ ଉଠିଗଲେ । ସଂକୀର୍ତ୍ତନ ଶବ୍ଦ ଶୁଭୁଛି । ଗାଡ଼ିରେ ଲଦା ଗଲାଣି କାଠ, କୁଲା, ହାଣ୍ଡି, ଚନ୍ଦନକାଠ, ଘିଅ । ଏକା ଏକା ଗୀନାମାଳ ଶୋଇପଡ଼ିଛନ୍ତି ।

Digitized by srujanika@gmail.com

"ଆଉ କାହିଁକି ବ୍ୟସ୍ତ ହେଉଛନ୍ତି ଆଜ୍ଞା, ତାଙ୍କ ସମୟ ହୋଇଥିଲା ସେ ଗଲେ, କଷ୍ଟରୁ ଉଦ୍ଧାର ପାଇଗଲେ । ଆପଣଙ୍କ ହାତରୁ ନିଆଁ ଟିକିଏ ପାଇଲେ ତାଙ୍କର ମୁକ୍ତି ।"

ଏଁ ! ହଁ—ତାଙ୍କର ମୁକ୍ତି ! କିନ୍ତୁ, ଦଧୀଚି ପରି ସବୁ ତ ସେ ଦେଇଗଲେ ତାଙ୍କ ସଂସାରକୁ । ସେ ମୁକ୍ତି ଖୋଜୁ ନଥିଲେ, ବନ୍ଧନ ଖୋଜୁ ନଥିଲେ, ଦାନ-ଅକୁଣ୍ଠ ଅଯାଚିତ ଦାନରେ ରକ୍ତମାଂସ ତାଙ୍କର ଅନ୍ତ ହେଲା । ରାତି ବାରଟା ଆଗରୁ ସେ ବିଛଣାକୁ ଯାଆନ୍ତି ନାହିଁ । ଚରକିପରି ଘୂରି ଘୂରି ସେ ଗୋଡ଼କୁ ବିଶ୍ରାମ ନଥାଏ, ହାତକୁ ସମୟ ନଥାଏ । ପକ୍ଷପରି ଏଡ଼େବଡ଼ ଥାଟକୁ ଜଗି ଦିନେ ବିଦେଶକୁ ଗୋଡ଼ କାଢ଼ି ନଥିଲେ, ବାପ ଘରକୁ ଯାଇ ନଥିଲେ । ସେ କ'ଣ ପୁଅ ହାତର ନିଆଁ ଟିକକ ପାଇଁ ! ନାତି ନାତୁଣୀ, ବୋହୂ, ନାତୁଣୀବୋହୂଙ୍କ ହାତର ଆଉଁସା ଟିକିଏ ପାଇଁ !

ହାତ ରହିଗଲା, ଗୋଡ଼ ରହିଗଲା, ଭୁଣ୍ଡରେ ସାର ହେଲା ଦଧିବାମନ ଦେବ, ରାଧାକାନ୍ତ ଦେବ—କୁଳଦେବତାଙ୍କ ନା' ସଂସାରରେ ପରିବର୍ତ୍ତନ ହେଲା, ନୂଆ କଥା ଚଳିଲା, ନୂଆ ଆଲୁଅ ପଶିଲା, ଦିନେ ସେ ପାଟି ଫିଟେଇ ନାହାନ୍ତି । କାହିଁ କି ଫିଟାନ୍ତେ । ତାଙ୍କ ଦହକରେ କଅଣ ସେ ନ ଦେଖିଛନ୍ତି । ତାଙ୍କ ମନରେ ସନ୍ଦେହ ନଥିଲା, ପ୍ରଶ୍ନ ନଥିଲା—ଥିଲା ବିଶ୍ୱାସ । ସେ ବିଶ୍ୱାସ ସେଇ ଗଙ୍ଗୁଆ ନଈକୂଳର ପଥର ପାଚେରି ଘେରା କାହିଁ କେତେ ଯୁଗର ପୁରୁଣା ଘରର ବିଶ୍ୱାସ—ମଙ୍ଗଳାପୀଠର ବୁଢ଼ା ବରର ଓହଳ ପରି ଅକାଟ ଅତୁଟ । ସେ ଦେଖିନି ପ୍ରଜାପତିର ଛିଟିଛିଟିଆ ରଙ୍ଗ, ଜ୍ଞାନ ବିଜ୍ଞାନର ଜଟିଳତା ଦେଇ ସେ ଖୋଜି ନି ଅପୂର୍ବ ଆରାମର ସ୍ୱାଦ । ସେ ଖାଲି ହୋଇଛି । ଆଜିର ଏ ଚମକରେ ସେ କାବା ହୋଇ ଯାଇଛନ୍ତି ସିନା; ପାଟି ଫିଟେଇ କାହାର ଅପ୍ରିୟ ହୁଅନ୍ତେ କାହିଁକି !

ଆଗପଛ ହୋଇ ତିନିଖଣ୍ଡ ମଟର ଘରପଟେ ବାଡ଼ ଘେରା ମଶାଣି ଭିତରେ ପଶିଲା । ଘରଆଡ଼େ ପାଉଁଶ କୁଡ଼ । ଏହାର ଘରପାଖେ ଜମା ହୋଇଥିବେ କେତେ ଅମୂର୍ତ୍ତ ଆତ୍ମା । ସେ ପୂରରୁ ଦେଖିଥିବେ ହାଡ଼ କେଇଖଣ୍ଡ ପାଉଁଶ ହେବାଯାଏ ।

Digitized by srujanika@gmail.com

ଜ୍ୱଇ ସଜଡ଼ା ହେଉଛୁ । ମା'ଙ୍କ ପାଦରେ ହାତ ପକେଇ ରାଧାକାନ୍ତ ବସିପଡ଼ଲେ । ଆମୋକ୍ଷ ଆତ୍ମା ପାଖରେ ଥିବ, ମର ଦେହକୁ ଏକା ରଖିବାର ନୁହେଁ । ରାଧାକାନ୍ତଙ୍କ ଗମ୍ଭୀର ଆଖି ଦ'ଟା ଦେଖାଯାଉଛୁ ଏକା । ସ୍ନେହିଆ ମଣିଷ—କେତେ ବା ଓଜନ, ସେଇ ସମ୍ଭାଳଥିଲା ଏଡ଼େ ବଡ଼ ସଂସାରର ଜଞ୍ଜାଳ । କିଏ ଥିଲା ତାଙ୍କ ପାଖରେ । କେହି ନାହିଁ । ବଡ଼ ପାହାନ୍ତାରୁ ରାତ୍ତି ଅଧଯାଏ ସେ କେବଳ ଘର ବୋହି ଚାଲଥିଲା । ମନେ ପଡ଼ୁଛୁ ରାଧାକାନ୍ତଙ୍କର ବଡ଼ପୁଅର ଜନ୍ମକଥା । ବଡ଼ ନାତି··· ଚୀନାମାଳଙ୍କ ଓଢ଼ଣା ନାକ ଅଗରୁ ଉପରକୁ ଉଠିଥିଲା । ନସ ଜେଜେମା ହେଲେଣି-ଗୋଡ଼ ପାଞ୍ଚ ହାତରେ ପଡ଼ଲା । ଗୋଟାଏ ହାତରେ ଘର ସମ୍ଭାଳ ଗୋଟାଏ ହାତରେ ନାତି କାମ କରୁଥିଲେ ।

ଆଉ ନାହିଁ । ସବୁ ସରିଗଲା । ଚୀନାମାଳଙ୍କ ବୋହୂ, ରାଧାକାନ୍ତଙ୍କ ସ୍ତ୍ରୀ ଆଜ ଶାଶୁ ହେଲେଣି । ଜଞ୍ଜାଳ ହାତକୁ ହାତ ଗଡ଼ ଚାଲଛୁ । ହେଲେ ସେ ଦନ କାହିଁ ! ଘରର ଗୃହ କାନ୍ଥରେ ବିଶ୍ୱାସରେ ଜୀବନକୁ ବହିନେବାର ଦମ୍ଭ ସାହସ କାହିଁ !

ଚୀନାମାଳ ମୁହଁମାଡ଼ ଶୋଇଲେ କାଠ ଉପରେ । ଗ୍ରୁଡିଏ ଉଚରେ କାଠ ସଜଡ଼ା ହୋଇଛି । ତା'ର ଉପରେ ଶୋଇଗଲେ ରାଧାକାନ୍ତଙ୍କ ମା । ଆଃ ! ନା, କାହାକୁ କାଟିବ । ଚୀନାମାଳଙ୍କ ଉପରେ ନଦା ହେଲାଣି କାଠ । ନାତିନାତୁଣୀ ଲୁହରେ ଅନ୍ଧ ହୋଇ ଛକ ଯାଉଛନ୍ତ କାଠଗଣ୍ଡି । ବୋହୂ ନାତୁଣୀବୋହୂ ମୁହଁ ବୁଲେଇଲେଣି । ହିହ ଥରୁଛି, ଦେଖି ପାରିବେନ, ଟିକିଏ ମଇଳା ଦେଖିଲେ ନାକ ଟେକୁଥିଲେ ଏଇ ଚୀନାମାଳ—ପଟ୍ଟନାୟକ ଘରର କୁଳବୋହୂ । ବଡ଼ଘର ଝିଅ, ଆଣୁଏ ବହଳ ଶେଯ, ପିଉଳ ମୁଦବସା ପଲଙ୍କରେ ପହଡୁଥିଲେ । ତାଙ୍କ ମୁଣ୍ଡ, ଅଣ୍ଟା, ପିଠିରେ ଲଦା ହେଉଛି କାଠଗଣ୍ଡି । ପାଦ ଦୁଇଟି ବାହାରକୁ ଦିଶୁଛି, ହାତ ଝୁଲପଡ଼ୁଛି ।

ଆଜ୍ଞା, ମୁଖାଗ୍ନି ଦେବେ ପର···ଅପଲକ ଆଖିରେ ରାଧାକାନ୍ତ ଗ୍ୱହିଁଛନ୍ତ । ଝିଅ ବଳଚାଟିଏ ସେ ତଳପାଖରୁ ରଖିଦେବେ, ପୁଅର କର୍ତ୍ତବ୍ୟ କରିବେ । ଓଦା ଲୁଗାରେ ସେ ଚିତା ପ୍ରଦକ୍ଷିଣ କରୁଛନ୍ତ । ଶୁଖିଲା କାଠ ଜଳ ଉଠିଲା । ପ୍ରଣାମ କରି ରାଧାକାନ୍ତ ମୁହଁ ଫେରାଇଲେ ।

Digitized by srujanika@gmail.com

ନିଆଁରେ ପଡ଼ୁଛି ଚନ୍ଦନକାଠ । ପଟ୍ଟନାୟକ-ବଂଶର ବଂଶଧର-ମାନେ ଠିଆ ହୋଇଛନ୍ତି । ପବନ ନାହିଁ, ଶିଖା ଉପରକୁ ଟେକିଛି । ମେଦମାଂସ ଘିଅ ପରି ତରଳ ପଡ଼ୁଛି । ବିବର୍ଣ୍ଣ ଦେହଟାକୁ ଅଗ୍ନି ଗ୍ରାସ କରୁଛି । ଧୂଆଁ ମୋଡ଼ ମୋଡ଼ ହୋଇ ଉପରକୁ ଉଠୁଛି । ସେ ପାଖରୁ, ଗଛ ଫାଙ୍କରୁ ଦେଖାଯାଉଛି ଲବଣଗିରି—ଟାଙ୍ଗୀମୁଣ୍ଡିଆ ଉପରେ ଗୋଟିକିଆ ବରଗଛ । ତା ପରେ ପାଞ୍ଚଗାଁ—ଦଧିବାମନ ଦେବଙ୍କର ଧୂପ ବଢ଼ୁଥିବ; ବାଜୁଥିବ ଘଣ୍ଟା ଆଉ ଶଙ୍ଖ । ସେଇ ଦେଉଳ, ସେଇ ସାତ ପୁରୁଷର ଭିଟାମାଟି, ବୁଦବୁଦିଆ କୋଚିଲା ବଣ, ଲାଜକୁଳୀ ଲତାର ବାଇଗଣି ଫୁଲଭରା ହିଡ଼ ବାଟ । ତାହାରି ପାଇଁ ଚୀନାମାଳଙ୍କର ଆତ୍ମା ସହରର ଇଟାଘର ଭିତରେ କେତେଥର ବ୍ୟାକୁଳ ହୋଇ ପଡ଼ୁଛି । ସେ ଆଶା ପୂର୍ଣ୍ଣ ହୋଇଛି । ଦୀର୍ଘ ପ୍ରବାସ ପରେ ସେ ଫେରି ଯାଇଛନ୍ତି ସେହି ଅତି ପ୍ରିୟ କରମ-ଥାନକୁ । ସେମାନେ ଆଜ ରୁହିଁଥିବେ, ପଟ୍ଟନାୟକ ଘରର ମଶାଣିରେ ସେମାନେ ରୁହିଁଥିବେ···ଝୁଡ଼ୀ ଅଇଲି ? ମାମା, ମା, ନଆବୋଉ···ଆସିଚ ?

———

ଅମୃତ ସନ୍ତାନ

ଯିବା ଆସିବା ବାଟ ସେ ମୋର । ରାସ୍ତା ଦୁଇ ପାଖରେ କାହା ଘରେ କ'ଣ ଅଛି ମୁଖସ୍ଥ । ତର ତରରେ ନାକରେ କାନରେ ଗୁଞ୍ଜି ଦଣ୍ଟାବେଳେ ବାହାରି ପଡ଼େ ଯେତେବେଳେ, କୁଆଡ଼କୁ ଆଖି ଯାଏନି; କିନ୍ତୁ ସ୍କୁଲ୍ ଫେରନ୍ତା କ୍ଳାନ୍ତ ଅବସାଦ ନେଇ ଘରଆଡ଼େ ପାଦ ବଢ଼ାଇଲା-ବେଳେ ବାଟର ନିହାତି ଛୋଟ ଘଟଣା ମଧ୍ୟ ଆଖିରେ ପଡ଼େ । ଛକ ଉପର କ୍ଳବରୁ ଶୁଭୁଥିବା ଗୀତ ଶୁଣିବାକୁ ଆପେ ଆପେ ମନ ଚାଲିଯାଏ, ଛୋଟ ଛୁଆଙ୍କ ଖେଳ, କଳମଳେ ମାଠିଆ ଗଗର ସମ୍ଭାର, ସାଇ ଘରର ପିଣ୍ଡା ଉପରେ ଗୃହିଣୀମାନଙ୍କର ସକାଳ ରନ୍ଧାବଢ଼ା ବିଷୟରେ ଗପ—ସବୁ ଆଖିରେ ପଡ଼େ, ମନକୁ ଛୁଏଁ । ବ୍ୟସ୍ତତା ନ ଥାଏ ତ—ପୁଣି ପରଦିନ ସକାଳ ପର୍ଯ୍ୟନ୍ତ ଶିଥିଳତା ।

ଅଣଓସାରି ରାସ୍ତାର ଗୋଟାଏ ପାଖରେ ମେଲା ଡିହ ଖଣ୍ଡେ; ତାରି ପାଖକୁ ମାଟି ଘରଟିଏ । ଉଚ୍ଚପିଣ୍ଡା, ନୁଆଣିଆ ଚାଳ—ତଳ ଆଡ଼କୁ ନଇଁ ଆସିଛି । କିଏ ସେ ଘରର ଅଧିକାରୀ ଜାଣିନି; କିନ୍ତୁ ସେ ବାରଣ୍ଡାରେ ଜମା ହୋଇଥାଏ ଛିଣ୍ଡା ମଇଳା ଲୁଗା, କନ୍ଥା, ଚେପାଟିଣ ଦୁଇ ତିନି ଖଣ୍ଡ, ମଇଳା ରସ ଥାଳି ଖଣ୍ଡେ, ଛୋଟ ଆଟିକା ଯୋଡ଼ିଏ—କୋଉ ଏକ ଭିକାରି ପରିବାରର ଘରକରଣା । ନା ପରିବାର ଠିକ୍ ନୁହେଁ—ଦୁଇଆଡ଼ୁ ଦୁଇଟି ସ୍ତ୍ରୀ ପୁରୁଷ ଆଶ୍ରୟ ନେଇଥାଆନ୍ତି ସେଠି । ସେଇ ବାଟ ଦେଇ ଫେରିଲାବେଳେ ଗତି ମୋ'ର ଆଉରି ଶିଥିଳ ହୋଇଯାଏ । ଦେଖି ଦେଖି ବାଟ ଚାଲେ । ସାରା ଦିନରେ ଭିକ୍ଷାଲବ୍ଧ ବାରମିଶା ଚାଉଳ ଗୋଟିଏ ଆଟିକାରେ ଫୁଟୁଥାଏ ଓଳତଳେ ଚୁଲି ଉପରେ । ସ୍ତ୍ରୀଟି ବସି କୁଟା କାଠି ଠେଲି ଦେଉଥାଏ ଚୁଲି ଭିତରକୁ । ପୁରୁଷଟି ହୁଏତ ବସିଥାଏ ପାଖରେ, ନ ହେଲେ ସେଇ ବାରଣ୍ଡାରେ ସେଇ

Digitized by srujanika@gmail.com

ମଇଳା କନ୍ଥାକୁ ମୁଣ୍ଡତଳେ ଦେଇ ଶୋଇ ପଡ଼ୁଥାଏ । ଗୋଟିଏ ଗୋଡ଼ ତା'ର ଛୋଟା । ଆଉ କେବେ ଦେଖେ ଭିକାରୀଟି ହାତରେ ତେଲ ଲୁଣ ନେଇ ଫେରୁଥାଏ ବଜାରରୁ—ସ୍ତ୍ରୀଟି ପାଖରେ ଥୋଇ ଦେଇ ବସିପଡ଼େ । ସେଇ ବାଟଟକ ଅତିକ୍ରମ କରିବାକୁ ବେଶି ସମୟ ଲାଗେନି, କିନ୍ତୁ ସବୁ ଆଖିରେ ପଡ଼େ । ସ୍ତ୍ରୀଟି ତେଲୁଗୁ, ପୁରୁଷଟି ଓଡ଼ିଆ, ନାଁ ତା'ର ଜଗୁ—ଏତିକି ବୁଝେ ଉଭୟଙ୍କର ବିଚିତ୍ର ଆଳାପରୁ ।

ସବୁଦିନେ ମତେ ସେଇ ବାଟରେ ଦେଖି ପରିଚିତ ହୋଇ ଯାଇଥିଲେ ଉଭୟ ମୋ ସହିତ । ଭିକାରୀଟି ହସି ହସି କହେ, "କ'ଣ ଦେଖୁଚ ମା', ଭିକାରୀର ଘରକରଣା !" "ସ୍ତ୍ରୀଟି ତା'ର ଦୁର୍ବୋଧ୍ୟ ଭାଷାରେ କ'ଣ କହେ ବୁଝି ପାରେନି', ପୁରୁଷଟି ମୁହଁକୁ ଚାହେଁ । ସେ ବୁଝାଇ ଦିଏ ଯେ ସେ କହୁଛି 'ମା ତମ ଘର କୋଉଠି ?' ହାତ ଠାରି ଦେଖାଇ ଦିଏ ଦୂରର ବରଗଛ ନିମ ଗଛଟାକୁ—ତାରି ପାଖରେ ଘର ।

ଥରେ କୌତୁହଳୀ ହୋଇ ପଚାରିଲି, 'ଜଗୁ, ଯାକୁ କୋଉଠୁ ଆଣିଲ ?' ଭିକାରୀଟି ମୁହଁରେ ଖେଳିଗଲା ଟିକିଏ ସଂକୋଚ ମିଶା ହସ । ଆଖି ତଳକୁ ନୁଆଁଇ କହିଲା, 'ବଡ଼ଦାଣ୍ଡରୁ, ମା, କାହାରି କଥା ସେ ବୁଝି ନ ଥିଲା, ତା' ଭାଷା ମଧ୍ୟ ଅନ୍ୟ ଭିକାରୀ ବୁଝି ନ ଥିଲେ । ଏକୁଟିଆ ରାସ୍ତା କଡ଼ରେ ଜରରେ କମ୍ପୁଥିଲା । ମାଗିଥିବା ଚାଉଳତକ ତା'ର ରାସ୍ତାର ବୁଲାଷଣ୍ଢ ଖାଇ ଯିବାରୁ ତାକୁ ବାଡ଼େଇବାକୁ ଉଠୁ ଉଠୁ ପଡ଼ିଗଲା ରାସ୍ତାରେ, ସେଇବାଟେ ମୁଁ ଆସୁଥିଲି । ଷଣ୍ଢ ଆଗରୁ ତାକୁ ବଞ୍ଚେଇବାକୁ ଯାଇ ମୋ' ଗୋଡ଼କୁ ଚକଟି ଷଣ୍ଢ ଚାଲିଗଲା । ଦି' ମାସ ପଡ଼ିଲି । ଭିକାରୀ ଜୀବନ । ବାର ଦୁଆର ନ ବୁଲିଲେ କିଏ ଭିକ ଦବ । ଏଇ ମତେ ମାଗି ଯାଚି ଆଣି ଖାଇବାକୁ ଦେଲା । କେତେ କଷ୍ଟରେ ଭଲ ହେଲି, ହେଲେ ମା' ଗୋଡ଼ ଆଉ ସିଧା ହେଲାନି । ସେଇ ଦିନଠୁ ଅଛୁଁ ତ ଏଇଠି ।

ସ୍ତ୍ରୀ ଆଡ଼କୁ ଚାହିଁଲି । କଳାହୋଇ ଛୋଟିଆ ମଣିଷଟିଏ, ସତର ସିଆଁ ମଇଳା ଲୁଗାଖଣ୍ଡେ ପିନ୍ଧିଛି । ଓଡ଼ିଆ କହି ପାରୁ ନ ଥିଲା ସିନା,

Digitized by srujanika@gmail.com

ବୁଝୁଥିଲା । ଲାଜରେ ମୁହଁ ପୋତିଦେଲା । ବୟସ ବୋଧହୁଏ ୨୨ । ୨୩ ରୁ ବେଶି ହେବ ନାହିଁ । ଅଯତ୍ନ; ଅବହେଳା, ଦାରିଦ୍ର୍ୟ ରୁକ୍ଷ କରି ଦେଇଛି । ମୁହଁରେ ଚମଡ଼ା ।

ପାଦ ବଢ଼ାଇଲି ଆଗକୁ, ଜୀବନର ସ୍ୱାଭାବିକ ପ୍ରବୃତ୍ତି ଆସିଛି ତା'ର ସହଜଧର୍ମ ନେଇ । ଇତିହାସରେ ରହିବନି ସିନା·····ସମୟର ସାଗର ବକ୍ଷରେ ଗୋଟାଏ କମ୍ପନ କଣ ଆସିବନି !

ନିତିଦିନିଆ ପରିଚିତ ରାସ୍ତା, ଛୁଟି ହେଉଥାଏ । ସେଦିନ ଗ୍ରୀଷ୍ମ ଛୁଟି । ସବୁ କ୍ଳାନ୍ତି ଭିତରେ ମଧ୍ୟ ଆସୁଥାଏ ନିରୁଦ୍‌ବେଗ ଆନନ୍ଦ, ଘରକୁ ଫେରୁଛି—ଦୃଷ୍ଟିରେ ପଡ଼ିଲା ବାରଣ୍ଡା ଉପରେ ସେ ସ୍ତ୍ରୀଟି ପଡ଼ି ଛଟପଟ ହେଉଛି । ଜଗୁ କାନ୍ହୁକୁ ଆଉଜି ବସିଛି । ପଥର ମୂର୍ତ୍ତି ପରି, ରାସ୍ତା ଉପରେ ବିଭିନ୍ନ ଲୋକଙ୍କର କୁତ୍ସିତ ମତାମତ ବୁଝିଲି—ସୃଷ୍ଟି ଖୋଜୁଛି ଏଇ ବେଦନା ଭିତରଦେଇ ଆତ୍ମପ୍ରକାଶ; ମାତୃଗର୍ଭ ବିଦୀର୍ଣ୍ଣ କରି ରଖିବ ତା'ର ପରିଚୟ । ସଭ୍ୟ ଶିକ୍ଷିତ ମନ ବୋଧେ ସଙ୍କୁଚିତ ହୋଇ ଆସିଲା । ଚଞ୍ଚଳ ପାଦ ପକାଇ ଚାଲି ଆସିଲି । ଆସନ୍ନ ଛୁଟିର ଆନନ୍ଦ ଆଚ୍ଛନ୍ନ ହୋଇଗଲା ଅବସାଦ ଭିତରେ । ଏଇ ସୃଷ୍ଟି -କାଲି ସେ ହୁଏତ ସଂସାରରେ ଦାବୀ କରିବ ତା'ର ବଞ୍ଚିବାର ଅଧିକାର । କିନ୍ତୁ, କାହିଁ ତା'ର ସ୍ୱାକ୍ଷରର ଭିତ୍ତି ?

ଛୁଟିର ଦିନଗୁଡ଼ିକ ଗଡ଼ି ଚାଲିଲା ଆଗକୁ । ଅବଚେତନ ମନକୁ ଠେଲି ହୋଇଯାଇଥାଏ । ସେ ଭିକାରୀ ପରିବାରର ସୁଖ ଦୁଃଖ, ସେଇ ନବୀନ ସୃଷ୍ଟି ।

ପୁଣି ସେଇ ପରିଚିତ, ବୈଚିତ୍ର୍ୟହୀନ କର୍ମମୟ ଜୀବନ ପୁଣି ସେଇ ରାସ୍ତା···ଛକ ଉପରର ପାନ ଦୋକାନ, ବାଦାମ ତେଲ ଛଣା ବରା ପିଆଜିର ଗନ୍ଧ, ଲଙ୍ଗଳା ପିଲାଙ୍କ ଚିତ୍କାର—ସବୁ ମିଶି ବୋଧ ହେଉଥାଏ ଗୋଟାଏ ନିବିଡ଼ ଆକର୍ଷଣ । ଗଲାବେଳେ ମୁହୂର୍ତ୍ତଟିଏ ଚାହିଁ ଦେଇଗଲି ସେଇ ଜାଗାକୁ । କେହି ନାହାନ୍ତି, କିନ୍ତୁ ଯାବତୀୟ ଉପକରଣ ସେଇଠି ଅଛି । ଓଲଟିଲା ଚୁଲିରେ କଳା କଳା ଅଙ୍ଗାର ପୂରି ରହିଛି ।

Digitized by srujanika@gmail.com

ହୁଏତ ଯାଇଥିବେ ଭିକ ମାଗିବାକୁ । ସାଙ୍ଗରେ ଥିବ ଗୋଟିଏ ନିବୋଧ ଶିଶୁ, ଖସ୍ତ କାକର ସହି ସେ ବଡ଼ ହେବ, ତା ମୁହଁରେ ଭାଷା ଫୁଟିବ । କ'ଣ ତା'ର ଭବିଷ୍ୟତ ? ଭାବି ହେଲାନି ଅଜ, ଗୋଡ଼ ପଡ଼ିଲା ଆଗକୁ, ବେଳ ହୋଇଯାଉଛି ।

ଫେରିବାବେଳେ ପୁଣି ସେଇ ରାସ୍ତା । ରେଡ଼ିଓରୁ ଗୀତ ଶୁଭୁଛି । ଚିଠି ବାକ୍ସରୁ ଚିଠି ନେଉଛି ଡାକ ପିଅନ । ଏତେ ଦିନର ନିରବଚ୍ଛିନ୍ନ, ବିଶ୍ରାମ ପରେ ପ୍ରଥମ ଦିନର ପରିଶ୍ରମ ଦେହ ମନରେ ଭରି ଦେଇଥାଏ ଅସୀମ କ୍ଳାନ୍ତି । ସେଇ ମେଲି ଡିହ ପାଖରେ ଅଟକିଗଲି ।

ଦୁଇ ତିନି ମାସର ପିଲାଟିଏ ପିଣ୍ଡାରେ ଶୋଇ ଖେଳୁଛି । ପାଖରେ ଶୋଇଛି ଜଗୁ । ନିବୋଧ ଶିଶୁର ଖେଳ ସହିତ ସ୍ନେହ ଆଦରର କେତେ କ'ଣ ଅର୍ଥହୀନ କଥା ବାହାରୁଛି ତା'ପାଟିରୁ । ଓଳିତଳେ ସ୍ତ୍ରୀଟିଏ ରାନ୍ଧୁଛି । ରାସ୍ତା ଆଡ଼କୁ ପଛକରି ବସିଛି । ତେବେ ମଧ୍ୟ ଆଖିରେ ପଡ଼ିଲା, ଶ୍ୟାମଳ ବର୍ଣ୍ଣ—ହାତରେ ପଟେ ପଟେ ଧଳା ଶଙ୍ଖା—ମୁହଁର ଗୋଟାଏ ପାଖ ଦେଖା ଯାଉଥାଏ । ବୟସ ତିରିଶି କୋଡ଼ିଏରୁ କମ୍ ହେବନାହିଁ ! ବୋଧହୁଏ ଟିକିଏ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲି ।

ମତେ ଦେଖି ଜଗୁ ଓହ୍ଲାଇ ଆସିଲା ପିଣ୍ଡା ଉପରୁ । 'ମା' ଭଲ ଅଛ ?

'ହଁ ତମ ପିଲା କେମିତି ଅଛି । ତା' ମା' କାହିଁ । ମୋ ପ୍ରଶ୍ନରେ ସଂକୁଚିତ ହୋଇ ଜଗୁ ଟିକିଏ ଚୁପ୍ ରହିଲା । ତା'ପରେ ଆରମ୍ଭ କଲା "ସେଇଟା ଖରାପ ଲୋକଟାଏ ମା, ଏ ପୁଅ ହେବାପରେ ମଲା ସମାନ ପଡ଼ିଲା । ମାଗଣା ଡାକ୍ତରଖାନାକୁ ନେଇ ଭଲ କଲି; କିନ୍ତୁ ସେ ରହିଲା ନି । ଡାକ୍ତରଖାନା ଆଗରେ ଭିକ ମାଗୁଥିଲା । ପତଳା ହୋଇ ଟୋକାଟାଏ ତା'ର ପାଖକୁ ପଳେଇଲା ।"

'ପିଲାକୁ ନେଲା ନି ।'

ପଚାରି ଦେଇ ମନେ ହେଲା ଏ ଖୁଲିପିବା ଭିତରେ ବାତ୍ସଲ୍ୟର ସ୍ଥାନ ହୁଏତ ଗୌଣ । ଜଗୁ କହିଲା, 'ନାହିଁ ମା, ସେ ମାଗିଥିଲେ ବି

Digitized by srujanika@gmail.com

ମୁଁ ଦେଇ ନ ଥାନ୍ତି । ପାରିବ ଯଦି ବଞ୍ଚେଇବ । ନ ହେଲେ ନାହିଁ । ଯାହା ତା କପାଳରେ ଥିବ । ରୁଚିଶୀଳ ମନରେ ଗୋଟାଏ ତରଙ୍ଗ ସୃଷ୍ଟି ହେଲା ସେମିତି । ନିଜକୁ ସମ୍ଭାଳି ନେଇ ପଚାରିଲି, ସେ ସ୍ତ୍ରୀଟିକୁ ଦେଖାଇ— "ଏ କିଏ ।"

"ବଙ୍ଗାଳୀ ମାଇପିଟିଏ । କୋଉଠୁ ଆସି ଭିକ ମାଗୁଥିଲା: ଏମିତି ପିଲାଟିଏ ତା' କୋଳରେ ଥିଲା । ଦିନେ କ'ଣ ହେଲା କେଜାଣି ସେ ପିଲାଟା ମରିଗଲା । ରାସ୍ତା କଡ଼ରେ ମୁଣ୍ଡପିଟି ଲହୁ ଲୁହାଣ ହୋଇ ସେ କାନ୍ଦୁଥିଲା । ସେତେବେଳକୁ ଏଯାଏ ମା ଚାଲିଗଲାଣି । ଗୁଡ଼ାଏ ପଇସା ଗଣ୍ଡାଏ ପରିବାଟିଏ ଦେଇ କେତେ ଭିକମଗା ମାଇକିନାଙ୍କୁ ବହଳ ହୋଇ କହେ, ଏ ପିଲାଟାକୁ ଦୁଧ ଟୋପାଏ ପିଆଇଦେବାକୁ; କିଏ ଶୁଣେ, କିଏ ବା ରାଗେ । ସବୁଦିନେ କିଏ କରିବ । ମୁଁ ଦେଖିଲି ଏକୁ । ପିଲାକୁ ତା' କୋଳରେ ପକେଇ ଦେଇ କହିଲି—'ତୁ ତା'କୁ ରଖ' । ସେ କାନ୍ଦ ବନ୍ଦ କରି କାବା ହୋଇ ମୋ' ମୁହଁକୁ ଚାହିଁଲା । ସେତେବେଳେ ମୋ କଥା ବୁଝିଲା, ପିଲାକୁ ଛାତିରେ ଜାକି ବୋଧହେଲା । ମୁଁ ତାକୁ ଡାକିନି ମା' ହେ ନିଜେ ଖୋଜି ଖୋଜି ଆସି ଏଠି ଦିନେ ପହଞ୍ଚିଲା ।

ବନ୍ଦ ହେଲା ତା' କଥା' ସ୍ତ୍ରୀ ଲୋକଟି ମୁଣ୍ଡ ପୋତି ସବୁ ଶୁଣୁଥାଏ । ଶେଷରେ ମୋ' ମୁହଁକୁ ଚାହିଁ କହିଲା ତା' ନିଜ ଭାଷାରେ "ଅମନ ଗୃହପାନା ମୁଖ, ଓକେ ଛେଡ଼େ ଓ ରଇବେ କି କରେ ବଲୋ ତୋ ମା । ଛେଲେକେ ନିଯ଼େ କି ବଲେ ଓକେ ଆମି ଛେଡ଼େ ଯାଇ ।"

ଭାଷା ମୂକ ହୋଇଥିଲା । ଚାହିଁଲି—ନିଜ ସୃଷ୍ଟି ରହସ୍ୟର ବେଦନାକୁ ଉପହାସ କରି ଫୁଟି ଉଠିଛି ରକ୍ତମାଂସର ଫୁଲ—ଭିକାରୀଣୀ ଓଡ଼ିଆ ପିତା, ତେଲୁଗୁ ମାତାର ସନ୍ତାନ—ବଙ୍ଗାଳୀ ଉପମାତାର ସ୍ତନ୍ୟ ଦାନରେ ପୁଷ୍ଟ ମାନବ ଶିଶୁ, ସର୍ବଂସହା ଧରିତ୍ରୀମାତାର ଉଦାର ବକ୍ଷରେ ନିଜର ଅସ୍ତିତ୍ୱର ସ୍ୱାକ୍ଷର ଜଣାଉଛି ସ୍ତନନ୍ଧୟ ଏଇ ନବୀନ ସୃଷ୍ଟି । ଜୀବନର ଯାପସ୍ତମ୍ଭର ସନ୍ଧାନରେ ସେ ହୁଏତ ହେବନି ଉତ୍ଥାନପାଦ— ହୃଦନ୍ତ ରକ୍ତଧାରା ଦେଇଛି ବର୍ଣ୍ଣ, ରକ୍ତମାତ୍ର ତା'ର ଧର୍ମ, ସେହି ତା'ର ପରିଚୟ । ଅର୍ଦ୍ଧସ୍ଫୁଟ ନିଃଶ୍ୱାସରେ ନିଜର ଚେତନା ଆସିଲା । ଅସ୍ତା- ଚଳରୁ ଧାରଟିଏ ରଶ୍ମି ରେଖା ଶିଶୁର ଭାଲପଟରେ ରଚନା କରିଛି ରକ୍ତ ଆଲିମ୍ପନ ।

Digitized by srujanika@gmail.com

କସ୍ତୁରୀର ଅଜସ୍ର ସ୍ନେହଧାରାରେ ନିଜକୁ ମୁଁ ସବୁଠାରୁ ସୁଖୀ ବୋଲି ଭାବୁଥିଲି । ଏତେ ସ୍ନେହ, ଏତେ ମମତା, ଏତେ ତୃପ୍ତି କେହି କାହାକୁ ଦେଇ ପାରେ ନାହିଁ । ମୁଁ ତା' ଜୀବନରେ ଏକମାତ୍ର ଆନନ୍ଦ ଥିଲି । ସେ ଥିଲା ମୋ ଜୀବନାକାଶର ଧ୍ରୁବତାରା । ଘରଛାଡ଼ି ସୁଦୂର ବିଦେଶର ପାହାଡ଼ ଜଙ୍ଗଲ ଘେରା ନିବାନ୍ଧବ ସ୍ଥାନରେ ଚାକିରୀ କରି ମଧ୍ୟ ସାନ୍ନିଧ୍ୟରେ ଅଭାବ ମୋର କିଛି ନଥିଲା ।

ପୂଜାର ଛୁଟି ଦିନ କେତୋଟି କଟାଇ ଯିବାକୁ ଆମେ ଆସିଥିଲୁ ପୁରୀ । ସାଗର ବେଳାରେ ପରସ୍ପର ନିକଟରେ ଅନନ୍ତ ନୀଳିମାକୁ ଉପ-ଭୋଗ କରୁ କରୁ ଆମେ ମୁଗ୍ଧ, ଆତ୍ମବିସ୍ମୃତ ହୋଇଛୁ । ସମସ୍ତ ଜାଗତିକ ଚିନ୍ତାର ଉର୍ଦ୍ଧ୍ୱରେ ଏକ ଅପୂର୍ବ ପୁଲକ ଅନୁଭବ କରିଛୁ । କସ୍ତୁରୀ ବାପ ମା', ଭାଇ ଭଉଣୀଙ୍କ ସ୍ନେହ ଆଦରରେ ଶିଶୁପରି ଚଞ୍ଚଳ, ନିଶ୍ଚିନ୍ତ ହୋଇ ପଡ଼ିଥିଲା । ଅଗଣିତ ଝାଉଁବଣର ସୁସ୍ନାଶୀତଳ ସୈକତ ଶଯ୍ୟାରେ ପଦଚିହ୍ନ ତାର ବହୁବାର ଲିଳାୟିତ ହୋଇ ଉଠିଛି, ବାଲିକଙ୍କଡ଼ା ପଛରେ ଚଞ୍ଚଳ ହୋଇ ଉଠିଛି ତାର ଶଙ୍ଖଶୁଭ୍ର ପଦଯୁଗଳ । ତୃଷ୍ଣ ଦୃଷ୍ଟିରେ ମୁଁ ଉପଭୋଗ କରିଛି । ସ୍ତ୍ରୀ ଗର୍ବରେ ପ୍ରାଣ ଉଲ୍ଲସିତ ହୋଇଛି । କିନ୍ତୁ ଏତେ ସୁଖ, ଏତେ ଶାନ୍ତି—ହତଭାଗ୍ୟ ଜୀବନରେ ସହନ୍ତା କି !!

ପ୍ରତିଦିନ ଆମେ ସାଗର ତୀରରେ କିଛି ସମୟ କଟାଇ ଫେରୁ । ମୁକ୍ତାକାଶତଳେ ଉପଭୋଗ କରୁ ବଞ୍ଚିବାର ପ୍ରାଚୁର୍ଯ୍ୟ, ନିବିଡ଼ ମୋହ । ଏହାର ବ୍ୟତିକ୍ରମ ହୁଏ ନାହିଁ । ଅଳ୍ପଦୂରରେ ଘର, କଷ୍ଟ ମଧ୍ୟ ହୁଏ ନାହିଁ ।

ସେହି ସାମାନ୍ୟ ବ୍ୟବଧାନ ଅତିକ୍ରମ କରି ଆସିଲାବେଳେ ପ୍ରତି-ଦିନ ଦୃଷ୍ଟିରେ ପଡ଼େ ଗୋଟେ ଲୋକ । ଅଦ୍ଭୁତ ତା'ର ବେଶ, ତା'ର ଦୃଷ୍ଟି । ନାଲି ଆଲଖାଲ୍ଲା ଉପରେ ଦୀର୍ଘ ଜଟା, କପାଳରେ ତ୍ରିପୁଣ୍ଡ୍ରକ, ଗଳାରେ ରୁଦ୍ରାକ୍ଷ, ଘନଶ୍ମଶ୍ରୁ, ଆଖିରେ ରକ୍ତାଭ ତୀକ୍ଷ୍ଣ ଦୃଷ୍ଟି । ଦୀର୍ଘ ତ୍ରିଶୂଳ ହସ୍ତରେ ତାକୁ ମନେହୁଏ ବିଭୀଷିକାର ଅଗ୍ରଦୂତ । ପାଖରେ ତ୍ରିଶୂଳ ପୋତି ସେ ବସିଥାଏ । ପଥଚାରୀ ପଥିକ ପକେଇ ଦେଇଯାଏ ପଇସା । ତୀକ୍ଷ୍ଣଦୃଷ୍ଟି ଉଠାଇ ସେ ନୀରବରେ ହାତ ପାତେ । କଲ୍ୟାଣ କି ଉପହାସ କିଏ ଜାଣେ !

Digitized by srujanika@gmail.com

ପ୍ରତିଦିନ ଦେଖେ । କସ୍ତୁରୀ ତାକୁ ଭୟ କରେ; କିନ୍ତୁ ସେହି ଜୀବନ୍ତ ବିଭୀଷିକା ମତେ ଯେପରି ଆକର୍ଷଣ କରେ । କସ୍ତୁରୀ ଆଗେଇ ଗଲାବେଳେ ମୁଁ ସେଠାରେ ଟିକିଏ ଠିଆ ହୋଇଯାଏ । ପଇସାଟିଏ ପକେଇ ଦେଇ ତା' ମୁହଁକୁ ଚାହେଁ, ତା ଆଖି ସହିତ ଆଖି ମିଳିଯାଏ, ତା ମୁହଁରେ ଫୁଟେ ଟିକିଏ ହସ—ବିକଟ, ବୀଭତ୍ସ । କାଳର ସୂଚନା । ଅଜ୍ଞାତରେ ଶିହରି ଉଠେ ମୋର ହୃଦୟ । ତଥାପି ଠିଆହୁଏ ।

ସେଦିନ କସ୍ତୁରୀ ଆଗେଇ ଯାଇଛି । ଦୂରରୁ ଦେଖା ଯାଉଥାଏ ତା'ର ନୀଳ ଅଞ୍ଚଳ । ମତେ ସେ କାପାଳିକ ଇଙ୍ଗିତରେ ବସିବାକୁ କହିଲା । ବିସ୍ମିତ, ଚକିତ ଦୃଷ୍ଟିରେ ମୁଁ ବସିଲି । ସେ ସେହି ରକ୍ତ ନୟନ ମେଲି ମୋ ମୁହଁକୁ ଚାହିଁଲା । ତା'ପରେ ଗମ୍ଭୀର ସ୍ୱରରେ ଧୀରେ କହିଲା 'ବାବୁଜୀ, ଆପଣଙ୍କ ଭବିଷ୍ୟତରେ ଏକ ବିରାଟ ବିପଦର ଛାୟା ଦେଖୁଛି । କୌଣସି ଆତ୍ମୀୟଙ୍କ ଦ୍ୱାରା ଆପଣଙ୍କ ସ୍ତ୍ରୀ ବିପନ୍ନ ହେବେ, ହୁଏତ ପ୍ରାଣହାନିର ଆଶଙ୍କା ମଧ୍ୟ ଅଛି ।'

ଅଜଣା ଆତଙ୍କରେ ଥରି ଉଠିଲି । କସ୍ତୁରୀ ! ପ୍ରାଣସମା ଜୀବନ ସଙ୍ଗିନୀ ମୋର । ନା, ନା, ଏ ଅସମ୍ଭବ । ସ୍ୱର ଉତ୍କଣ୍ଠିତ, ବ୍ୟାକୁଳ ହୋଇ ପଡ଼ିଥିଲା । ପ୍ରଶ୍ନ କଲି 'କେବେ ? ସେ ଆତ୍ମୀୟ କଅଣ ନିକଟ-ସମ୍ପର୍କୀୟ ?'

ସେ ହସିଲା, ପୁଣି ସେହି ବିକଟ ହସ ।

"ସେ କୌଣସି ଦିନ ହୋଇପାରେ । ସେ ଆତ୍ମୀୟ କୌଣସି ଘନିଷ୍ଠ ବନ୍ଧୁ ମଧ୍ୟ ହୋଇ ପାରନ୍ତି । ତେବେ, ଭୟ ନାହିଁ ବାବୁଜୀ, ସତର୍କ ଦୃଷ୍ଟି କେବଳ ରଖିବେ ସ୍ତ୍ରୀଙ୍କ ଉପରେ ।"

ଶେଷ କଥା ଶୁଣିବାର ଧୈର୍ଯ୍ୟ ନଥିଲା । ନୋଟ୍‌ଟିଏ ପକେଇ ଉଠି ଆସିଲି । ଶରୀର ନିସ୍ତେଜ ହୋଇ ପଡ଼ିଥିଲା । ଆଖିରୁ ଜ୍ୟୋତି ମରି ଯାଉଥିଲା । କସ୍ତୁରୀ ପାଖରେ ବସି ପଡ଼ିଲି । ସେ ମୁହଁକୁ ଚାହିଁ ବିସ୍ମିତ ହେଲା, ଉଦ୍‌ବିଗ୍ନ ପ୍ରଶ୍ନ କଲା । ମନ ଭିତରେ ସେତେବେଳେ ବୋହୁଥିଲା ପ୍ରଚଣ୍ଡ ଝଡ଼ । ଉତ୍ତର ନଦେଇ ତା ଆଖିକୁ ଚାହିଁଲି । ମନେ ହେଲା ତାକୁ ନଦେଖି ମୁଁ ବଞ୍ଚି ରହିବି ! ଓଃ··· !

Digitized by srujanika@gmail.com

ତୁଟିର ଶାନ୍ତ ମଧୁର ମୁହୂର୍ତ୍ତଗୁଡ଼ା ବିସ୍ୱାଦ ହୋଇ ଉଠିଥିଲା । ସର୍ବସ୍ବୃତୀୟ ବିଷାକ୍ତତା ମନରେ ବହନ କରି ମୁଁ ଭାବୁଥିଲି କେବଳ କି ଉପାୟରେ ମୁଁ ସେହି ଅଜ୍ଞାତ ଆତତାୟୀ ହାତରୁ କସ୍ତୁରୀକୁ ରକ୍ଷା କରିବି । ଆଉ ରହିବ ପାରିଲି ନାହିଁ । କସ୍ତୁରୀକୁ ନେଇ ଫେରି ଆସିଲି ମୋ ର କର୍ମସ୍ଥଳକୁ । ଆତ୍ମୀୟଙ୍କ ଅନୁରୋଧ, କସ୍ତୁରୀର ଅଭିମାନ— କିଛି ଶୁଣିଲି ନାହିଁ । ଅନାତ୍ମୀୟ ବିଦେଶ ଭୂମିରେ ବନ୍ଧୁ ଆତ୍ମୀୟ କେହି ନାହାନ୍ତି । ଯିଏ କସ୍ତୁରୀ ଜୀବନକୁ ବିପନ୍ନ କରିବେ । କସ୍ତୁରୀ ଓ ମୁଁ—ମୁଁ ଓ କସ୍ତୁରୀ । କ୍ଷୁଦ୍ର ମୋର ଶାନ୍ତିନୀଡ଼ କୁଟୀରଟି ଅବିଶ୍ୱାସୀ କୌଣସି ଆତ୍ମୀୟର ପଦପାତରେ ଆଉ ବିଧ୍ୱସ୍ତ ହେବ ନାହିଁ, ଏଇ ଥିଲା ଆଶା ।

ପଦେ ପଦେ ସତର୍କତା ସସ୍ନେହ କାତର ଭାବ ନେଇ କସ୍ତୁରୀକୁ ମୁହୂର୍ତ୍ତେ ପାଖଛଡ଼ା କରି ନାହିଁ । କସ୍ତୁରୀ ବିରକ୍ତ, ବିସ୍ମିତ ହୋଇଛି; କିନ୍ତୁ ସଦାଶଙ୍କିତ ସନ୍ଦିଗ୍ଧ ମନୋବୃତ୍ତି ଯେପରି ମୋର ମାନସ ସତ୍ତାର ରନ୍ଧ୍ରେ ଭରି ଦେଇଥିଲା ଅଶାନ୍ତି, ଅସ୍ଥିରତା । କସ୍ତୁରୀ ବାରମ୍ବାର ପଚାରିଛି, କିନ୍ତୁ କହିପାରେ ନାହିଁ ! କଣବା କହନ୍ତି । ସ୍ତବ୍ଧ ହୋଇଛି କେବଳ । ଶେଷରେ କସ୍ତୁରୀ ନୀରବ ରହିଲା । ମତେ ଏଡ଼ାଇବାକୁ ଚେଷ୍ଟା କଲା ।

ସେଇ ସଂସାର, ସେଇ ଜୀବନ ଥିଲା, କିନ୍ତୁ ହଜିଗଲା ତାର ସହଜ ପ୍ରାଣମୟ ସ୍ୱର । ବହୁତ ଚେଷ୍ଟା କରିଛି । ଅତୀତର ସରଳ ସ୍ନେହମୟ ବିଶ୍ୱାସ, ସ୍ୱଚ୍ଛନ୍ଦ ନିର୍ଭରଶୀଳତା ନେଇ ପ୍ରାଣପ୍ରିୟା କସ୍ତୁରୀକୁ ନିଜ ଭିତରେ ଫେରି ପାଇବି । କିନ୍ତୁ—ନିଶ୍ଚିନ୍ତ ହୋଇ ପାରିଲି ନାହିଁ । କି ଲଗ୍ନରେ ସେ ଲୋକ ସହିତ ଦେଖା ହୋଇଥିଲା । ମୋର ଶିକ୍ଷିତ, ମାର୍ଜିତରୁଚି ହୃଦୟ ଏତେ ବିଚଳିତ ହୋଇ ପଡ଼ିଲା କିପରି !

ପୁଣି ମନେହେଲା, ଏ ନିର୍ବାନ୍ଧବ ଦେଶରେ କିଏ ବା ଆପଣାର ବନ୍ଧୁ ଅଛି ଯିଏ କସ୍ତୁରୀ ଜୀବନକୁ ବିପନ୍ନ କରିବ । ଟିକିଏ ଆଶ୍ୱସ୍ତ ମନେହେଲା । ଇଚ୍ଛା ହେଲା, ପୁଣି କସ୍ତୁରୀକୁ ନେଇ ବୁଲିଯିବି ଦୂରର ପାହାଡ଼ଘେରା ଅଞ୍ଚଳକୁ—ଛାଇ ଆଲୁଅର ଖେଳ, ମଧୁର ପ୍ରଶାନ୍ତ କସ୍ତୁରୀ ସାନ୍ନିଧ୍ୟରେ ଉପଭୋଗ କରୁ କରୁ ନିଜକୁ ଭୁଲିଯିବି । ମନେଅଛି, ସେଦିନ ଚପଳ ଶିଶୁପରି ଉଲ୍ଲସିତ ହୋଇ ଉଠିଲି । ସେହି ଆନନ୍ଦ, ସେହି

Digitized by srujanika@gmail.com

ଉଣ୍ଡୁଚାର ବାର୍ତ୍ତା କସ୍ତୁରୀକୁ ଦେବାକୁ କ୍ଷିପ୍ର ପଦରେ ଚାଲି ଯାଉ ଯାଉ ବଗିଚ୍ଚ ଭିତରୁ ଶୁଣିଲି କସ୍ତୁରୀର କଳ କଳ ହସ ।

ଚମକି ପଡ଼ିଲି । ଗତି ବନ୍ଦ ହୋଇଗଲା । କିଏ କାହା ଉପସ୍ଥିତିରେ କସ୍ତୁରୀ ଆଜି ଲାସ୍ୟମୟୀ ! ସଶଙ୍କ ଓ ଉତ୍କଣ୍ଠ ସନ୍ଧାନୀ ଦୃଷ୍ଟିରେ ତା'ର ଅଜଣାରେ ଲକ୍ଷ୍ୟ କଲି । ଦୁଇବର୍ଷର ଗୋଟିଏ ଅବୋଧ ଶିଶୁ, ପଡ଼ୋଶୀଙ୍କ ସନ୍ତାନ । ତାହାରି ସହିତ ଖେଳରେ କସ୍ତୁରୀ ଆତ୍ମଜ୍ଞାନ ଶୂନ୍ୟ ହୋଇଛି । ପାଖରେ ଗଦା ହୋଇଛି ବିଭିନ୍ନ ପତ୍ର, ପୁଷ୍ପ, ଖେଳନା । ସୁସ୍ଥ, ସୁନ୍ଦର ଶିଶୁଟି ହସି ହସି ଦୁଇହାତରେ ମୁଠା ମୁଠା ଫୁଲ କସ୍ତୁରୀ ଉପରକୁ ପକାଉଛି । ନିଃସନ୍ତାନା କସ୍ତୁରୀ ସ୍ନେହଶୀଳା ଜନନୀର କୋମଳତା ଘେନି ତା'ର ନିଷ୍କପଟ ସରଳ ହସ ଭିତରେ ବାହ୍ୟ ଜଗତରୁ ବିସ୍ମୃତ ହୋଇଛି ।

କ୍ଷଣମାତ୍ର ଚାହିଁ ମୋର ମନରେ ପୁଣି ଘନୀଭୂତ ହୋଇଉଠିଲା ଶଙ୍କାର କାଳିମା । ମନେହେଲା, କିଏ ଏ ଶିଶୁ ! କସ୍ତୁରୀ କାହିଁକି ଏହା ସହିତ ଏତେ ବେଶି ଜଡ଼ିତ ହୋଇ ପଡ଼ୁଛି ! ଏ ଶିଶୁ ଯେ ଦିନେ ତା'ର କାଳର ସଙ୍କେତ ନେଇ ନ ଆସିବ···ସେ କହୁଛି 'ଯେ କୌଣସି ଦିନ' —ଏକ ବିକାଶିତ ଆତଙ୍କରେ ମୋର ସମସ୍ତ କୋମଳତା ପର୍ଯ୍ୟବସିତ ହେଲା । ଚିତ୍କାର କରି ମୁଁ କସ୍ତୁରୀକୁ ଡାକି ଉଠିଲି ।

ସ୍ତବ୍ଧ ହୋଇଗଲା କସ୍ତୁରୀର ବାତ୍ସଲ୍ୟସ୍ନିଗ୍ଧ ଅନୁଭୂତି, ମୁହୂର୍ତ୍ତକେ ବଜ୍ରପାତ ହେଲା ଯେପରି । ଦୃଷ୍ଟିରେ ବିସ୍ମୟ ଓ କାଠିନ୍ୟ ନେଇ ସେ ମୋ ମୁହଁକୁ ଚାହିଁଲା; କିନ୍ତୁ ମୁଁ କ୍ଷିପ୍ତ ହୋଇଥିଲି । ବଜ୍ର ମୁଷ୍ଟିରେ କସ୍ତୁରୀକୁ ଧରି ଟାଣିନେଲି ଭିତରକୁ । ନିର୍ବୋଧ ଶିଶୁଟି ଭୟରେ କାନ୍ଦି ଉଠିଲା ।

ତା'ପରେ ପଦେ ପଦେ ଶଙ୍କା । କସ୍ତୁରୀର କ୍ଷଣମାତ୍ର ଅନୁପସ୍ଥିତିରେ ଅସ୍ୱାଭାବିକ, ବିପର୍ଯ୍ୟସ୍ତ ହୋଇ ପଡ଼ିଲା ମୋର ଅବସ୍ଥା । କସ୍ତୁରୀର ଜୀବନାଶଙ୍କାରେ ମୁଁ କର୍ତ୍ତବ୍ୟ ଭୁଲିଗଲି; ତାରୁଣ୍ୟର ପ୍ରେମମୟ ବିହ୍ୱଳତା ଭୁଲିଗଲି, ଜୀବନର ସବୁ ସୁଷମା, ସବୁ ମଙ୍ଗଳ, ସବୁ ଶୁଭ୍ରତା ବିସ୍ମୃତିର ଅତଳ ଗହ୍ୱରକୁ ଠେଲି ହୋଇଗଲା । ଏକମାତ୍ର ଧ୍ୟାନ ହେଲା

Digitized by srujanika@gmail.com

କସ୍ତୁରୀ ଜୀବନର କାଳର ଅଗ୍ରଦୂତ ସେହି ଅଜ୍ଞାତ ଆତ୍ମୀୟର ପଦପାତକୁ କିପରି ନିବାରଣ କରିବି । ଇଚ୍ଛା ହେଲା, ଅସହାୟ ନିରୁପାୟ ମୋର ପକ୍ଷପୁଟ ତଳେ ଆବୃତ୍ତ କରି ରଖିବି କସ୍ତୁରୀକୁ । କ୍ଷଣମାତ୍ର ଅନ୍ୟର ଦୃଷ୍ଟି ସମ୍ମୁଖକୁ ଛାଡ଼ି ଦେବି ନାହିଁ; କିନ୍ତୁ, କିପରି ତାହା ସମ୍ଭବ । ମାଝେବି ନିଶୀଥରେ ବିନିଦ୍ର ନୟନରେ ମୁଁ ଚାହିଁ ରହିଛି । ତନ୍ଦ୍ରାଘୋରରେ ଶିହରି ଉଠିଛି । ଗଭୀର ରାତିରେ ଶଯ୍ୟାତ୍ୟାଗ କରି ଆଲୋକର କ୍ଷୀଣରେଖାରେ ନିଦ୍ରିତା କସ୍ତୁରୀର ମୁଖମଣ୍ଡଳକୁ ଚାହିଁ ରହିଛି ଅପଲକ ଦୃଷ୍ଟିରେ ।

ସଂକୋଚ, ଭୀରୁଚକିତ ଶଙ୍କା ମଧ୍ୟରେ କସ୍ତୁରୀ ଯେପରି ମୋର ବହୁଦୂରକୁ ଅପସରି ଯାଇଥିଲା । ଅଦୃଶ୍ୟ ବିଭୀଷିକା ଆମ ଭିତରେ ଅଲଙ୍ଘ୍ୟ ଯବନିକା ସୃଷ୍ଟି କରିଥିଲା । କସ୍ତୁରୀର ସ୍ଥାନାନ୍ତରକୁ ଯିବାର ବିନୀତ ଅନୁରୋଧ ମୁଁ ପ୍ରତ୍ୟାଖ୍ୟାନ କରିଛି । କିନ୍ତୁ, ବିପଦ—ସେହି ଭୀଷଣ ଭବିତବ୍ୟର ଆଶଙ୍କାରେ ସନ୍ତ୍ରସ୍ତ ହେଲେ ମଧ୍ୟ ମୁଁ ତା'ର ପ୍ରତୀକ୍ଷାରେ ଅଧୀର ହୋଇ ପଡ଼ିଥିଲି । ହୁଏତ ହିଂସ୍ର ହୋଇ ପଡ଼ିଥିଲି । ଅବଚେତନ ମନରେ ବୋଧହୁଏ କାମନା କରୁଥିଲି, ସମସ୍ତ ବୀଭତ୍ସତା, ଚଣ୍ଡତା ଗ୍ରହଣ କରୁ ବରଂ, ସେ ଆସୁ । ମୁଁ ତା' ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ କରିବି, ପ୍ରତିକାର କରିବି । ବାହୁ ବିସ୍ତାରକରି କସ୍ତୁରୀକୁ ସମସ୍ତ ଅକଲ୍ୟାଣରୁ ରକ୍ଷା କରିବି । ସେ ଅବସ୍ଥା ଅସହ୍ୟ ହୋଇ ପଡ଼ିଥିଲା । ହିଂସ୍ର ଶ୍ୱାପଦର ଧୂର୍ତ୍ତତା ଘେନି ସେ ଅଜ୍ଞାତ ଶତ୍ରୁ ଆସିବ । ଓଠର ହସ ତଳେ କାଳକୂଟର ଗରଳ ଘେନି ଆସିବ, କେତେଦୂରରେ ସେ ! !

ଦିନକୁଦିନ ଅସାମାଜିକ ହୋଇ ପଡ଼ିଲି କସ୍ତୁରୀ ନିକଟରେ କାହାରି ଉପସ୍ଥିତି ମୁଁ ସହିପାରୁ ନଥିଲି । ନିଜ ଘର ପାଖରେ ଅଭେଦ୍ୟ ରହସ୍ୟ ନିର୍ମାଣ କରି ମୁଁ ଜଗିଲି; କସ୍ତୁରୀକୁ ଜାକିଲି ।

ନିଦାରୁଣ ଅଭିଶାପର କୃଷ୍ଣଚ୍ଛାୟାରେ ଆଚ୍ଛନ୍ନ ସମୟ ଆମର ଆଗକୁ ଗଡ଼ି ଚାଲିଲା । ଗୋଟିଏ ଶୀତ ସକାଳରେ ମୁଁ ବସିଛି, ପିଅନ ଡାକ ଦେଇଗଲା । ଚିଠିଗୁଡ଼ିକ ପରୀକ୍ଷା କରୁ କରୁ କସ୍ତୁରୀ ନାମରେ ଖଣ୍ଡିଏ ଚିଠି ଦେଖି ମୁଁ ଆତଙ୍କିତ ହୋଇ ପଡ଼ିଲି । ସାଧାରଣ ଭବ୍ୟତାର ଜ୍ଞାନ

Digitized by srujanika@gmail.com

ସନ୍ତ୍ରସ୍ତ ହୋଇ ଅସ୍ଥିର କବାଟ୍‌କରେ ଚିଠିଟି ଖୋଲି ଧରିଲା । ଗୋଟିଏ ବନ୍ଧୁ ତା'ର ଲେଖିଥିଲା, ତା'ର ସ୍ୱାମୀ ସତ୍ୱର କଣ୍ଟଦନ ପାଇଁ ସେ ଏଠାକୁ ଆସୁଛି । ଧରଦିନ ଆସି ପହଞ୍ଚିବ ।

ମୁଁ ଜାଣିଥିଲି ସେ କସ୍ତୁରୀର ଅନ୍ତରଙ୍ଗ ବନ୍ଧୁ । ମୁହୂର୍ତ୍ତକ ମଧ୍ୟରେ ମୁଁ ଯେପରି ପାଗଳ ହୋଇ ଉଠିଲି । କିଏ ଏଇ ବନ୍ଧୁ । କି ସଙ୍କେତ ନେଇ ସେ ଆସୁଛି । କମନୀୟ ସେହି ପ୍ରଭାତର ସୁଷମା ଫଣୀୟୁ ଅସ୍ଥିରତା ଓ ବନ୍ଧ୍ୟତ୍ୱରେ ବିଷାକ୍ତ ହୋଇ ଉଠିଲା । ମୁଣ୍ଡ ଭିତର ଉତ୍ତପ୍ତ ହୋଇ ଉଠିଲା । ସିଦ୍ଧାନ୍ତ କରିନେଲି ଯେ କୌଣସି ଉପାୟରେ ହେଉ କସ୍ତୁରୀ ନିକଟରୁ ସେମାନଙ୍କୁ ଛାଡ଼ିଦେବି ନାହିଁ । ମୋର ଅଶାନ୍ତ ପଦଚାରଣାରେ କସ୍ତୁରୀ ସନ୍ତ୍ରସ୍ତ ହୋଇ ଉଠିଲା । କରୁଣ ନୟନରେ ତା'ର ଫୁଟି ଉଠିଲା ଅସହାୟର କାକୁତି ।

ରାତି ଗମ୍ଭୀର ହେଲା । ବାହାରର ନିରନ୍ଧ୍ର ତମସା ମଧ୍ୟରୁ ଯେପରି ଶୁଣାଯାଏ ନିୟତିର କରାଳ ଇଙ୍ଗିତ । ଅସହାୟ କ୍ରୋଧ ମୋତେ ସ୍ୱାଭାବିକ ଅବସ୍ଥାରେ ରଖି ନଥିଲା । ଇଚ୍ଛା ହେଲା, କସ୍ତୁରୀକୁ ଘେନି ପଳାଇବି ଲୋକାଳୟରୁ ଦୂରକୁ—ବହୁତ ଦୂରକୁ, ଯେଉଁଠାରେ ନଥିବେ ବନ୍ଧୁ, ନଥିବ ଆତ୍ମୀୟଙ୍କର ଆତ୍ମୀୟତା । କିନ୍ତୁ, କେତେ ଦିନ ! ମୋ'ର ଏ ଏ ଖିଆଲପାଇଁ କିଏ ମତେ ସାହାଯ୍ୟ କରିବ ! କଅଣ ହେବ କର୍ତ୍ତବ୍ୟ !!

ମୋର ମନେ ହେଉଥାଏ ଯେପରି ମୋର ମସ୍ତିଷ୍କର ସ୍ନାୟୁ, ତନ୍ତ୍ରୀ ଛିଣ୍ଡି ଯାଉଛି ଗୋଟାକ ପରେ ଗୋଟାଏ । ହଜିଯାଉଛି ସ୍ୱାଭାବିକ ଚେତନା ଶକ୍ତି···

କସ୍ତୁରୀ ଶୋଇ ପଡ଼ିଥିଲା । ଅନ୍ତରର ନୀରବ ଦହନରେ କ୍ଳାନ୍ତ ଆଖିପତା ତା'ର ଢଳି ପଡ଼ିଥିଲା । ମୁଖମଣ୍ଡଳରେ ଯୁଗ ଯୁଗର କରୁଣ, ବିଷଣ୍ଣ ଛାୟା । ଅପଲକ ନୟନରେ ମୁଁ ଚାହିଁ ରହିଲି ମୋର ପ୍ରାଣସମା ଅର୍ଦ୍ଧାଙ୍ଗିନୀକୁ । କ୍ଷୀଣତନୁ, କନକାଙ୍ଗୀ ତରୁଣୀ । ସ୍ଖଳିତ କବରୀ ଲୋଟି ପଡ଼ିଥିଲା ବକ୍ଷଣା ଉପରେ । ଗଭୀର ସୁପ୍ତିରେ ବି ସେ ଚମକି ଉଠୁଥିଲା ।

Digitized by srujanika@gmail.com

ହୁଏତ ମୋର ଅସ୍ୱାଭାବିକ ବ୍ୟବହାର, ତା'ର ଅଜ୍ଞାତ ଭିତ୍ତିରେ ପ୍ରତିଷ୍ଠିତ ମୋର ନୃଶଂସତା ତା'ର ଅଚେତନ ମନରେ ପ୍ରତିକ୍ରିୟା ସୃଷ୍ଟି କରୁଥିଲା ।

ସେ ରାତିର ସ୍ମୃତି! ହାତ ରହିଯାଏ, ନିର୍ଜୀବ ଲେଖନୀ ମଧ୍ୟ ସ୍ତବ୍ଧ ହୁଏ । ମନେ ପଡ଼େ, ନାଲି ଆଲୋକଟିକୁ କସ୍ତୁରୀ ଆଡ଼କୁ ବୁଲାଇ ଦେଇଥିଲି । ଆଲୋକର ନାଲି ଲହରୀ କସ୍ତୁରୀର ଶାନ୍ତ ମୁଖଟିରେ ସୃଷ୍ଟି କରିଥିଲା ବ୍ୟଥାହତ ଲେଖା । କାହିଁକି, କିଏ ଏ ନାରୀର ପ୍ରାଣହାନି ଘଟାଇବ । କ'ଣ ରହିଛି ଏହାର ମାନସଲୋକରେ । ମୋର ତୀକ୍ଷ୍ଣ ଚକ୍ଷୁତାରକା ତା'ର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ବିଦ୍ଧ କରିବାକୁ ଚେଷ୍ଟା କରୁଥିଲା । ମନ ଭିତରର ଫୁଟନ୍ତ ଲାଭାର ବାଷ୍ପ ନିଃଶେଷରେ ଲେହନ କରୁଥିଲା ମୋ'ର ମାନବିକ ପ୍ରବୃତ୍ତି ।

ଆକସ୍ମିକ ବିଦ୍ୟୁତାଲୋକରେ ଯେପରି ମୁଁ ମୁହୂର୍ତ୍ତେ ସ୍ତବ୍ଧ ହୋଇ ରହି ଯାଇଥିଲି । ମସ୍ତିଷ୍କର ସେ ଯନ୍ତ୍ରଣା ଆମରଣ ବହନ କରିବା ଅସମ୍ଭବ ଥିଲା । ଗୁମ୍ଫତଳେ ପଡ଼ୁଥିଲା ଗୋଟାକ ପରେ ଗୋଟାଏ ପାହାର । ବାହାରୁ ଶୁଭୁଥିଲା ରାତିଚର ପକ୍ଷୀର ବିକଟାଳ ସ୍ୱର । ବୋଧହୁଏ କଠିନରୁ କଠିନତର, ସ୍ଥିରରୁ ସ୍ଥିରତର ହୋଇ ଆସୁଥିଲା ମୋର ଚକ୍ଷୁର ପୁତୁଳୀ । ସମ୍ମୋହିତ ପାଦ ପକାଇ ମୁଁ ଆଗେଇ ଯାଉଥିଲି ମୋର ପ୍ରିୟତମା, ମୋର ନୟନପ୍ରତିମା ସେହି ନାରୀ ନିକଟକୁ । ଆହୁରି ସ୍ପଷ୍ଟ ହୋଇ ଦେଖା ଯାଉଥିଲା କସ୍ତୁରୀର ଅପରୂପ ଭଙ୍ଗିମା, ସ୍ୱାମୀ ପ୍ରତି ନିଶ୍ଚିନ୍ତ ବିଶ୍ୱାସରେ ସେ ନିଦ୍ରା ଯାଇଥିଲା । ଶାନ୍ତ କ୍ଳାନ୍ତ ନିଷ୍ପାପ ପ୍ରତିମା ।

ନିଜ ବକ୍ଷରୁ ଶୁଣୁଥିଲି ବଜ୍ରର ସ୍ଫୁରଣ । ମୁଁ ନଇଁ ପଡ଼ିଲି··· ହୃଦୟରେ କସ୍ତୁରୀ ପ୍ରତି ଅପ୍ରତିମ ମମତା, ନିବିଡ଼ ପ୍ରେମ—ଏତେ ବେଶି କେହି ହୁଏତ ଭଲ ପାଇ ପାରନ୍ତା ନାହିଁ । ଉଦ୍‌ଭ୍ରାନ୍ତ ଶରୀର ଓ ମନ··· ମୋର ପେଶୀବହୁଳ କଠିନ ହସ୍ତର ଚାପ ନିକଟରୁ ନିକଟତର ହୋଇ ଆସିଲା କସ୍ତୁରୀର ତୁଷାର ଧବଳ କଣ୍ଠ ଉପରେ । ତା' ପରେ···ଗୋଟାଏ ଚିତ୍କାର—ଦେଖିଲି, ସୃଷ୍ଟିର ସମସ୍ତ ଅଭିଶାପ, ସମସ୍ତ ଆତଙ୍କ, ସମସ୍ତ

Digitized by srujanika@gmail.com

ବର୍ଷିକା, ସମସ୍ତ ସନ୍ଦେହ ନେଇ କସ୍ତୁରୀର ମୃତ୍ୟୁ କଠିନ ଆଖି ଦୁଇଟା ଝୁଲୁଛି ମୋ ଆଡ଼େ । ମୋ ପ୍ରତି ଅପରିସୀମ ଘୃଣାରେ ଫାଟି ବାହାରି ଆସୁଛି ।

ଆଉ କିଛି ଜାଣେ ନାହିଁ । ଚେତନା ପାଇ ଦେଖିଲି ମୁଁ ପୋଲିସ ପରିବେଷ୍ଟିତ, ମୁଁ ଖୁଣୀ, ଅପରାଧୀ ।

ମୋର କିଛି ଆଉ କହିବାର ନାହିଁ । କସ୍ତୁରୀର ସେହି ଦୃଷ୍ଟି ମତେ ଉନ୍ମାଦ କରି ଦେଇଛି । ମୃତ୍ୟୁହିଁ ମୋର କାମ୍ୟ···

Digitized by srujanika@gmail.com

ଲୁଆର ଓ ଜରା

ହାରାମଣି ଲୁଷିଛନ୍ତି । ଖରା ଉଠିଲାଣି ମୁଣ୍ଡ ଉପରକୁ—ଏକ ପାଖିଆ ଘରଟିରେ ତାଙ୍କର କାନ୍ଥକୁ ଆଉଜି ଏକା ଜାଗାରେ ବସିଛନ୍ତି—ହ'ଲ୍ଟନ ଘଣ୍ଟା ହୋଇଗଲା । ଭାତ ଖାଇନାହାନ୍ତି । ପୁଅ, ବୋହୂ, ନାତି ନାତୁଣୀ କାହାର ସାଙ୍ଗେ କଥାବାର୍ତ୍ତା ନାହିଁ ।

ଜପମୁଣି ଭିତରେ ହାତ ଅଛି । ବେକରୁ ନାମାବଳୀ ଖଣ୍ଡିକ କରିକଆ ହୋଇ ଝୁଲି ପଡ଼ିଛି । ଆଖିରେ ଢଳଢଳ ହେଉଛି ଲୁହ, ଧାର ଧାର ହୋଇ ଗଡ଼ିଆସୁଛି । ହାତ ଅଟକିଯାଉଛି, ମାଳ ରହିଯାଉଛି । ଗୁହିଁଛନ୍ତି—ଲୁହ ଡବଡବ ଆଖି ଭିତରେ ଭାସି ବୁଲୁଛି ପଚୁଶ ପଞ୍ଚାବନ ବର୍ଷ ଘରକରଣାର ଲୁଚ ଆଲୁଅ ଖେଳ ।

ଘର ଅଗଣାରୁ ଗହଳ ଶୁଭୁଛି । ପାଖ ଘରୁ ଶୁଭୁଛି ମଝିଆଁ ନାତୁଣୀର ଠୋ ଠୋ ହସ । କଲେଜ ପଢ଼ୁଆ ଝିଅ, ଚନ୍ଦ୍ରା ନାଇଁ, ସଂସାରର ଭାର ପଡ଼ିନ, ହସୁଛି ନିଦକ ହସ । ଘରପାକ ସମସ୍ତେ ଜଣ ଜଣ କରି ଖାଇବାକୁ ଡାକ ଗଲେଣି । ହାରାମଣିଙ୍କର ସେଇ ଏକା ଜିଦ୍ ସେ ଖାଇବେନି । ନଖାଇ ମରିବେ କ'ଣ ଆଉ ଅଛି ଏ ଅଛତରା ଜୀବନଟାରେ । ସତୁରୀ ବର୍ଷ ହେଲା । ସ୍ୱାମୀ ମରିବାର ପାଞ୍ଚବରଷ ହେଲାଣି । ତାଙ୍କ ହାତରୁ କ୍ଷମତା ଯାଇଛି । ତାଙ୍କ ମୁଣ୍ଡରୁ ଦାୟିତ୍ୱ ଯାଇଛି । ଏ ସଂସାରରେ ସେ ଅଲୋଡ଼ା ଅପଦରା ଗୋଟାଏ ବୋଝ ଛଡ଼ା ଆଉ କିଛି ନୁହନ୍ତି । ସେଇଥିପାଇଁ ବୋହୂ ଆଜି କହିପାରିଲା, "ମା, ତମେ ଘର କଥାରେ କିଛି କହନି । କ'ଣ ତମର ସେଥିରେ ଥାଏ । ତମେ ତ

Digitized by srujanika@gmail.com

କାହାର କଥା ସହିପାରିବନି, ତମ କଥା ବି କେହି ସହିବେନି, କାହିଁକି ମିଛରେ ଅଶାନ୍ତି ହବ ତମ ମନରେ ।" ସେ ପୁଣି ସହନ୍ତେ କାହାର ରାଗ, ମୁହଁ ଛୁଆଁଡ଼ା କଥା ! ଲୁଗା କାନିରେ ହୀରାମଣି ଆଖି ପୋଛିଲେ । ଅଗଣାରୁ ବୋହୂର ଚପିଲା ପାଟି ଶୁଭୁଥିଲା, 'ଅବୁଝା ମଣିଷ, ସବୁ କଥାକୁ ଅଡ଼ୁଆ ବୁଝି ଅନର୍ଥ ସୃଷ୍ଟି କରୁଛନ୍ତି । ସବୁବେଳେ ଲୁହ ପକେଇଲେ କାହାର ମଙ୍ଗଳ ହବ !'

ଗୁଡ଼ିଭ ଭିତରଟା ଚକଟି ହେଲା ହୀରାମଣିଙ୍କର । ଏତେଦିନ ସଂସାର ଚଳେଇଥିଲେ । ସ୍ୱାମୀ, ପୁଅ, ଝିଅ, ଜା ଜେଉଲାରେ ଘର ପୂରିଥିଲା । ସେ ଅବୁଝା, ଅଖାଡ଼ୁ ! କାହାର ଅସୁବିଧା ହୋଇନି । ହାଡ଼, ମାଉଁସ ହୋଇ ପାଞ୍ଚପଳର ଦିହଟା ଏଇ ଘରର ଚକକୁ ଠେଲି ଠେଲି ପୋପଟ ହେଲା । ପନ୍ଦରବର୍ଷ ତଳେ ଏଇ ବୋହୂ ଆସିଥିଲା । ତାଙ୍କ ହାତରେ ବଳ ଥିଲାଯାଏଁ ତା' ହାତରେ ପାଣି ଲଗେଇ ଦେଇ ନାହାନ୍ତି । ଆଉ, ଆଜ ! ମନରୁ ବାହାରି ଆସିଲା ସତେ କି ଗରମ ବାମ୍ଫ, ଆଖି ନାକ ପୋଡ଼ି ଉଠିଲା ।

ଶାଶୁଥିଲେ, ପାଟିରୁ ନ ବାହାରୁଣୁ କାମ ନ ହେଲେ ରାଗି ନିଆଁ ବାଣ ହେଉଥିଲେ । ଖଣ୍ଡାଧାରରେ ବାଟ ଚାଲିଛନ୍ତି ହୀରାମଣି ତାଙ୍କ ପାଖେ, ତାଙ୍କ ହାତରେ ଛେଚି ପିଟା ମଣିଷ ହୀରାମଣି ଆଜ ପୁଅ ବୋହୂଙ୍କର ଫିଙ୍ଗା ଫୋପଡ଼ା କଥା ଶୁଣି ବଞ୍ଚି ରହିଛନ୍ତି । ବୋହୂ ଆସିବାର କେତେବର୍ଷ ପରେ ଘରେ କ'ଣ କଥା ନେଇ ସେ ରାଗିଥିଲେ ସ୍ୱାମୀଙ୍କ ଉପରେ । ନଖାଇ ଉପାସ ରହିଥିଲେ । ପୁଅ, ବୋହୂ ବି ନଖାଇ ରହିଲେ, ସେ ଦିନ ମନେ ପଡ଼ୁଚି । ଘରଭିତରେ ପାଟି ଭୁଣ୍ଡି ସବୁ ଥମି ଯାଇଥାଏ । ସବୁ ଚୁପ୍‌ଚାପ୍, ପୁଅ ବୋହୂ—ପିଲା ଦି'ଟା, କେତେବେଳ ଉପାସ ରହନ୍ତେ ! ଭାତ ଥାଳି ପାଖେ ହୀରାମଣି ବସିଲେ, ପୁଅ ଖାଇଲା, ହୀରାମଣି ବୋହୂ ପାଟିରେ ଭାତଗୁଣ୍ଡା ଦେଲେ ।

ବୋହୂ ଡାକିଲା 'ମା, ଏତେବେଳ ହେଲାଣି, ଖାଇବ ଆସ ।'

ମୁହଁ ବୁଲାଇ ହୀରାମଣି ଲୁହ ଲୁଚେଇ କହିଲେ—'ତମେ ସବୁ ଖାଇବ ଯା, ମୋ'ର ଇଚ୍ଛା ନାହିଁ ।' ସେତିକି, ବୋହୂ ଚାଲିଗଲା, ଖା ପିଆ ସରିଲା ଘର ଭିତରେ ।

Digitized by srujanika@gmail.com

ଟାଣୁଆ ଖସ୍ର ନଅାଁ ଜାଳ ଦଉଚ ସ୍ମୃରଆଡ଼େ । ହାସ୍ରମଣିଙ୍କ ଉପାସିଆ ଦହଟାରୁ ଜୀବନ ଗୁଡ଼ଗଲା ପର ଲାଗୁଛୁ । ମୁଣ୍ଡ ବୁଲାଉଚ, ଆଖି ଢ଼'ଟାରେ ସୋରଷ ଫୁଲ ଦଶୁଛୁ । ତଳେ ଚକଆଖଣ୍ଡ ପକେଇ ହାସ୍ରମଣି ଗଡ଼ ପଡ଼ଲେ । ମନେ ପଡ଼ଲେ ସ୍ୱାମୀ, ମନେପଡ଼ଲା ନଜର କର୍ତ୍ତୃତ୍ୱ, ଦାଗ୍ପ, ଅଧିକାର, ବଳ ବୟସର ଜୀଅନ୍ତା ଦନଗୁଡ଼ାକ । ଗୁନ୍ଥା ଜୀବନମାଳରୁ ଗୋଟା ଗୋଟା ହୋଇ ସବୁରଟା ଗଡ଼ ଗଲାଣି । ଆଜ କେତେଟା !

ନା, ସରନ । ଆଗକୁ•••ଆଗକୁ•••ଆହୁର ଆଗେଇ ଅଛୁ । ପୁଣି ଦଶଟା ମାଳ ହାତ ଫାଙ୍କରେ ଗଳ ଗଲାଣି ତଳକୁ । ମୁଣ୍ଡର ବାଳ କେସ୍ରକ ଷୋଟ ପର ଧଳା ହେଲାଣି । ଦୁବଳଆ ଗ୍ରେଡ଼ିଆ ଦହଟା ଆଜ ଟିକଏ ବସି ଗଲାଣି । ଅଖୋଜା, ଅଲୋଡ଼ା ଜୀବନଟା ଅଛୁ । ତାଙ୍କ କାମ କରବାକୁ ପୁଅ ଅଲଗା ଲୋକ ରଖିଦେଇଚ । ହେଲେ, ଆଜ ବ ସେ ନଜ କାମ ପାଇଁ କାହାକୁ ଅପେକ୍ଷା କରୁନାହାନ୍ତ । ଭର ମନଟାରେ ଝାପସା ହୋଇ ଆସିଲାଣି ବହୁତ ପୁରୁଣା, ଟାଣୁଆ ଦହଟାର ଦନ ।

ନାତ ବାହା ହୋଇଛୁ ଆର ବରଷ । ସୁନାଖଡ଼କା ପାଠୋଇ ବୋହୂ । ଗୃହସ୍ଥ କରଚ । ସୁଖରେ ରହନ୍ତୁ ସମସ୍ତେ । ଆଉ କ'ଣ ଦେଖିବାକୁ ଲୋଡ଼ା । ଏଇ ଦେହଟା ପୋଡ଼ ପାଉଁଶ ହୋଇଯାଉ । ପୁଅ ନାତଙ୍କ କାନ୍ଧରେ ବୁହା ହୋଇ ତାଙ୍କର ହାତରେ ହାସ୍ରମଣି ନଅାଁ ଟିକଏ ପାଆନ୍ତୁ । ସେତକ ଠାକୁରଙ୍କୁ ମାଗୁଣି ।

ସଞ୍ଜ ଲଗ ଲଗି ଆସୁଛୁ । କାନ୍ଥକୁ ଆଉଜ ବସି ହାସ୍ରମଣି ନାମ ଜପୁଛନ୍ତ । ନାତୁଣୀବୋହୂ ଡାକଲା, 'ମାମା'—ଆଖି ଟେକ ହାସ୍ରମଣି ଅନେଇଲେ । ମାଈ ସଞ୍ଜର ମଇଳା ମଇଳା ଆଲୁଅରେ ସଫା ଦେଖା ଯାଉନ । ନରଖି ଅନେଇଲେ । ସଜବାଜ ହୋଇ କୁଆଡ଼େ ବାହାରଚ ନାତୁଣୀବୋହୂ ଲେଖା ।

'ମତେ କ'ଣ କହୁଚୁ ?'

'ବାପାଙ୍କ ପାଇଁ ଜଳଖିଆ ବସ୍ରଦ କର ଦେଇଚ । ମୁଁ ଯାଉଚ ସିନେମାକୁ ।'

ହାସ୍ରମଣି ଆଶ୍ଚର୍ଯ୍ୟ ହେଲେ । ତାଙ୍କ ପାଖରେ ଏକଥା କାହିଁକ ! ଘରର କୋଉ କଥା ତ ସେ ବୁଝନ୍ତନ । ରହ୍ୱି ରହ୍ୱି କହ୍ୱଲେ, 'ମା

Digitized by srujanika@gmail.com

ନାହାନ୍ତି କି ?' ଲେଖା ମୁହଁ ଫଣ ଫଣ କଲା । ଆଖିପତା କୁଞ୍ଚେଇ କହିଲା, "ସେ କାଲି ରାତିରୁ ନଖାଇ ରୁଷି ଶୋଇଛନ୍ତି । ଅଡ଼ୁଆ ମଣିଷ, ଯାହା କହିଲେ ଓଲଟା ବୁଝିବେ । ଯିଏ ଯାହା କହିଲେ ମନକୁ ପାଇବନି । ସେଇକଥା କହିଲାରୁ ରାଗିଛନ୍ତି । କିଏ କ'ଣ କରିବ ?"

ପଡଳା ଜରି ଶାଢୀର ପଣତ ଉଡ଼େଇ ଲେଖା ଚାଲିଗଲା ସ୍ୱାମୀ ସାଙ୍ଗରେ ସିନେମା ଦେଖି । ହୀରାମଣି ସ୍ଥିର; ମୂକ ହୋଇ ରହିଗଲେ । ମନର ଅଭିମାନ, ନିଜପାଇଁ ଦୁଃଖ ସତେ କି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଲା । ସେ ରୁଷିଥିଲେ ଏମିତି ଓଲଟ ଗଲା, ପୁଅ ଶୁଣିଲା, ବ୍ୟସ୍ତ ହେଲା । ମନରେ ଥାଉ କି ନଥାଉ ବୋହୂ ଆସି ପ୍ରଣମ୍ୟ ପକେଇଲା । ମନଟା ନରମିଲା, ହୀରାମଣି ଉଠିଲେ ।

ଅଶୀ ବରଷର ପୁରୁଣା ମନଟା ଉଦାର ହୋଇଗଲା । ବୋହୂ କରି ଆଣିଥିଲେ, କେତେ ସରାଗ କେତେ ଆଦରରେ ବରଣ କରିଥିଲେ । ଘରର ଲକ୍ଷ୍ମୀ ସେ—କାଲିଠୁ ଉପାସ ଅଛି ! ନିଜ ହାତରେ ତା କାନରେ ସୁନା ବାନ୍ଧି ଦେଇ ସବୁ ଭାର ସେ ତା'ର ହାତରେ ଦେଇଥିଲେ । ସେଇ ସୁନା ନେଇଥାକି ତା' ହାତରୁ ଯାଇଛି ବୋଲି ପୁଅ ବୋହୂ ତ' କଥା ବୁଝିଲେନି ! ଏମିତି ହତାଦର କେଖାତିର କରି ଚାଲିଗଲେ ଗୋଇଠା ମାରିଲା ପରି ! ହୀରାମଣିଙ୍କ ପଥୁରିଆ ମନଟା ଫାଟି ପାଣି ଝରିପଡ଼ିଲା— ଅସରନ୍ତି ଧାର ।

ଥରି ଥରି ସେ ଉଠିଲେ । ସଞ୍ଜ ଅନ୍ଧାରରେ କାନ୍ଥ ଧରି ଧରି ହୀରାମଣି ବୋହୂ ଘରକୁ ପଶିଲେ । ଶୋଇଛି—ଆଜି ଦରବୁଢ଼ୀ ହେଲାଣି । ହେଲେ, ତାଙ୍କରି ଆଗର ପିଲା, ତାଙ୍କରି ଆଦରର କୁଳଲକ୍ଷ୍ମୀ ଫୁଲି ଫୁଲି କାନ୍ଦୁଚି । ଅନ୍ଧାରଘରଟା ଗୁମୁରି ଉଠୁଚି ତା କୋହରେ । ହୀରାମଣିଙ୍କ ହୃଦ ଯାଇଚି । ଆଜି ସେ ବୁଝିଲେ, ତାଙ୍କ ବୋହୂର ମୂରବୀପଣ, ତା'ର କ୍ଷମତା ବି ଚାଲିଯାଇଚି । ପୁଣି ଗୋଟାଏ ପୁରୁଷ । କିନ୍ତୁ, କେତେ ବଦଳିଗଲା ସତେ ! ନିତିଦିନିଆ ସେଇ ଧାରା, ସେଇ ଘସରା, ପୁରୁଣା ନିୟମଟା କେତେ କଠୋର, କେତେ ନିର୍ଦ୍ଦୟ ହୋଇଗଲା ଦିନକୁଦିନ ! ହୀରାମଣି ଅଣ୍ଡାଳ ହୋଇ ବୋହୂ ପିଠିରେ ହାତ ରଖି ଡାକିଲେ ହଜିଲା ଦିନର ଗେହ୍ଲାଳିଆ ଡାକ 'ମା ଲୋ'...... ।

ମରୁତୀର୍ଥ

ଧୂଳି ଧୂସରିଆ ହାତରେ ଝୁନୁ ଦଉଡ଼ି ଆସିଲା । 'ମୋ' ମା' କହି ଅଶୋକ ଝିଅକୁ କୋଳକୁ ଉଠାଇ ନେଲେ ।

ସାତ ବର୍ଷର ଝିଅ । ଗୋରି କପାଳ ଉପରେ କୁଞ୍ଚୁକୁଞ୍ଚିଆ ବାଳ ବିଛେଇ ହୋଇ ପଡ଼ିଛି । କଳା କଳା ବଡ଼ ଆଖି ଦି'ଟାରୁ ଖୁସି ଉଛୁଳି ପଡ଼ୁଛି । ଛିଟ ଜାମାର ଅଣ୍ଟିରୁ ଅଣ୍ଟିଏ କଇଁଥ କଇଁଆ ମଞ୍ଜି ତଳେ ପକାଇ ଦେଇ ଝୁନୁ ବାପାଙ୍କୁ କୁଣ୍ଢାଇ ପକେଇଲା ।

ଅଣଓସାରି ଅନ୍ଧାରିଆ ଅଗଣାର ଦଉଡ଼ି ଉପରେ ଅଧାମଇଳା କ:ମିଜ ଖଣ୍ଡିକ ପକାଇଦେଇ ଅଶୋକ ଲୁଗା ବଦଳାଇଲେ । ଝୁନୁ ଟିକି ଟିକି ହାତରେ ବାପାଙ୍କ ଗୋଡ଼ରେ ପାଣି ଢାଳୁଥାଏ ।

ମୁହଁ ହାତ ଧୋଇ ଅଶୋକ ଘର ବାରଣ୍ଡାରେ ବିଞ୍ଚଣା ଧରି ବସିଲେ । ବତିଶି ବର୍ଷର ଯୁବକ ଅଶୋକଙ୍କ ଆଖି ତଳେ କଳାଦାଗ ପଡ଼ି ଆସିଲାଣି ।

ଆଗରେ ଥୁଆ ହୋଇଥିବା ଜଳଖିଆକୁ ଚାହିଁ ଦେଖିଲେ ମୋହନଭୋଗ ଭଜା, ଶ୍ରେଷ୍ଠ ଡାଟିଆଟିରେ ଖିରି । ସ୍ତ୍ରୀଙ୍କୁ ଟିକିଏ ବିସ୍ମୟରେ ଅଶୋକ ଚାହିଁଲେ । ଲତା ଟିକିଏ ଅପ୍ରସ୍ତୁତ ହେଲାପରି କହିଲେ, "ଘର ଖର୍ଚ୍ଚରୁ ଶହ ଗଣ୍ଡାଏ ବଳିଥିଲା ଯେ...... ସକାଳେ ଝୁନୁ ଦୁଧ ଖାଇଲାନି

Digitized by srujanika@gmail.com

··· ··ସେଥିପାଇଁ······’’ ଅଶୋକ ସ୍ତ୍ରୀଙ୍କ କଥାରେ ହସିଦେଇ କହିଲେ, ମୁଁ କ’ଣ ତୁମକୁ କୈଫିୟତ ମାଗୁଛି ଯେ କେମିତି କଲ ? କିନ୍ତୁ ଏ କାହାପାଇଁ ବାଢ଼ିଛ ? ମୋ’ର ତ ପୂରି ପେଟ, ଖାଲି ପାଣି ଗିଲାସେ ଦିଅ ।’

ଲତାଙ୍କର ମୁହଁ ଶୁଖିଗଲା । କେତେ ଯତ୍ନରେ ସେ କରିଥିଲେ । କିଛି ଟିକିଏ ଭଲ ମନ୍ଦ ତ ସ୍ୱାମୀଙ୍କ ମୁହଁରେ ସେ ଦେଇପାରୁ ନାହାନ୍ତି । ଅଶୋକ ଲକ୍ଷ୍ୟ କରି କହିଲେ, “ଆରେ, ପାଗଳୀ ନା କ’ଣ । ମୁଁ ନ ଖାଇଲେ କ’ଣ ହେଲା, ତମେ ଖାଇବ, ଝୁନୁ ଖାଇବ, ନଷ୍ଟ ତ ହେବନି ।’’ ଲତା ଖୁସି ହୋଇ ପାରିଲେନି । ଅଶୋକ ତାଙ୍କୁ ଜୋର୍ କରି ବସାଇ ଝୁନୁକୁ ଡାକିଲେ । ଲତା ପରେ ଖାଇବେ ବୋଲି କହିବା ସତ୍ତ୍ୱେ ସେ ଜୋର୍ କଲେ, ‘ମୁଁ ଏଇଠି ବସିଛି, ତମେ ଆଗ ଖାଇଲ, ତା’ ପରେ ଯାହା ହେବ ।’ ନିଜେ ସେ ଝୁନୁକୁ ଖୁଆଇ ଦେଲେ ।

ପାଣି ଗିଲାସେ ପିଇ ସେ କହି ଚାଲିଥାନ୍ତି ସେ ଦିନ ତାଙ୍କ ଅଫିସ୍‌ରେ କେମିତି ଟି ପାର୍ଟି ହେଲା ଓ କ’ଣ ସବୁ ଖାଇବା ଜିନିଷ ହୋଇଥିଲା । ସବୁ ଶୁଣି ଲତା ଆଶ୍ୱସ୍ତ ହେଲେ । ‘ହଁ—ନ ଖାଆନ୍ତୁ— କୋଉ ଘିଅ ନା ମସଲା, ନାଁ ମୋହନଭୋଗ, ତେଜପତ୍ରଟାଏ ବି ନ ଥିଲା, ଦୁଧ ବୋଲି ପାଏ, ସେଥିରେ ଅଧେ ପାଣି । ଗୁଡ଼ଲ ଦି’ଟା ପକାଇ ସେ ଯେଉଁ ଖିରି······ଯାହାହେଉ । ସୁସ୍ଥରେ ଦି’ଟା ଜଳଖିଆ ଖାଇଛନ୍ତି ତ !

ମାସକୁ ଅଶୀଟି ଟଙ୍କାର ଚାକିରିଆ ଅଶୋକ । ପିଲାଟିଏ ହୋଇ- ଥିଲେ, ବାପା ମରିଗଲେ । ବିଧବା ମା ସବୁ ବିକି ଭାଙ୍ଗି ବହୁତ କଷ୍ଟରେ ମାଟ୍ରିକ ପର୍ଯ୍ୟନ୍ତ ପଢ଼ାଇଲେ । ଆଉ ପଢ଼ିବାର ସମ୍ବଳ ନ ଥିଲା । ଝୁନୁ ଜନ୍ମର ବର୍ଷକ ପରେ ମା ଚାଲିଗଲେ । ଅଶୀଟଙ୍କାର ଏଇ କାମ ଖଣ୍ଡିକ ଛଡ଼ା ସକାଳେ ଗୋଟିଏ ଟିଉସନ୍ କରି ତିରିଶଟି ଟଙ୍କା ପାଆନ୍ତି । ସେତିକି ଭରସା, ଅଭାବ, ଅନଟନ ଓ ପରିଶ୍ରମ ଭିତରେ ବତିଶ ବର୍ଷର ଯୁବକ ଅଶୋକଙ୍କ ବୟସ ଯେପରି ପନ୍ଦର ବର୍ଷ ଆଗେଇ ଯାଇଛି ।

ଝୁନୁ ଖୁସି ହୋଇ ଖେଳିବାକୁ ଚାଲିଗଲା । କଅଣ ଭାବି ଅଶୋକଙ୍କ ଆଖି ଦି’ଟା ଛଳ ଛଳ ହୋଇ ଉଠିଲା । ବାହାଘରର ଆଠବର୍ଷ

Digitized by srujanika@gmail.com

ହୋଇଗଲା । ଭଲକରି ଗଣ୍ଡାଏ ସ୍ତ୍ରୀଙ୍କୁ ଖାଇବାକୁ ଦେଇ ପାରନାହାନ୍ତି, ଲୁଗା ଗହଣା କଥା ତ ଦୂରରେ । ଦୀର୍ଘନିଶ୍ୱାସଟାଏ ଭିତରୁ ବାହାରି ଆସିଲା ।

ସଞ୍ଜ ଦୀପ ଲିଭିଗଲାଣି । ଧୂଆଁ ବୁଲି ବୁଲି ଉପରକୁ ଉଠୁଛି । ଅଶୋକ ଲଣ୍ଠନଟିଏ ଜାଳି ଝିଅକୁ ପଢ଼େଇବାକୁ ବସିଲେ ।

ରୋଷେଇ ଘରୁ ଲତାଙ୍କର ରୂପା କଣ୍ଠସ୍ୱର ଶୁଭୁଛି 'ମୋ ମା ପରି, ଆଜି ମୁଢ଼ି ଖାଇଥା', କାଲି ତୋ ପାଇଁ ରୁଟି କରିଦେବି ।' ଝୁନୁ ବୁଝିଗଲା । ଟିକିଏ ପରେ ଅଶୋକ ଘରୁ ବାହାରି କହିଲେ, 'ମୁଢ଼ି ଚୂଡ଼ା କିଛି ରଖିନ ? ଆଜି ଅଫିସରେ ମିଠା ଗୁଡ଼ାଏ ଖାଇ ମୁଢ଼ି ଗଣ୍ଡାଏ ଚୋବେଇବାକୁ ଭାରି ଇଚ୍ଛା ହେଉଛି ।' ଲତା ସ୍ୱାମୀଙ୍କ ମୁହଁକୁ ଚାହିଁଲେ । ସେ ଗୋଡ଼ ଧୋଉ ଧୋଉ କହି ଚାଲିଥାଆନ୍ତି ତାଙ୍କ ଅଫିସର ସାଙ୍ଗମାନଙ୍କ କଥା, କାମ କଥା । ଲତା ସ୍ୱାମୀଙ୍କ କଥା ଅବିଶ୍ୱାସ କଲେ ନାହିଁ । ଥାଳିଆଟିରେ ମୁଢ଼ି ତେଲ ଗୋଳାଇ ଦେଇ ଝିଅପାଇଁ ରୁଟି ଦୁଇଖଣ୍ଡି ଥୋଇଦେଲେ । ବାପ ଝିଅଙ୍କର ଖୁସିଗପ ଶୁଣୁ ଶୁଣୁ ସେ ଭାବି ଖୁସି ହେଲେ ଯେ ଝୁଆଟାର ଇଚ୍ଛା ସେ ରଖିପାରିଛନ୍ତି ।

'ବାପା, ସନ୍ଦେଶ କେମିତି ଲାଗେ ?'

ଅଶୋକଙ୍କ ଗଳାରେ ମୁଢ଼ି ଅଟକିଗଲା । ଝୁନୁ କହି ଚାଲିଥାଏ ତା ସାଙ୍ଗ ମମତାର କଥା ।

'କାଲି ମମତାର ବାପା ହାଣ୍ଡିଏ ସନ୍ଦେଶ ଆଣିଥିଲେ ବୋଲି ସେ କହୁଥିଲା । ଯେଉଁଟା ଭାରି ଫୁଲେଇ ମ, ସବୁବେଳେ ଏମିତି କହେ । ସେଦିନ ସେମିତି ତାଙ୍କ ଘରେ କେମିତି ପଲଉ, ମାଂସ ହୋଇଥିଲା, କେତେ ଲୋକ ଖାଇଲେ ସେଇ କଥା ଗପୁଥିଲା । ଜାଣିଚ ବାପା, ତାଙ୍କର ବହୁତ ଟଙ୍କା, ସେ କହୁଥିଲା, ରସଗୋଲା ନ ହେଲେ ସେ ଜଳଖିଆ ଖାଏନି ।'

ଅଶୋକଙ୍କ ଶୁଖିଲା ମୁହଁଟା ଆହୁରି ଶୁଖିଗଲା । ଆଉ ଖାଇ ପାରିଲେନି । ଅଭାବର ନଗ୍ନ ରୂପଟା ବଡ଼ ହୋଇ ଆଖିରେ ଦିଶିଲା ।

Digitized by srujanika@gmail.com

କ'ଣ ହେଲା ? ମୁଡ଼ି ଭଲ ଲାଗିଲାନି ? ମୁଁ କହୁଥିଲି ତୁମକୁ ରୁଟି ଖାଇବାକୁ ।'

'ନା, କିଛି ହୋଇନି ।' ଅକ୍ଷମ ସେ, ସେ ଜାଣନ୍ତି କେତେ କଷ୍ଟରେ ଲତା ଘର ଚଳାନ୍ତି । ଦୁଇଓଳି ଦି'ମୁଠା ଶୁଖିଲା ଭାତ ଛଡ଼ା ନିଜେ ସେ କିଛି ଖାଆନ୍ତି ନାହିଁ । ଅଶୋକ ଗୁହିଁଲେ । ଏଇ ତାଙ୍କ ସ୍ତ୍ରୀ । ସେ ଦିନର ଲାବଣ୍ୟ ପ୍ରତିମା ତାଙ୍କ ଅଯୋଗ୍ୟତା, ତାଙ୍କ ଅପାରଗତା ଭିତରେ ଶୀର୍ଣ୍ଣ ହୋଇଛି ।

ସେ ଉଠିପଡ଼ିଲେ ।

ବୁଲି ବୁଲି କାମ ଖଣ୍ଡିଏ ଯୋଗାଡ଼ କରିଛନ୍ତି । କେଉଁ ଦୋକାନରେ ଅଫିସ ପରେ ଘଣ୍ଟାଏ ହିସାବ ଲେଖିବା କାମ, ମାସକୁ କୋଡ଼ିଏ ଟଙ୍କା ।

ଲତା ଅଭିମାନରେ କହି ଉଠିଲେ 'ଏତେବେଳଯାଏ କି ଅଫିସ କାମ ? ଖଟି ଖଟି ସେ ଦେହ ଯାହା ତ ହେଲାଣି । ସଞ୍ଜଯାଏ କଏ କୋଉ ଅଫିସରେ କାମ କରୁଛି ?'

ଅଶୋକ ଟିକିଏ ହସିଦେଇ କହିଲେ, 'ମୁଁ କ'ଣ ଏତେବେଳଯାଏ କାମ କରୁଥିଲି ? ଏବେ ନୂଆ ହୋଇ ଗୋଟିଏ ଲୋକ ଆମ ସାଙ୍ଗରେ କାମ କରୁଛି ଯେ ସେଇ ତା ଘରକୁ ଡାକିନେଲା । ସେଇଠି ଟିକିଏ ବସି ଖାଇ ପିଇ ଫେରୁଛି ।'

'ହଉ ଆସିଲ ଆଗ ।'

'ଆଉ ଖାଇବ ? ମତେ ତମେ କ'ଣ ବୋଲି ଭାବୁଛ ? ଯାହା ଖାଇଛି ନା···ସେ ତ ବଳେଇ ବଳେଇ ଖୁଆଇଲା, ମନାକଲେ କ'ଣ ଶୁଣିଲା !'

କାଗଜ ଠୁଙ୍ଗାରେ ଯୋଡ଼ିଏ ସନ୍ଦେଶ ଓ ଦୁଇଟି ସିଙ୍ଗଡ଼ା ସ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଉ ଦେଉ ଅଶୋକ ହସି ହସି କହି ଉଠିଲେ, "ଆଉ

Digitized by srujanika@gmail.com

ସେ ସୁରେଶଙ୍କୁ ପାରି ହେବନି, ସବୁଦିନ ଜୋର କରି ଗୁଡ଼ାଏ ଗିଲାଉଛି, ସେଥିରେ ପୁଣି ଆଜି ଝୁନୁ କଥା ଶୁଣି ଗୁଡ଼ାଏ ଜଳଖିଆ ଦେଉଥିଲା । ମୁଁ ବାରମ୍ବାର ମନା କରିବାରୁ ଏତକ ବାଧ୍ୟ କରି ଦେଇଛି ।"

ସ୍ୱାମୀଙ୍କ ଉପରେ ଥିବା ସବୁ ଅଭିମାନ ରାଗ ଭୁଲି ଲତା ପଚାରି ବସିଲେ ସେ ସାଙ୍ଗର କଥା, ସେ କିଏ, କେଉଁଠି ଥାଏ, ଇତ୍ୟାଦି ।

ଝୁନୁ ଖୁସିରେ ସନ୍ଦେଶ ଖାଉ ଖାଉ କହିଲା, 'ବାପା, ତମର ସେ ସାଙ୍ଗ ଭାରି ଭଲ ନା ? 'ହଁ ଲୋ ମା···, ଅଶୋକ କଥା ବୁଲାଇ କହିଲେ' 'ସନ୍ଦେଶ ଭଲ ହୋଇଛି ?' ବାପା' ତମେ ଗୋଟାଏ ଖାଅ' ଝୁନୁର ଏ ଏ ଅଳରେ ଅଶୋକ କହିଲେ, 'ମୁଁ ପରା ପେଟେ ଖାଇଛି, ଆଉ ଏଗୁଡ଼ା ଖାଇ ପାରିବି ?, ଅଶୋକଙ୍କ ହସ ଭିତରେ ତାଙ୍କ ମୁହଁ ଉପରେ କଳା କଳା ଦାଗ କେତେଟା ସ୍ପଷ୍ଟ ହୋଇଉଠିଲା ।

"ତମର ସେ ସାଙ୍ଗ ସବୁଦିନ ତୁମକୁ ଖୁଆଉଛନ୍ତି, ପୁଣି ଝୁନୁପାଇଁ ନିତ ପଠାଉଛନ୍ତି । ତାଙ୍କୁ ଦିନେ ଡାକୁନ ?"

ଅଶୋକ ଟିକିଏ ବିଚଳିତ ହୋଇ କହିଲେ, "ଆମ ଗରିବ ଘରେ କ'ଣ ଅଛି ଯେ ତାଙ୍କୁ ଡାକି ଖୁଆଇବା ? ମସ୍ତ ବଡ଼ ଧନୀ ସେ । ବେଶି ପାଠ ପଢ଼ିନାହିଁ । ଅଫିସ ପାଖରେ ଗୋଟାଏ କୋଠା ତା'ର ଅଛି । ଗୋଟାଏ ହୋଟେଲ ବି ସେଇଠି ତାଙ୍କ ବାପାଙ୍କର ଅଛି । ସାଙ୍ଗମାନଙ୍କୁ ଖୁଆଇବା ତା'ର ଗୋଟାଏ ସଉକ, ଟଙ୍କା ପଇସାକୁ ଖାତିର ନାହିଁ । ମନ ଖୁସିରେ ଖର୍ଚ୍ଚ କରିଛି । ନିଜେ ବାହା ହୋଇନି; କିନ୍ତୁ ସାନ ପିଲାଙ୍କଠାରେ ତାର ଭାରି ସ୍ନେହ । ଝୁନୁକଥା ଶୁଣି ସବୁଦିନ ଜୋର କରି ତା' ପାଇଁ ଦେଉଛି, ମୁଁ ମନା କଲେ ତା'ର ସେଇଁ ରାଗ··· ।

ଲତା ଗମ୍ଭୀର ସ୍ୱରରେ କହିଲେ, 'ସଂସାରରେ ଏମିତି ଭଲ ମଣିଷ କେତେଟା ଥାଆନ୍ତି ! ଭଗବାନ୍ ତାଙ୍କର ମଙ୍ଗଳ କରନ୍ତୁ । ଯାହାହେଉ ତମେ ଥରେ ତାଙ୍କୁ ଡାକିଆଣ, ଯାହା ଆମର ଅଛି ସେଇ ଶାଗଭାତ ଦି'ଟା ଖାଇ ଯିବେ । ଏତେ ଉଚ୍ଚ ମନ ଯାହାର, ସେ କ'ଣ ଗରିବ ଘର ବୋଲି ଘୃଣା କରିବ ?'

Digitized by srujanika@gmail.com

'ହଁ ବାପା, ତମେ ଡାକଆଣ ।' ବିବ୍ରତ ସ୍ୱରରେ ଅଶୋକ କହିଲେ, 'ହେଉ, ସେ ତ ପରେ ହେବ ପହିଲିଟା ହେଉ ।'

ଅଶୋକଙ୍କର ଘରକୁ ଫେରିବାକୁ କେବେ ମୁହଁ ସଞ୍ଜରୁ କମ୍ ହେଉନି, ଲତା ଆଉ କିଛି ପଚାରନ୍ତି ନାହିଁ । ସେ ଜାଣନ୍ତି ଯେ ସ୍ୱାମୀ ସେଆଡ଼େ ତାଙ୍କ ସାଙ୍ଗ ପାଖରେ ଖାଇ ଆସିଥିବେ । କେବେ କେମିତି ମନଟା ଖରାପ ହେଲେ ବି ସେ ଖୁସି ହୁଅନ୍ତି ଯେ ଘରେ ଶୁଖିଲି ମୁଡ଼ି ଚୂଡ଼ା ଦି'ଟା ଖାଇବାଠାରୁ ସ୍ୱାମୀ ଭଲରେ ଦି'ଟା ଜଳଖିଆ ଖାଉଛନ୍ତି ତ । ଝୁଲି ରହିଁ ବସିଥାଏ; ବାପା କେତେବେଳେ ଆସିବେ, ସନ୍ଦେଶ ମିଠାଇ ଇତ୍ୟାଦି ଆଣିଥିବେ ।

ଝୁଲି ଅପେକ୍ଷା କରିଛି ବାପାଙ୍କୁ । ବାପା ଆଜ ବୁଲେଇ ନେବେ ବୋଲି କହିଥିଲେ । ମା, ବାପା ଓ ସେ ସାଙ୍ଗ ହୋଇ ବୁଲିଯିବେ । ବାପା ତ ଖାଇଥିବେ, ଖାଲି ସେ ଖାଇଲେ ବାହାରିବେ, ବାପାଙ୍କର ସେ ସଙ୍ଗ ରାଜଭୋଗ ଦିଅନ୍ତି ତା ପାଇଁ; କିନ୍ତୁ ସେ ଗୁଡ଼ାକ ବେଶି ମିଠା ବୋଲି ବାପା ଆଣନ୍ତି ନାହିଁ । ଆଜ ବାପାଙ୍କୁ କହିଛି, ଆଉ କିଛି ନ ଆଣି ଖାଲି ସେଇ ରାଜଭୋଗ ଆଣିବେ ।

ଏତେ ଡେରି ହେଲାଣି, ବାପା କୁଆଡ଼େ ଗଲେ ମ । ଝୁଲି ଦାଣ୍ଡ ଦୁଆରେ କେତେଥର ଅନେଇ ଆସିଲା, ଶେଷରେ ଆଉ ସମ୍ଭାଳି ନ ପାରି ଗଳିମୁଣ୍ଡ ଆଡ଼େ ଗଲା । ପ୍ରତିମା ଘର ପାଖ ଚଉତରାରେ ଛିଡ଼ା ହୋଇ ସେ ଚାହିଁଲା । ବାପା ବୋଧହୁଏ ଆସୁଛନ୍ତି । ହଁ, ତ···ଆଉ ଟିକିଏ ପାଖକୁ ଆସନ୍ତୁ, ସେ ଦଉଡ଼ିଯିବ । ବାପାଙ୍କ ମୁହଁଟା ଭାରି ଶୁଖିଲି ଦିଶୁଛି । ପ୍ରତିମାର ବାପା ଦି'ମାସ ଜରରେ ପଡ଼ି ଯେତେବେଳେ ଭଲ ହେଲେ ତାଙ୍କ ମୁହଁଟା ଏମିତି ଦିଶୁଥିଲା । ସେ ଭଲକରି ଚାଲି ପାରୁ ନ ଥିଲେ । ତାଙ୍କ ହାଡ଼ ଦିଶୁଥିଲା ବୋଲି ପ୍ରତିମା କହୁଥିଲା । ବାପାଙ୍କର କ'ଣ ହାଡ଼ ଦିଶୁଛି ?

କିନ୍ତୁ, ତାଙ୍କ ହାତରେ କିଛି ନାହିଁ ତ, ଆଜ ବୋଧେ ତାଙ୍କ ସାଙ୍ଗ ଘରକୁ ଗଲେନି । ସେ ତ ମନକୁ ସବୁଦିନେ ଡାକନ୍ତି, ବାପା ଏତେ ମନା କରନ୍ତି କାହିଁକି ? ଆଜ ସେ ବାପାଙ୍କୁ କଥା କହିବ ନି ।

Digitized by srujanika@gmail.com

ଆରେ, ଏ କ'ଣ ମ, ବାପା ପୁଣି ସେ ଜଳଖିଆ ଦୋକାନରେ ପଶିଲେ କାହିଁକି ? ତାଙ୍କ ସାଙ୍ଗ କ'ଣ ସେଇଠି ଥାଏ ? ନାଇଁ ତ, ବାପା ତ କହୁଥିଲେ ସେ ତାଙ୍କ ଅଫିସ ପାଖରେ ତା'ର ଘର ଆଉ ହୋଟେଲ; ଅଫିସଟା ତ କେତେ ଦୂର, ବାପାଙ୍କ ସାଙ୍ଗରେ ସେ ଥରେ ସେଠିକି ଯାଇଥିଲା ସେ ଚାଲିପାରିଲାନି, ବାପା କାନ୍ଧେଇ ନେଲେ । ସେଠିକି ତେବେ ବାପା କାହିଁକି ଗଲେ । ପ୍ରତିମା ଘର ପିଣ୍ଡା ଖୁଣ୍ଟ ଆଡ଼ୁଆଳରୁ ଚାହିଁଲା ।

ବାପା ବାହାରି ଆସୁଛନ୍ତି । ତାଙ୍କ ହାତରେ ଗୋଟାଏ ପତ୍ର ଠୋଲାରେ କ'ଣ ଧରିଛନ୍ତି । ବାପା ମୋଡ଼ ବୁଲି ଆସିବା ଆଗରୁ ଝୁଲା ଘରକୁ ଚାଲିଗଲା ।

"ଆରେ ମା ଝୁଲା, ନେ ତୋ ରାଜଭୋଗ । ଆଜି ସୁରେଶର ଦୋକାନରେ ବସି ଖାଉ ଖାଉ ଡେରି ହୋଇଗଲା । ଏତେ ପ୍ରକାର ଜିନିସ ଟିକିଏ ଟିକିଏ ଚାଖି ଚାଖି ପେଟ ପୂର୍ତ୍ତି । ସବୁଥିରୁ ମିଶାଇ ଏଡ଼େବଡ଼ ପୁଡ଼ାଟାଏ ସେ ଦେଉଥିଲା, ମତେ ଖରାପ ଲାଗିଲା, ମୁଁ ଖାଲି ରାଜଭୋଗ ଦି'ଟା ଆଣିଲି ।"

ଝୁଲା ହସି ହସି ଗଡ଼ିଗଲା । ମୁଁ କ'ଣ ଖାଇବି କି । ମୁଁ ତ ଆଜି ରାନୁ ଘରେ ଖାଇ ଆସିଛି । ତାଙ୍କର ସବୁ କୁଆଡୁ ଗୋଲାପଜାମୁ, ରାଜ ଭୋଗ ଆସିଥିଲା, ତା'ର ମା ମତେ ଜୋର କରି ଖୁଆଇଲେ । ଯାଆ, ତୁ ମା ଆଉ ତମେ ଖା । ଅଶୋକ କହିଲେ—ମୁଁ ପରା ଖାଇ ଆସିଛି । ମ'କୁ ଦେ, ଝୁଲା ତା'ର ଗ୍ଲେଟିଆ ହାତରେ ମା' ଓ ବାପାଙ୍କ ପାଟିରେ ଖଣ୍ଡେ ଖଣ୍ଡେ ରାଜଭୋଗ ମାଡ଼ି ଦେଉ ଦେଉ ବାପାଙ୍କ ବେକକୁ କୁଣ୍ଢାଇ ବର୍ଣ୍ଣନା କଲା ରାନୁ ଘରେ କେଡ଼େ ବଡ଼ ବଡ଼ ରାଜଭୋଗ ଓ ବିଭିନ୍ନ ଜଳଖିଆ ସେ ଖାଇ ଆସିଛି, ମିଠାରେ ତାକୁ ଖାଲି ବାନ୍ତି ଆସିଲା । କିନ୍ତୁ ରାନୁର ମା'ତାକୁ ଜବରଦସ୍ତି ଖୁଆଇଲେ । ସେ ଭାରି ଭଲ ମଣିଷ ।

———

Digitized by srujanika@gmail.com

ଯେ ନଦୀ ମରୁପଥେ

ନ'ଶହ ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଭିଭାବିକା ନିମନ୍ତ୍ରିତ । କଲେଜରେ ସାଂସ୍କୃତିକ ସପ୍ତାହ, କଲେଜ ହତା ନାଲି ନେଳି ଆଲୁଅରେ ଝଲସି ଉଠୁଚି । ଶେଷ ଧାଡ଼ିରୁ ଶୁଭଙ୍କର ଚୌଧୁରୀ ଚଷମା ତଳୁ ଆଖିର ସମସ୍ତ ଜ୍ୟୋତି ନିବିଷ୍ଟ କରି ଦେଖି ନେଉଛନ୍ତି । ବିରାଟ ହଲ୍‌ଟାକୁ । ଦେହ ଓ ମନ ଉପରେ ଅଭିଜ୍ଞତା, କାଳର ଦାଗ ଗୋଟାକ ପରେ ଗୋଟାଏ ପଡ଼ି ଯାଇଛି, ଯିବ—କେତେଦୂର, କିଏ ଜାଣେ! ସେ ଦେଖୁଛନ୍ତି କେବଳ ଶହ ଶହ ଅଭିଭାବକ ଅଭିଭାବିକା ଚାରିପାଖେ ଛାତ୍ର-ଛାତ୍ରୀଙ୍କ ସମାରୋହ, ହସିଲା ଆଖି ଉଜ୍ଜ୍ୱଳ ମୁହଁ, ପିତା ଶୁଭଙ୍କର, ଅଭିଭାବକ ଶୁଭଙ୍କରଙ୍କ ମନରେ କଲ୍ୟାଣ ଓ ଶୁଭେଚ୍ଛା ।

ବାଁ ପାଖକୁ ଭଦ୍ରମହିଳାମାନଙ୍କ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଛି । ଶୁଭଙ୍କର ନିରେଖି ଚାହିଁଲେ । କିଏ କିଏ ଏଇ କ୍ଷୀଣତନୁ, ଗୌରବର୍ଣ୍ଣା ପୌଢ଼ା! ସର୍ବାଙ୍ଗରେ ବୈଧବ୍ୟର କ୍ଳେଶଜଡ଼ିତ ବିବର୍ଣ୍ଣତା । ଆଖିତଳେ ଅଭିଜ୍ଞତାର ବ୍ୟଥାଙ୍କିତ ଲେଖା । ବିସ୍ମୃତିର ଅତଳ ଗହ୍ୱରରୁ ଶୁଭଙ୍କର ତା'ର ପରିଚିତି ଉଦ୍ଧାର କରି ନପାରି ଏକାଗ୍ର ଦୃଷ୍ଟିରେ ଚାହିଁ ରହିଲେ । ଶିଥିଳ ଅବଗୁଣ୍ଠନକୁ ମଥା ଉପରକୁ ଟାଣି ନେଉଛନ୍ତି । କିଏ! କିଏ! ବିସ୍ମୃତି ଭିତରେ କ୍ଷୀଣ ରଶ୍ମିରେଖା ଝଲସି ଉଠୁଛି । ହେଉଛି ସ୍ପଷ୍ଟ, ସ୍ପଷ୍ଟତର । ସୁନନ୍ଦା ! ବିସ୍ମୟମୁଖର ଭାଷା ଝରିପଡ଼ିଲା ଶୁଭଙ୍କରଙ୍କ ଦୃଷ୍ଟିରୁ । ସେଦିନର ସହପାଠିନୀ ସୁନନ୍ଦା—ବୁଦ୍ଧି, ପ୍ରତିଭାରେ ଉପାର୍ଜିତ ଯାହାର ମନ ଓ ବିତ୍ତର···ଅଧ୍ୟାପକଙ୍କ କଲ୍ୟାଣୀୟା, ସହପାଠୀ

Digitized by srujanika@gmail.com

ସହପାଠିମାଙ୍କ ଶ୍ରେଷ୍ଠେପ୍ସା ନନ୍ଦା ! ଉଭୟେ ସ୍ୱୀକରିଲେ ଉଭୟଙ୍କୁ । ତାରୁଣ୍ୟର ସ୍ମୃତି ଉନ୍ମୋଚିତ ହୋଇ ଆସୁଛି । ଆଖିରେ ତା'ର ସୂଚନା, ତା'ର କୋମଳତା । ଓଠରେ ତା'ର ବିକାଶ । ସେଦିନର ଆଦର୍ଶ ଯୁବକ ଶୁଭଙ୍କର, ସ୍ପଷ୍ଟବାଦିନୀ ଓ ତୀକ୍ଷ୍ଣଧୀ ସୁନନ୍ଦା ଆଜିର କୁଞ୍ଚିତ ଆବରଣ-ଭିତରୁ ପରସ୍ପରକୁ ମୁଣ୍ଡ ଟେକି ଚାହୁଁଛନ୍ତି । ପାଖ ଚଉକିରେ ସୁନନ୍ଦା ବସିଲେ । ଆଗ ଧାଡ଼ି ସବୁ ଅଧିକାଂଶ ପୂର୍ଣ୍ଣ ହେଲଣି । ଶେଷ ଧାଡ଼ିରେ ପରସ୍ପର ଅନ୍ତରଙ୍ଗ ଏଇ ଦୁଇଟି ବନ୍ଧୁ ଅତୀତ ଜୀବନ ଉଜାଡ଼ି ଅନୁଭବ କରୁଛନ୍ତି, ବିଷାଦ, ବିସ୍ମୟ ।

ଉଭୟଙ୍କର ଦୁଇଟି ସନ୍ତାନ ରତ୍ନା—ସୁକାନ୍ତ ପରସ୍ପର ସହପାଠୀ । ଶୁଭଙ୍କର କହି ଉଠିଲେ, 'ବଡ଼ ଅଦ୍ଭୁତ, ନନ୍ଦା ଆମର ବନ୍ଧୁତ୍ୱ ପୁଣି ଉଜ୍ଜୀବିତ ହୋଇ ଉଠିଛି ରତ୍ନା—ସୁକାନ୍ତଙ୍କ ମାଧ୍ୟମରେ । ଆଚ୍ଛା, ସେ ଦିନର କଥା ତମର ମନେଅଛି—ସେଦିନର ଏଇ କଲେଜର ବିଭିନ୍ନ ଅନୁଷ୍ଠାନ, ସେଦିନର ଅଧ୍ୟାପକମଣ୍ଡଳୀ, ଛାତ୍ରଛାତ୍ରୀଙ୍କ ସମାବେଶ ?' ଅତୀତର ସ୍ମୃତି ବର୍ତ୍ତମାନର ବିପର୍ଯ୍ୟସ୍ତ ଜୀବନକୁ କରୁଛି ବ୍ୟଥିତ, ବିଧୁର ।

ମନେ ଅଛି, ଶୁଭ । ସେଦିନର ଶପଥ, ବିରାଟ କଳ୍ପନା, ମହାନ ଆଶା—ସବୁ ମନେ ଅଛି ।

କଙ୍କରିତ ଶିଳାବନ୍ଧୁର ପଥରେ ଅର୍ଦ୍ଧଶତାବ୍ଦୀ ଅତିକ୍ରମ କରୁଥିବା ଦୁଇଟି ପୌଢ଼ ଜୀବନ ସମାହିତ ହୋଇ ପଡ଼ୁଛି ଆଶା—ନିରାଶା, ଲାଭ—କ୍ଷତିର ଫର୍ଦ୍ଦ ମିଳାଇବାରେ; ସୁନନ୍ଦାଙ୍କ ବ୍ୟଥିତ ସ୍ୱରର ପ୍ରତିଧ୍ୱନି ଶୁଭଙ୍କର ଶୁଣୁଛନ୍ତି ନିଜ ଅନ୍ତରରୁ । ସେମାନେ ହାରିଛନ୍ତି । ସେଇ ପରାଜୟର ଗ୍ଲାନି ଜୀବନରେ ଅପ୍ରତିହତ । ନିସ୍ତୃତି ନାହିଁ ।

ବକ୍ତୃତା ପ୍ରତିଯୋଗିତା ହେଉଛି । "ଯୌବନ ଓ ସଂସ୍କୃତି" — ଅର୍ଦ୍ଧ ପ୍ରସ୍ଫୁଟିତ କଳିକା ଗୁଡ଼ିଏ । ବିରାଟ ସମ୍ଭାବନାର ସ୍ୱପ୍ନ ଆଖିରେ ଆଣିଛି ଜ୍ୟୋତି, ଉଲ୍ଲାସ, ବହ୍ନିଳତା । ମଞ୍ଚ ଉପରକୁ ଉଠୁଛି ସୁକାନ୍ତ—ସୁନନ୍ଦାଙ୍କ ନୟନର ମଣି । ଶିକ୍ଷା ଓ ଉନ୍ନତ ରୁଚିବୋଧ କଣ୍ଠରେ ଆଣିଛି ଗାମ୍ଭୀର୍ଯ୍ୟ । ଉଚ୍ଚାରିତ ହେଉଛି ଅଜଣା ଭବିଷ୍ୟତର ପିପାସା, ଅସୀମ

Digitized by srujanika@gmail.com

ଆଶାର ବାଣୀ । ମାଇକ୍ ପାଖରେ ଠିଆ ହେଲଣି ରତ୍ନା । ସାରଲ୍ୟ-ମଣ୍ଡିତ ଚଳଚଞ୍ଚଳତାର ସଫଳ ଆଭା । ଧୀର କଣ୍ଠରେ ଫୁଟି ଉଠିଛି ସବୁଜର ସୃଜନ ସ୍ୱପ୍ନ, ଉତ୍ଥାନପାଦର ଆବିଷ୍କାର କଳ୍ପନା । ଗୋଟିକ ପରେ ଗୋଟିଏ, ଏକ ଗୁଚ୍ଛ—ବିଭିନ୍ନ ବର୍ଣ୍ଣରେ ରଞ୍ଜିତ ଇନ୍ଦ୍ରଧନୁର ଆଲେଖ୍ୟ ରଚନା କରି ଯାଉଛନ୍ତି—ଜୀବନ ପ୍ରତି, ଭବିଷ୍ୟତ ପ୍ରତି ଅଗାଧ ବିଶ୍ୱାସ-କ୍ଷିଣୁର ନିର୍ଭରଶୀଳତା···ସେଇ ଭବିଷ୍ୟତ ଦେବ ପ୍ରାଚୁର୍ଯ୍ୟ, ମନୁଷ୍ୟତ୍ୱ, ପୂର୍ଣ୍ଣତା ।

ପରସ୍ପରକୁ ଚାହିଁଲେ ଶୁଭଙ୍କର, ସୁନନ୍ଦା, ଓଷ୍ଠାଧରରେ ଧାରଟିଏ ସ୍ମିତ—ଆତ୍ମଗତ, ବେଦନାଜଡ଼ିତ । ଉଭୟ ବୁଝିଲେ ତା'ର ଅର୍ଥ । ଯୁଗ ଯୁଗର କାରୁଣ୍ୟ, ଆଶଙ୍କା ପୁଞ୍ଜୀଭୂତ ହୋଇ ଉଠିଛି ନୟନର ଭାଷାରେ ।

ନମ୍ରସ୍ୱରରେ ସୁନନ୍ଦା ପଚାରିଲେ, "କ'ଣ ଭାବୁଛ ଶୁଭ ?"

'ଭାବୁଚି ! ଭାବୁଚି, ମନୁଷ୍ୟ ଆଜି ବି ଅକ୍ଷମ, ନିରୁପାୟ, ତା' ନ ହେଲେ ଏକ ଭ୍ରାନ୍ତିର ପୁନରାବୃତ୍ତି ଜୀବନରେ ଏତେ ବିପର୍ଯ୍ୟୟ, ଏତେ ଦୁର୍ଦ୍ଦଶା ଆଣନ୍ତା ନାହିଁ ।

ସୁନନ୍ଦା ନିଜ ମନଟାକୁ ଚିରି ଚିରି ଦେଖୁଛନ୍ତି । ବାଲ୍ୟ, କୈଶୋର, ଯୌବନ · ମହାନ୍ ହେବାର ସ୍ୱପ୍ନ ଦେଖିଥିଲେ,ନିଜର ସୀମିତ ଜୀବନରେ ସୀମାତୀତର ପରିକଳ୍ପନା କରିଥିଲେ । ଭାବିଥିଲେ ସେମାନେ ହେବେ ନିଷ୍ଠାରେ ଗଭୀର କଲ୍ୟାଣର ଫଲ୍‌ଗୁଧାରାରେ ସ୍ନିଗ୍ଧ । ବିରାଟ ବିଶ୍ୱ ପ୍ରାଣରେ ଏକୀଭୂତ ହୋଇଯିବ ତାଙ୍କର ଆତ୍ମା, ନିଜର ସୃଷ୍ଟି-ମାଧ୍ୟମରେ ସେମାନେ ଯୁଗ-ଯୁଗାନ୍ତର ବଞ୍ଚି ରହିବେ; କିନ୍ତୁ କାହିଁ ? ସବୁ ସୀମିତ ରହିଯାଇଛି । ସଙ୍କୀର୍ଣ୍ଣ ହୋଇ ଯାଇଛି ମନ । ସନ୍ତାନ, ପରିବାର, ସ୍ୱାର୍ଥ—ତା' ବାହାରେ କିଛି ନାହିଁ । ବିଶ୍ୱାସର ସ୍ୱପ୍ନାଞ୍ଜନ କଳଙ୍କିତ ନୟନ ଜଳରେ ନିଶ୍ଚିହ୍ନ ହୋଇଯାଇଛି ।

ଗଭୀର ଦୃଷ୍ଟିରେ ସୁନନ୍ଦା ଚାହିଁଲେ ଶୁଭଙ୍କରଙ୍କୁ ।

"ମୋ'ର ସେଇ କଲ୍ପନାଟା କଥା ତମର ମନେ ଅଛି ନନ୍ଦା ?"

Digitized by srujanika@gmail.com

ହଜିଲା ଦିନର ଚପଳ ଉଚ୍ଛ୍ୱାସରେ ସୁନନ୍ଦା ମୁଖର ହୋଇ ଉଠିଲେ—"ମନେ ନାହିଁ । ଆଜି ପର୍ଯ୍ୟନ୍ତ ମୁଁ ତା'ର ନକଲକୁ ସାଇତି ରଖିଥିଲି । ସୁକାନ୍ତ ତାକୁ ନେଇ ରଖିଛି । କି ଚମତ୍କାର ତା'ର ଭାଷା ! ଗୋଟିଏ ଉଦ୍ଦୀପନା ଆସେ ମନରେ" ।

ଟିକିଏ କରୁଣ ହସ ହସି ଶୁଭଙ୍କର କହିଲେ, 'ସୁକାନ୍ତକୁ କହିବି ନନ୍ଦା, ତାକୁ ନଷ୍ଟ କରିଦେବ । ମୋ ପାଖରେ ଯିଏ ଥିଲା, ମୁଁ ତାକୁ ପୋଡ଼ି ଦେଇଛି । ସେଥିରେ ମୁଁ ସ୍ୱର୍ଣ୍ଣପଦକ ପାଇଥିଲି, କିନ୍ତୁ କ'ଣ ଲାଭ । ଏତେ ଆବେଗ, ଏତେ ଆକାଙ୍‌କ୍ଷା—ଆଜି କାହିଁ । କିଛି ନୁହେଁ ସେ । ଆଖି ମୋ'ର ନୀଳନଭର ଅନନ୍ତ ନୀଳିମାକୁ ଜୀବନରେ ରୂପଦେବାକୁ ଚାହିଁଥିଲା । ମାଟିର ଦୁଃଖ, ଦୈନ୍ୟ, କଷଣ ନିକଟରେ ଭବିଷ୍ୟତର ଶାଶ୍ୱତ କଳ୍ପନାର ଶକ୍ତି ଦୁର୍ଜ୍ୟ ବୋଲି ମନେ କରିଥିଲି; କିନ୍ତୁ ଆଜି ଏତେ ଗୁଡ଼ାଏ ମାଇଲ ପଥର ପଛକୁ ରହିଗଲାବେଳେ ଆମରି ଦଳର ଆମେ ସମସ୍ତେ ଅନୁଭବ କରୁଚେ । ସେ ସବୁ ଅର୍ଥହୀନ । ବୟସଗତ, ସଂସାରଗତ ପରମ୍ପରାକୁ ନିରୁପାୟଭାବରେ ମାନିନେଇ ଆସିଚେ ଆମେ । ଆମରି ସନ୍ତାନ, ଆମରି ଐତିହ୍ୟର ଦାୟାଦରୂପେ ଯିଏ ଆସୁଛନ୍ତି ସେ ବି ଏଥିରୁ ମୁକ୍ତ ପାଉନାହାନ୍ତି । ସେଇ ଏକା ଭୁଲ୍‌ର ବୀଜ ତାଙ୍କ ରକ୍ତରେ ଅଙ୍କୁରିତ ।

ସୁନନ୍ଦା ଶିହରି ଉଠିଲେ । ଛାତ୍ରୀ ସୁନନ୍ଦାଙ୍କ ମେଧା, ଧୀ, ନିଷ୍ଠା, ବିଶ୍ୱର ପଙ୍ଗୁ ହୋଇଯାଇଛି । ଯାହା ଅଛି ସେ କେବଳ ଅତୀତର ପ୍ରେତ ଆତଙ୍କ ସୃଷ୍ଟି କରୁଚି । ବିରାଟ ଜନତାର ଏକ କୋଣରେ ଅନ୍ୟର ଶ୍ରୁତି ଅଲକ୍ଷ୍ୟରେ ଶୁଭଙ୍କର କହିଚାଲିଛନ୍ତି—

"ମନମୋହନ ପୁଲିସ ବିଭାଗରେ କାମ କରୁଚି । ନଳିନାକ୍ଷ କିରାଣି ହୋଇଛି । ଲୀଳା ହୋଇଛି ଶିକ୍ଷୟିତ୍ରୀ । ଆମରି ଦଳର ଏ ସମସ୍ତେ କୃତୀ ଛାତ୍ର-ଛାତ୍ରୀ । ଅଧ୍ୟାପକ ଅଧ୍ୟାପିକାଙ୍କର କଲ୍ୟାଣର ଧାରା ଏମାନଙ୍କୁ ସିକ୍ତ କରୁଥିଲା । ଯୌବନର ପ୍ରଶସ୍ତି ନେଇ ଏମାନେ ଶପଥ କରିଥିଲେ···ବିଶ୍ୱମୟ ହେବାର ସ୍ୱପ୍ନ ଦେଖୁଥିଲେ । ଏହାପରେ ଆସୁଛନ୍ତି ଆମରି ସନ୍ତାନ···ଆସୁଛି ସୁକାନ୍ତ—ରତ୍ନାଙ୍କ ଯୁଗ; କିନ୍ତୁ ଜୀବନରେ

Digitized by srujanika@gmail.com

ତାଙ୍କର ସେଇ ଭୁଲ୍ ବର୍ବରର ପୁନରାବୃତ୍ତି । ଆମେ ଅସହାୟ; ସେଇ ଅସହାୟତ୍ୱର ଦାୟାଦ ଏମାନେ । ଏମାନେ ବି ସଂସାରର ଗୁପ୍ତ ମନରେ ନେଇ ଆମର ପରି କରୁଣ, ବ୍ୟଥିତ ଦୃଷ୍ଟିରେ ଚାହିଁବେ ତାଙ୍କ ପର ପୁରୁଷକୁ । ଯିଏ ସ୍ୱକୃତ ବିଶ୍ୱାସ ଭଙ୍ଗର ଗ୍ଲାନିରେ କ୍ଷତବିକ୍ଷତ ତାଙ୍କ ପୂର୍ବ ପୁରୁଷଙ୍କୁ ଚାହିଁ ମଧ୍ୟ ଶୂନ୍ୟରେ ରଚନା କରୁଥିବେ ଶାଶ୍ୱତ ଭବିଷ୍ୟତର ବାଲିଘର । ତା' ପରେ···ସେଇ କଳ୍ପନାର ଧ୍ୱଂସସ୍ତୂପ ଉପରେ ଆଉ ଗୋଟାଏ ପୁରୁଷ; ଆଉ ଗୋଟାଏ···ଏମିତି ଗଡ଼ି ଚାଲିବ ଅକ୍ଷମ ନିଃସହାୟ ଜୀବନର ଧାରା । ଆଦିମାନବର ନିର୍ବୋଧ କୌତୂହଳର ଯେଉଁ ଅପରାଧ ମାନବର ଶୋଣିତ କଣିକାରେ ସଞ୍ଚରି ଆସିଛି, ସେଥିରୁ ଆମ ସନ୍ତାନଙ୍କର ମୁକ୍ତି ନାହିଁ । ନିନ୍ଦା ସମଗ୍ର ମନିଷ ଜାତିପ୍ରତି ସୃଷ୍ଟିର ଏ ଅଭିଶାପ ।"

ବକ୍ତୃତା ପ୍ରତିଯୋଗିତା ପରେ ବିଚିତ୍ରାନୁଷ୍ଠାନ ସରି ଆସିଲାଣି । ସମସ୍ତେ ବାହାରକୁ ଆସିଲେ । ଆସିଲେଣି ସୁକାନ୍ତ ଓ ରତ୍ନା; ରତ୍ନା ସୁନନ୍ଦାଙ୍କୁ ପ୍ରଣାମ କଲା ।

ମା'ଙ୍କ ନିର୍ଦ୍ଦେଶରେ ସୁକାନ୍ତ ନଇଁ ପଡ଼ିଛି ଶୁଭଙ୍କରଙ୍କ ପାଦ ପାଖରେ । ଆତ୍ମସମାଧିସ୍ଥ ଶୁଭଙ୍କର ସୁକାନ୍ତକୁ ତଳୁ ଉଠାଇ କହି ଉଠିଲେ 'ସେ ଭୁଲ୍ ତମେମାନେ ବି କରନାଇଁ,ବାବା । ଆମର ପରି ଅସୀମ ବିଶ୍ୱାସ ନେଇ ଆତ୍ମଦହନର କଳଙ୍କରେ ଭବିଷ୍ୟତକୁ ତମିସ୍ରିତ କରନାହିଁ ।

ବୁଝିଲି ବୟସ, ବୁଝିଲି ଅଭିଜ୍ଞତା । ସୁକାନ୍ତ ଓ ରତ୍ନା ବିସ୍ମୟରେ ଚାହିଁଲେ । ସୁନନ୍ଦା ଓ ଶୁଭଙ୍କରଙ୍କ କପାଳରେ କଳା ଗାର କେତେଟା ଫୁଟି ଉଠିଛି । ନମିତ ଆଖିପତା ତଳେ ବ୍ୟର୍ଥତାର କ୍ଳାନ୍ତି ।

ସୁନନ୍ଦା କହିଲେ, 'ଯିବ ଶୁଭ୍ର, ରତ୍ନାର ମ'ଙ୍କୁ ନେଇ ଯିବ । ଉତ୍ତର ନାହିଁ । ବିସ୍ମିତ ସୁନନ୍ଦା ମୁହଁ ଫେରାଇ ଚାହିଁଲେ—ଶୁଭଙ୍କରଙ୍କ ଦୃଷ୍ଟି ଅନ୍ତର୍ମୁଖୀ । ଆଖି କୋଣରେ ଚଳ ଚଳ ହେଉଛି ଦୁଇଟୋପା ଲୁହ । ସ୍ଫଟିକାୟିତ ସେଇ ଜଳବିନ୍ଦୁରେ ସୁନନ୍ଦା ପଢ଼ିଲେ ମାନବ ଜୀବନର ଯୁଗଯୁଗାନ୍ତରର ବ୍ୟଥା । ଆଦି ନାହିଁ, ଅନ୍ତନାହିଁ, ପ୍ରତିକାର ନାହିଁ ଅଛି କେବଳ ବସ୍ତୃତ୍ତ୍ୱ ଓ ରୋଦସୀ ଧରଣୀର ନିଃଶବ୍ଦସଞ୍ଚାରୀ ବେଦନା ।

Digitized by srujanika@gmail.com

ମଣିଶିଳା

ସମସ୍ତେ ଜାଣନ୍ତି ଦୁଲ୍ଲୀର ସେଇଟା କାମଲେଉଟାଣି ବେଳା । ସହଜେ ଭଲବେଳେ କେହି ତାକୁ ଭରସି କିଛି କହନ୍ତି ନାହିଁ, ପୁଣି ଏଇ ବେଳଟା · ଘର କବାଟ ଖୋଲି ଭିତରକୁ ପଶୁ ପଶୁ କବାଟ ବନ୍ଦ କରିଦେବ । ଟିକିଏ ପରେ ପାଟି ଶୁଭିବ··ଝିଅ ଉପରେ ଆରମ୍ଭ ହୋଇଯିବ ଗାଳି—'ମାଇକିନା ଝିଅ ହୋଇ ତୋର ଏଡ଼େ ଉଗୁର ! ସଣୁଣା ନାହିଁ, ବାଗ-ବରଗ ନାହିଁ, ପର ଘରେ ଖଟି ଖାଇବାକୁ ତ ଜୀବନ, କୋଉଥିପାଇଁ ଏଡ଼େ ବହପ ?' ନଷ୍ଟହନଆ ଏ ଗତରେ ବ୍ୟତିକ୍ରମ ନାହିଁ । କାହାରିକି କଥା କହିବ ନ, କାହାରି ମୁହଁକୁ ଚାହିଁବ ନ । ନ'ହାତ କସ୍ତାକାନିଟା ଅଣ୍ଟାରେ ଗୁଡ଼ା ହୋଇଥିବ । ହାତରେ ଗ୍ରେଣ୍ଠ ବାଉଁଶିଆଟିଏ, ତା' ଭିତରେ ଥିବ ସଉଦାପତ୍ର । ମାଟି-ପିଣ୍ଡା ଉପରେ ଟିକିଏ ଛିଡ଼ା ହୋଇ କାଠିକୁଟା ପଡ଼ିଥିଲେ ତଳକୁ ଫିଙ୍ଗିଦେବ, କୋଲପ ଫିଟାଇ ଏକମୁହାଁ ହୋଇ ଘରକୁ ପଶିଯିବ, ତା' ପରେ କବାଟ ବନ୍ଦ । ଲୋକେ ଜାଣନ୍ତି ସେ କବାଟ ଆଉ ସକାଳ ଆଗରୁ ଫିଟିବ ନ । ଘରଭିତରେ ସବୁ କାମ ସାରି କାମକୁ ଯିବାର ଟିକିଏ ଆଗରୁ ବାହାରକୁ ଆସିବ, ତରବରରେ ଦାଣ୍ଡପିଣ୍ଡାରେ ଗ୍ରୁଞ୍ଜୁଣୀଟା ମାରି ଦେଇ ସେଇଠି ଛିଡ଼ା ହୋଇ ଘର-ଭିତରକୁ ଗ୍ରୁଞ୍ଜୁଣୀମୁଠାକ ଫୋପାଡ଼ି ଦେବ । ଦୁଆରେ କୋଲପ ଦେଇ କଞ୍ଚିମୁଠାକ ଅଣ୍ଟାରେ ଖୋସି କାମକୁ ଯିବ । ଫେରିଲାବେଳକୁ ଅଫିସିଆ ବାବୁମାନେ ଅଫିସ ଯିବାକୁ ବାହାରିଥିବେ । ଆଉଥରେ କାମକୁ ବାହାରିଲାବେଳକୁ ବାବୁମାନଙ୍କ ଘରେ ମାଇପେ ସବୁ ଖରାବେଳଆ ନିଦ କରେ ଶୋଇ ସାରିଥିବେ । ଫେରିଲାବେଳକୁ ଏଇ ସଞ୍ଜ ।

Digitized by srujanika@gmail.com

ଦୁଲ୍ଲୀର ଝିଅଟିଏ ଅଛି ପାଞ୍ଚ ଛ'ବର୍ଷର, ହେଲେ ଦିନେ ସେ ପଦାକୁ ବାହାରେ ନା କି କେହି ତାକୁ ଦେଖିନାହାନ୍ତି । ଖୁଆଇ ପିଆଇ ଦୁଲ୍ଲୀ ତାକୁ ଘରେ କୋଲପ ପକେଇ ଦେଇ କାମକୁ ଯାଏ । ଥରେ କିଏ ତାକୁ ଝିଅ କଥା ପଚାରିଲା ଯେ ରାସ୍ତା ଉପରେ ଶୋଧି ଦେଇଗଲା । ଚାରିମାସ ତଳେ ଯେତେବେଳେ ସେ ଏ ସହରକୁ ଆସିଲା ତା ସାଙ୍ଗରେ କେହି ନ ଥିଲେ । ସାଇର ଏକଣାମୁଣ୍ଡେ ଗୋଟିକିଆ ହୋଇ ବାବୁ ଦୋକାଣୀର ଯେଉଁ ମେଲା ଘରଖଣ୍ଡ ପଡ଼ିଥିଲା ତା'ର ବାରଣ୍ଡାରେ ବୁଜୁଲାଟା ମୁଣ୍ଡରୁ ଓହ୍ଲାଇ ସେ ବସି ପଡ଼ିଲା । ବାବୁର ପିଲା ଛଅଟି ଓ ସ୍ତ୍ରୀ ଏକା ଦିନକେ ହଇଜାରେ ମରିଗଲେ, ସେ ଦଉଡ଼ି ଦେଇ ମଲା । ସେଇଦିନଠୁ ସେ ଘର ସେମିତି ପଡ଼ିଥିଲା । ବାବୁର ଭୂତ ଥିବ ବୋଲି କେହି ସେଠି ରହିଲେ ନାହିଁ । ସଞ୍ଜ ହେଲେ କେହି ସେବାଟେ ଯାଆନ୍ତି ନାହିଁ । ଏତିକି ସୁବିଧା ଯେ ସହରତଳି ସେ ସାଇରେ ସବୁ ଘରଠାରୁ ଖଣ୍ଡେ ଛଡ଼ାରେ ସେ ଘର । ସାଇବାଲା ଜଣେ ସେ ବାଟେ ଆସୁ ଆସୁ ଅଚିହ୍ନା ମାଇପିଟିଏ ଦେଖି ତାକୁ ପଚାରିଲା, ସେ କିଏ ଓ କେଉଁଠୁ ଆସିଛି । ଦୁଲ୍ଲୀ ପଦକରେ ଉତ୍ତର ଦେଲା ସେ ଗୁଜରାଣ କରି ପେଟ ପୋଷିବ ବୋଲି ଗାଁରୁ ଆସିଛି । ତା'ର କେହି ନାହାନ୍ତି । ବାବୁଭାୟାଙ୍କ ଘରେ ବାସନ ମାଜିବ, ପାଣି କାଢ଼ିବ, ପିଲା ଧରିବ । ଲୋକଟି ତାକୁ ସାବଧାନ କରିଦେଲା ସେ ଘରେ ଭୂତ ଅଛି, ସଞ୍ଜ ଆଗରୁ ସେଠୁ ଚାଲିଯିବାକୁ ।

ରାତି ପାହି ସକାଳ ହେଲା । ଲୋକେ ଦେଖିଲେ ବାବୁ ଦୋକାଣୀର ଘରପିଣ୍ଡାରେ ମାଟି-ଗୋବରମଦାରେ ପାଣି ଢାଳି ଦୁଲ୍ଲୀ ଚକଟୁଛି ଲିପିବ ବୋଲି । କିଏ କେତେ ପ୍ରକାରେ କହିଲେ, କିଏ କହିଲା ରାତିରେ ବାବୁ ବେକ ମୋଡ଼ିଦବ, ଦଉଡ଼ି ଦବାକୁ ଡାକିବ, କିଏ କହିଲା କେଉଁଠାର ବାରବୁଲି ଖରାପ ମାଇକିନାଟାଏ—ଛୁଆ ପିଲା ଧରି ଘର । ସାଇରୁ ତଡ଼ିଦେବା ଭଲ । ଆଉ କିଏ କହିଲା ସେ ବୋଧହୁଏ କେଉଁଠି ଚୋରି କରି କି ମଣିଷ ମାରି ପଳେଇ ଆସିଛି; ଦେଖୁନ, କେମିତି ଚୋର ପରି ହେଉଛି । ମାଇପେ କହିଲେ ସେଇଟା ଡାହାଣୀଟାଏ, ଆଖିଗୁଡ଼ାକ ଅଲକ୍ଷଣିଆ ଦିଶୁଛି, ଗ୍ଲେଟ ପିଲାଙ୍କୁ ଶୋଷିଦେବ । ଦୁଲ୍ଲୀ କାହାରିକି କିଛି କହିଲା ନି । ବେଳ ଦ'ଘଡି ବେଳକୁ ସମସ୍ତେ ଦେଖିଲେ ବାବୁ-ଦୋକାଣୀର ଘର, ଦାଣ୍ଡ ଲିପାପୋଛା ହୋଇ ମାଟିକାନ୍ଥରୁ ଖସି ପଡ଼ିଥିବା ଉଇଖିଆ

Digitized by srujanika@gmail.com

କବାଟଖଣ୍ଡ ଡେରି ହୋଇ ତା ଜାଗାରେ ବସା ହୋଇଛି । ଅଗଣାର ନଦ ଭଙ୍ଗା କୂଅରୁ ଖଣ୍ଡେ ଟିଣରେ ପାଣି ଟିଣ ଟିଣ କାଢି ଦୁଲି ଦାଣ୍ଡରେ ପକାଉଛି, ଧୂଳି ମରିବ ।

ଏତେବେଳକୁ ଦୁଲିକୁ ଦେଖିବାକୁ ଆଖି ପଡ଼ିଲା ଲୋକଙ୍କର । ଅଧା ମାଇପିଟାଏ, ଚାଳିଶ-ବର୍ଷଖଣ୍ଡେ ବୋଧେ ହବ । ମୁଣ୍ଡବାଳ ଧୂସରିଆ ହେଲାଣି । ଦେହର ବର୍ଣ୍ଣ ହୁଏତ ସଫା ଥିଲା । ଖରା ତଳରେ ସିଝି ତମ୍ବାଳିଆ ବର୍ଣ୍ଣ ଧରିଲାଣି । ମରଦଙ୍କ ପରି ଟାଣୁଆ ପଞ୍ଝଦିଆ ଦେହ, ଗୋଡ଼-ପାଦଗୁଡ଼ାକ ଚଉଡ଼ା ଚଉଡ଼ା । ବାହାଗୁଡ଼ାକ ପିଟିଲା ପରି । ହାତରେ ରୂପ-ବଟଫଳ ପଟେ ପଟେ ବସିଛି ପରି ଚକିଛି, ସଧବା କି ବିଧବା ଜାଣିବାର ଉପାୟ ନାହିଁ । ବେକରେ କଳା ଫିତାଟାଏ ।

ସବୁ ମତାମତ, ମନ୍ତବ୍ୟ ପରେ କାହା ମନକୁ ଆସିଲା, ଟାଣୁଆ ମାଇପିଟାଏ, ଭଲ ମନ୍ଦ କାମ ପାଇଁଟିକୁ ସାହାଯ୍ୟ ହବ, ରହୁଛି ତ ରହୁ । ଘରଟା ତ ଖାଲି ପଡ଼ିଛି, ଟଙ୍କା ଯାଚିଲେ ବି କେହି ସେଠି ରହିବେ ନି । ସେ ଯଦି ରହିପାରିଲା, ରହିଯାଉ । କଥାଟା କାନରୁ କାନକୁ ଗଲା । ସମସ୍ତେ ଭାବିଲେ ସତ ତ, ପିଲା ମାଇପ ଧରି ଘର । ପାଇରେ ସମସ୍ତେ ଅଳପ ଟଙ୍କାବାଲା, ସଞ୍ଜେ ସକାଳେ ଦି' ପାଇଟି କରି ଦେଇଯିବ କେତେଟା ଟଙ୍କା ଦେଲେ । ଚବିଶଘଣ୍ଟିଆ ଚାକର ରଖିବାକୁ ବା ବଳ କାହାର । ଲୋକେ ଦୟା କଲେ, କିଏ ଟଙ୍କାଏ ମସାଏ କିଏ ମୁଠେ ଖାଇବାକୁ ଦେଲେ, ଦୁଲି ରହିଲା । ଚାଳରୁ ଦାନ୍ତ ପରି ବାହାରି ଥିବା ବତା ବାଉଁଶ ଉପରେ ନଡ଼ା ଦି' କେରି ଘୋଡ଼େଇ ଦେଇ ଦୁଲି ଖାଲୁ-ଦୋକାମାର ଘରକଣରେ ପଡ଼ିଥିବା ଭଙ୍ଗା ଚେପା ଟିଣ ଡେକ୍‌ଚି ଦି'ଖଣ୍ଡ ସଫା କରି ଗୋଛେଇ ଜିନିଷ ସଜାଡ଼ିଲା ।

ଦି' ଦିନ ଗଲା, ଚାରିଦିନ ଗଲା, ସେ ସାଇର କାହାରି ଘରକୁ ଗଲା ନି, କାମ କଲା ନି କି ଏତେ ସାହାଯ୍ୟ ପାଇ ପଦେ କୃତଜ୍ଞତା କି ପଦେ କାକୁତିର କଥା କହିଲା ନି । ସକାଳୁ ସଞ୍ଜଯାଏ ସେ କ'ଣ କରେ, କୁଆଡ଼େ ଯାଏ କେହି ଜାଣନ୍ତି ନି, ଲୋକେ ଦେଖନ୍ତି ସବୁବେଳେ ଦୁଆର ବନ୍ଦ—କେତେବେଳେ ଭିତରୁ, କେତେବେଳେ ବାହାରୁ । ଲୋକ ସନ୍ଦେହରେ ଚାହିଁଲେ । କ'ଣ କରୁଛି ? କୁଆଡ଼େ ଯାଉଛି ? କୁଆଡ଼ୁ

Digitized by srujanika@gmail.com

ଟଙ୍କା ଆଣି ଚଳୁଛୁ ? ସଞ୍ଜପହରୁ ଦୁଆରେ ପହରା ଦେଲେ, ରାତି ଅଧରେ କାନ୍ଥପାଖରେ କାନ ଡେରିଲେ । ଘର ଅନ୍ଧାର, ଭିତରୁ କବାଟ ବନ୍ଦ, ସବୁ ଚୁପ୍ ଚାପ । ମନ ମରିଗଲା । ତାଙ୍କ କାମ ଦାମ କରି ତାଙ୍କ ପାଖରେ କାନ ପାତନ୍ତା, ହାତ ଟେକ ମୁଠାଏ ଦେଇ ପାଞ୍ଚମୁଠାର ବାହାବା ନେବାକୁ ସେମାନେ ଚେଷ୍ଟା କରନ୍ତେ, ତା’ ହେଲା ନାହିଁ । ତା’ର ହେଲେ ଗୋଟାଏ ଅନ୍ଧାର ଜୀବନ ଥାଆନ୍ତା—ତ ପଛରେ ଲାଗି,ଅନ୍ଧାର-ଭିତରେ ତା ଘରିପଟେ ଗୁଡେଇ ହୋଇ ନ ହେଲେ ତା’ର ଲୁଗାଛପା ଭିତରଟାକୁ ଦିନ ଆଲୁଅରେ ମାଙ୍କଡ଼ନାଚ ନଚେଇ ଟିକିଏ ପାଟି-ସୁଆଦ ମିଳନ୍ତା । ସବୁଆଡ଼ୁ ସବୁ ଆଶା ଭାଙ୍ଗି ତା’ର ମୁଦା ଦୁଆର ପରି ତା ମନ, ପାଟି, ଦେହ ସବୁ ମୁଦା ।

ତା’ ପରେ ଦିନ ଶୁଣାଶୁଣିରେ ସେ ଗୃହକର୍ତ୍ତ୍ରୀ କଲାଣି—ଠିକାରେ ସକାଳେ ସଞ୍ଜେ ବାସନ ମଜା, ପାଣି ଯୋଗାଇବା କାମ । ବାଟ ଦି’ ପା ଗଲେ ଯୋଉ ପ୍ରଫେସର ପଡ଼ା ଅଛି ସେଇଠି କାମକରେ । ଗୃହ ପାଞ୍ଚଘର ନାଗୁଆ । ଏଇ ସାଇଲୋକ ରଗିଲେ, ଦାନ୍ତ ଗ୍ରେବେଇଲେ, ବାଡ଼େଇ ସେ ଘରୁ ତଡ଼ିଦେବେ ବୋଲି ଚିଡିଲେ । ସବୁ ଗରମ ଆସ୍ତେ ଆସ୍ତେ ଶାନ୍ତ ହୋଇଗଲା, ଦେହସହିଆ ହୋଇଗଲା ।

ସେଇ ଦୁଲୀ ଆଜି ଆତ୍ମହତ୍ୟା କରିଛି । ଦି’ଦିନଯାଏ ଘର କବାଟ ଫିଟିଲା ନ, ସେ କାମ କରୁଥିବାଘରୁ ଲୋକ ଆସି ଖୋଜିଲେ, ଲୋକଙ୍କର ସନ୍ଦେହ ହେଲା, ଦି’ଗୁରିଟା ଧକ୍‌କାରେ ଘୂଣଧରା କବାଟଖଣ୍ଡ ଖସି ପଡ଼ିଲା । ଦଳବାନ୍ଧି ଲୋକ ଭିତରକୁ ପଶିଲେ । ଭିତର ଘର କବାଟଟା ପେଲି ଦେଇ ପ୍ରଥମ ଲୋକଟି ଚିତ୍କାର କରି ଉଠିଲା । ବୀଭତ୍ସ ଦୃଶ୍ୟ । ଦୁଲୀର ପଞ୍ଚହତା ଦେହଟା ଶେଣୀରୁ ଝୁଲୁଛି । ଜିଭଟା ବାହାରି ଫୁଲି କଳା ପଡ଼ିଗଲାଣି । ଦେହଟା ବିବର୍ଣ୍ଣ ବିକୃତ ହୋଇଗଲାଣି । ସେଇ ନ’ ହାତି କସ୍ତାଶାଢ଼ୀ ପିନ୍ଧିଛି, ଯାହାକୁ ପିନ୍ଧି ସେ ପ୍ରଥମେ ଆସି ସାରୁ-ଦୋକାନୀର ଘରପିଣ୍ଡାରେ ବସିଥିଲା ।

ମନ୍ଦସା-ମା ବୁଢ଼ୀ କେଉଁଠୁ ଶୁଣି ବାହୁନା ପକେଇ ଆସିଲା । ସେଇ ଥିଲା ଦୁଲୀର ଏକମାତ୍ର କଥା କହିବା ଲୋକ । ଜାତିରେ ମାହାରି, ଟୋକେଇ ବୁଣି ପେଟ ପୋଷେ । ସକାଳଓଳ ଦୁଲୀ ଯେତେବେଳେ

Digitized by srujanika@gmail.com

ଘର-ଲେଉଟାଣି ବାଟରେ ଦୋକାନରୁ ସଉଦା ଧରି ଫେରେ ଦୋକାନ-ପଛରେ ମନଦସ୍ମ-ମା'ର କୁଆଣିଆ ଘୁଲଚାଳ ଟିକଏ ବସି ପଡ଼େ । ଦି'ପଦ ଦୁଃଖ ସୁଖ ହୁଏ । ଦିନସାକରେ ସେତକ ତା'ର ମନଖୋଲା କଥା । ମନସ୍ମ-ମା ବାହୁନୁଥାଏ—କେଡ଼େ ଭଲ ଲୋକଟାଏ ଥିଲା, କେତେ ଗାଳି ମନ୍ଦ ଦୁଃଖକଷ୍ଟ ସହି ବାର ଦୁଆରେ ପେଟ ପୋଷୁଥିଲା । ଲୋକେ ଘୃଣିଲେ, କଏ କଏ ଭ୍ରୂକୁଞ୍ଚନ କଲେ । ପୁଅ ଘରୁ ତଡ଼ିଦେଲା ବୋଲି ବୁଢ଼ୀ ବୟସରେ ଝୋଟକେଇ ବୁଣି ପେଟ ପୋଷୁଥିବା ମନସ୍ମ-ମା ମୁହଁରୁ ଶୁଭୁଛି ଦୁଲୀର ପ୍ରଶଂସା । ସେ ବାହୁନା ଭିତରେ ଝରି ପଡ଼ୁଛି ଛିଣ୍ଡା ଛିଣ୍ଡା କଥାର ଖିଅ··· ।

ମନସ୍ମମା'ର ପଲବାଟେ ଯୋଉ ଦୁଲୀ କାମ ଖୋଜିବାକୁ ଯାଉଥିଲା ସେ ଆଉ ଆଜିର ଏ ଦୁଲୀ·····କେତେ ତଫାତ୍ ସତେ । ଘୃଲଲେ ଭୂଇଁ ନସି ଯାଉଥିଲା ତଳକୁ । ମନସ୍ମମା ଦଣ୍ଡେ ରୁହି ତାକୁ ପଗୁରୁଥିଲା । ତାକୁ ଦେଇଥିଲା ପ୍ରଫେସର ପଡ଼ାରେ ଘୃକିସ୍ମ ଥିବା ଖବର । ସେଇଥିପାଇଁ ବୋଧହୁଏ ଦୁଲୀ ତାକୁ ନିଜର ବୋଲି ଭାବ ନେଇଥିଲା । ପଡ଼ାରେ ତିନ ଘରଘର କାମସାରି ଯେତେବେଳେ ସେ ଫେରେ, ମନସ୍ମମା ତାକୁ ଡାକେ, ଅଗଣା ଗଛରୁ ପିଜୁଳି ଦି'ଟା, ଶାଗ-କେରାଏ, ତାକୁ ଦଏ । ଦୁଲୀର ଶୁଖିଲା ମୁହଁ ଦେଖି ସେ ବୁଝେ ତା ପେଟକଥା । ଯେଉଁଦିନ ଉଦୁଉଦିଆ ମୁଣ୍ଡଫଟା ଖରାରେ ଦୁଲୀ ଝୋଲାମରା ହୋଇ ତା ବାରଣ୍ଡାରେ ପଡ଼ିଗଲା, ସେଇଦିନ ତା ଜୀବନକଥା ସବୁ ମନସ୍ମମା ଆଗରେ ବଖାଣିଥିଲା । ପିଲାଦିନୁ ବାପ ମା ଛେଉଣ୍ଡ ଦୁଲୀ ଖୁଡ଼ୁତା ଦେଉଡ଼ା ତାଙ୍କ ଗାଳି ମାଡ଼ ସହି ମଣିଷ । ଶାଶୁ, ଶଶୁର ନ ଥିବା ଏକୁଟିଆ ଘରେ ବୋହୂ ହୋଇ ପ୍ରଥମଦିନ ସେ ଦେଖିଲା ଗୁଲିଆ ସ୍ୱାମୀର ନିଜରୂପ । ପାଞ୍ଚଣ ବାଡ଼ିରେ ପିଠି ଫାଟିଛି । ସଉତୁଣୀ ଗୁହଡ଼ପାଇଥିବା ଷୋଳ ବର୍ଷର ପୁଅ ବି ବାପ ସାଥିରେ ମିଶି ପିଟି ଦେଇଯାଏ;ବାର ବରଷ ସହିଲା, ଆଉ କେତେ ସହନ୍ତା ! ସ୍ୱାମୀ ମଲା, ସାବତ ପୁଅବୋହୂଙ୍କ ମାଡ଼ ଗଞ୍ଜଣାରେ ଘରୁ ପଳେଇଆସି ପରଦୁଆରେ ମୁହଁଛିଞ୍ଚଡ଼ା ସହୁଛି । ଶେଷକୁ ଜଣା ଶୁଣା ଭାଇଜ ଗୁଡ଼ ଏଠିକି ଆସିଲା, ଅଚିହ୍ନା ଲୋକଙ୍କ-ଭିତରେ ଦିନଗୁଡ଼ା କଟେଇ ଦବ ବୋଲି ।

Digitized by srujanika@gmail.com

କାହିଁ ତା ଝିଅ ! କେଉଁଠି ଥିଲା ସେ ! କିଏ ତାକୁ ପାଳୁଥିଲା ! ସେ କୁଆଡ଼େ ଗଲା ! ଗର୍ଭକପାଇଁ କୁଆଡ଼େ ସେ ତା ଶାଶୁଘର ଗାଁକୁ ଯାଇଥିଲା । ଯାଇବାର ଜାଣିଲେ ସେ ଝିଅକୁ ଆଣିବାକୁ ଯାଇଛୁ । ଯାହାହେଉ, ପିଲାଟା ଆସିଲେ ହେଲେ ଦୁଲା ତାଙ୍କ ସାହାଯ୍ୟ ଲୋଡ଼ିବ । ମନ୍ଦଶ୍ରମା ବୁଝିଲା, ଦୁଲାର ମନେପଡ଼ୁଛି ସେଇ ଗାଁକଥା, ମାଡ଼ଗାଳି ଖାଇ ଯହିଁ ପେଉଁଠି ସେ ବାରବର୍ଷ ସ୍ୱାମୀ ସଙ୍ଗେ ଘର କରିଥିଲା । ଆହା ! ଯାଉ, ବଡ଼ ଦୁଃଖୀଟିଏ । ପ୍ରସାଦବାବୁ ପ୍ରଫେସର ଘରକଥା କହୁଥିଲା । ସକାଳେ ମୁଠାଏ ଖାଇବାକୁ ଦିଅନ୍ତି ଯେ ଯାଉଣୁ ଆସୁଣୁ ଉଘାନ୍ତି । ଗୋଟାକ ଘରର ଦଶଟା କାମ କରାନ୍ତି । ଆଉ କେଉ ବାବୁଆଣୀଙ୍କର କାଚ ଗିଲାସଟାଏ ଭାଙ୍ଗି ଦେଇଥିଲା ବୋଲି ସେ ବାରବୁଲୀ, ଛତରଖାଇ ବୋଲି ଗାଳି ଦେଇଥିଲେ । ନିତି ସେଇ ଗାଳି ଛୁ ଗ୍ଲାକର କଥା ସେ ମନ୍ଦଶ୍ରମା ଆଗରେ କହେ । ହେଲେ ତାକୁ ସେଥିପାଇଁ ବିକଳ ହେବାର ଦେଖାଯାଏ ନାହିଁ । ସତେ କି ପଥର-ଖଣ୍ଡେ ।

ସେଦିନ ସକାଳୁ ଲୋକେ ଶୁଣିଲେ ଦୁଲା ପାଟିକରୁଛି, ଗାଳି-ଦେଉଛି ଝିଅକୁ । ସଞ୍ଜବେଳେ ଶୁଭିଲା ସେମିତି ପାଟି । ଲୋକେ ଘର ଦୁଆରେ ଡାକ ଦୁଲାକୁ କହିବାକୁ ଗୃହିଁଥିଲେ ଯେ ପିଲାଟାକୁ କାହିଁକି ଏତେ ଗାଳି ଦେଉଛୁ । ଦୁଲା କବାଟ ଫିଟେଇଲା ନି କି ଉତ୍ତର ଦେଲା ନି, ପିଲାଟା ବି ଚୁପ୍ । କାନ୍ଦକଟା କରୁ ନାହିଁ । ଲୋକେ କହିଲେ କାଉଁଦିଟାଏ । ଆଉ କିଏ କହିଲା ବୋଧେ ଜାଉଁଡ଼ୀଟାଏ, ସେଇଥିପାଇଁ ଦୁଲା ତାକୁ ପାଖରେ ରଖି ନ ଥିଲା । ମନ୍ଦଶ୍ରମା କହିଲା ସେ ତା'ର ସାବତପୁଅର ଝିଅ । ମା ମରିଗଲା । ଦୁଲା ଗଲାବେଳକୁ ଏ ନ ଖାଇ ମରିବାକୁ ବସିଥିଲା । ବାପ ତ ଆଗରୁ ମରିଛି । ଯିବା ଆସିବା ବାଟ ଖର୍ଚ୍ଚରେ ଦୁଲାର କୋଡ଼ିଏ ପଚିଶି ଟଙ୍କା ଗଲା । ଛ' ସାତ ବର୍ଷର ଝିଅଟାଏ, ଏତେ ଖରାପ ବୁଦ୍ଧି ଯେ ଦୁଲା ଫେରିଲାବେଳକୁ ହାଣ୍ଡିରୁ ଭାତ ବି ଖାଇଦେଇଥିବ ଲୁଗାପଟା ଚିରି ଦେଇଥିବ । ଦୁଃଖୀଲୋକ, କେତେ ସମ୍ଭାଳିବ । ଜୀବନଯାକ ତ ମାଡ଼ଖାଇ ପିଠି ସିଝିଲା, ସକାଳୁ ସଞ୍ଜଯାଏ ଯାହା ପରଘରେ ଶୁଣୁଛି ଜୀବନଟା ଖାଲି ବଞ୍ଚେଇବାକୁ ତାକୁ ସବୁ ସହିଯାଉଛି । ସେଥିରେ ପୁଣି ଏ ଦାଉ । ମନ୍ଦଶ୍ରମା ସବୁ ଶୁଣେ, କିଛି ମତ ଦିଏ ନି । ସେ ଜାଣେ ଦୁଲା କହିଲା କଥା ଉପରେ କିଛି କହିଲେ କି

ପଚ୍ଚରିଲେ ସେ ରାଗିବ । ତମ୍ଭାଳିଆ ଦେହଟା ଖାଲି ତାତିରେ ସିଝିଯିବ ଯେମିତ ।

କିନ୍ତୁ, କ'ଣ ତା'ର ହେଲା ? ସେଦିନ ତ କହୁଥିଲା—'ମୋର କିଅଣ ଅଛି ମାଉସୀ, ମୋ ଦିହକ ତ ନରକ ଘାଣ୍ଟିଗଲା, ମୋ ପରେ ଏ ସଉତୁଣୀର କଣ୍ଠା ଥିଲେ କେତେ ଗଲେ କେତେ । ଅଛି ବୋଲି ସିନା ଖୁଆଉଛି । ତା'ର ଯାହା ବୁଦ୍ଧି ସେଇଟା ଛତରରେ ପଶୁ । ମୁଁ କାହାକୁ ଖାତର କରିନ । କହୁ, ଯିଏ ଯାହା କହୁଛି । କୋଉ ଦିହ ଘୋର ହେଇଯାଉଛି ।'

ଆଠଦିନ ତଳ କଥା । ମୁହଁ ସଞ୍ଜରେ ଫଁ କିନା ନିଃଶ୍ୱାସଟାଏ ପକାଇ ଦୁଲି ମନ୍ଦଗି-ମା' ପିଣ୍ଡାରେ ବସିପଡ଼ିଲା । କଞ୍ଚାସୁଆଗି ଆମ୍ବ ଦି'ଟା କୋଉଠୁ ଆଣି ବୁଢ଼ୀ ସାଇତି ରଖିଥିଲା, ଦୁଲୀ ପାଖରେ ଥୋଇଦେଲା । ଦୁଲୀ ସବୁଦିନପରି ଅନେଇଲା ନି । ସେମିତି ପଥର ପରି ବସି ରହିଲା । ମନ୍ଦଗି-ମା' ଭାବିଲା କୋଉ ବାବୁଘରେ ବୋଧେ କିଏ ଆଜି କ'ଣ କହିଛି; କିନ୍ତୁ, କେବେ ତ ସେ ଏମିତି ବସେନି ! ଦୁଲି ଚାଲିଗଲା । ଦି'ଦିନ ଗଲା । ଲୋକେ ଜାଣିଲେ ନି ଦୁଲି କେତେବେଳେ ଘରକୁ ଫେରିଲା । ଝିଅ ଉପରେ ଗର୍ଜନ ଶୁଭିଲା ନି । ତା' ଆରଦିନ ସେମିତି ତଳକୁ ମୁଣ୍ଡ ପୋତି ଦୁଲି ଆସି ବସିଲା । ଅଳପ ଦିନ ହେଲା ସେ ନୂଆ ହୋଇ ଆସିଥିବା ସେ ହାକିମଙ୍କ ଘରେ କାମ କରୁଥିଲା । ସ୍ୱାମୀ ସ୍ତ୍ରୀ ଦୁଇ ଜଣ । ପିଲା ବୟସ । ଦୁଲି ପାଖରେ ସେ କ'ଣ ଦେଖିଲେ କେଜାଣି ସେ ଛୁଆ ବୋହୂଟି କହି ବସିଲା, 'ତମ ଘର କୋଉଠି ? ତମ ମୁହଁ ମୋ ବୋଉ ମୁହଁ ପରି ଦିଶିଯାଉଛି, ତମକୁ ମୁଁ ମାଉସୀ ଡାକିବି ।' ଦୁଲି ଜିଭ କାମୁଡ଼ି କହିଲା, 'ଏ କି କଥା କହୁଚ ମା' ! ମୁଁ ଗରିବ ଲୋକ, ବାରଦୁଆରେ ଖଟି ଖାଉଛି, ମତେ ମାଉସୀ କହିଲେ ଲୋକେ ହସିବେ ।' ହାକିମ ବାବୁ ହସିଲେ, କହିଲେ, 'ମା ମାଉସୀ ବୟସର, ମାଉସୀ ଡାକିଲେ କ୍ଷତି କ'ଣ ? ଲୋକ ହସୁଥାଆନ୍ତୁ ।' ବୋହୂଟି ଦିନେ ହେଲେ ନ ଖୁଆଇ ଛାଡ଼େ ନାହିଁ । ଘିଅ କଂସାଏ ହେଉ କି ଚୂଡ଼ାଭୂଜା ପୋଷେ ହଉ, ବଳାଇ ବଳାଇ ଖୁଆଏ । ମନ୍ଦଗି ମା ଖୁସି ହେଲା । ଯାହା ହଉ, ଠାକୁର ତାଙ୍କର ମଙ୍ଗଳ କରନ୍ତୁ । ବଳୁଗା ଭଲ କଥା କ'ଣ ଶୁଣି ନ ପଦେ

Digitized by srujanika@gmail.com

ଜୀବନରେ; କିନ୍ତୁ ଏ କଥା କହିଲାବେଳେ ଦୁଲ୍ଲୀର ଆଖି ଦିଇଟା, ମନଟା ଯେମିତି କୁଆଡ଼େ ଗୋଟାଏ ଭାସୁଥାଏ । ସତେକି ଗୁଡ଼ାଏ କଅଣ ଦୁଃଖ ପାଣିଫାଟି ଏଇନେ ଅଜାଡ଼ ହୋଇଯିବ । ଆଉବଦନେ ଆସି କହିଲା, 'ମୁଁ ସେ ବାବୁଘରୁ କାମ ଛାଡ଼ିଦେବ ମାଉସୀ ।' ମନ୍ଦିଆ ମା କାବା ହୋଇ ଅନେଇଲା । ଦୁଲ୍ଲୀ କହିଗଲା, ହୀନ ମଣିଷ ମୁଁ, ଏତେ ସିନ୍ଦୁର, ସୋହାଗରୁ କଅଣ ମତେ ମିଳିବ । ଝିଅ ପୁଅ ବୋଲି କୋଳରେ, ଧରିବାକୁ ତ କେହି ନାହିଁ, ଏ ବଡ଼ ଲୋକଙ୍କର ମା' ମାଉସୀ ଡାକରେ କୋଉ ପେଟ ପୂରିବ । ବୁଢ଼ୀ କହିଲା—ସଉତୁଣୀ ପୁଅର ହେଉ ପଛକେ ଝିଅ ବଳଟେ ତ ଅଛୁ, କାହିଁକି ଏତେ ଭାବୁଛୁ ? ଭଲ ମଣିଷ ସେମାନେ, ତତେ ଏତେ ଭଲ ପାଉଛନ୍ତି, ପାଗଳୀପରି ହ' ନା' । ଏକମୁହାଁ ହୋଇ ଦୁଲ୍ଲୀ ଘରବାଟ ଧରିଲା । କିଛି ପଦେ କହିଲା ନ ।

ପଅରଦିନ ସଂଜରେ ସେ ପାଗଳୀ ପରି ବସିଥିଲା, ମନ୍ଦିଆ-ମା' ସେତେ ଯାହା କହିଲା କିଛି ଉତ୍ତର ଦେଲାନ । ଖାଲି ବକଲ ହେଲାପରି ତଳକୁ ଗୁହିଁ କଅଣ ଦି' ହାତରେ ଦରାଣ୍ଡିଲା । କହିଲା, "ମାଉସୀ, ତୋ ପୁଅ ପାଖକୁ ଫେରି ଯା' ଲୋ, ନାତି ତତେ ଦଣ୍ଡେ ନ ଦେଖିଲେ କାନ୍ଦି ଗଡ଼ଯାଏ କହୁଥିଲୁ, କାହିଁକି ଏଠି ଏକା ପଡ଼ିଚୁ ?" ପୁଣି କଅଣ ଭାବ ଉଠିପଡ଼ିଲା, କହିଲା, "ଆ, ଗାଳିଦବୁ ନ ମାଉସୀ, ବଞ୍ଚିଥିଲେ ଦେଖା ହବ ।" ମନ୍ଦିଆ-ମା' ପାଟିକଲା, 'କେଉଁ ଅଲକ୍ଷଣିଆ ଭୂଣ୍ଡଟା ଲୋ ଝିଅ, ସଂଜ ବେଳଟାରେ—' ସେତିକି ତ ଦେଖା, କଅଣ ହେଲା ତା'ର ?

ହେଲେ, ତା'ର ସେଇ ନାତୁଣୀ ! କେତେ ମହ ତ ଘରର ମଣିଷ ଆଗଭର ହେଲେ । ଅନାଥ ଛୁଆଟା, କେତେ ବା ଖାଇବ ! ଚଷାଘର, ଭଲ ଜାତି ତ, ଘରେ ନେଇ ରଖିବେ, ବୋଲହାକ କରିବ । ମାଇପିଟା ଏତେ ଦୁଃଖ ପାଇ ଆସି ଏଇଠି ରହିଲା, କିଛି ଟିକିଏ ପଚରାଉଚରା କରିଥିଲେ ହୋଇ ଥା'ନ୍ତା । ହଉ, ଯାହା ହବାର ହେଲାଣି ପିଲାଟାକୁ ଥଇଥାନ କରିଦେଲେ ଧର୍ମ ହେବ ।

କୋଉଠି ଆଉ ରହିଲା ନ ଖାଇ ମରିଗଲା କି ? ହାଣ୍ଡି କୁଣ୍ଡେଇ ଥିବା ଘରଭିତରକୁ ଠେଲି ପେଲି ହୋଇ ଲୋକ ପଶିଗଲେ । କଣାଗୁଳ-

Digitized by srujanika@gmail.com

ବାଟେ ସୂର୍ଯ୍ୟ ଦେବତା ଘରେ ଆଲୁଅ ଅଜାଡ଼ୁଛନ୍ତି । ଡେକ୍‌ଚି ଦ'ଠା କଳା ଖପରା ଦିଶୁଚି । ଚୁଲ୍ଲୀଭିତରେ ଛଇ ହୋଇଛି ବୁଢ଼ୀଆଣି ଜାଲ । ବୋଧେ ଆଠଦିନ ହେଲା ଏ ଘର ଖୋଲି ନ । ମଣିଷ ପାଦ ଶୁଣି ହାଣ୍ଡି ଭିତରୁ ଅସରପାପଲ କଳକାଳିଆ ହୋଇ ଦଉଡ଼ିଗଲେ । ଜନ୍ମୁଜନ୍ମା ଥିବ ଭାବ ଠେଙ୍ଗାରେ ପିଟିପିଟି ଜଣେ କେଞ୍ଚୁଦେଲ୍‌ବେଲକୁ ଘରକଣରେ ଡେରା ହୋଇଥିବା ଖଣ୍ଡେ ଛିଣ୍ଡା ହେଁସ ପଛରୁ ପଡ଼ିଗଲ—ଗୋଟାଏ ଅଢ଼େଇ ହାତ ଷନହାତ ଉଞ୍ଚ ରବର କଣ୍ଢେଇ । ଅବିକଳ ଝିଅଟିଏ । ଓଠ ଦ'ଫାଳ ନଳି ଟୁକୁ ଟୁକୁ । ଝାମ୍ପୁରା ମୁଣ୍ଡବାଳ ସତେ କି ଝୁଲି ପଡ଼ୁଛି ମୁହଁଉପରକୁ । ପୁଚୁକା ଗାଲ ଠାଏ ଠାଏ ଚେପା ହୋଇଛି । ଫୁଲ୍ ଫୁଲ୍ ହାତ ଗୋଡ଼ କିଏ ଯେମିତି ପିଟି ଚେପା ଚୋଲା କରିଛି । କାହିଁ ଆଉ କିଏ !

କିଏ କହିଲା, 'ମୁଁ ଜାଣେ ପଷ୍ଟ ସେଇଠା ଖରାପ ମାଣ୍ଡକନାଠାଏ ପିଲାଟାକୁ କାହାକୁ ବିକି ଦେଇଚି । ଆଉ କିଏ କହିଲା—ବାରୁ-ଦୋକାନୀ ଘରେ ଥିଲା, ଦଉଡ଼ ନ ଦେଇ କ'ଣ କରନ୍ତା ? ସେଇ ବାରୁ ତ ତାକୁ ଶେଣ ରୁ ଝୁଲେଇ ଦେଇଥିବ ।'

———

Digitized by srujanika@gmail.com

କର୍ମଧାରୟ

ଭୁବନେଶ୍ୱରରୁ କଲିକତା···କଲିକତାରୁ ଦିଲ୍ଲୀ···ଦୁଇଦିନ ବସି ବସି ଅଣ୍ଟା ବଙ୍କା ହୋଇଯିବ । ସୁଶାନ୍ତ ପଛକୁ ଚାହିଁଲା ଟ୍ରେନ ପ୍ଲାଟଫର୍ମ ଛାଡ଼ିନି, ମା’ ବାପା ଓ ଭଉଣୀ ପ୍ଲାଟଫର୍ମ ଉପରେ ଛିଡ଼ାହୋଇ ଚାହିଁଛନ୍ତି, ମା’ଙ୍କ ଆଖି ଛଳଛଳ ହେଉଛି । ନା, ଆଉ ଦେଖା ଯାଉନି । ନିଜ ଜାଗାରେ ସେ ବସି ପଡ଼ିଲା । ଏକା ହୋଇ ଓଡ଼ିଶା ବାହାରକୁ ଯାତ୍ରା କରିବା ଏଇ ତା’ର ପ୍ରଥମ । ଟିକିଏ ଭୟ ହେଉଛି । ଉନ୍ନତପଣ ସାଙ୍ଗରେ କିଛି କମ ନାହିଁ ।

କମ୍ପାର୍ଟମେଣ୍ଟଟା ଫାଙ୍କା ଲାଗୁଛି । ସେ ଚାରିଆଡ଼େ ଆଖି ବୁଲାଇଲା । ତାକୁ ମିଶାଇ ମୋଟ ଚାରିଜଣ ଯାତ୍ରୀ । ଦୁଇଜଣ ମଧ୍ୟବୟସ୍କ ଭଦ୍ରଲୋକ ଓ ଗୋଟିଏ ଦଶ ବାର ବର୍ଷର ଝିଅ । ଆଗ୍ରହ ବ୍ୟବହାରରୁ ଜଣା ପଡ଼ୁଛି ଜଣେ ଭଦ୍ରଲୋକ ବଙ୍ଗାଳୀ । ସୁଶାନ୍ତ ଭାବିଲା ନିକଟ ଷ୍ଟେସନରୁ ବେଶି ଲୋକ ନ ଉଠିଲେ କଲିକତା ପର୍ଯ୍ୟନ୍ତ ନିହାତି ମନ୍ଦ କଟିବ ନି । ଝରକାବାଟେ ସେ ବାହାରକୁ ଚାହିଁଲା । ପରିଷ୍କାର ଜହ୍ନ ଆଲୁଅରେ ଦେଖାଯାଉଛି, ଗଛଲତା ଘର ଦ୍ୱାର ସବୁ ପଛକୁ ପଡ଼ିଯାଉଛି, ପୁରୀ ହାଓଡ଼ା ଏକ୍ସପ୍ରେସର ଗତିରେ ଚଳଚ୍ଚିତ୍ର ଛବି ପରି ଗୋଟାକ ପରେ ଗୋଟାଏ ପରଦା ଉପରୁ ଖସିଯାଉଛି । ଟ୍ରେନ ଶବ୍ଦ ସହିତ ସ୍ୱର ମିଳାଇ ଛ’ ଛ’ ପଇସା କହିବାର ବୟସ ମନେ ପଡ଼ୁଛି ।

ଏଆଡ଼ୁ ସେଆଡ଼ୁ ଭାବିବା ଭିତରେ ଟ୍ରେନ କଟକ ଷ୍ଟେସନ୍‌ରେ ରହିଲାଣି, ତା’ର ଖିଆଲ ନାହିଁ । ତା’ର ସହଯାତ୍ରୀ ଦୁଇଜଣ ଓ ଟିକ୍କିଟ

Digitized by srujanika@gmail.com

ବାଳକାଟି ଏହା ଭିତରେ ଶୋଇ ପଡ଼ିଛନ୍ତି । ପତ୍ରିକା, ସମ୍ବାଦପତ୍ରଠାରୁ କଦଳୀ, ବିସ୍କୁଟ, ରସଗୋଲା, ସିଙ୍ଗଡ଼ା, ଗରମ ଗ୍ଯୁ'ର ଫେରି ଗ୍ଯଲିଛି । ବିଭିନ୍ନ ବିଚିତ୍ର ସ୍ୱର । ଝରକାରେ ମୁଣ୍ଡ ଗଳାଇ ସମ୍ବାଦପତ୍ର ଖଣ୍ଡେ କିଣି ସୁଶାନ୍ତ ସଜାଡ଼ ହୋଇ ବସିଲା । ଟ୍ରେନ୍ ଷ୍ଟେସନ ଛାଡ଼ିଲେ ସେ ଖଣ୍ଡିକ ଉପରେ ଆଖି ପକାଇବ ।

ଦଳେ ଦଳ ଯାତ୍ରୀ ଠେଲି ପେଲି ହୋଇ ଡବା ଭିତରକୁ ପଶି ଆସିଲେ । ଯୁବକ, ବୃଦ୍ଧ, ମଧ୍ୟବୟସ୍କ, ତରୁଣୀ, ପ୍ରୌଢ଼ା ସମସ୍ତେ ତା ଭିତରେ ଅଛନ୍ତି । ସୁଶାନ୍ତ ସମୀକ୍ଷକର ଦୃଷ୍ଟି ନେଇ ଚଷମା ଭିତରୁ' ସମସ୍ତଙ୍କୁ ଦେଖିନେଲା । ପ୍ରାୟ ସବୁ ବେଞ୍ଚରେ ଗ୍ଯରିପାଞ୍ଚ ଜଣ କରି ଲୋକ ବସି ଗଲେଣି । କେତେ ଘଣ୍ଟାପାଇଁ ଚଳନ୍ତା ଯାନରେ ଏକାଠି ବସା ବାନ୍ଧି କିଛି ଦୂର ଆଗେଇ ଯିବେ । ତା' ପରେ ଯେ ଯାହାର ପଥ ଧରିବେ ।

ନିଜର ଏ ଦାର୍ଶନିକ ଚିନ୍ତାରେ ସୁଶାନ୍ତ ମନକୁ ମନ ହସିଲା । ଯାହାହେଉ, ତଥାପି ଡବାଟା ଖାଲି ଅଛି । କଟକ ପରେ କଲିକତା ଭିତରେ ବାଟରେ ଖୁବ୍ ବେଶି ଯାତ୍ରୀ ବୋଧହୁଏ ଉଠିବେ ନାହିଁ । ଗାଡ଼ି ଛାଡ଼ିବା ବେଳ ହେଲାଣି ।

ଏତିକିବେଳେ ଧଳା ଧଳା ଲମ୍ବା କୋଟ ପାଇଜାମା, ମୁଣ୍ଡରେ ପଗଡ଼ି ପିନ୍ଧି ଦୁଇ ତିନି ଜଣ ଲୋକ ତରତର ହୋଇ ଭିତରକୁ ପଶି ଆସିଲେ । ପ୍ରତ୍ୟେକଙ୍କ ହାତରେ ଗୋଟାଏ ଦୁଇଟା ଜିନିଷ । ଦେଖିଲେ ମନେହୁଏ କେଉଁ ବଡ଼ ଅଫିସରଙ୍କ ଚପରାସି । ଅଣ୍ଟା ବେଲ୍ଟ ଉପରେ ପିତ୍ତଳ ଚକ୍‌ମା ଚକ୍‌ଚକ୍ କରୁଛି । ଦୁଇଜଣ କୁଲିଙ୍କ ସହିତ ଲୋକଗୁଡ଼ିକ କମ୍ପାର୍ଟମେଣ୍ଟ ଭିତରେ ସ୍ତୁପାକାରରେ ଜିନିଷ ଗଦା କଲେ । ସୁଶାନ୍ତ ପ୍ରମାଦ ଗଣିଲା—କେତେଜଣ ଲୋକ ଆସିବେ କେଜାଣି ! ଏତେ ଜିନିଷ— ସମସ୍ତେ ନୀରବ ହୋଇ ଯାଇଛନ୍ତି । ଜିନିଷକୁ ଆଶ୍ଚର୍ଯ୍ୟ ହୋଇ ଗ୍ଯହିଁଛନ୍ତି । ମନରେ କଅଣ ଗୋଟାଏ ଦେଖିବାର କୌତୂହଳ ।

ଏଣାଳକାୟ ଦୁଇଜଣ ଲୋକ ଧଇଁ ସଇଁ ହୋଇ କମ୍ପାର୍ଟମେଣ୍ଟ ଭିତରକୁ ଉଠିଲେ—ଜଣେ ପ୍ରୌଢ଼-ବୟସ ପଞ୍ଚାବନରୁ କମ୍ ହେବ ନାହିଁ ।

Digitized by srujanika@gmail.com

ମହିଳାଜଣକ ବୋଧହୁଏ ତାଙ୍କ ସ୍ତ୍ରୀ । ଏକପ୍ରକାର ଦଉଡ଼ ଦଉଡ଼ ଆସିଥିବା ହେତୁ ଉଭୟ ଶ୍ରାନ୍ତ । ଗାଡ଼ ଚାଲିବାକୁ ଆରମ୍ଭ କରନ୍ତି । ଚପରାସି ତିନିଜଣ ସଲାମ୍ କରି ତଳକୁ ଓହ୍ଲାଇଗଲେ । ମହିଳାଜଣକ ଦ୍ୱାର ପାଖରେ ଛିଡ଼ା ହୋଇ ବଡ଼ ପାଟିରେ ଘରର କଅଣ ସବୁ ବ୍ୟବସ୍ଥା ବିଷୟରେ ସେମାନଙ୍କୁ ସତର୍କ କରି ଦେଉଥାଆନ୍ତି ।

ଗାଡ଼ ଧୀରେ ଧୀରେ ଆଗେଇଲା । ପ୍ରୌଢ଼ ଭଦ୍ରଲୋକ ସ୍ତ୍ରୀଙ୍କୁ ବସିବାକୁ କହି ଦ୍ୱାର ବନ୍ଦ କରି ଦେଲେ ।

ସୁଶାନ୍ତ ପାଖରେ ଖାଲି ଜାଗା ଦେଖି ଉଭୟେ ବସି ପଡ଼ ଟିକିଏ ଆଶ୍ୱସ୍ତିର ନିଃଶ୍ୱାସ ମାରିଲେ । ଆଗରେ ସ୍ତୂପୀକୃତ ଜିନିଷ ସୁଶାନ୍ତକୁ ବ୍ୟସ୍ତ କରୁଥାଏ; କିନ୍ତୁ ତା'ର ମାଲିକ ଦୁଇଜଣ ନିର୍ବିକାର ।

'ହଇଏ, ପାଣି ସୋରେଇଟା କେଉଁଠି ଅଛି ମଦାଏ ପାଣି ଦେଲ । ଓହୋ, ଆଜି ଧଉଡ଼ ଦଉଡ଼ ମଣିଷ ଅଧାପ୍ରାଣ ।' ବିଲାତି ପୋଷାକଧାରୀ ଭଦ୍ରଲୋକ ପକେଟରୁ ରୁମାଲ କାଢ଼ି ମୁହଁ ପୋଛିଲେ ।

ଭଦ୍ରମହିଳା ଚାରିଆଡ଼କୁ ଦୃଷ୍ଟି ପକାଇଲେ । ଏ ଗଦାଭିତରେ କାହିଁ କେଉଁଠି ସୋରେଇ ଷ୍ଟାଣ୍ଡଟା ତ ଦେଖା ଯାଉନାହିଁ । ସେ ହଠାତ୍ ଚପରାସିମାନଙ୍କ ଉପରେ ରାଗି ଉଠିଲେ । ଏମାନଙ୍କ ଉପରେ କିଛି କାମ ଛାଡ଼ିଦେବା ମାନେ ସବୁ ଅନର୍ଥର ଆରମ୍ଭ । ଏତେ ଲାଗି ଲାଗି ଶେଷକୁ ଅସଲ ଜିନିଷଟି ରହିଗଲା, ଏ ଖରାଦିନେ ଏତେବାଟ କେମିତି ଭଲ ହୋଇ ଯିବ ।

ଭଦ୍ରଲୋକଙ୍କର ସାହେବୀ ମିଜାଜ ଗରମ ହୋଇ ଉଠିଲା । 'ଏତିକି ଆସିନ, କାଲିଠୁ ଘରଯାକ ଲାଗି କ'ଣ ହେଉଥିଲା ? ଆଜିକାଲି ଏ ପିଅନମାନଙ୍କଦ୍ୱାରା କିଛି ହବ ନି । ଜଳଖିଆ ଗଦାଏ ଆସିଛି, ଦେଖିଲାବେଳକୁ ପାଣି ନାହିଁ ।'

ସୁଶାନ୍ତ କୌତୂହଳରେ ଶୁଣୁଥାଏ । ପାଣି ସୋରେଇଟା ତରତରରେ ରହିଗଲା ବୋଲି ଏତେ ରାଗ । ବିଚରା ଭଦ୍ରଲୋକଙ୍କୁ ଖୁବ୍ ଶୋଷ ବୋଧହୁଏ ହେଉଛି, ସେ ଟିକିଏ ରହି ରହି କହିଲା, "ଆଜ୍ଞା,

Digitized by srujanika@gmail.com

କିଛି ଯଦି ମନେ ନ କରନ୍ତି, ମାନେ, ମୋ ପାଖରେ ପାଣି ଅଛି, ଯଦି ପିଇବେ—" ଅପରିଚିତ ଯୁବକର ସୌଜନ୍ୟରେ ଭଦ୍ରଲୋକ ନରମ ହୋଇଗଲେ । ଭାବ ପରିବର୍ତ୍ତନ କରି କହିଲେ, "ଏଁ—ତମର···ମାନେ ଅପଣଙ୍କର କିଛି ଅସୁବିଧା ହୋଇପାରେ ।" ସୁଶାନ୍ତ ଏ ପ୍ରକାର କାଇଦାରେ ଅଭ୍ୟସ୍ତ ନୁହେଁ । ସେ ମନେ ମନେ ଅସ୍ୱସ୍ତି ଅନୁଭବ କରି କହିଲା, "ସେଇ ତମେ କହନ୍ତୁ—ଆପଣ ନ କହିଲେ ଚଳିବ । ପାଣିପାଇଁ କିଛି ଅସୁବିଧା ମୋର ହେବନି, ପରି ଷ୍ଟେସନରେ ବ୍ୟାଗରେ ଭର୍ତ୍ତି କରିନେବି । ବର୍ତ୍ତମାନ ତ ଦରକାର ନାହିଁ ।"

ସୁଶାନ୍ତ ପ୍ଲେଟ ଗ୍ଲାସଟିରେ ପାଣି ବଢ଼ାଇଦେଲା । ପାଣି ପିଇବା ପରେ ଭଦ୍ରଲୋକ ଶାନ୍ତ ଗଳାରେ କଥା ଆରମ୍ଭ କଲେ, 'ବୁଝିଲ ବାପା, ଆଜିକାଲି ପିଅନ ଚାକରଙ୍କର ଯୁଗ, ତାଙ୍କ ଆସୋସିଏସନ୍, ସୋସାଇଟିର ନିୟମ ଅନୁସାରେ ଆମକୁ ଚାଲିବାକୁ ହେବ ।' କିନ୍ତୁ ସୁଶାନ୍ତର ମନେ-ହେଲା ବିଚରା ଲୋକଗୁଡ଼ିକ ଯେପରି ଖାଟୁଥିଲେ ସେଥିରେ କୌଣସି ଆସୋସିଏସନ୍ ବା ସୋସାଇଟିର ଗନ୍ଧ ନାହିଁ । କେବଳ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା ହିଁ ଏକମାତ୍ର ଲକ୍ଷ୍ୟ । ଆଉମିନିଟ ସଲାମ୍ ଭିତରେ ଏକାନ୍ତ ଆନୁଗତ୍ୟ ହିଁ ଥିଲା ।

କଥାରେ କଥାରେ ଭଦ୍ରଲୋକ କହି ଚାଲିଲେ ନିଜ ଇତିବୃତ୍ତ । ସତ୍ୟକାମ ବାବୁ ଭାରତ ସରକାରଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ଅଜସ୍ର ଅର୍ଥ ଯଶ ସମ୍ମାନର ଅଧିକାରୀ । ଦୁଇଟି ପୁଅ । ଉଭୟେ ଉଚ୍ଚପଦସ୍ଥ ଅଫିସର । ବଡ଼ପୁଅ କଲିକତାରେ ରହେ, ସ୍ୱାମୀ ସ୍ତ୍ରୀ ଉଭୟେ ତା'ରି ପାଖକୁ କିଛି ଦିନପାଇଁ ଯାଉଛନ୍ତି । ମୋଟାମୋଟି ଏତିକି ଖବର ଭଦ୍ରଲୋକଙ୍କ ବିଷୟରେ ସୁଶାନ୍ତ ସଂଗ୍ରହ କଲା । ସେ ଟିକିଏ ଆଶ୍ୱସ୍ତ ହେଲା । ଯାହାହେଉ, କଲିକତା ପର୍ଯ୍ୟନ୍ତ ଜଣେ ଭଦ୍ର, ଶିକ୍ଷିତ ସହଯାତ୍ରୀ ସେ ପାଇଲା । ଏକୁଟିଆ ଯିବାକୁ ତା'ର ଯେ ଭୟ ହେଉ ନ ଥିଲା ତା ନୁହେଁ ।

ଟ୍ରେନ ଗୋଟାକ ପରେ ଗୋଟାଏ ଷ୍ଟେସନ ଅତିକ୍ରମ କରି ଚାଲିବା ଭିତରେ ସତ୍ୟକାମ ବାବୁ ଓ ତାଙ୍କ ସ୍ତ୍ରୀଙ୍କ ସହିତ ସୁଶାନ୍ତ ଘନିଷ୍ଠ ହୋଇ ଉଠିଲା । ଭଦ୍ରମହିଳା ନିଜେ ସୁଶାନ୍ତ ସହିତ ଅନ୍ତରଙ୍ଗ ସ୍ୱରରେ କଥାବାର୍ତ୍ତା

Digitized by srujanika@gmail.com

କରି ତାକୁ ଆପଣାର କରିନେଲେ । ସେ ଦୁଇଜଣଙ୍କର ବାରମ୍ବାର ଅନୁରୋଧରେ ସୁଶାନ୍ତ ନିଜର ଖାଦ୍ୟ ପଦାର୍ଥ ଖୋଲିବାର ଅବସର ପାଇଲା ନାହିଁ, ସତ୍ୟକାମବାବୁଙ୍କ ସ୍ତ୍ରୀ ନିଜେ ବସି ଜୋରକରି ତାକୁ ବିଭିନ୍ନ ଜଳଖିଆ ଖୁଆଇଲେ । ମା ଭଉଣୀଙ୍କର ସଯତ୍ନ ପ୍ରସ୍ତୁତ ଖାଦ୍ୟ-ସମ୍ଭାର ସୁଶାନ୍ତର ଟିଫିନ ଡବାରେ ବନ୍ଦ ହୋଇ ରହିଲା, ଖୋଲା ହୋଇ ପାରିଲା ନାହିଁ । ଭଦ୍ରମହିଳା କହିଲେ, 'ମା'ଙ୍କ ହାତରୁ ତ ନିତ ଖାଇବ, ମୁଁ କ'ଣ ସବୁଦିନ ତୁମକୁ ଖୁଆଇ ପାରିବି ବାପା ?' ମାତୃତ୍ୱର ଏ ଅଭିବ୍ୟକ୍ତି, ସ୍ନେହର ଏ ଅନୁରୋଧକୁ ସୁଶାନ୍ତ ଏଡ଼ାଇ ଯାଇ ପାରିଲା ନାହିଁ । କିନ୍ତୁ ସଦ୍ୟ ମା କୋଳରୁ ଦୂରକୁ ଆସିଥିବା ସୁଶାନ୍ତର ତରୁଣ ମନରେ ଘରପାଇଁ ଲୁହ କେଇ ବୁନ୍ଦା ଜମିଉଠିଲା । ନୀରବରେ ସେ ଖାଇବାକୁ ଆରମ୍ଭ କଲା ।

ସକାଳ ପ୍ରାୟ ଆଠଟା ବେଳକୁ ହାଓଡ଼ାରେ ଗାଡ଼ି ପହଞ୍ଚିବ । ସୁଶାନ୍ତ ବେଞ୍ଚର ଗୋଟିଏ କୋଣରେ ତା'ର ଗ୍ରେଟ୍ ବିଛଣାଟି ବିଛାଇ ପତ୍ରିକାଟି ଦେଖି ଦେଖି ଶୋଇବାକୁ ଚେଷ୍ଟା କଲା । ପ୍ରାୟ ଏଗାରଟା ବାଜିବ । ଡବାର ଅନ୍ୟମାନେ କେହି କେହି ଶୋଇ ପଡ଼ିଲେଣି; ଆଉ କେହି ଅବା ଆଖି ବୁଜି ଶୋଇବାର ଉଦ୍ୟମ କରୁଛି । ସତ୍ୟକାମ ବାବୁଙ୍କ ପାଇଁ ସତରଞ୍ଜି ବିଛାଇ ଦେଇ ତାଙ୍କ ସ୍ତ୍ରୀ ସୁଶାନ୍ତର ମୁଣ୍ଡ ପାଖରେ ଝରକାକୁ ଆଉଜି ବସିଲେ । ସୁଶାନ୍ତ ଭଦ୍ରତାଦୃଷ୍ଟିରୁ ଉଠିପଡ଼ି ତାଙ୍କୁ ତା ଜାଗାରେ ଶୋଇବାକୁ ଅନୁରୋଧ କଲା; କିନ୍ତୁ ସେ ସୁଶାନ୍ତକୁ ସସ୍ନେହ ଭର୍ତ୍ସନା କରି କହିଲେ, 'ମତେ ନିଦ ହବ ନି ବାପା, ତମେ ଶୋଇପଡ଼, ଦେହ ଖରାପ ହେବ ।'

ଶୋଇ ଶୋଇ ଆକାଶ-ପାତାଳ ଭାବୁ ଭାବୁ ସୁଶାନ୍ତ କେତେବେଳେ ତନ୍ଦ୍ରାଚ୍ଛନ୍ନ ହୋଇ ପଡ଼ିଛି । ସେତେବେଳକୁ ଡବା ଭିତରଟା ସୁଷୁପ୍ତିରେ ନିମଗ୍ନ । ପୌଢ଼ା ଭଦ୍ରମହିଳା ବି ତା ମୁଣ୍ଡ ପାଖରେ ପିଠିରେ ତକିଆ ଦେଇ ଅଧାଶୁଆ ଅବସ୍ଥାରେ ଶୋଇ ପଡ଼ିଛନ୍ତି । ସୁଶାନ୍ତ ଅର୍ଦ୍ଧଚେତନ ଅବସ୍ଥାରେ ଅନୁଭବ କରୁଥାଏ ଏକ୍ସପ୍ରେସ ଟ୍ରେନ୍ ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରି ଚନ୍ଦ୍ରାଲୋକିତ ରଜନୀରେ ଆଗକୁ ଛୁଟିଛି । ଶୀତଳ ପବନରେ ଗୋଡ଼ ଉପରେ ଚଦରର ଟାଣି ସୁଶାନ୍ତ ଶୋଇ ପଡ଼ିଲା ।

Digitized by srujanika@gmail.com

ଭୋର ହୋଇ ଆସୁଛି, ସୁଶାନ୍ତ ଘଣ୍ଟାକୁ ଗୃହିଁଲା, ସାଢ଼େ ପାଞ୍ଚଟା ହେବ । ସେ ଉଠିବସିଲା । କେହି କେହି ଉଠିଲେଣି; ସତ୍ୟକାମ ବାବୁ ଓ ତାଙ୍କ ସ୍ତ୍ରୀ ନିଦ୍ରାରେ ଅଚେତ । ସ୍ୱଳ୍ପ ପରିସର ସ୍ଥାନରେ ଭଦ୍ରମହିଳା ହାତବ୍ୟାଗକୁ ମୁଣ୍ଡତଳେ ତକିଆ ପରି ଦେଇ ଶୋଇ ପଡ଼ିଛନ୍ତି ।

ସୁଶାନ୍ତ ଉଠି ବସି ବିଛଣା ବାନ୍ଧିଦେଲା । ନିତ୍ୟକର୍ମ ସାରିବା-ପାଇଁ ସାବୁନ କେସ୍‌ଟା ଧରି ଲଭେଟରୀ ଭିତରକୁ ପଶିଲା । ବୋଧହୁଏ ପାଞ୍ଚମିନିଟ୍ ଯାଇନି, ତହା ଭିତରୁ ସତ୍ୟକାମ ବାବୁଙ୍କ ଉଚ୍ଚସ୍ୱର ଶୁଣି ସେ ଆଶ୍ଚର୍ଯ୍ୟ ହେଲା । ଏତିକ ସମୟ ଭିତରେ କ'ଣ ଏମିତି ପାଟିକଲା ପରି ଘଟିଲା ? ସେ ଅଳ୍ପ ସମୟରେ ବାହାରକୁ ବାହାରି ଆସି ଶୁଣିଲା ସତ୍ୟ-କାମ ବାବୁ କହୁଛନ୍ତି, 'ଗ୍ଲାସ ଆସିନି ତ ଆଉ ଗଲା କୁଆଡ଼େ ? ଗୋଟାଏ ଗୋଟାଏ ହୋଇ ସବୁ ଦରକାରୀ ଜିନିଷ ରହିଲା, ଏମିତି ଲୋକଙ୍କୁ ନେଇ ଶନିଯନ୍ତ୍ରା ଯୋଗ ।' ତାଙ୍କ ସ୍ତ୍ରୀ ସମାନ ଉଷ୍ମାରେ ପାଟିକରି ଉଠିଲେ । 'ଥରକୁ ଥର ସେଇ କଥା । କହୁଛି ମୁଁ ନିଜେ ତାକୁ ଆଣିଛି ।'

'ଆଣିଲ ତ ଗଲା କୁଆଡ଼େ ?'

'କୁଆଡ଼େ ଗଲା ମୁଁ କେମିତି ଜାଣିବି ? ସବୁସାରୁ କ'ଣ ଜଗି ବସିଥାନ୍ତି ? କାଲି ଖାଇସାରି ମୁଁ ନିଜେ ସେଥିରେ ମୁହଁ ହାତ ଧୋଇ ଆସିଛି ।'

'ଆଣି କେଉଁଠି ରଖିଲ ?'

'ଯେଉଁ ବେତ ଝୁଡ଼ିଭିତରେ ଥିଲା ସେଇଥିରେ ମୁଁ ରଖି ଦେଇଛି, ମୋର ସଫା ମନେ ଅଛି । ମୁଁ କ'ଣ ପିଲାଟିଏ ହୋଇଛି ଯେ ଏଠି ସେଠି ପକେଇ ଦେବି ?'

ସୁଶାନ୍ତ ବୁଝି ପାରିଲାନି କ'ଣ ହଜିଛି । ସେ ବିନୟରେ ପଚାରିଲା, 'କ'ଣ ହଜିଲା ଆଜ୍ଞା ?'

ସେ କଥାର ଉତ୍ତର ନ ଦେଇ ସତ୍ୟକାମ ପାଟିକରି ଉଠିଲେ, 'କି ଯୋଗରେ ମଣିଷ ଘରୁ ବାହାରିଛି ଯେ ଯାହା ଆରମ୍ଭରୁ ଶେଷ । ଆହୁରି କ'ଣ ଯାଇଛି କେଜାଣି ।'

Digitized by srujanika@gmail.com

ଆଜ ଜଣେ ଭଦ୍ରଲୋକ ସୁଶାନ୍ତଙ୍କୁ ବୁଝାଇ ଦେଲେ ସତ୍ୟକାମ ବାବୁ ସକାଳୁ ଉଠି ନିତ୍ୟକର୍ମ ସାରିବାକୁ ବାହାରିଲା ବେଳକୁ ଦେଖିଲେ ତାଙ୍କ ସାବୁନ କେସଟା କୁଆଡ଼େ ହରଣଚାଲ ହୋଇଯାଇଛି, ଫଳରେ ଏ ବିପର୍ଯ୍ୟୟ ।

ସୁଶାନ୍ତ ଟିକିଏ ଆଗେଇ ଆସି କେଉଁଠି ଥିଲା, କେତେବେଳେ ଶେଷଥର ସେମାନେ ଦେଖିଥିଲେ ସେ ବିଷୟରେ ଜାଣିବାକୁ ଚେଷ୍ଟା କଲା; କିନ୍ତୁ ଭଦ୍ରଲୋକଙ୍କର ସାହେବୀ ମିଜାଜ ସେତେବେଳେ ଏ ଅପକର୍ମ ବିରୁଦ୍ଧରେ ଉତ୍ତ୍ୟକ୍ତ ହୋଇ ଉଠିଥାଏ । ସେ କ୍ରୁଦ୍ଧସ୍ୱରରେ କହୁଥାନ୍ତି 'ମୁଁ ସ୍ନାନ ବାହାର ନ କରି ଛାଡ଼ିବି ନି । ଗ୍ରେଟ ଜିନିସ ବଡ଼ ଜିନିସର କଥା ପଡ଼ିନ । ଏମିତି ଟଙ୍କା ପଇସା ତ ଚାଲନ୍ତା ଟ୍ରେନରୁ ଚାଲିଯିବ । ଏଥିର ଭିତରେ କେଉଁଠି ନ ରହିଲେ କୁଆଡ଼େ ଯିବ ?'

ସୁଶାନ୍ତ ନିର୍ବାକ ହୋଇ ଛିଡ଼ା ହୋଇଥାଏ । ଭଦ୍ରମହିଳା ସେ ବିରାଟ ସୁଟ୍‌ପରୁ ଗୋଟାକ ପରେ ଗୋଟାଏ ଜିନିସ ଟାଣି, ଖୋଲି ତାଙ୍କ ଅପହୃତ ସାବୁନ କେସ୍‌ର ସନ୍ଧାନରେ ଲାଗି ପଡ଼ିଥାନ୍ତି । ବିରାଟ ବପୁନେଇ ସେ ଗଳଦଘର୍ମ ହୋଇ ଉଠିଥାନ୍ତି । ସଦ୍ୟ ନିଦ୍ରାଭଙ୍ଗର ଆଳସ୍ୟ ଏମିତି ନଷ୍ଟ ହୋଇଯିବାରୁ ତାଙ୍କର ଭ୍ରୂକୁଞ୍ଚିତ ହୋଇ ଉଠିଥାଏ ।

ପ୍ରାୟ ଘଣ୍ଟାକର ପରିଶ୍ରମ ପରେ ବି କିଛି ଲାଭ ହେଲା ନାହିଁ । ନୀଳ ବର୍ଣ୍ଣର କେସ୍ ସହିତ ନୂଆ ଲକ୍ସ ସାବୁନ ଖଣ୍ଡିକ ହରଣଚାଲ ।

ଆଉ ଘଣ୍ଟାଏ ରହିଲା ଟ୍ରେନ ହାଓଡ଼ାରେ ପହଞ୍ଚିବାକୁ; ଟ୍ରେନର ଗତି ସହିତ ସତ୍ୟକାମଙ୍କର ରାଗର ମାତ୍ରା ବଢ଼ି ଚାଲିଥାଏ ।

ସେ ହଠାତ୍ ଉଠିପଡ଼ି କହିଲେ,'ଏ ଡ଼ବା ଛଡ଼ା ଅନ୍ୟ କେଉଁଠି ଜିନିସଟା ନାହିଁ ।'

କଥାଟାର ଇଙ୍ଗିତରେ ସୁଶାନ୍ତ ସ୍ତବ୍ଧ ହୋଇଗଲା ।

"ଆଜ୍ଞା, ଆପଣମାନେ ଦୟାକରି ଟିକିଏ ନିଜ ଜିନିସପତ୍ର ଦେଖି ନିଅନ୍ତୁ, କାଳେ ଭୁଲରେ ରହି ଯାଇଥିବ ।"

Digitized by srujanika@gmail.com

ଜଣେ ମୂଟରେ ଯୁବକ ଉତ୍ତେଜିତ ସ୍ୱରରେ କହିଲେ, 'କ'ଣ ଭାବୁଛନ୍ତି ଆପଣ ଆମକୁ ? ସାମାନ୍ୟ ସାବୁନ କେସ୍‌ଟାଏ ଚୋରିକରି ନେଇ ଆମେ ଟ୍ରଙ୍କରେ ରଖିଛୁ ?'

ଏକଥା ସମସ୍ତଙ୍କ ମନରେ ଉଠିଥିଲା । ସାମାନ୍ୟ ସୂଚନା ପାଇ ସମସ୍ତେ ପ୍ରାୟ ଏକସ୍ୱରରେ ପ୍ରତିବାଦ କରି ଉଠିଲେ । କେତେଜଣ ମହିଳା ସ୍ପଷ୍ଟ ଶୁଣାଇ ଦେଲେ, 'ସେ ବଡ଼ଲୋକପଣିଆ ଘରେ ଦେଖାଇବେ ।'

ଲମ୍ବା ଡବାଟାର କଣ ବେଞ୍ଚରୁ ଜଣେ ସୌମ୍ୟଦର୍ଶନ ବୃଦ୍ଧ କହିଲେ, "ଦେଖିନିଅ ମା'ମାନେ । କେଉଁଠି କାହା ଜିନିସପାଖରେ ଭୁଲରେ ସେ ରଖି ଦେଇଥିବେ ।" ବୃଦ୍ଧଙ୍କର ଏକା କଥାକୁ ଭିନ୍ନଭାବରେ କହି-ବାର ବମିତ ଭଙ୍ଗୀରେ ସମସ୍ତେ ନୀରବ ହୋଇଗଲେ । ମନରେ ଅସନ୍ତୋଷ ଥିଲେ ବି ବିନା ପ୍ରତିବାଦରେ ଟ୍ରଙ୍କ ବାକ୍‌ସ ଖୋଲା ହୋଇ ଖୋଜା ହେଲା । ସତ୍ୟକାମ ତୀକ୍ଷ୍ଣ ଅନୁସନ୍ଧାନୀର ଦୃଷ୍ଟିରେ ସବୁ ଦେଖୁଥାଆନ୍ତି ।

ଏ ଘଟଣା ଓ ଦୃଶ୍ୟରେ ସୁଶାନ୍ତ ଲଜ୍ଜା ଅପମାନରେ ମୂକ ପାଲଟି ଯାଇଥାଏ । ନିଜ ଜିନିସ ପରୀକ୍ଷା କରିବା କଥା ସେ ଭୁଲି ଯାଇଥାଏ । ସେ ଦେଖିଲା ଉକ୍ତ ପ୍ରୌଢ଼ା ଭଦ୍ରମହିଳା ତାଙ୍କ ସ୍ୱାମୀଙ୍କୁ ଡାକ ନେଇ ତାକୁ ଲକ୍ଷ୍ୟ କରି କିଛି କହିଲେ । ସେ ସଙ୍କୁଚିତ ହୋଇ ପଡ଼ିଲା । ସତ୍ୟକାମ କହିଲେ, "ବାପା, ତମେ ଥିକଏ ସୁଟକେଶଟା ଦେଖିନିଅ । ମଣିଷର ଭୁଲ୍ ତ ହୁଏ ।" ଘୃଣା ବିତୃଷ୍ଣାରେ ସୁଶାନ୍ତର ଗୋରା ମୁହଁଟା ଲାଲ ପଡ଼ିଗଲା । ସେ କଥାର ଜବାବ ନ ଦେଇ ସୁଟ୍‌କେଶ୍‌ଟା ଖୋଲିଦେଲା । ସ୍ଥୂଳବପୁ ପ୍ରୌଢ଼ା ଅଫିସର ଗୃହିଣୀ ତା'ର ସୁଟ୍‌କେଶ ଉପରେ ନଇଁ ପଡ଼ିଲେ । ସୁଶାନ୍ତର ମନେ ହେଉଥାଏ ଏ ଅପମାନକୁ ସେ ମାନ ନେଉଛି କେମିତି ? କିନ୍ତୁ ପର ମୁହୂର୍ତ୍ତରେ ମନେ ପଡ଼ୁଥାଏ ଉତ୍ତ୍ୟକ୍ତ ହୋଇ କ'ଣ ତା'ର ପ୍ରତିଶୋଧ ନେଇ ହେବ ? ସୁଟ୍‌କେଶ୍‌ର ଗୋଟାଏ କଣରୁ ହଠାତ୍ ସେ ଭଦ୍ରମହିଳା ନାଲ ବର୍ଣ୍ଣର କ'ଣ ଗୋଟାଏ ଟାଣି ଆଣିଲେ; ଚ୍ଛରିଆଡ଼ୁ ଯୋଡ଼ା ଯୋଡ଼ା ଆଖି ତା ଉପରେ ନିବଦ୍ଧ ଥାଏ । ଗ୍ରେଟ ନାଲ ଡବାଟି ଫିଟିଯାଇ କମ୍ପାର୍ଟମେଣ୍ଟର ଧଳା ଆବର୍ଜନାମୟ ଚଟାଣରେ କେତୋଟି

Digitized by srujanika@gmail.com

ସଯତ୍ନ ରକ୍ଷିତ ରୁମାଲ୍ ବଚ୍ଛେଇ, ହୋଇଗଲା—ସାନ ଭଉଣୀର ସ୍ନେହର ଦାନ୍ । ସେ ଚିତ୍କାର କରି ଉଠିଲା, 'ଛାଡ଼ି ଦଅନ୍ତୁ ନାହିଁ, ଉଠିଯାଆନ୍ତୁ' ।

ଭଦ୍ରମହିଳା ସଙ୍କୁଚିତ ହୋଇପଡ଼ିଲେ । ନରମ ହୋଇ ଆସିଥିବା ସତ୍ୟକାମ ମୁହଁ ଟାଣରେ କହିଲେ, 'ଉଠିଆସ, କ'ଣ କରୁଛ ? ଯିଏ ନେଇଥିବ, ସେ ଏମିତି ତମ ମୁହଁ ଆଗରେ ଧରି ବସି ନ ଥିବ ।'

ଷ୍ଟେସନ ଆସିଗଲା,ସୁଶାନ୍ତ ମୁଣ୍ଡ ଗଳାଇ ଦେଖିଲା ଭାଇ ଆସିଛନ୍ତି । ଯାତ୍ରୀସବୁ ଓହ୍ଲାଇ ନାହାନ୍ତି । ଦ୍ୱାର ପାଖରେ ଭିଡ଼ । ସୁଶାନ୍ତ ଟିକଏ ପଛକୁ ରହିଯିବାବେଳେ ଦେଖିଲା ସତ୍ୟକାମଙ୍କ ସ୍ତ୍ରୀ ଜିନିଷର ହିସାବ ମିଳାଇବାକୁ ତାଙ୍କର ବଗଲ ହାତ ବ୍ୟାଗରୁ ତାଲିକା କାଗଜ ଖଣ୍ଡିକ କାଢ଼ୁଛନ୍ତି । ପ୍ରାୟ ଫର୍ଦ୍ଦେ ଲମ୍ବାକାଗଜ ଟାଣି ଆଣୁ ଆଣୁ ସେଥିରୁ ତଳେ ଯାହା ପଡ଼ିଲା ସେ ଆଉ କିଛି ନୁହେଁ, ଶୁଭ୍ରସାବୁନଧାରୀ ନୀଳବର୍ଣ୍ଣର ସାବୁନ କେସ୍ । ସତ୍ୟକାମ ଅମାୟିକ ହସ ହସି କହି ଉଠିଲେ, 'ଦେଖିଲ ବାପା, ମୁଁ କହୁଥିଲି ପରା ସେଇ ନିଜେ କେଉଁଠି ରଖିଛନ୍ତି, ମିଛଟାରେ ଗୋଟାଏ ହଟ୍ଟା...।'

ବେଷପାଡ୍ତ ଚକ୍ଷୁ ଦୁଇଟାରୁ ଗୁଡ଼ାଏ ଅଗ୍ନିସ୍ଫୁଲିଙ୍ଗ ତାଙ୍କ ଉପରେ ଝରାଇ କୁଲିକୁ ନିଜର ଜିନିଷ ଦେଖାଇ ସୁଶାନ୍ତ ଓହ୍ଲାଇଗଲା । ଉଦରରୁ ତା'ର ଗ୍ରହିତ ଖାଦ୍ୟ ପଦାର୍ଥ ସେତେବେଳେ ଉଦ୍‌ଗମନର ପଥ ଖୋଜୁଥିଲେ ।

———

Digitized by srujanika@gmail.com

ମଧୁବାତା ଋତାୟନ୍ତେ

ହାତରେ ଛୁଞ୍ଚିଟା ଫୁଟିଗଲା । ଚମକି ପଡ଼ି ଜକେଇ ଆସୁଥିବା ଆଖିପତାକୁ ଦରମଇଲା ଲୁଗା କାନରେ ପୋଛି ଅରୁଣା ମୁଣ୍ଡ ଉଠାଇଲେ । ଝରକା ସେପାଖ ନଡ଼ିଆ ଗଛଟା ଅଶିଣର ଶୀତୁଳିଆ ପବନରେ ଥରି ଉଠୁଛି । ସାତ ଘଡ଼ି ରାତି ହୋଇନି । ଫାଳକିଆ ଜହ୍ନଟା ରହିଛି ଆକାଶରେ । ପାହୁଁଶିଆ ମେଘ ଖଣ୍ଡେ ଘୋଡ଼େଇ ହୋଇଯାଉଛି । ଛାତି ଭିତରୁ ଗୋଟାଏ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା । ଆଉଥରେ ଆଖି ନଇଁ ଆସିଲା ତଳକୁ । ହାତ ଚାଲିଲା ।

ଲୁପେଇ ଜରି ଧଡ଼ିଟା କଳା ପଡ଼ି ଆସିଲାଣି । ଗାଢ଼ ଆକାଶୀ ରଙ୍ଗର ଦେହଟା ଫିକା ହୋଇ ଗଲାଣି; କିନ୍ତୁ ଛୁଞ୍ଚି ଚଳେଇବାକୁ ହେବ । ନିମନ୍ତ୍ରଣ ରକ୍ଷି ଯିବାପାଇଁ ଏକମାତ୍ର ସମ୍ବଳ···ଟ୍ରଙ୍କ ତଳେ ପଡ଼ିଥିଲା, ତା'କୁ ବି ଟିଠ୍ ଶବ୍ଦ ଦେଉଛି । ବାହା ବେଳର ଟ୍ରଙ୍କ କେତେଟା ଖୋଲା ପଡ଼ିଛି । ଏଇ ଖଣ୍ଡିକ ପଡ଼ିଥିଲା·····ବାହାବେଳର ଶାଢ଼ୀ । ସଂସାରର ହୋଞ୍ଚକଲ୍ ପେଟରେ ସବୁ ପଶିଛି । ହାତରେ କେତେ-ଫଟ ପାଣି କାଚ । ବେକରେ କେଉଁ କାଳର ସରୁ ଚେନଟାଏ ଘୋରି ହୋଇ ଗଲାଣି ।

Digitized by srujanika@gmail.com

ଅରୁଣା ଲଣ୍ଠଣଟାକୁ ଆଉ ଟିକିଏ ତେଜ ଦେଲେ । ନାଃ, ଆଲୁଅ-ଠାରୁ ଧୂଆଁ ବେଶି । ଗୁହପାଖ କଳା ଭିତରୁ ଯେଉଁ କ୍ଷୀଣ ଆଲୁଅଟିକକ ବାହାରକୁ ଆସୁଛି ସେତିକରେ କାମ ସାରିବାକୁ ହେବ ।

ସୁନ୍ଦରୀ ବୋଲି ଖ୍ୟାତି ଥିଲା ତାଙ୍କର । ଦାରିଦ୍ର୍ୟର ପୀଡ଼ନ ଅଠେଇଶ ବର୍ଷରେ ବି ଲାବଣ୍ୟମୟୀ ଅଙ୍ଗରେ କେତେଟା କଳାଦାଗ ରଖି ଦେଲାଣି । ମାସିକ ଶହେଟି ଟଙ୍କାର ଗୃହକର ନଗନ୍ଧ ଚନ୍ଦ୍ରମୋହନ । ତାଆରି ଭିତରେ ଅରୁଣାଙ୍କୁ ସଂସାର ଚଳେଇବାକୁ ପଡ଼େ । ସ୍ୱଳ୍ପଶିକ୍ଷିତା ଅରୁଣା—ସ୍ୱାମୀ ଓ ସନ୍ତାନଙ୍କୁ ନେଇ ତାଙ୍କ ସଂସାର ।

ଦମକାଏ ଥଣ୍ଡା ପବନରେ ଆଲୁଅଟା ଧପ୍ ଧପ୍ ହେଲା । ଘର ଭିତରେ ଲୁଚିଲୁଚିକା ଲୁଚି ଆଲୁଅର ଖେଳ । ଘର କାନ୍ଥରେ କ୍ୟାଲେଣ୍ଡରଟା ପବନରେ ଉଡ଼ୁଛି—ବନ୍ଧ୍ୟବନ୍ଧ ଯିଶୁ···ହାତ ପାଦରୁ ରକ୍ତ ଧାର ଝରି ପଡ଼ୁଛି । ଖଟ ଉପରେ ଚନ୍ଦ୍ରମୋହନ ଶୋଇ ପଡ଼ିଛନ୍ତି । କାନ୍ଧ କାନ୍ଧ ତାଙ୍କରି ପାଖରେ ଟିଟୁ ଶୋଇଛି । ନ' ବର୍ଷର ପୁଅ ମିଟୁ ପଢ଼ିବାକୁ ଯାଇଛି ।

ହୋହଲା ମନଟାରୁ କୋହ ଉଠୁଛି । ପାଞ୍ଚ ବର୍ଷର ଅଜ୍ଞାନ ଛୁଆଟା, ତାକୁ ସେ ମାରି ପାରିଲେ ! କଅଣ ବା ତା'ର ଦୋଷ ! ପୂଜାର ପ୍ରାଚୁର୍ଯ୍ୟ ଓ ସମ୍ଭାର ଭିତରେ କଅଣ ସେ ଦେଇଛନ୍ତି ଏଇ ଅବୋଧ ଛୁଆଙ୍କୁ ! ସପ୍ତମୀ ପୂଜାର ବେଳ ଭିତରେ ସାଇ କର୍ମ ଉଠୁଛି । ଘରେ ଘରେ ଆନନ୍ଦ ଉତ୍ସବ । କାହାରି ପାଇଁ ଖଣ୍ଡେ ନୂଆ କନା ସେ କରି ପାରିଲେନି । ସକାଳେ ବୋଷବାବୁଙ୍କ ସ୍ତ୍ରୀ ନିମନ୍ତ୍ରଣ କରିଗଲେ—ମହାଷ୍ଟମୀ ପୂଜା ଦେଖିବାକୁ ପରଦିନ ଯିବେ । ଅରୁଣାଙ୍କ ମୁଣ୍ଡ ଉପରେ ପଥର ଲୁଚି ହୋଇଗଲା । ଧନୀ ଘରେ ନିମନ୍ତ୍ରଣ । ପର୍ବ ଦିନ କେତେ ରଙ୍ଗ-ବେରଙ୍ଗରେ ଝଲସୁଥିବ । କ'ଣ ପିନ୍ଧି ସେଠିକି ସେ ଯିବେ ! ନିଜର ଦୈନ୍ୟ ସେ କେମିତି ପ୍ରକାଶ କରିବେ ! ବୋଷ ଗୃହିଣୀଙ୍କୁ ବିଦାୟ ଦେଇ ସେ ଘର ଖୋଜି ବସିଲେ । କାହିଁକି ଆଭରଣ ! ନିହାତି ସାଧାରଣ ଚଳନ୍ତିଭଳି ଦୁଇ ଗୃହଖଣ୍ଡ ଲୁଗା ଘରେ ଅଛି । ଯାହାକୁଇ ପିନ୍ଧି ସେ ଆଜ ପାଞ୍ଚ ଜଣ ଆମନ୍ତ୍ରିତଙ୍କ ସହିତ ସମାନ ହେବେ । ଦୁଃଖ, ଗାନ, ପରାଜୟର

Digitized by srujanika@gmail.com

ବ୍ୟର୍ଥତାରେ ଅରୁଣା ଅସ୍ଥିର ହୋଇ ପଡ଼ିଲେ । ଘରେ ଶୂନ୍ୟଗର୍ଭ ଟ୍ରଙ୍କ ସୁଟ୍‌କେଶ ନିକଟରେ ଅଲଗା ଧରି ଗଲାଣି । ଗୋଟାକ ପରେ ଗୋଟାଏ ଖୋଲି ଅରୁଣା ଓଲଟ ପାଲଟ କରି ଚାଲିଛନ୍ତି । ଅନାବନା କେତେ କ'ଣ ସବୁତ ଏଇ ଖଣ୍ଡିକ ଥିଲା । ରଙ୍ଗ ଛାଡ଼ି ଆସିଲାଣି, ଭାଙ୍ଗ ଭିତରେ ପୋକ ଲାଗିଲାଣି ! ଅରୁଣା ଯତ୍ନରେ ତାକୁ ବାହାର କରି ରଖିଲେ । ଏଇଥିରେ ଚଳେଇବାକୁ ହେବ ।

ବାଣ୍ଡିରେ ପିଲାଙ୍କ ପାଟି ଶୁଭୁଛି । ଟିଟୁ ଦଉଡ଼ି ଆସି ମା'କୁ କୁଣ୍ଢାଇ ପକାଇଲା ।

'ମା, ମନ, ବାବୁ ହେଉଛନ୍ତି ନୂଆ ଜାମା ପିନ୍ଧିଛନ୍ତି, ମୋର କାହିଁ ?'

ଅରୁଣାଙ୍କ ମନରେ ଗୋଟାଏ ଧକ୍‌କା ବାଜିଲା । କଅଣ କହି ସେ ଏଇ ଅବୋଧ ଶିଶୁକୁ ବୁଝାଇବେ ! କୋହକୁ ଚାପି ରଖି ସେ ପୁଅକୁ କୋଳକୁ ନେଲେ, ମୁଣ୍ଡ ଆଉଁସି ବୁଝାଇଲେ 'ମାମୁଁଙ୍କୁ ଲେଖିବା ଯେ ସେ ଭଲ ଜାମା ପଠେଇ ଦେବେ । ତୋର ସବୁଠୁ ଭଲ ହେବ ।'

ପିଲା ମନ ବୁଝିବାକୁ ନାରାଜ । ଟିଟୁ ଜିଦ୍ ଧରିଲା ସାଙ୍ଗେ ସାଙ୍ଗେ ତା ର ଦରକାର । ଉପାୟହୀନା ଅରୁଣା ମିଛ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲେ । ଜିଦ୍ କ୍ରମେ ରାଗକୁ ଉଠିଲା । ଛଟିପିଟି ହୋଇ ଟିଟୁ ମା କୋଳରୁ ଓହ୍ଲାଇ ପଡ଼ିଲା । କିଛି ନ ପାଇ ରାଗରେ ଚିତ୍କାର କରି ଆଗରେ ପଡ଼ିଥିବା ସେଇ ରଙ୍ଗଛଡ଼ା ଜରିଧଡ଼ି ଶାଢ଼ୀ ଖଣ୍ଡିକ ଚିରିଦେଲା । ଅରୁଣା ଆଉ ସହି ପାରିଲେନି । ନିଜର ଅକ୍ଷମତା ସହିତ ପୁଅର ଏ କାଣ୍ଡ ତାଙ୍କୁ ଜ୍ଞାନହୀନ କରିଦେଲା । ଟିଟୁର କଅଁଳିଆ ଗାଲ ଉପରେ ସେ ଜୋରରେ ଦୁଇଟା ଚାପୁଡ଼ା ମାରିଲେ । ଗୋରା ଦେହ ଉପରେ ନାଲି ଦାଗ ଫୁଟି ଉଠିଲା । ଗୋଟାଏ ରାହା ଧରି ଟିଟୁ ସେଇଠି ବସି ପଡ଼ିଲା ।

''କଅଣ ହୋଇଛି ଅନୁ ?''

ଚନ୍ଦ୍ରମୋହନ ଘରକୁ ଫେରିଛନ୍ତି । କିରାଣି କାମ, ବିଶ୍ରାମ ନାହିଁ, ଛୁଟି ନାହିଁ । ସାରାଦିନର ପରିଶ୍ରମ ପରେ ଘରକୁ ଫେରୁ ଫେରୁ ରାତି ।

Digitized by srujanika@gmail.com

କରୁଣାପ୍ଲୁତ କ୍ଷୋଭ ଗ୍ଲାନରେ ଫାଟି ପଡ଼ ଅରୁଣା ଉଚ୍ଚ କଣ୍ଠରେ କହି ଉଠିଲେ—"କେତେଘଣ୍ଟାଧାଇଁ ଘରକୁଆସି କାରଣ ବୁଝି ନିଅନ୍ତଣ ? ଏମିତ ଘାଣ୍ଟି ହୋଇ ମରିବା ପାଇଁ ମୋର ଜନ୍ମ । ପଜା ପାର୍ବଣ, ଭଲ ଦିନ ଲୋକ କେତେ ଖୁସିରେ ପାଳୁଛନ୍ତି । ମୋ ପାଇଁ ସଂସାରରେ କିଛି ନାହିଁ । ଏଇମାନଙ୍କ ସେବା କରୁ କରୁ ମୋ ଜୀବନ ଯିବ । ଦଶ ବର୍ଷର ଝିଅ ଚାଲିଗଲା, କିନ୍ତୁ ମୁଁ ବଞ୍ଚି ରହିଛି—···"

ନିର୍ବାହ ଭଲ ମଣିଷ ଚନ୍ଦ୍ରମୋହନ ଅପ୍ରତ୍ୟାଶିତ ଏ ଉକ୍ତି ପରୋକ୍ଷ ଅଭିଯୋଗର ଉତ୍ତରରେ କିଛି କହି ପାରିଲେନି । ସବୁ ସତ, କି ସୁଖ ସେ ସ୍ତ୍ରୀ ସନ୍ତାନଙ୍କୁ ଦେଇଛନ୍ତି ! ସବୁବେଳେ ଅଭାବ । ମାସର କୋଡ଼ିଏ ଦିନ ଚଳିବା ପରେ ଦରିଦ୍ର ପଞ୍ଚାକ୍ଷର ମନ୍ତ୍ର ଜପିବାକୁ ହୁଏ । ଅନାଟନ, ନାହିଁ ନାହିଁର ବିଭୀଷିକା । ବିବାହର ବାରବର୍ଷ ହୋଇଗଲା, କି ଶାନ୍ତି ସେ କାହାକୁ ଦେଇଛନ୍ତି ! ମା ମଲେ, ବଡ ଝିଅ ମଲା, ଉପଯୁକ୍ତ ଚିକିତ୍ସା କରି ପାରିଲେନି । ପିଲାଙ୍କ ଶିକ୍ଷାର ଉପଯୁକ୍ତ ବ୍ୟବସ୍ଥା କରିପାରି ନାହାନ୍ତି । ଭଗ୍ନସ୍ୱାସ୍ଥ୍ୟ ପରିଶ୍ରମ କରି ଅରୁଣା ଶୀର୍ଣ୍ଣା, ଦୁର୍ବଳା । କଅଣ ସେ କାହାପାଇଁ କରିଛନ୍ତି ।

ଦୁଃଖ ଅଶାନ୍ତିରେ ମନଟା ଭରିଗଲା । ଝିଟି କାନ୍ଦୁଛି । ପୁଅକୁ କୋଳରେ ନେଇ ଚନ୍ଦ୍ରମୋହନ କିଛି ନ ଖାଇ ଶୋଇ ପଡ଼ିଲେ । ପୁଅ ରାଗ ଭୁଲି ଗଲାଣି, ମାଡ଼ର କଷ୍ଟ ମନେ ପଡ଼ୁଛି । ପିଠି ଆଉଁସି ଚନ୍ଦ୍ର-ମୋହନ ତାକୁ ପାଖରେ ଶୁଆଇଲେ ।

ଅରୁଣା ରୋଷେଇ ବସାଇ ସେ ଘରକୁ ଫେରି ଆସିଲେ । ଚିରା ଲୁଗାଟା ଉଠାଇ ନେଇ ସିଲେଇ କରିବାକୁ ବସିଲେ । ଅଭୁକ୍ତ ସ୍ୱାମୀ ଶୋଇ ପଡ଼ିଛନ୍ତି । ପୁଅ ତାଙ୍କ କୋଳରେ ଶୋଇଛି । ଲୁହ ଦ' ଟୋପା ଆଖିରେ ତାଙ୍କର ଛଳ ଛଳ ହେଲା ।

ବାରବର୍ଷ ତଳେ ଏଇ ଘରକୁ ସେ 'ବୋହୂ' ହୋଇ ଆସିଥିଲେ । ସୁସ୍ଥ ସୁନ୍ଦର ଯୁବକ ଚନ୍ଦ୍ରମୋହନ । ଶାନ୍ତ ଆଖି ଦୁଇଟାରେ ଅପୂର୍ବ ଦୃଢ଼ତା । ଅରୁଣା ସ୍ୱାମୀଙ୍କୁ ଦେଖି ସୁଖୀ ହୋଇଥିଲେ । ମନତଳେ

Digitized by srujanika@gmail.com

କେତେ ଆଶା କେତେ କଳ୍ପନା ଗଢ଼ି ଉଠିଥିଲା—ସେ ହେବେ ସ୍ୱାମୀଙ୍କର ସୁଖ ଦୁଃଖର ସଙ୍ଗିନୀ, ସହକର୍ମିଣୀ, ସହଧର୍ମିଣୀ, ଶାଶୂଶ୍ୱଶୁରଙ୍କର ଆଦରିଣୀ ବୋହୂ, ଆଦର୍ଶ ଜନନୀ । ତାଙ୍କର ମମତାରେ ଶ୍ରେଷ୍ଠ ସଂସାରଟି ଆନନ୍ଦରେ ହସି ଉଠିବ । ଘର ପୂରି ଉଠିବ । ପିଲାଏ ମଣିଷ ହେବେ ।

କିନ୍ତୁ, ଏ କ'ଣ ହେଲା ଅଭାବର ନଗ୍ନରୂପ ତଳେ ସବୁ ମାୟା ମମତା, ସୁଖଶାନ୍ତି ହଜିଯାଇଛି । ଦୀର୍ଘଦିନ ରୋଗଶଯ୍ୟାରେ ପଡ଼ି ଶାଶୁ ଚାଲିଗଲେ । ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ପାରିଲା ନି । ଅଳ୍ପ କେତୋଟା ଟଙ୍କାରେ ସଂସାର ଚଳାଇ କି ଚିକିତ୍ସା ବା ହୁଅନ୍ତା । ଧାର କରଜରେ ଶୁଦ୍ଧିକ୍ରିୟା ସରିଲା । ସାନ ନଣନ୍ଦ ଉଷା—ଅଠର ବର୍ଷର ଝିଅ । ସ୍ୱାମୀଙ୍କର ଅତି ଆଦରର ଭଉଣୀ, ଗେହ୍ଲା ନଣନ୍ଦ, ନୂଆବୋଉ ବୋଲି ପାଣି ପିଏନି । ଅଭାବ ଅନଟନ ଭିତରେ ଗରିବ ଘରେ ତାକୁ ବାହା ଦେବାକୁ ହେଲା । ଚିଠି ଲେଖେ 'ନୂଆବୋଉ, ଏତେ ଆଦରରେ ବଢ଼ାଇଥିଲ କ'ଣ ଏଇଥିପାଇଁ ?' ଛାତି ଭିତର ପୋଡ଼େ, ଛଳଛଳ ଆଖି ତା'ର ମନ ଭିତରେ ଦିଶେ ।

ବୋହୂ ଉପରେ ନଜରଟା ଥିଲା ପରି ବଡ଼ ଝିଅ ନନା ରୋଗରେ ପଡ଼ିଲା । ଡାକ୍ତର କହିଲେ ବୋନ୍ ଟି.ବି.—କଠିନ ରୋଗ । ଦାମିକା ଔଷଧ ଇଞ୍ଜେକ୍‌ସନ୍ ଲେଖି ଦେଲେ । ପ୍ରଚୁର ପୁଷ୍ଟିକର ଖାଦ୍ୟ ଦରକାର, ପଦେ ପଦେ ଜଗିବାକୁ ହେବ । ଅରୁଣା ଧୈର୍ଯ୍ୟ ଧରି ସବୁ ଶୁଣିଲେ । ଦେହରୁ ଗୋଟି ଗୋଟି ଅଳଙ୍କାର କାଢ଼ି ଦେଲେ । ସବୁ ଯାଉ, ଝିଅ ଭଲ ହୋଇ ଉଠୁ । ହେଲାନି, ହାତଗୋଡ଼ କ୍ରମେ ଅଚଳ ହୋଇ ଆସିଲା । ଭଲ ଚିକିତ୍ସା କରିବାକୁ ଅର୍ଥର ଅଭାବ, ନନା ଚାଲିଗଲା ।

ସ୍ୱାମୀ ଭାଙ୍ଗିପଡ଼ିଲେ । ପିଲାଙ୍କ ମୁହଁରେ ଭଲକରି ଦୁଇଟା ପକାଇ ପାରିବାର ଶକ୍ତି ନାହିଁ । ଏଇଆ କ'ଣ ସେ ଭାବିଥିଲେ ! ବାପା ମା'ଙ୍କର ଗେହ୍ଲା ଝିଅ ଅରୁଣା ଆଶା କରିଥିଲେ ସେ ହେବେ ସୁଖ-ସମ୍ପଦର ଅଧିକାରିଣୀ । ତାଙ୍କ ସଂସାରରେ ସ୍ୱଚ୍ଛଳତା, ସୁଖ, ଆନନ୍ଦ ଝରି ଝରି ହୋଇ ଝରିବ । ଅନ୍ନପୂର୍ଣ୍ଣା ପରି ସେ ଶାନ୍ତି ବିତରଣ କରିବେ ।

Digitized by srujanika@gmail.com

ଅଭାବରେ ପଡ଼ ସବୁ ଯାଇଛି । ଶାନ୍ତ ସରଳ ସ୍ୱଭାବ ଚଡ଼ା ଧରିଛି । କାରଣ ଅକାରଣରେ ସେ ସ୍ୱାମୀ ପିଲାଙ୍କ ଉପରେ ଚଡ଼ି ଉଠୁଛନ୍ତି । ବିରକ୍ତ ହୋଇ ଗାଳି ଦେଉଛନ୍ତି । ଶାନ୍ତ ଚନ୍ଦ୍ରମୋହନ ନୀରବରେ ସବୁ ସହିଯାଆନ୍ତି । ବାଟ କାଟି ଅଖିଆ କେତେଥର ଚାଲି ଯାଆନ୍ତି ଅଫିସକୁ । କାହିଁକି ଏ ସବୁ ହୋଇଛି ? କ'ଣ ସେମାନଙ୍କର ଦୋଷ ! ଏତେ ଆଦରର ପୁଅ ତାଙ୍କର, ତାକୁ ସେ ଆଜ ନିଷ୍ଠୁର ଭାବରେ ମାରିଛନ୍ତି । ତାଙ୍କ ସଂସାରରୁ ମାୟା ମମତାକୁ କିଏ ନିଃଶେଷ କରିଦେଲା ?

ଭାବୁ ଭାବୁ ଅରୁଣା ମୁଣ୍ଡ ଟେକି ଅନାଇଲେ । ସ୍ୱାମୀ ଓ ପୁଅ ଶୋଇ ପଡ଼ିଛନ୍ତି । ପରିଶ୍ରମର କ୍ଳାନ୍ତ ପରେ ଅଭୁକ୍ତ ଚନ୍ଦ୍ରମୋହନଙ୍କ ମୁହଁ ଆହୁରି ଶୁଖିଯାଇଛି । କରୁଣ ଦିଶୁଛି । ପଞ୍ଚତିରିଶ ବର୍ଷର ଯୁବକ ଚନ୍ଦ୍ରମୋହନ ପ୍ରୌଢ଼ ପରି ଦିଶୁଛନ୍ତି । ହାତର ଶିରା ଉପରକୁ ଦିଶୁଛି । ଟିଟୁର କାନ୍ଦୁରା ମୁହଁ ଝାଉଁଳି ପଡ଼ିଛି । ଧୂଳିଧୂସରିଆ ଦେହରେ ପ୍ୟାଣ୍ଟ-ଖଣ୍ଡିକ ଅଣ୍ଟା ତଳକୁ ଖସି ଆସିଛି । ଅରୁଣାଙ୍କ ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଲା । କାହିଁକି ସେ ଏମିତି କରିଲେ ! କଅଣ ଚନ୍ଦ୍ରମୋହନଙ୍କର ଦୋଷ ! ରକ୍ତ ପାଣି କରି ସେ ଖଟୁଛନ୍ତି । ଗଣ୍ଡାଏ ଖାଇବାକୁ ଦେବା ପରିବର୍ତ୍ତେ କେମିତି ସେ ଏତେ ଟାଣ କଥା ତାଙ୍କୁ କହିପାରିଲେ !

ଅସରା ଲୁହ ବାଧା ମାନୁନି, ଯେଷେଇ ବସିଛି । ଲୁଗାକୁ ରଖିଦେଇ ଚାଲି ଯାଉ ଯାଉ ସେ ଅଟକି ଗଲେ ନିଦ୍ରିତ ସ୍ୱାମୀ-ସନ୍ତାନଙ୍କ ନିକଟରେ । ସ୍ୱାମୀଙ୍କ ମଥା ଉପରେ ଲୁହ ଦି'ଟୋପା ଝରି ପଡ଼ିଲା । ନିଦରେ ଚନ୍ଦ୍ରମୋହନ କଡ଼ ଲେଉଟାଇଲେ । ଅରୁଣା ମୁଣ୍ଡତଳେ ତାଙ୍କର ତକିଆକୁ ସଜାଡ଼ି ଦେଲେ । ଶାନ୍ତ, ଧୀର, ଦେବୋପମ ସ୍ୱାମୀ ସେ ପାଇଛନ୍ତି, ଦୁଃଖ ତାଙ୍କର କିଛି ନାହିଁ । ଟିଟୁର ଗାଲ ଉପରେ ଲୁହଧାର ଶୁଖି ଯାଇଛି । ଆଦରରେ ଅରୁଣା ହାତ ବୁଲାଇ ଦେଲେ । ଝାମ୍ପୁରା ବାଳ କେରାଏ ମୁହଁ ଉପରେ ଯୋଡ଼େଇ ହୋଇ ପଡ଼ିଛି । କଳା କଳା ବଡ଼ ଆଖି ଦି'ଟା ନିଦରେ ବୁଜି ହୋଇ ରହିଛି । ସପନ ଦେଖି ଏଇନା ହୁଏତ ମା'କୁ ଡାକି ଉଠିବ । ମୁହଁ ଉପରୁ ତା'ର ଅଳିଆ ବାଳ କେରାକ

ଅରୁଣା ଆଡ଼େଇ ଦେଲେ । ଦୂରରୁ ଠାକୁରାଣୀଙ୍କ ମଣ୍ଡପରୁ ବାଜଣା ଶୁଭୁଛି । ପୁଅ ମୁଣ୍ଡରେ ହାତ ବୁଲାଇ ବୁଲାଇ ସେ ଆଖି ବୁଜିଲେ— "ସବୁ ମୁଁ ପାଇଛି ମା, ଆଉ କିଛି ମୋର ଦରକାର ନାହିଁ । ଏଇ-ମାନେ ଦୀର୍ଘାୟୁ ହୁଅନ୍ତୁ, ସବୁଦିନେ ମୁଣ୍ଡଟେକି ବାଟ ଚାଲନ୍ତୁ । ଯୁଗେ ଯୁଗେ ଏଇମାନଙ୍କୁ ମୁଁ ପାଏ ।"

ବାହାରେ ଶରତ୍ ଆକାଶଟା ଉଜ୍ଜ୍ୱଳ ଦିଶୁଛି । ଚକଚକ କରୁଛି ସପ୍ତମୀ ଚନ୍ଦ୍ର । ବୋଷଘର ପୂଜାମଣ୍ଡପରେ ଭୁଦାଇ ଭୁଦାଇ ବାଜଣା ବାଜୁଛି । ମା' ଆସୁଛନ୍ତି—ମହିଷାସୁରର ସମସ୍ତ ଚକ୍ରାନ୍ତ ବ୍ୟର୍ଥ କରି ମା' ଆସୁଛନ୍ତି ଏହି ପୃଥିବୀକୁ, ଏହି ଲୁହଧୁଆ ସୁନ୍ଦର ପୃଥିବୀକୁ······

———

Digitized by srujanika@gmail.com

ଇତିହାସ

କଥା କହ···କଥା କହ···କଥା କହ···

"ଦସ୍ୟୁ" କିରି ଲେଉଟାଇଲା । ମେଘାଚ୍ଛନ୍ନ ରାତିର ନିସ୍ତବ୍ଧତା ମଧ୍ୟରେ ସେଇ ସମାଗତ ଛଳ ଛଳ ଶବ୍ଦ ଆଉ ଟିକିଏ ସ୍ପଷ୍ଟ, ଆଉ ଟିକିଏ ଚଞ୍ଚଳ ହୋଇ ଉଠିଲା । କି କଥା ସେ କହିବ ? ରାତି ପରେ ରାତି ଏଇ ଗିରସ୍ଥ ଅରଣ୍ୟ ଚେଇଁ ଉଠେ, ମାଟି ଉପରେ କାନ ପାତି ଶୁଣିବାକୁ ଚାହେଁ ଅତୀତର କାହାଣୀ, କାଳର ପ୍ରବାହରେ ସୁଖ ଦୁଃଖର ଯେଉଁ ଝରାଫୁଲ ଭାସିଗଲା ତାହାର ଇତିକଥା; କିନ୍ତୁ ଶୁଣିପାରେନା । ଶୁଣି ମଧ୍ୟ ବୁଝି ପାରେନା ମହାମୌନ ଅତୀତର ସେଇ ନୀରବ ଭାଷା, ରାତିରେ ବନ୍ୟପକ୍ଷୀ କଣ୍ଠରେ ତା'ର ବ୍ୟାକୁଳ ଅନୁରୋଧ ଫୁଟି ଉଠେ—

'କଥା କହ, କଥା କହ···କଥା କହ···'

କେତେ ଜ୍ୟୋତ୍ସ୍ନାସ୍ନାତ ମୁଗ୍ଧରାତିର ସ୍ୱପ୍ନଭଙ୍ଗ କରି ନୀଳ ତାରାର ଚୁମ୍‌କି ଅଙ୍କା ଶାନ୍ତ ଆକାଶତଳେ ବନାନୀର ସେଇ ଆକୁଳ ପ୍ରଶ୍ନ ଧ୍ୱନିତ ହୋଇଛି; କିନ୍ତୁ ଦସ୍ୟୁ ଉତ୍ତର ଦେଇନାହିଁ । ସ୍ମୃତିର ଅକ୍ଷତ ନେଇ ସେ ବହି ଚାଲିଛି । ଆଜି କିନ୍ତୁ ସେହି ପୁରାତନ ଅନୁରୋଧରେ ଦସ୍ୟୁ ଚଞ୍ଚଳ ହୋଇ ଉଠିଲା । ଏହିପରି ତାରାହୀନ, ମେଘାଚ୍ଛନ୍ନ ରାତିରେ ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ତା'ର ଜ୍ୱଳନ୍ତ ସ୍ମୃତିର ଭାର ଅସହ୍ୟ ମନେହୁଏ । ମନେହୁଏ, କାହା ଆଗେ ପ୍ରକାଶ କରିପାରିଲେ ଯେପରି ଏଇ ଦୁର୍ବହ ଭାର ଟିକିଏ ଲାଘବ ହୋଇପାରନ୍ତା ।

Digitized by srujanika@gmail.com

କିନ୍ତୁ କି କଥା ସେ ଶୁଣାଇବ ଏ ଉତ୍ସୁକ ଆଗନ୍ତୁକମାନଙ୍କୁ ! ଦୀର୍ଘ ଯାତ୍ରା ପଥରେ ଇତିହାସର ଯେତେ ଶବ୍ଦ ତା'ର ମନ ତଳେ ସ୍ତୂପୀକୃତ ହୋଇଛି ତାହା ମଧ୍ୟରେ କାହାକୁ ସେ ଭାଷା ଦେବ ଏମାନଙ୍କ ପାଇଁ !

ବନଭୂମିର ବୃକ୍ଷ ସବୁ କଥା କହି ଉଠିଲେ—ଆମେ ଜାଣିବାକୁ ଚାହୁଁ ଏହି ମନୁଷ୍ୟର କାହାଣୀ । ମଟିର ବକ୍ଷ ଚିରି ଯେଉଁ ମାନବ ଗ୍ରାମ ପରେ ଗ୍ରାମ, ନଗର ପରେ ନଗର ଗଢ଼ି ଚାଲିଛି, ନିହାଣ ମୁନରେ ପଥର କାଟି ଯେ ଶତ ଶତ ମନ୍ଦିର ଗଢ଼ିଗଲା ତା'ର ଇତିହାସ ଆମେ ଜାଣିବାକୁ ଚାହୁଁ—ଜାଣିବାକୁ ଚାହୁଁ ତା'ର ଇତିହାସର ସତ୍ୟତା ।"

"ଇତିହାସର ସତ୍ୟ ! ସେ ସତ୍ୟ ଜାଣି ତମର କି ଲାଭ ହେବ ବନଭୂମି ? ପ୍ରକୃତିର ସ୍ନେହମୟ କୋଡ଼ରେ ଲାଳିତ ତୁମେ—ତୁମେ ସହ୍ୟ କରି ପାରିବ ନାହିଁ । ସେ ସତ୍ୟ ଯେ ଅତି ରୁକ୍ଷ ! ଅତି ତିକ୍ତ ! ତଥାପି ଶୁଣିବାକୁ ଚାହଁ ? ଶୁଣିବ ସେଇ ଲହୁଲୁହରେ ଗୁନ୍ଥା ଅତୀତ କାହାଣୀ···ଯାହା ଏଇ ଭୂମିର ଅଦୃଶ୍ୟ ମଣ୍ଡଳରେ ସ୍ତରେ ସ୍ତରେ ସଞ୍ଚିତ ରହିଛି ?"

ଦୟାର ଜଳବେଣୀ ଶିହରି ଉଠିଲା । ରୁଦ୍ଧ ଆତ୍ମାତତ୍ତ୍ୱ ସ୍ଫୁଟିବା ମୁକ୍ତି ଖୋଜୁଛି । ସ୍ୱପ୍ନାଲୋକ ଘେରି ଅତୀତର ଭଣ୍ଡାରରୁ ଦୟା ଆତ୍ମଗତଭାବରେ ସାଉଁଟି ନେଉଛି କେତୋଟି କଣିକା···

ସ୍ତବ୍ଧ ବନଭୂମି ଉତ୍କଣ୍ଠ ରହିଛି । ଶୁକ୍ଳା ନିଶୀଥିନୀର ଫେନିଳ ଧବଳିମା ଅଦ୍ଭୁତ ମାୟାଲୋକ ସୃଷ୍ଟି କରିଛି । ନିଶାଚର ପକ୍ଷୀର କଣ୍ଠରେ ଶୁଭୁଛି ସେ ଆକୁଳ ଆଗ୍ରହ···

କଥା କହ···କଥା କହ···

ଜଳସ୍ରୋତ ଗୁଞ୍ଜରି ଉଠିଲା । ଛଳ···ଛଳ···ଛପିଲା ଅତୀତ ମୁଖର ହେଉଛି । ମଉନ ମୁହୂର୍ତ୍ତ ଚଞ୍ଚଳ ହେଉଛି । ଫୁଟି ପଡ଼ିବ ଭାଷା—ପାଖୁଡ଼ା ପାଖୁଡ଼ା ବିଛେଇ ହୋଇଯିବ । ବନଭୂମିର ପ୍ରାଣରେ ଜାଗିବ ସ୍ପନ୍ଦନ···।

Digitized by srujanika@gmail.com

ମୂକସାକ୍ଷୀ ଦୟାକ୍ଷରର ଦୂର୍ବାଦଳ ଚେଇଁ ଉଠୁଛନ୍ତି । କ'ଣ ସେ ! ଜୀବନ ସୁନ୍ଦର କି ଅସୁନ୍ଦର ! ଅମୃତ କି ଗରଳ କ'ଣ ଅଛି ସେ ଇତିହାସରେ !

"ଏଇ ମାଟି ଏଇ ଘାଟ"—ଅନ୍ଧକାରର ବୁକୁ ଚିର ଦୟାର ଦୀର୍ଘନିଃଶ୍ୱାସ ସଞ୍ଚରିଗଲା ତରୁଶାଖାରେ । କି କଥା ଶୁଣାଇବ ? ନବୀନ ତୁମେ, ଶୁଣୁଚ ଜୀବନର କଳ-କଲ୍ଲୋଳଧ୍ୱନି, ଦେଖୁଚ ତାର ଚଳ-ଚଞ୍ଚଳ ଶ୍ରୀ । ଆମ୍ଭକୁ ଅପମାନ କରି ଯେଉଁ ଶୋଣିତର ଧାରା ବହିଗଲା ସେ ତୁମର କଳ୍ପନାର ଅତୀତ, ତା'ର ଉତ୍ତାପ ସହି ପାରିବ ତ ତୁମେ ! !

"କେତେ ବୀର, କେତେ ଯୋଦ୍ଧା, କେତେ ଶାସକଙ୍କ ପଦ-ପାତରେ ଘାଟଭୂମି ମୋର ମୁଖରିତ ହୋଇଛି । ତଟସ୍ଥ ହୋଇ ମୁଁ ଚାହିଁ ରହିଛି । ଏଇ ଜଳଧାରା ମୋର ଚଣ୍ଡାଶୋକଙ୍କର ଧ୍ୱଂସାରେ ରକ୍ତିମ ହୋଇଛି । ତାହା ପରେ ପୁଣି ଦେବେ ତରବାରୀ ଶୋଭିତ କରରେ ଅଭୟ ମୁଦ୍ରା ଫୁଟି ଉଠିଛି, ଧ୍ୱନି ଉଠିଛି—'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି'···କିନ୍ତୁ ବନଭୂମି, ସେ ଜୀବନ ଫେରି ଆସିନି; ଲକ୍ଷ ନିରୀହ ଜନତାର ଉଷ୍ଣରକ୍ତର ଧାର ମୋ ବକ୍ଷରେ ମିଶିଛି । ଆଜି ବି ସେ ଉଷ୍ମା ଆଣିଙ୍କ ଆଣେ । ଯେଉଁଠି ଆଜି ତୁମର ସବୁଜ ଫସଲ ଚେଇଁଉଠିଛି ନିରୀହ ଶିଶୁର ମେଦମାଂସ ସେ ମାଟି ଆର୍ଦ୍ର କରିଛି ।

ମନେ ପଡ଼େ ଆଜି ସେ ଅଶୁଭ ପ୍ରଭାତର ଦୃଶ୍ୟ । କମ୍ର ନମ୍ର ପ୍ରକୃତି ଚକିତ ହୋଇ ଉଠିଲା—ଦୂରରେ ଅଶ୍ୱଖୁରର ଶବ୍ଦ—ଶତ··· ସହସ୍ର···ଅଗଣିତ । ସେ ସେହି ଯୋଦ୍ଧା, ସେଇ ଧର୍ମଧ୍ୱଜ ଅଶୋକ । ଏଇ ଅଳ୍ପ ଦୂରରେ ଯେଉଁଠି ଦେଖୁଚ ରକ୍ତବର୍ଣ୍ଣର ବନଫୁଲର ଗୁଚ୍ଛ, ସେଦିନ ବି ସେଠି ଥିଲା କେତେ ଜାତିର ଫୁଲ···ମଧୁ ଗନ୍ଧରେ ମନରେ ମାୟା ଲଗୁଥିଲା । ଅବୋଧ ଦୁଇଟି ଶିଶୁ ସେଠାରେ ଖେଳି ବୁଲୁଥିଲେ । ଝିଅଟିର ଗଳାରେ ଥିଲା ବନହାର, ପୁଅଟିର ହାତରେ ଥିଲା ବଣଫଳ ! ଦିଗ୍‌ବିଜୟୀ ଅଶୋକଙ୍କୁ ସେମାନେ କୌତୁକ, କୌତୂହଳ ଭେଦି ଚାହିଁଥିଲେ । ଗୋଟାଏ ନିମିଷ ମାତ୍ର · ଚକ୍ରବର୍ତ୍ତୀର ବିଜୟୀ ଲିପ୍‌ସା ଥିଲା

Digitized by srujanika@gmail.com

ସୁଦୂରପ୍ରସାରୀ । ଘୋଡ଼ା ଛୁଟି ଚାଲିଲା ଆଗକୁ···ଆଗକୁ । ଥର ଥର ହୋଇ ଅରଣ୍ୟ କମ୍ପି ଉଠିଲା । ଦୁଇଟି ଶିଶୁର ଅସ୍ଥି ମଜ୍ଜା ଧୂଳି ସହିତ ଉଡ଼ି ଚାଲିଲା ସେ ବିଜୟୀର ବାର୍ତ୍ତା ପ୍ରଚାର କରିବାପାଇଁ···ମଣିଷର ଇତିହାସରେ ତାହା ନାହିଁ । ସେ ଧରି ରଖିଛି ବୀରତ୍ୱର ହିସାବ, ବିଶ୍ୱର ମହାମାନବର ମହିମା ।

କେତେ ଘୋଡ଼ା ତାହାପରେ ଏଠାକୁ ଆସିଲେ – କେତେ ବୀର, କେତେ ରକ୍ତଚକ୍ଷୁ ସମ୍ରାଟ୍ । ସେମାନେ କଳିଙ୍ଗର ସେହି ଅଜିତ ପରାଜୟର କଳଙ୍କକୁ ନିର୍ବିକାର ଚିତ୍ତରେ ମାନିନେଇ ପାରିଲେ ନାହିଁ । ଦେଶଜୟର ଦୁର୍ବାର ଇଚ୍ଛା ପୁଣି ସଞ୍ଚରିଗଲା ଏ ବୀରଭୂମିରେ । ସଂଗୃହୀତ ହେଲେ ସୈନ୍ୟ । ଘରେ ଘରେ ଆତଙ୍କ, ହାହାକାର । କେଉଁ ପରିବାରର ଏକମାତ୍ର ସନ୍ତାନ, ଏକମାତ୍ର ଅର୍ଜନକ୍ଷମ ଯୁବକ, କେଉଁ ଅବୋଧଶିଶୁର ପିତା, କେଉଁ ନବବିବାହିତା ତରୁଣୀର ପତି ରାଜାଦେଶରେ ସୈନ୍ୟ-ବାହିନୀକୁ ଗଲେ । ସେ ଦୃଶ୍ୟ ତମେ ଭାବି ପାରିବ ନାହିଁ । ସବୁଜ ଅନୁଭୂତି ତମର ବୀରତ୍ୱର ଝଙ୍କାର ନାମରେ ସେ ବୀଭତ୍ସ ଦୃଶ୍ୟ କଳ୍ପନା କରି ପାରିବନି । ରୁଗ୍ଣା, ଚକ୍ଷୁହୀନା ମାତାର ଏକମାତ୍ର ସହାୟ ଯୁବକ ମୃତ୍ୟୁ ସେ—ମା'କୁ ଛାଡ଼ିପାଇ ପାରି ନ ଥିଲା, ଯାବାପଥରୁ ଗୋପନରେ ଫେରି ଆସିଥିଲା ଗୃହକୁ, ଦେଶର ଅପମାନ ହେଲା, କଳିଙ୍ଗ ଭୂମିର ଅପମାନ ହେଲା । ଚୈତ୍ର ବୀର ବୀର ଖାରବେଳ ତାଙ୍କ ଜୟଯାତ୍ରା ପଥରେ ନିଜେ ତା'ର ଶିରଶ୍ଛେଦନ କଲେ । ଗଗନ ପବନରେ କ୍ଷୀଣରୁ କ୍ଷୀଣତର ହୋଇ ମିଶିଗଲା ତା'ର ଅକ୍ଷମ ଜରାଜୀର୍ଣ୍ଣମାତାର ଶେଷ ବିଳାପଧ୍ୱନି । ଇତିହାସ ଲେଖି ରଖିଲା ଚୈତ୍ରବୀରଙ୍କ ବିଜୟ କାହାଣୀ, ଅଜେୟ ସାହସ । ଅଦମ୍ୟ ବୀରତ୍ୱ । ସେଠି ମାନବିକତା ନାହିଁ, ମନୁଷ୍ୟ ପ୍ରାଣର ଅମୃତସ୍ରାବୀ ସୂକ୍ଷ୍ମଚେତନାର ସ୍ଥାନ ନାହିଁ, କେବଳ ସ୍ଥୂଳାଧାରରେ ଧରି ରଖିବାପରି ଆଡ଼ମ୍ବର—ଗୌରବ ।"

"ମଣିଷ ଇତିହାସ ସୃଷ୍ଟି କରିଛି । ଜୀବନକୁ ବାଦ୍ ଦେଇ ସେ ରଚିଛି ଇତିହାସ । ଚେତନାର ଗୋଟିଏ ସ୍ପନ୍ଦନରେ କେତେ ପୃଷ୍ଠା କେତେ ଗ୍ରନ୍ଥ ଲିପିବଦ୍ଧ ହୋଇଯାଏ, ସେ ତା'ର ଧାରଣାରେ ନାହିଁ । ଶିଳାଗାତ୍ର ଭେଦି ଉଠିଛି କୀର୍ତ୍ତିର ସମ୍ଭାର, ରାଜପୁରୁଷଙ୍କ କୀର୍ତ୍ତି, ଶାସକଗୋଷ୍ଠୀର

Digitized by srujanika@gmail.com

ବଡ଼ପଣ । ସବୁ ଅପୂର୍ବ, କିନ୍ତୁ ସେ ଚିରାଚରିତ ସଂଯୋଗ ସୂତ୍ରକୁ ଏ ମଣିଷ ଭୁଲିଯାଇଛି । ଗଢ଼ାହୋଇଲା ଦେବ ଦେବ ମହାଦେବଙ୍କ ପୀଠ, ଏକାମ୍ର କାନନର ସ୍ୱରୁ କଳାମୟ ମନ୍ଦିର । ଧର୍ମପ୍ରାଣ ନରପତିଙ୍କ ଅକ୍ଷୟକୀର୍ତ୍ତି ଦିଗ-ଦିଗନ୍ତରେ ବିଖ୍ୟାତ । ଶିଳାଗାତ୍ରରେ ଫୁଟି ଉଠିଲା ଲକ୍ଷ ଲୀଳାକମଳ, ପାଷାଣବକ୍ଷରେ ଶୁଭିଲା ଅଗଣିତ ରୂପସୀଙ୍କ କିଙ୍କିଣୀଧ୍ୱନି । ଚପଳ ଅଙ୍ଗ-ଲତାରୁ ଝରିଲା ପଦ୍ମଗନ୍ଧ, କସ୍ତୁରୀଗନ୍ଧ । କଳାର ଆଲେଖ୍ୟ—ହରିହରଙ୍କ ମିଳନପୀଠ । ସବୁ ମୁଁ ଦେଖିଛି । ତରଙ୍ଗ ମୋର ସ୍ଥିର ହୋଇଛି । ଦୂରସ୍ଥ ପ୍ରାନ୍ତରରେ ଲୁହାର ଆଘାତରେ ଅଗ୍ନି ସ୍ଫୁଲିଙ୍ଗ ଜାତ ହୋଇଛି । ଖଣ୍ଡିକପରେ ଖଣ୍ଡେ ପଥର । ମୋ କୂଳର ଶାନ୍ତ ଜନତା କ୍ଲାନ୍ତ ହୋଇଛି । ପରସ୍ତ ପରେ ପରସ୍ତ ଚମଡ଼ା ଉଠୁଛି । ପଥର ଭିତରେ ନାକମୁଖ ଦେଇ ରକ୍ତର ଝଲକ ଉଠିଛି; ତଥାପି ବିଶ୍ରାମ ନାହିଁ । ଦେବଭୂମି ଉତ୍କଳରେ ଏ ତ୍ୟାଗ କିଛି ନୁହେଁ । ରାଜାଙ୍କ ଆଦେଶ । ଟଳି ପଡ଼ୁଛି ମଣିଷ—କିଶୋର ଯୁବକ—ବୃଦ୍ଧ । ମୋ'ର ଧାର ପାଖେ କୁଳବଧୂର କରର କଙ୍କଣ ଭୁଟିଯାଇଛି, ସୀମନ୍ତର ଗାର ଲିଭିଯାଇଛି । ରାଜାର କୀର୍ତ୍ତି ରହିଛି ଇତିହାସରେ । କୋଟି ଆଶାରେ କୁସୁମିତ ଲଜ୍ଜାନମ୍ର ବଧୂର ବୈଧବ୍ୟର କାତର କ୍ରନ୍ଦନ ସେ କୀର୍ତ୍ତିର କଲ୍ଲୋଚ୍ଛ୍ୱାସ ତଳେ ଲୁଚିଯାଇଛି ।"

ଉଷାର ଝଲକ ବନଭୂମି ଉପରେ ଅବିର ରାଗ ଆଣି ଦେଉଛି । ରଜନୀର ମୁଖର ଅରଣ୍ୟାନୀ ବକ୍ଷରେ ନଇଁ ଆସୁଛି ତନ୍ଦ୍ରାର ଶିଥିଳତା । ଦୟାର ଭ୍ରୂକ୍ଷେପ ନାହିଁ । ଆତ୍ମବିଭୋର ଦୟା ଯୁଗଯୁଗାନ୍ତରର ଇତିହାସ ବାଡ଼ି ଚାଲିଛି, ବଖାଣି ଚାଲିଛି ଇତିହାସର ସତ୍ୟ । ମୂକସାକ୍ଷୀ ସେ ଆଜି ମୁଖର ହୋଇଛି । ଏ କଥାର ଶେଷ ନାହିଁ ।

"ଇତିହାସର ବିଭ୍ରମ ! ଇତିହାସର ଧାରା !! ସେଇ ହିଂସା, ସେଇ ଅର୍ଥହୀନ ମୃତ୍ୟୁ—ଅନ୍ତଃସଲିଳା ଫଲ୍‌ଗୁସମ ମଣିଷ ହୃଦୟର ଯେଉଁ ବ୍ୟଥା, ବେଦନା, ଆବେଗ—ଅନୁରାଗ, ହାସ୍ୟ—ଅଶ୍ରୁର ଅମୃତ ନିର୍ଝର-ତାକୁ ଚାପିଦେବାର ସେଇ କଠୋର ପାଷାଣ ଭିତରେ ଇତିହାସର—।"

ଦୟା ସ୍ତବ୍ଧ ବିସ୍ମୟରେ ଚାହିଁଲା—ପକ୍ଷୀର କୂଜନରେ ତୀରଭୂମି ଜୀବନ୍ତ ହୋଇ ଉଠିଛି । ଲାଲ କୁସୁମର ସ୍ତବକ ଆଢୁଆରି ଲାଲ ଦିଶୁଛି ।

Digitized by srujanika@gmail.com

ସରଳ ସୁକୁମାର ଦୁଇଟି ଶିଶୁ ଛୋଟ ଛୋଟ ପାଦର ଅଗଟିପରେ ଛିଡ଼ା-ହୋଇ ତୋଳିବାକୁ ହାତ ବଢ଼ାଉଛନ୍ତି । ବାୟୁର ହିଲ୍ଲୋଳରେ, ପ୍ରଭାତର ଶୀତଳତାରେ ଦୁଇଟି ନିଷ୍ପାପ କଳିକା ହସି ଉଠିଛନ୍ତି ।

"ନା, ନା, ଯାହା ମୁଁ କହିଛି ସବୁ ଭୁଲ । ହିଂସା ସତ୍ୟ ନୁହେଁ, ମୃତ୍ୟୁ ସତ୍ୟ ନୁହେ । ହିଂସାର କଳଙ୍କକୁ ଉପହାସ କରି, ଯୁଗ ଯୁଗର ଅବସାଦ ଠେଲି ମୃତ୍ୟୁର କୁକ୍ଷି ମଧ୍ୟରୁ ଅଜେୟ ଜୀବନଧାରାର ଏଇ ଆତ୍ମପ୍ରକାଶ, ପ୍ରାଣର ଏଇ ନିତ୍ୟ ଆବର୍ତ୍ତନ—ଏହାହିଁ ଇତିହାସର ଚରମ ସତ୍ୟ ।"

ବହୁପୂର୍ବରୁ—ପ୍ରଭାତର ପ୍ରଥମ ଆଲୋକ ସାଥେ ସାଥେ ବନଭୂମି ଶୋଇ ପଡ଼ିଛି ।

———

Digitized by srujanika@gmail.com

ଛାୟା ହୋଇ ଯାହା

ଅଣ୍ଟା ନଇଁଲା ସାତପୁରୁଷର କାନ୍ଥ ଉପରେ ଭରା ଦେଇ ନଧିଆ ମା ବସି ପଡ଼ିଲା । ମୂଳମୂଳକା ପାଚିଲା ଠେଙ୍ଗା ପାଖରେ ଡେରା ହୋଇଛି । ଆଖି ଉପରେ ଧଳା ପରଦାର ଜାଲ । ଶିଚାକୁଟା ଗୋଡ଼ା ଚକ ଚକ ଦେହଟା ଚମ୍ପାଳିଆ ପଡ଼ି ଗଲାଣି । ମୁଣ୍ଡରେ ଖାଲି ଖୋଷ ପରି ବୋଢେ ବାଳ, ଜଟ ହୋଇ ଗଲାଣି ।

"ବାବୁ, ଏ ଘରକୁ ଛାଡ଼ି ଯିବାକୁ ତମ ମନ ବଳୁଛି ? ସାତ ପୁରୁଷର ଉହ ମାଟି ଛାଡ଼ି ଶେଷରେ ସହରକୁ ଗଲ ? ବୋହୂ, ତେମେ ମନା କର ବା, ଏ ଜମିବାଡ଼ି ସବୁ ବିକିଦେବ ? ସହରରେ କ'ଣ ଆଉ ଜମି କିଣିବ ?"

"ନାଇଁଲେ ନଧିଆ ମା, ସହରରେ କ'ଣ ଚାକିରି ମିଳୁନି ? ଯୋଉ ପ୍ରକାର ଖୋଜିବ, ସାହାକୁ ଯେତେ···"

"ଶେଷକୁ ଏଇୟା କରିବ ବାବୁ ? ବୁଢ଼ୀ ସାଆନ୍ତାଣୀ, ବୁଢ଼ା ସାଆନ୍ତ, ବଡ଼ବାବୁ, ମଝିଆଁ ବାବୁଙ୍କ ଆତ୍ମା ପାଣି ପାଇବ କି ?"

କାହିଁ କେଉଁ ଗାଁର ଚଷାଘର ଝିଅ ସେ, ପନ୍ଦର ବରଷରେ ଏଇ ଗାଁକୁ ବୋହୂ ହୋଇ ଆସିଥିଲା । ହେଲେ ଏଇ ପଟ୍ଟନାୟକ ଘରେ ତା'ର ଜୀବନ, ତା'ର ସୁଖ ଦୁଃଖ । ଅଶୀ ବର୍ଷର ବୋହଲା ଅଣ୍ଟା । ଏଇ ଉହ, ଏଇ ଘରର ଲୁଣିଖିଆ, ଧୂଣଧରା ପେଟେଇଲା କାନ୍ଥ, ବାଡ଼ି ବାଡ଼ି ସୁନା-ଫଳିଲା ଜମି, ଇଷ୍ଟ ଦେବତାଙ୍କ ମାଣ୍ଡକାନ୍ଥ—ସବୁଠି ତା'ର ଆତ୍ମା ମିଶି

Digitized by srujanika@gmail.com

ରହୁଛି । ପଟ୍ଟନାୟକ ଘରକୁ ଗୁଡ଼, ତା'ର ସ୍ଥିତି ନାହିଁ, ତା'କୁ ଗୁଡ଼ ପଟ୍ଟନାୟକ ବଂଶର ଇତିହାସ ନାହିଁ ।

ପଟ୍ଟନାୟକ ବଂଶର ପୁଅ ଏଇ ଶୁଭକାନ୍ତ, ପାଠପଢ଼ା ପୁଅ ସହରରେ ବଡ଼ ଚାକିରି କରୁଛନ୍ତି । ଯାଙ୍କର ବାପାଙ୍କ ଅମଳରେ ସେ ବୋଧେ ହୋଇ ଏଇ ମାଣିକଝରଗାଁରେ ପାଦ ଦେଇଥିଲା । ସେତେବେଳେ ବୁନିଆଦର ଥାଟରେ ପଟ୍ଟନାୟକ ଘର ପୂର ଫାଟି ପଡ଼ୁଥିଲା । ଗାଁ ଗୋଟାକର ହାକିମଭ ମୁଣ୍ଡେଇ ଜଗଦ୍ଧାତ୍ରୀ ରୂପ ନେଇ ବସୁଥିଲେ ବୁଢ଼ୀ ସାଆନ୍ତାଣୀ ଚିନାମାଳ । ସେ ଆଜକୁ ଷାଠିଏ ବର୍ଷ ତଳର କଥା । ସେଇ ଘର ଅଛି, ହେଲେ ସେ ଥାଟ ନାହିଁ, ସେ ବୁନିଆଦ ନାହିଁ । କଏ କୁଆଡ଼େ ବଛେଇ ହୋଇଗଲେ । ଏଇ ଘରର ବୋଧେ ବୁନିଆଦର ମାନ ସମ୍ମାନ ଗୁଡ଼ ପର ଘର କଥାରେ ଦାଣ୍ଡରେ ଠିଆ ହେଲେ । ଏଇ ଶୁଭକାନ୍ତ ବେବର୍ତ୍ତା ପଟ୍ଟନାୟକ···କାଲି ପରି ମନେ ହେଉଛି ନିଧିଆ ମା'ର ··ଜନ୍ମ ହେଲ ବେଳେ ଗାଁ-ସାରା ଆଠଦାନ ଯାଏ ମଉଛବ ହୋଇଥିଲା । ବଦା କାଠି ପରି ଖଣ୍ଡି ଖଣ୍ଡି ପଞ୍ଜରା ଭିତରୁ ଗମ୍ଭୀର ନିଃଶ୍ୱାସଟାଏ ବାହାରି ଆସିଲା ।

ଆଠ ବରଷ ପରେ ଶୁଭକାନ୍ତ ଆସିଛନ୍ତି ଗାଁକୁ । ସାଙ୍ଗରେ ସ୍ତ୍ରୀ ସୁରବାଳା । ଦୁଇ ପୁଅ । ସ୍ତ୍ରୀ ସହରର ଝିଅ, ଅତି ଆଧୁନିକା । ବାହାଘରର ପନ୍ଦର ବରଷ ହେଲାଣି । ମାଣିକଝର ଗାଁରେ ପ୍ରଥମେ ତାଙ୍କ ପାଦ ପଡ଼ିଲା । ଏଇ ଶେଷ । ଆସିଛନ୍ତି ଗାଁର ସବୁ ଜମି, ଘର ବିକି ଦେଇ ସହରକୁ ଚାଲିଯିବେ । ଯେଉଁ ଧୂଳି ମାଟି ଭିତରେ ଦିନଟାଏ ବି ଚଳିବା କଷ୍ଟ, ସେଠି ବାଟି ବାଟି ଜମି, ପୁରୁଣାକାଳିଆ ଗୁଡାଏ ଘର ରଖି ଲାଭ କ'ଣ ? ବରଂ ସହରରେ ଘର କିଣି ଭଡ଼ା ଲଗାଇବା ଲାଭ ।

କେଉଁ କାଳର ପଥର ଅଗଣାରେ ଜମା ହୋଇଛି ଘରଯାକର ଜିନିଷ । ବାଛି ବାଛି ବ୍ୟବହାର୍ଯ୍ୟ ଜିନିଷ କେତୋଟା ନେଇ ଆଉସବୁ ବାଣ୍ଟିଦେବେ । ଧୂଳି ଭୟରେ ନାକରେ ରୁମାଲ ଦେଇ ବାରଣ୍ଡାରେ ଛିଡ଼ା ହୋଇଛନ୍ତି ସୁରବାଳା । ଗାଁର କେତୋଟି ଝିଅ ବହୁରୂପ ଓ କୌତୂହଳ ନେଇ ଦୁଆର ପାଖରୁ ଚାହୁଁଛନ୍ତି ।

Digitized by srujanika@gmail.com

ପୁରୁଣା ବେତପେଟରା, ସିନ୍ଦୁକ, ଆଲମାରୀ ଝାଡ଼ ଗୋଟିକ ପରେ ଗୋଟିଏ କାଢ଼ିବା ବାହାର କରୁଛି ବୁଢ଼ା ଚାକର ମଣିଆ । ହାତରେ ପଟେ ବଡ଼ ଥାଳ ଧରି ସେ କହିଲା, 'ବାବୁ ଏଇଟା ଦେଇଦେବ ?' ଶୁଭକାନ୍ତ ଚାହିଁଲେ ବଗାଟ ଥାଳଟିକୁ । ଚମକ ପଡ଼ିଲେ, ମନେ ପଡ଼ିଗଲା ପିଲାଦିନର କଥା । ତାଙ୍କର ବାପା, ଦାଦା ପ୍ରଭୃତି ଚାରିଭାଇ ଏକାଠି ଖାଇବେ ବୋଲି ଜେଜେବାପା ତାଙ୍କର ଏ ଥାଳ କିଣି ଆଣିଥିଲେ । ଆହୁରି ଥିବ···ହଁ, ଏଇ କଂସା ପଟକ···ଚାରି ସାଆଁଙ୍କର ପଖାଳଖିଆ କଂସା । ଗୋପୀନାଥ ପଟ୍ଟନାୟକଙ୍କ ମୁହଁ ଭାସି ଉଠିଲା···ଦିଶିଗଲା ଟୀନାମାଳଙ୍କର ଗମ୍ଭୀର ଉଜ୍ଜ୍ୱଳ ଆଖି ଦୁଇଟା ତାଙ୍କୁ ଭର୍ତ୍ସନା କରୁଛି । ତାଙ୍କର ଜେଜେବାପା, ଜେଜେ ମା'···ତାଙ୍କର ବାପା ବଡ଼ବାପା ଦାଦା ପ୍ରଭୃତି ଚାରିଭାଇଙ୍କର ବାପା ମା···

କନ୍ଧିଆ ମା କହି ଉଠିଲା, 'ଶୁଭ ବାବୁ, ଯାଙ୍କୁ ରଖ···କେତେ ଶରଧାରେ ବୁଢ଼ା ସାଆନ୍ତ, ବୁଢ଼ୀ ସାଆନ୍ତାଣୀ କିଣି ଆଣିଥିଲେ ପୁଅ-ବୋହୂଙ୍କ ପାଇଁ ।'

ଶୁଭକାନ୍ତଙ୍କ ଆଖିରେ ନାଚୁଛି ସେ ଦିନର ଛବି । କାକର ଭିଜା ମଥାନ ଉପରୁ ଧୂଆଁ ବୁଲି ବୁଲି ଉପରକୁ ଉଠୁଛି । ସୁନେଲି ଖରା ଝକ ଝକ କରୁଛି ଚାଳ ଛପର ଉପରେ । ଭିତର ଘରର ମାଟିଲିପା ଚକ୍‌କଣ ଚଟାଣ ଉପରେ ପଖାଳ ଖାଇ ବସିଛନ୍ତି ତାଙ୍କର ମା, ବଡ଼ମା, ଖୁଡ଼ୀ··· ଶାଗଖରଡ଼ା, ବଡ଼ିଭଜା, ଶୁଖୁଆପୋଡ଼ା···ସିନ୍ଦୂରଟୋପା ସବୁ କପାଳରେ ଦାଉ ଦାଉ ଜଳୁଛି । ମଝିରେ ସେଇ କଂସା । ଶୁଭକାନ୍ତ ତାଙ୍କର ଟିକି ହାତକୁ ବୁଡ଼ାଉଛନ୍ତି ସେ କଂସାଭିତରେ । ସ୍ନେହରେ ବଡ଼ମା ଚନ୍ଦ୍ରମଣି ତାଙ୍କ ପାଟିରେ ଟିକିଏ ଦେଉଛନ୍ତି ।

ସେଇ ଭିଜା ମଥାନ ପରି ଶୁଭକାନ୍ତଙ୍କ ଆଖିପତା ଓଦା, ଧୂଆଁ ଲଅ ହୋଇଗଲା

ସୁରବାଳା ଚିଡ଼ି ଉଠିଲେ, 'ତମେ ଯା କନ୍ଧିଆ ମା, କାମ ସରୁ, ଆସିବ ।' ମନକୁ ମନ ସେ ଗରଗର ହେଲେ, ଏ ଥାଳ କଂସା ରହି ବେପାର ହେବ । ଭାରି ହେଉଛି ଯେ ତଳୁ ଉଠେଇ ହବନି ।

Digitized by srujanika@gmail.com

ଦଶବର୍ଷର ପୁଅ ପାଟିକରି ଉଠିଲା, 'ମା ଏଇଟା କ'ଣ ?'

ସୁରବାଳା ପାଖକୁ ଆସିଲେ । ସାନ ବେତପେଡ଼ିଟିରେ ° ସାଇତା ହୋଇଛି ହଳଦିଆ ଖଡ଼ଗୋଟାଳ ପରି କଅଣ ଗୋଟିଏ, ଗୁଆପରି ଆକାର ହୋଇଛି । ସ୍ୱାମୀଙ୍କୁ ଦେଖାଇଲେ । ଶୁଭକାନ୍ତ ଉଦାସ ହୋଇ ପଡ଼ିଲେ । ଲକ୍ଷ୍ମୀଠାକୁରାଣୀଙ୍କ ପ୍ରଶାଦ । ଏ ସୁନାଗୁଆ—ବଧୂବରଣ କରି ଏଇଟି ଟେକି ଦେବାକୁ ହୁଏ ବୋହୂ ହାତକୁ । ପୁରୁଷ ପରେ ପୁରୁଷ ଏମିତି ଏ ବଂଶର ସମ୍ମାନର ଭାର ଶାଶୁମାନେ ଟେକି ଦେଇଛନ୍ତି ବୋହୂ ହାତକୁ । ସବୁ ଶୁଣି ସୁରବାଳା ମୁହଁ ଘୁଷିଲେ । ଏ ଗୋଟାଏ ସୁଆଙ୍ଗ । ରଖ ତା'କୁ । ଘରକୁ କ'ଣ ଗୋଟାଏ ଗଢ଼େଇ ଦେଲେ ହବ ।

ନଧିଆ ମା'ର ଆଖିଡୋଳା ସତେ କି ଲେଉଟି ପଡ଼ିବ 'ବୋହୂ, ଏ କି କଥା ତମେ କହୁଛ ? ଲକ୍ଷ୍ମୀଠାକୁରାଣୀ ସେ, ତାଙ୍କୁ ବଦଳାଇବା କରିବା କଥା ମୁହଁରେ ଧରୁଛ ?'

ବଡ଼ ପୁଅ ପାଟିକଲା, 'ଏ ବୁଢ଼ୀଟା କାହିଁକି ଏଠି ଏମିତି ହେଉଛ ? କିଛି କାମ କରେଇ ଦେଉ ନା ।'

ନୂଆ କରି ସେମାନେ ମଫସଲକୁ ଆସିଛନ୍ତି । ଦୁଇଟା ଦିନରେ ବ୍ୟସ୍ତ ହେଲେଣି, ଚଞ୍ଚଳ ପଳେଇଲେ ଯାଏ ।

ଗୋଟିଏ ଜିନିଷ ଉପରେ ଶୁଭକାନ୍ତଙ୍କର ଆଖି ପଡ଼ିଲା । କାଇଁଚ ପେଡ଼ି······ରଙ୍ଗ ଫିକା ପଡ଼ି ଆସିଲାଣି । ଭିତରେ ଖୋପ ଖୋପ ହୋଇଛି । ମନେପଡ଼ିଲା—ଜେଜେ ମା' ଚୀନାମାଳଙ୍କ କଥା—ଏଇ ମସଲା ପେଡ଼ିଟିକୁ ସାଙ୍ଗରେ ନେଇ ଯେତେବେଳେ ସେ ରୋଷେଇଘରକୁ ଯାଉଥିଲେ, ପୁଅମାନେ ମା' ହାତର ରନ୍ଧା ଖାଇବେ ବୋଲି ଖୁସି ହେଉଥିଲେ ।

ଅସଂଖ୍ୟ ପ୍ରକାର ମସଲା···ବଗିଚାରେ ଗାଁ ମହକୁଥିଲା । ସମସ୍ତେ ଟାକି ରହୁଥିଲେ ତାଙ୍କ ରନ୍ଧା ତରକାରି ଟିକିଏ ଖାଇବାକୁ । ସୁରବାଳା ପେଡ଼ିଟିକୁ ଫୋପାଡ଼ି ଦେଇଛନ୍ତି । ଶୁଭକାନ୍ତଙ୍କର ମନେହେଲା ସେ ପେଡ଼ି

Digitized by srujanika@gmail.com

ଉପରେ ସେ ଦେଖୁଛନ୍ତି ଚୀନାମାଳଙ୍କର ଗୋରା ଚକଚକ ଲଙ୍ଗଳା ହାତଟା । ଗୋଟିଏ ବି ଭାଙ୍ଗ ପଡ଼ନି । ଲହୁଣୀ ପରି ନରମ । ସେ ମୁହଁ ବୁଲାଇଲେ ।

ସବୁ କାମ ସରିଗଲା । ଆଗପଛ ହୋଇ ଚାରିଖଣ୍ଡ ଶଗଡ଼ ଚାଲିଛି । ଗାଁ ସହିତ ସବୁ ସଂପର୍କ ତୁଟାଇ ଶୁଭକାନ୍ତ ସହରକୁ ଯାଉଛନ୍ତି । ପଥର ବାଡ଼ କଟେ କରେ ଧୂଳି ଉଡ଼ାଇ ଶଗଡ ଆଗକୁ ଚାଲିଛି । ପିଲାମାନେ ଖୁସୀ । ସୁରବାଳା ନିଶ୍ଚିନ୍ତ । ଶୁଭକାନ୍ତ ପଛକୁ ଚାହିଁଛନ୍ତି । ଚାଲିଛପର ପଥରପାଚେରି ନଇଁ ପଡ଼ୁଛି । ବାଡ଼କର କାଇଁଚ ଗଛରୁ କାଇଁଚ ଫୁଟି ବାଟ ଉପରେ ପଡ଼ିଛି···ସେଇ ଶୁଖିଲା ମାଟି ଉପରେ ଧୂଳି ସରସର ଦେହରେ ଟ୍ରେଟ ଟ୍ରେଟ ହାତରେ ଛଡ଼ାଛଡ଼ି ହୋଇ କାଇଁଚ ଗୋଟାଉଛନ୍ତି—କିଏ ? କିଏ ସେମାନେ ?

ମଙ୍ଗଳାଙ୍କ ବୁଢ଼ା ବରଗଛ ଭିତରୁ ପବନରେ ଶବ୍ଦ ହେଉଛି ସ୍ସ୍ । ଶୁଭକାନ୍ତ ଚମକି ଉଠିଲେ । ବୁଢ଼ା ବରର ଓହଳଚଳୁ ଉଙ୍କିମାରୁଛି ସେ ଦିନର ଧୂଳିଖେଳର ହାଣ୍ଡି ଚୂଲି—ବଣଭୋଜିର ସାଜ ସରଞ୍ଜାମ । ଓହଳ ଦୋଳି ଉଠିଯାଉଛି ଉପରକୁ, ମନ-ପବନଦୋଳି—ଛୁଆ ପିଲାଙ୍କର କଚ କଚ ହସ, ଗହଳ ଚହଳରେ ବୁଢ଼ୀ ମଙ୍ଗଳା ହସୁଛନ୍ତି । ଉଚ୍ଛୁଳା ପବନରେ ତାଙ୍କ କଳା ଶାଢ଼ୀର ପଣତ ଉଡୁଛି । ଝୁଣା, ଗୁଗୁଳରେ ଥାନ ମହକି ଉଠୁଛି ।

ବାଗ ପୋଖରୀର ଧାରେ ଧାରେ କୋଚିଲାବଣ ଭିତରେ ଶୁଭକାନ୍ତଙ୍କ ମନ ଚାଲିଗଲା ବୁଢ଼ା ମହାଦେବଙ୍କ ପୀଠ ଉପରକୁ । ବାଗ ପୋଖରୀର କାଚକେନ୍ଦୁ ପାଣି ଉପରେ ବହଳ ଚେଳ । ବନ୍ଧରୁ ପଥର ଖସିଲାଣି । ମନେ ହେଲା କୋଚିଲାବଣ ଭିତରୁ ବାହାରି ଆସୁଛନ୍ତି ମନୁ ଆଉ ରାଧା—ତାଙ୍କର ଭାଇଭଉଣୀ, ପୃଥ୍ୱୀ ନ ଫୁଟୁଣୁ ଯିଏ ଏଇ ଗାଁ ମାଟିରେ ଝଡ଼ି ପଡ଼ିଥିଲେ । ଲୁହ ଡବଡବ ବଡ଼ ବଡ଼ ଆଖି ଚାରିଟା ତାଙ୍କର ଆଡ଼କୁ ଚାହିଁ ରହିଛି । ପିଲାଦିନର ଲୁଚକାଳି ଖେଳରୁ ସେମାନେ ଓହରି ଯାଇଥିଲେ କେଉଁ ଅଜଣା ପୁରକୁ । ଦୂରରୁ ଦିଶୁଛି ଟ୍ରେଟ ବଡ଼ ପଥର ଦେଉଳ—ତାଙ୍କର ପିତୃପୁରୁଷଙ୍କ ସମାଧି । ବେବର୍ତ୍ତା ପଟ୍ଟନାୟକ

Digitized by srujanika@gmail.com

ବଂଶର ଅସୁମାର ଆତ୍ମା ତା'ର ଭିତରେ ଅଛନ୍ତି । ଆଜି ବି ଅଛି ସେଠି ସୁନାର ଫୁଲର ମଉଛବ, ଶ୍ଳଶବର୍ଷ ତଳର ସେଇ ମିଠା ମହୁଆ ଗନ୍ଧ । ଜଗନ୍ନାଥ ପଟ୍ଟନାୟକ—ହୃଷୀକେଶ ପଟ୍ଟନାୟକ—ଗୋପୀନାଥ ପଟ୍ଟନାୟକ —ନବଘଞ୍ଜ ଘରର ପରଦାଚଳେ ଏଇଠି ସେମାନେ ଉଠି ବସନ୍ତି— ଦାଣ୍ଡଘରଜଲା ପଟ୍ଟନାୟକ ଘରର କାନ୍ଥକୁ ଗ୍ଭହିଁ ସ୍ତବ୍ଧ ହୁଅନ୍ତି । ଜୁଆଳିଆ ନିଶ ଚନ୍ଦ୍ରାରେ ନଇଁ ଆସେ, ବାଘୁଆ ଆଖି ଉଦାସ ହୁଏ—ପଚ୍ଛପଟେ ଟାଙ୍ଗରା ମୁଣ୍ଡିଆ ଲବଣଗିରି । ନାଲି ମାଙ୍କଡ଼ା ପଥର ଚେକା ଉପରେ ପଟ୍ଟନାୟକ ବଂଶର କୁଳବୋହୂ ସବୁ ସମାଧିରୁ ଉଠି ଏକାଠି ହୁଅନ୍ତି ।

ନୂଆସାଇ ମୁଣ୍ଡରୁ ଶଗଡ଼ ଗ୍ରାମଟାଙ୍କି ବାଟ ଧରିଲା । ଟିକିଏ ମୁଣ୍ଡ କାଢ଼ି ଶୁଭକାନ୍ତ ଦେଖିଲେ ଗ୍ରାମ ପାଦ—ପଥର ଉପରେ ପାଦଚିହ୍ନ । ସବୁ ପଛକୁ ପଡ଼ିଯାଉଛି । ବଧିଆ ମା'ର ପାଟି କାନରେ ବାଜୁଛି—ଏ ଘରୁ ଶିଖ ଭୁଟେଇ ଗ୍ଭଲିଯିବ ଶୁଭବାବୁ ? ସାଆନ୍ତମାନଙ୍କ ଆତ୍ମା ଶାନ୍ତ ହବଟି ? ଶୁଭକାନ୍ତ ଅସ୍ଥିର ହୋଇପଡ଼ିଲେ । ଆଗକୁ ପଛକୁ ଗ୍ଭହିଁଲେ । ଦୂରରେ ଲଙ୍ଗଳା ଛୁଆ କେତୋଟି ଖେଳୁଛନ୍ତି । ଶଗଡ଼ ମୋଡ଼ ଘୂରିଲା, ଗାଁ ଲୁଚି ଗଲାଣି । ସେ ଜୋର୍ କରି କହି ଉଠିଲେ, "ଏତେ ଦିନକେ ଗୋଟାଏ ଜଞ୍ଜାଳ ଗଲା । ଏ ଗାଁ ଯାହା ହେଲାଣି ଏଠି ଚଳିବା ଅସମ୍ଭବ । ଏଥର ମଣିଷ ନିଶ୍ଚିନ୍ତ ।"

ସୁରବାଳା ଉତ୍ସାହରେ କହିଲେ, "ନୂଆ କଥାଟାଏ କ'ଣ କହିଲ ? ଦଶବର୍ଷ ହେଲା ସେଇ କଥା ବୁଝେଇ ବୁଝେଇ ଆଜିକ ମୁଣ୍ଡରେ ପଶିଲା, ସେତିକ ମୋ ଭାଗ୍ୟ ।"

— — —

Digitized by srujanika@gmail.com

ଆମ୍ଭ-ଭୂ

ବାପା ସଞ୍ଜବେଳେ ଘରୁ ଗଲେ । ରଞ୍ଜୁର ବାପା ଆଉ ମଂଟୁର ଭାଇ ମଧ୍ୟ ବାପାଙ୍କ ସାଙ୍ଗରେ ଯୁଦ୍ଧକୁ ଗଲେ । ବାପା ବୋଧହୁଏ ଟିକିଏ ଡରୁଆ । ମା ବି । ନ ହେଲେ ଗଲାବେଳେ ବାପା ଆଉ ମା ଦହେଁଯାକ କାନ୍ଦିଲେ କାହିଁକି ? ମତେ ଲଜ ମାଡ଼ୁଥାଏ । ଏତେ ଡରୁଆ କଅଣ ହବମ ! ମାଷ୍ଟ୍ରେ ତ କହୁଥିଲେ, ଦେଶପାଇଁ ଯୁଦ୍ଧ କରି ମଲେ ସ୍ୱର୍ଗକୁ ଯାଆନ୍ତି (ବାପା ସ୍ୱର୍ଗକୁ ଗଲେ କି ମଜା ହୁଅନ୍ତା !) ସଚି ଭାଇ ଯୁଦ୍ଧରେ ମଲା ପରେ ନୂଆବୋଉଙ୍କୁ ଡାକି ପ୍ରଧାନମନ୍ତ୍ରୀ ପୁରସ୍କାର ଦେଲେ । ଏଡ଼େ ବଡ ରୁପା ଅଶୋକସ୍ତମ୍ଭ । ନୂଆବୋଉ ତାକୁ ଟେବୁଲ ଉପରେ ଫୁଲମାଳ ଦେଇ ରଖିଛନ୍ତି । (ବାପା ମଲେ କିଏ ପୁରସ୍କାର ଆଣିବ !)

ମୁଁ କିନ୍ତୁ ଟିକିଏ ହେଲେ କାନ୍ଦିନି । ସେ ସଇତାନ ଶତ୍ରୁକୁ ଯଦି ଦେଖନ୍ତି ନା ! ଦେଖିବାକୁ ସେଗୁଡ଼ା କ'ଣ ଭୟଙ୍କରିଆ ? ଆଚ୍ଛା, ସେମାନଙ୍କୁ ଭଗବାନ ଗଢ଼ିଲେ କାହିଁକି ? ସେଗୁଡ଼ା ସମସ୍ତେ ମରିଯାନ୍ତେ କି···ପିଲାଠୁଁ ଆରମ୍ଭ କରି ବଡ଼ ମଣିଷଙ୍କଯାଏଁ—ସମସ୍ତେ । ଗୋଟାଏ ବଡ଼ ବଢ଼ି ଆସି ସେମାନଙ୍କୁ ଭସେଇ ନେଲେ କେମିତି ହୁଅନ୍ତା ! ନାହିଁ ନାଇଁ, ବଢ଼ିରେ ଭାସିଗଲେ ଭଲ ହବନି । ଶତ୍ରୁ ଦେଶରେ ନିଆଁ ଲାଗିଯାଆନ୍ତା କି ଛଟପଟ ହୋଇ ମରନ୍ତେ—ଠିକ୍ ଯେମିତି ଶୁକୁଅପା ସେ ଦିନ ସିଁବାଳିଆ ପୋଡ଼ୁଥିଲା । ତେବେ, ସେମିତି ହେଲେ ତ ବାପା ଯୁଦ୍ଧକୁ ଯାଇ ନଥାନ୍ତେ । ତାଙ୍କୁ ଆଉକଣ ସଭାରେ କର୍ପୂରମାଳ ଦେଇଥାନ୍ତେ । ଇସ୍, କେଡ଼େସୁନ୍ଦର ସେ ମାଳଟା !

Digitized by srujanika@gmail.com

ଡେଙ୍ଗା ହୋଇ ସେ ଜଣକ (ସେ କୁଆଡ଼େ ଜଣେ ମନ୍ତ୍ରୀ) ଯେତେବେଳେ ବାପାଙ୍କୁ, ରଞ୍ଜୁର ବାପାଙ୍କୁ ଆଉ ନଂଟୁର ଭାଇଙ୍କୁ ମାଳ ପିନ୍ଧେଇ ଦେଲେ, କି ତାଳି ! ଘରଆଡ଼ କମ୍ପିଗଲା କେମିତି । ମୁଁ, ରଞ୍ଜୁ ଆଉ ମଞ୍ଚୁ ଆଗରେ ବସିଥିଲୁଁ । ମତେ ଗୋଟାଏ କେମିତି ଥରିଲାଭଳିଆ ଲାଗୁଥାଏ । ମୁଣ୍ଡଟା ତାତି ଯାଉଥାଏ । ଇଚ୍ଛା ହେଉଥାଏ ଖୁବ୍ ଜୋରରେ ପାଟି କରିବାକୁ ।

ତା' ପରେ ସେ ମନ୍ତ୍ରୀ ଜଣକ ଛିଡ଼ା ହୋଇ କେତେ କ'ଣ କହିଲେ, ମୁଁ ସବୁ ବୁଝିପାରିଲିନି । ଆହୁରି କେତେ ଲୋକ ଭାଷଣ ଦେଲେ ।

ବର୍ବର ଶତ୍ରୁ ଆମ ଦେଶ ଉପରେ ନଗ୍ନ ଆକ୍ରମଣ କରିଛି । ତାକୁ ଆମ ପବିତ୍ର ଭାରତମାଟିରୁ ନିକାଲିବାକୁ ହେବ । ତା'ର ଏ ଗୁଣ୍ଡାମି ସବୁଦିନ ପାଇଁ ବନ୍ଦ କରି ଠିକଣା ଜବାବ ଦେବାକୁ ହେବ ।

ଆଚ୍ଛା, ବର୍ବର କ'ଣ ? ଆମେ ସବୁ କ'ଣ ବର୍ବର ନୁହଁ ? ମା'କୁ ଏକଥା ପଚାରିବାରୁ ସେ କାନ ମୋଡ଼ିଦେଲା । ଆକ୍ରମଣ ମାନେ ତ ଖଣ୍ଡା' ବନ୍ଧୁକ ଧରି ଯୁଦ୍ଧ କରିବାକୁ ମାଡ଼ି ଆସିବା । ନଗ୍ନ କେମିତି ହବ ମ ! ନଗ୍ନ ମାନେ ପରା ଲଙ୍ଗଳା ? ଛିଃ, ଅସଭ୍ୟ କଥାଗୁଡ଼ାଏ । ଶତ୍ରୁଗୁଡ଼ା ବୋଧେ ଲଙ୍ଗଳା ହୋଇ ଯୁଦ୍ଧ କରନ୍ତି । କିନ୍ତୁ ଭଦ୍ରଲୋକ ତ ଅସଭ୍ୟ କଥା କହନ୍ତି ନାହିଁ । ସେଇ ଯେଉଁମାନେ କହିଲେ, ସେମାନେ ତ ଭଦ୍ର-ଲୋକ, ଏକଥା କେମିତି କହିଲେ ?

ଖବରକାଗଜରେ ସେସବୁ କଥା ଛପାହେଲା । ବାପା ଯୁଦ୍ଧକୁ ଯିବାଦିନ ସେ କାଗଜ ଆଣି ପଢୁଥିଲେ । ମା, ବଡ଼ଅପା, ଭାଇ ସ୍ୱରପଟେ ଘେରିଗଲେ । ବାପାଙ୍କ ଫଟୋ ଛପା ହୋଇଥିଲା । ବାପା କେମିତି ଆଉ ଜାଣିକା ବିଶୁଥିଲେ । ମୁଁ ଡରି ପାଖକୁ ଗଲିନି ।

ବାପା କ'ଣ ସେମିତି ନଗ୍ନ ଆକ୍ରମଣ କରିଥିବେ ! କେଜାଣି ।

ଆହୁରି ପିଲା ଥିଲାବେଳେ ମତେ ବାପା କହୁଥିଲେ, 'ମଣି ଗୋଟାଏ ବଡ଼ ମଣିଷ ହେବ ।' କିନ୍ତୁ ସେଦିନ ବାପା କେମିତି ଭିନେ ହୋଇଗଲେ ।

Digitized by srujanika@gmail.com

ବାପା ବଡ଼ ପାଟିରେ କାଗଜ ପଢ଼ୁଥିଲେ, ମୁଁ ଦୂରରେ ଛିଡ଼ା ହୋଇଥାଏ । ସେଥିରେ ଲେଖା ହୋଇଥିଲା ବାପାଙ୍କ କଥା, ରଞ୍ଜୁର ବାପା ଆଉ ମଣ୍ଟୁର ଭାଇଙ୍କ କଥା । ଶତ୍ରୁର ବର୍ବରତାକୁ ବନ୍ଦ କରିବାକୁ ପିଲା ବଡ଼ ସମସ୍ତେ ନିଜ ଘର, ବନ୍ଧୁଙ୍କ କଥା ଭୁଲି ଦେଶପାଇଁ ଭାବିବାକୁ ହେବ । ଏମିତି କେତେ କଥା ବାପା କାଗଜରୁ ବୁଝାଇଦେଲେ ।

ସଚି ଭାଇ ଏକା ଅଠରଜଣ ଶତ୍ରୁ ସୈନ୍ୟଙ୍କୁ ମାରି ତା ପରେ ମଲେ । ମଲାବେଳେ ଶତ୍ରୁଗୁଡ଼ା କ'ଣ ପାଟି କରୁଥିବେ ? କରନ୍ତୁ । କିନ୍ତୁ ସେମାନେ କଅଣ ସ୍ୱର୍ଗକୁ ଯିବେ ? ନା, ସେମାନେତ ଶତ୍ରୁ । ଶତ୍ରୁମାନେ ନରକକୁ ଯାଆନ୍ତି । ସ୍ୱର୍ଗଠୁଁ ନରକଟା କେତେଦୂର ଟି ! ମାମାକୁ ପଚାରିଲେ କହିବ । ନରକରେ କେମିତି ମନୁଷ୍ୟମାନଙ୍କୁ କଷ୍ଟ ଦିଅନ୍ତି ସେ ସବୁ କହେ ।

ସେମାନେ ଆମର ଶତ୍ରୁ, ଆମେ ତାଙ୍କର କ'ଣ ? ଏ କଥା ମାଷ୍ଟ୍ରଙ୍କୁ ପଚାରିବାରୁ ସେ ଏଡ଼େ ପାଟିଟାଏ କଲେ । ଚପୁ, ରଞ୍ଜୁ, ମଣ୍ଟୁ ହେଉକା ସବୁ ହସିଲେ ।

ଆଚ୍ଛା, ଆମ ଦେଶରୁ ଖଣ୍ଡେ ନେବାକୁ ତାଙ୍କର ଏତେ ଜିଦ୍ କାହିଁକି ? ବଡ଼ ଅପା କହୁଥିଲା ସେଗୁଡ଼ାକ ଲୋଭୀ ଗୁଡ଼ାଏ । ତାଙ୍କର କୁଆଡ଼େ ଖାଇବାକୁ ଅଣ୍ଟେନି । ରହିବାକୁ ଜାଗା ନାହିଁ । ସେଥିପାଇଁ ହକଲା ହୋଇ ଆମଠୁ ଖଣ୍ଡେ ନେବାକୁ ଆକ୍ରମଣ କରୁଛନ୍ତି ।

ଆମେ ତାଙ୍କ ଦେଶକୁ ଆଗ ମାଡ଼ିଗଲେ—? ବାପା କହୁଥିଲେ, ଆମ ନୀତି ଅଲଗା । ନୀତି କ'ଣ ? ତାକୁ କିଏ ତିଆରି କଲା ? ଭଲ ନୀତି କାହାକୁ କହନ୍ତି ? ଭଲ ନୀତିରେ ତ ଲୋକେ କଷ୍ଟ ପାଆନ୍ତିନି, ସଚି ଭାଇ ମଲାବେଳେ ବୋଧେ କଷ୍ଟ ପାଇ ନ ଥିବେ ।

ରଞ୍ଜୁର ବଡ଼ଭାଇ କଲେଜ ଏନ୍ ସି. ସି: ରେ ମିଶିଛନ୍ତି । ରଞ୍ଜୁ ହେଉକାଙ୍କୁ ନେଇ ସେ ଗୋଟାଏ ଦଳ କରିଛନ୍ତି,ଲେଫଟ୍ ରାଇଟ୍ ଶିଖାନ୍ତି, ଖେଳଣା ବନ୍ଧୁକରେ ଲକ୍ଷ୍ୟ କରିବାକୁ ଶିଖାନ୍ତି । ସେଦିନ ତାଙ୍କ ବନ୍ଧୁକରୁ ଗୋଡ଼ଟା ଯାଇ କେମିତି ସେ ନେଳି ଚଢ଼େଇଟା ଦେହରେ ବାଜିଗଲା ଯେ

Digitized by srujanika@gmail.com

ସେ ସାଙ୍ଗେ ସାଙ୍ଗେ ଓଲଟି ପଡ଼ିଲା । ମତେ ଭାରି କାନ୍ଦ ମାଡ଼ିଲା । ମୁଁ ଘରକୁ ପଳେଇ ଆସିଲି । ରଞ୍ଜୁର ଭାଇ ହସିଲେ, କହିଲେ, 'ଡ଼ରୁଆଟାଏ' ।

ମତେ ଲାଜ ମାଡ଼ିଲା, ମୁଁ ଆଉ ଡରେ ନା ।

କେଳାସାଇର ନଟିଆ ଧନୁଶରରେ ହଂସରାଳି ମାରେ, ମୁଁ ଛିଡ଼ା ହୋଇ ଦେଖେ । ବୁଢ଼ାବୁଢ଼ୀ ଜୋରରେ ଦଳ ଦଳ ହୋଇ ହଂସରାଳି ପହଁରନ୍ତି । ନଟିଆର ଭାରି ଲାଖ । ମତେ ସେ ଶରମାରିବା ଶିଖେଇଦେବ ବୋଲି କହିଚ ।

ହଂସରାଳି ମାଂସ ଖୁଆଡ଼େ ଭାରି ସୁଆଦ । ସେଦିନ ନଟିଆ ଗୋଟାଏ ହଂସରାଳି ମତେ ଦେଇଥିଲା । ସେଇଟା ଭଲକରି ମରି ନ ଥାଏ, ତା ଦେହରୁ ରକ୍ତ ବୋହୁଥାଏ; ଟପ୍ ଟପ୍ ନାଲିଆ ରକ୍ତ । ରକ୍ତଲଗା ମାଂସ ବେଶି ସୁଆଦ ।

କିନ୍ତୁ ମା ଏମିତି ଚଢ଼ିଲା କାହିଁକି ! କୁଳାଙ୍ଗାର, ରାକ୍ଷସ କହି ଗାଳିଦେଲା । ନିଜେ କାନ୍ଦି ପକାଇଲା ।। ହଂସରାଳିଟା ଖୁଆଡ଼େ ବିକଳ ହୋଇ ତାକୁ ଅନାଉଥିଲା । ମା କାନ୍ଦ ଦେଖି ମୁଁ କାଠ ହୋଇଗଲି । ଚଢ଼େଇଟା ଛଟପଟ ହେଉଥିଲା । ମା ବଣିକୁ କହିଲା ତା ଥଣ୍ଟରେ ପାଣି ଦେବାକୁ । ସେଇଟା କିନ୍ତୁ ମରିଗଲା । ମୋର ଇଚ୍ଛା ହେଉଥିଲା, କାଠିରେ ତାକୁ କେଞ୍ଚି ଦେଖିବାକୁ । ବଣି ତାକୁ ନେଇ ପୋତି ପକେଇଲା । ମା ନିଜେ ଛିଡ଼ା ହୋଇ ପୋତେଇଲା ।

ଶବ୍‌ଗୁଡ଼ା କ'ଣ ହଂସରାଳି ପରି ଛଟପଟ ହେଉଥିବେ ? ତାଙ୍କ ଦେହରୁ କେତେ ରକ୍ତ ବୋହୁଥିବ । ଏତେ ରକ୍ତରେ ଚାରିଆଡ଼େ ନାଲି ହୋଇ ଯାଉଥିବ । ବଡ଼ ଅପାର ସେ ସିଲକ୍ ଶାଢ଼ୀଟା ପରି ନାଲି ଚକ୍ ଚକ୍ କରୁଥିବ । ଭାରି ମଜା ତ ! ମା କହିଲାପରି ସେଗୁଡ଼ା କ'ଣ ବିକଳ ହୋଇ ଅନାଉଥିବେ ? ତାଙ୍କ ଘର କଥା ମନେ ପକାଉଥିବେ ।

(ବାପା କ'ଣ ଆମ କଥା ଭାବୁଥିବେ ? କାହିଁକି ଭାବିବେ ? ସେ ତ ଦେଶପାଇଁ ଯୁଦ୍ଧକୁ ଯାଇଛନ୍ତି । ଦେଶପାଇଁ ଘର କଥା ଭୁଲିବା ଦରକାର ।)

Digitized by srujanika@gmail.com

ସଞ୍ଜିଭାଇ ମଲାପରେ ନୂଆବୋଉଙ୍କ ପାଖକୁ ଚିଠି ଆସିଥିଲା, ଯୁଦ୍ଧର ବଡ଼ ଅଫିସର ହୋଇଥିଲେ । ଖବରପତ୍ରେ ମୋଟା କଳାଗାର ଛପା ହୋଇଥିଲା । ସଞ୍ଜିଭାଇଙ୍କୁ କୁଆଡ଼େ କେତେ ପ୍ରଶଂସା କରି ଲେଖିଥିଲେ । ନୂଆବୋଉଟା ଦୁଃଖୀ । ସଞ୍ଜିଭାଇ ତ ସ୍ୱର୍ଗକୁ ଯାଇଥିବେ । ସେଦିନ ସାଇରେ ସଭା ହେଲା ସଞ୍ଜିଭାଇଙ୍କ ଆତ୍ମାର ସଦ୍‌ଗତି ପାଇଁ । ସମସ୍ତେ କହିଲେ, "ସଞ୍ଜିବାବୁ ଶହୀଦ ହୋଇଛନ୍ତି ।"

(ଶହୀଦ କେମିତି ହୁଅନ୍ତି ? ବାପା ହେବେ ? ସେ ଶତ୍ରୁଗୁଡ଼ା ବୋଧେ ଶହୀଦ ହେଉ ନ ଥିବେ ।)

ଶହୀଦ ହେଲେ କଅଣ ହୁଏ ? ଖୁବ୍ ବଡ଼ଲୋକ ହୋଇଯାଆନ୍ତି ? ତା ହେଲେ ତ ବଢ଼ିଆ । ଭାଇ ପଢୁଥିଲା 'ଅମର ଶହୀଦ' ବିଷୟ । ମୁଁ ଭଲକରି ବୁଝିପାରିଲିନି । ବାପା ଗୋଟାଏ ଶହୀଦ ହୋଇଯାଆନ୍ତେ କି ଆମେ ଖୁବ୍ ଧନୀ ହୋଇଯାଆନ୍ତୁ । ମନ ଇଚ୍ଛା ସବୁ ଖର୍ଚ୍ଚ କରି ହୁଅନ୍ତା ।

ଆମେ କୁଆଡ଼େ ଶତ୍ରୁଙ୍କର ଦୁଇଟା ବଡ଼ ବଡ଼ ଘାଟି ଦଖଲ କରିଚୁ । ଘାଟି କଅଣ ? ପିଇସାଙ୍କ ସାଙ୍ଗେ ବସ୍‌ରେ ଖଇରଙ୍ଗପୁରରୁ ଆସିଲାବେଳେ ବାଟରେ ଘାଟି ପଡ଼ିଥିଲା, ଏ କ'ଣ ସେମିତି ? ରେଡ଼ିଓରେ କାଲି ଏ ଖବର କହୁଥିଲା । ଶତ୍ରୁମାନଙ୍କର ବହୁତ ଗୋଳାବାରୁଦ, ଖାଇବା ଜିନିଷ ଆମ ହାତରେ ପଡ଼ିଚି । ଭଲ ହୋଇଚି । ବର୍ବରଗୁଡ଼ାକ ନଖାଇ ମରନ୍ତୁ ।

ବାପା କହୁଥିଲେ ମୁଁ ବଡ଼ ହେଲେ ଯୁଦ୍ଧକୁ ଯିବି, ଶତ୍ରୁମାନଙ୍କର ସବୁ ଖାଇବା ଜିନିଷ ଛଡ଼େଇ ଆଣିବି, ସେଗୁଡ଼ା ଛଟପଟ ହେବେ । ପାଣି ବି ନଥିବ । ଯିଏ କ୍ଷତି କରୁଚି ତାକୁ ଦୟା କରିବା ଉଚିତ ନୁହେଁ ।

କିନ୍ତୁ, ମା ସେଦିନ ଏମିତି ମାରିଲା କାହିଁକି ? ଦାଦାଙ୍କ ଘରୁ ଗୋଟାଏ ବଡ଼ ମାଛ ଆସିଥିଲା ରାତିରେ । ସେତେବେଳେ ବହୁତ ରାତି । ଭଲ ମାଛଟା, ମା ନିଦରୁ ଉଠି ତାକୁ ଭାଜିଲା । ସକାଳୁ ଦେଖିଲାବେଳକୁ ଭୁଆବିଲେଇଟା ଅଧେ ଖାଇଦେଇଛି । ମୁଁ ରାଗିଗଲି । ବିଲେଇଟାକୁ ଧରି

Digitized by srujanika@gmail.com

ବେକରେ ଦଉଡ଼ି ବାନ୍ଧି ପିଜୁଳିଗଛରେ ଝୁଲେଇ ଦେଲ । ଶୂନ୍ୟରେ ସେଇଟା ଝୁଲୁଥାଏ । ତା ଜଭ ବାହାରିପଡ଼ିଲା । ସେ ମରିଗଲା ।

ତା ପରେ ମା'ର ସେ କି ମାଡ଼ ! ମତେ ଖାଇବାକୁ ନ ଦେଇ ଘରେ ବନ୍ଦ କରିଦେଲେ । ଗୋଟାଏ ବେତରେ ପିଟିପକାଇଲେ । ମାମା ତ ଦି'ଦିନ କାଳ କିଛି ଖାଇଲାନି । ଟଲେଇ ମାରିଲେ କୁଆଡ଼େ ଭାରି ପାପ; କିନ୍ତୁ ସେ ତ କ୍ଷତି କଲା । ମା କହୁଥିଲା, ସେ ପାଞ୍ଚ ଛଅ ଟଙ୍କାର ମାଛ ଖାଇଦେଲା । ଆଉ କେତେଦିନ ଗଲେ ମା'କୁ ପସୁରିବ, ମତେ କାମୁଡ଼ିବ ମାରିଲା । ତା ରାଗ କମିଯାଉ ।

ବାପାଙ୍କ ପାଖରୁ କେତେଦିନ ହେଲା ଚିଠି ଆସିନି । ସେ କୋଉ ଗୋଟାଏ ଘାଟି ଜାଗାରେ ଯୁଦ୍ଧ କରୁଛନ୍ତି ।

(ଏଥର ବୋଧେ ବାପା ଶହୀଦ ହେବେ ।)

ବଣି ଆସି ଇସ୍କୁଲରେ ମାଷ୍ଟ୍ରଙ୍କ ସାଙ୍ଗେ କଣ କଥାବାର୍ତ୍ତା ହେଉଚି ।

"ଛୁଆବାବୁ, ମା ଡାକୁଛନ୍ତି, ଘରକୁ ଆସ ।'

'କାହିଁକି, ମୁଁ ଯିବନି, ଯା ।'

ସେ କିଛି ଶୁଣିଲାନି । ମତେ କହିଲା ଯେ ଭାରି ଜରୁରୀ କାମ । ବାଟରେ ତାକୁ କେତେ ପଚାରିଲି । ତା ମୁହଁଟା କେମିତି ଗୋଟାଏ ଦିଶୁଥାଏ । ସେ ଭେ ଭେ କାନ୍ଦିଲା । ମୁଁ କିଛି ବୁଝିପାରିଲିନି । ମତେ ଖାଲି କହିଲା ।

"ବଡ଼ବାବୁ..."

"କ'ଣ ହେଲା ? ବାପା ଆସିଛନ୍ତି ?"

'ବଡ଼ବାବୁ ନାହାନ୍ତି ।'

Digitized by srujanika@gmail.com

ଧେତ୍ ! ଏଇଟା କଅଣ ଏମିତ କହୁଚ ମ ! କଥା କହି ଆସୁନି ।

'କୁଆଡ଼େ ଗଲେ ?"

'ବଡ଼ବାବୁ ଯୁଦ୍ଧରେ ମରିଗଲେ ।'

ତା ହାତରୁ ଭଡ ହୋଇ ମୁଁ ଘରକୁ ଦଉଡ଼ିଲି ।

ମା, ମା, ବାପାଙ୍କ ଅଶୋକସ୍ତମ୍ଭ ମୁଁ ଆଣିବାକୁ ଯିବି । ତୁ ଆମ ଉପର ଘରେ ସେ କାରଦଆ ଟେବୁଲଟା ସଜାଡ଼ି ଦେ । ନୂଆବୋଉଙ୍କ ପରି ଆମେ ଗୋଟାଏ ବଡ଼ କାଗଜଫୁଲ ମାଳ କିଣିଆଣି ଅଶୋକସ୍ତମ୍ଭ ଉପରେ ଦେବା । ଆଚ୍ଛା ମା', ମୁଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆଣିଲାବେଳେ ମୋ ଫଟ ଉଠିବ ନୂଆବୋଉଙ୍କ ଫଟ ପରି ?

ଅରେ, ମା ଏମିତ ପଡ଼ିଚ କାହିଁକି ? ତା ମୁହଁରେ ପାଣି ଛିଟି ଦେଲି ଟିକେ, ବଡ଼ଅପା । ଗୋଟାଏ କନାପଟି ଦିଅ କାଗଜ ପିଣ୍ଡାରେ ପଡ଼ିଚ ।

"ବଡଅପା, ସଭା କେଉଁଠି ହବ ବାପାଙ୍କ ଆତ୍ମାର ସଦ୍‌ଗତି ପାଇଁ ମୁଁ ଆଗ ଧାଡ଼ରେ ବସିବି ସଚିବଇଙ୍କ ପୁଅ ପରି ।"

—·—

Digitized by srujanika@gmail.com